ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.134, Wednesday, 2 September 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୪, ବୁଧବାର, ୨ ସେପ୍ଟେମ୍ବର ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON MASTI

PRICE STARTS FROM
~~₹899/~~
₹749/-
Including GST

ONLY ON
ONLINE
BOOKING

Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.134, Wednesday, 2 September 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୪, ବୁଧବାର, ୨ ସେପ୍ଟେମ୍ବର ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇମ୍ବୁଜ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିକନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.134, Wednesday, 2 September 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୪, ବୁଧବାର, ୨ ସେପ୍ଟେମ୍ବର ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀ

ହାତ ମିଳାଇଲେ ମୋଦୀ, ପୁଟିନ ଓ ଜିନ୍ ପିଙ୍ଗ

କୋଣଠେସା ହେଲେ ପାକ୍ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ

କିର୍ଗିଜସ୍ଥାନର ବିଶକେକ ଠାରେ ଆୟୋଜିତ ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଯୋଗଦେଇଥିବା ବିଶ୍ୱ ନେତାମାନେ ମଙ୍ଗଳବାର ଆନୁଷ୍ଠାନିକ ଗ୍ରୁପ୍ ଫୋଟୋଗ୍ରାଫ୍ ପାଇଁ ଏକାଠି ହୋଇଥିଲେ। ସେହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସଂକ୍ଷିପ୍ତ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା।ନେତାମାନେ ଫୋଟୋଗ୍ରାଫ୍ ପାଇଁ ପୋଜ୍ ଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ସି ଜିନପିଙ୍ଗ କରମର୍ଦ୍ଦନ କରି ଅଳ୍ପ ସମୟ ପାଇଁ କଥା ହେଉଥିବାର ଦେଖାଯାଇଥିବା ବେଳେ, ଗ୍ରୁପ୍ ଫୋଟୋଗ୍ରାଫ୍ ପରେ ତୁରନ୍ତ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରୀଫ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନିକଟକୁ ଯାଇଥିବା ଦେଖିବାକୁ ମିଳିଥିଲା।ପୁଟିନ୍ ମଞ୍ଚ (ପୋଡିୟମ୍) ରୁ ଓହ୍ଲାଇ ଚାଲିଯାଉଥିବା ବେଳେ ଶରୀଫ୍ ତାଙ୍କ ହାତ ଧରି ତାଙ୍କୁ ଅଟକାଇଥିବା ଏବଂ ତା'ପରେ ତାଙ୍କ ସହ କଥାବାର୍ତ୍ତାରେ ନିମଗ୍ନ ହୋଇଥିବା ଦେଖାଯାଇଥିଲା।ଆନୁଷ୍ଠାନିକ ଫୋଟୋଗ୍ରାଫ୍ ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ପୁଟିନଙ୍କୁ ସାକ୍ଷାତ କରିଥିଲେ ଏବଂ ଦୁଇ ନେତା ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ବିଶକେକଠାରେ ପ୍ରଧାନମନ୍ତ୍ରୀ ରୁଷ୍ ରାଷ୍ଟ୍ରପତିଙ୍କ ସହ ■ ପୃଷ୍ଠା-୧୫

ଆତଙ୍କବାଦକୁ ପାଣ୍ଠି ଯୋଗାଣ ବନ୍ଦ କରିବାକୁ ହେବ ; ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିର୍ଗିଜସ୍ତାନର ରାଜଧାନୀ ବିସକେକରେ ସାଂଘାଇ ସହଯୋଗ ସଙ୍ଗଠନ (ଏସସିଓ)ର ଶିଖର ସମ୍ମିଳନୀରେ ସାମିଲ ହୋଇଛନ୍ତି । ଏସସିଓ ମଞ୍ଚରୁ ଆତଙ୍କବାଦ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ପାକିସ୍ତାନ ■ ପୃଷ୍ଠା-୧୫

ନେପାଳ ଜଳପ୍ରଳୟ

ମୃତ୍ୟୁସଂଖ୍ୟା ୧୦୦୦ ଟପିଲା

ନୂଆଦିଲ୍ଲୀ

ସାରା ବିଶ୍ୱକୁ ସ୍ତବ୍ଧ କରି ଦେଇଥିବା ନେପାଳ ଜଳ ପ୍ରଳୟ ଜନିତ ମୃତ୍ୟୁସଂଖ୍ୟା ଆଜି ହଜାରେ ପାର କରିଛି। ଅଗଷ୍ଟ ୨୬ରେ ନେପାଳରେ ଆସିଥିବା ଅଚାନକ ବନ୍ୟା ପରେ ଆରମ୍ଭ ହୋଇଥିବା ସର୍ଚ୍ଚ ଅପରେସନର ସମୟସୀମା ବୃଦ୍ଧି ପାଇବା ସହ ମୃତ୍ୟୁସଂଖ୍ୟା ମଧ୍ୟ ବଢୁଛି। ୭ମ ଦିନରେ ଉଦ୍ଧାର କାର୍ଯ୍ୟ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ମାଟି କାଦୁଅ ତଳୁ ୧ ହଜାରରୁ ଅଧିକ ଲୋକଙ୍କ ମୃତଦେହ ମିଳି ସାରିଲାଣି। ନେପାଳର ବିଭିନ୍ନ ସ୍ଥାନରୁ ୯୮୭ ଓ ଚାଇନା ପାର୍ଶ୍ୱରୁ ବନ୍ୟା ବିଭୀଷିକା ପରେ ୧୬ ଜଣଙ୍କ ମୃତଦେହ ମଙ୍ଗଳବାର ସକାଳ ସୁଦ୍ଧା ଉଦ୍ଧାର ହୋଇଛି । ବନ୍ୟା ପରେ ଧ୍ୱଂସ ପାଇଁ ଯାଇଥିବା ରାସ୍ତା, ବ୍ରିଜକୁ ଅତିକ୍ରମ କରି ଉଦ୍ଧାରକାରୀ ଟିମ ଆଗକୁ ବଢ଼ିବାରେ ଲାଗିଛନ୍ତି। ତଥାପି ଏଯାଏ ୩୯୧୬ ଜଣଙ୍କ ପତ୍ତା ମିଳିନି। ଏହି ନିଖୋଜ ଲୋକଙ୍କ ମଧ୍ୟରେ ୫୮୩ ଜଣ ହେଉଛନ୍ତି ବିଦେଶୀ

- ୪୦୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ
- ୧୧,୮୧୪ ଜଣ ହସ୍ପିଟାଲରେ ଚିକିତ୍ସିତ
- ୩୦୦ ଭାରତୀୟ ଏବେ ବି ଲାପତ୍ତା

ନାଗରିକ। ସେହିପରି ଉଦ୍ଧାରକାରୀ ଟିମ ଏଯାଏ ୧୧,୮୧୪ ଜଣଙ୍କୁ ସୁରକ୍ଷିତ କ୍ଷତିଗ୍ରସ୍ତ ଅଞ୍ଚଳରୁ ଠାବ କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ବନ୍ୟା ଓ ଭୂସ୍ଖଳନ ପରେ ଯେଉଁ ସବୁ ଅଞ୍ଚଳ ବିଚ୍ଛିନ୍ନ ହୋଇଯାଇଛି, ସେଠାରେ ଜରୁରୀକାଳିନ ଟିମ ହେଲିକପ୍ଟର ଓ ଅନ୍ୟ ଉପାୟରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି। ଅଗଷ୍ଟ ୨୬ ତାରିଖରେ ତିବ୍ବତ ଓ ନେପାଳକୁ ଦୋହଲାଇ ଦେଇଥିବା ପ୍ରକୃତିର ତାଣ୍ଡବ। ■ ପୃଷ୍ଠା-୧୫

୧୫ ଜଣଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର(ବ୍ୟୁରୋ)

ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଲେ ୧୫ ଅତିରିକ୍ତ ଏସ୍‌ପି। ମଙ୍ଗଳବାର ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ପଦୋନ୍ନତି ପାଇଥିବା ଏହି ପୁଲିସ୍ ଅଫିସରମାନେ ହେଉଛନ୍ତି ଗଞ୍ଜାମର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ, କଟକ ଯୁପିଡି ଅତିରିକ୍ତ ଡିଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ପୁରୀ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, କଟକ ଯୁପିଡି ଅତିରିକ୍ତ ଡିଏସ୍‌ପି ଅମରେନ୍ଦ୍ର ପଣ୍ଡା, ରାଜ୍ୟ ପୁଲିସ ମୁଖ୍ୟାଳୟ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ସମ୍ବଲପୁର ଆଇଆର୍‌ସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଅଳକ କୁମାର ମିଶ୍ର, କଟକ ସିଆଇଡି ସିବିର ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ ବେହୁରା, ଭିଜିଲାନ୍ସ ବିଭାଗରେ ଅତିରିକ୍ତ ଏସ୍‌ପି ଥିବା ଅରୁଣ କୁମାର ନାୟକ, କଟକରେ ସିବି ସିଆଇଡିରେ ଅତିରିକ୍ତ ଏସ୍‌ପି ଥିବା ଶିଶିର କୁମାର ମିଶ୍ର, ଢେଙ୍କାନାଳର ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କଟକ ସିବି ସିଆଇଡିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ଏସ୍‌ଟିଏଫ ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥୀ, ଭୁବନେଶ୍ୱର ଓଏଚ୍‌ଆରସିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସତ୍ୟ ନାରାୟଣ ପ୍ରଧାନ, ଜୟପୁରରେ କାର୍ଯ୍ୟରତ ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଓ ଆଇୟୁସିଏଡବ୍ଲ୍ୟୁ ନୟାଗଡ଼ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା।

ଚିକିତ୍ସା ଅବହେଳା ଅଭିଯୋଗ ହସ୍ପିଟାଲରେ ନବଜାତର ମୃତ୍ୟୁ

ଭବାନୀପାଟଣା(ଅମୃତ ମିଡ଼ିଆ)

ପୁଣି ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରୁ ଆସିଛି ଏଭଳି ଅଭିଯୋଗ। ଚିକିତ୍ସା ଅବହେଳା ଯୋଗୁଁ ଜଣେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଲାଞ୍ଜିଗଡ଼ ଥାନା ପ୍ରତାପପୁର ଗାଁର ମାର୍କଣ୍ଡ ବଗର୍ତ୍ତୀଙ୍କ ପତ୍ନୀଙ୍କୁ ପ୍ରସବ ପାଇଁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ପରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଶିଶୁ ଜନ୍ମ ହେବା ପରେ ସ୍ୱାସ୍ଥ୍ୟାବସ୍ଥା ନେଇ ଆବଶ୍ୟକ ଚିକିତ୍ସା ମିଳିନଥିବା ଅଭିଯୋଗ ■ ପୃଷ୍ଠା-୧୫

ପରବର୍ତ୍ତୀ ସୂଚନାଯାଏଁ ଗଣତିମଣତି ସ୍ଥଗିତ

- ୨ୟ ଦିନରେ ୮.୨୩ ଘଣ୍ଟା ଚାଲିଲା ଗଣା
- ଗଣତିରେ ହୀରା, ନୀଳା, ମୋତି, ମାଣିକ୍ୟ
- ୧୯୭୮ ତାଲିକା ଅନୁଯାୟୀ ସମ୍ପୂର୍ଣ୍ଣ ମେଳକ

ପୁରୀ(ବ୍ୟୁରୋ)

ଗତକାଲି ଭଳି ଆଜି ୧୭ତମ ଦିନରେ ମଧ୍ୟ ଲମ୍ବା ସମୟ ଧରି ଭିତର ଭଣ୍ଡାରରେ ରତ୍ନ ଗଣତି ହୋଇଛି। ଦୀର୍ଘ ୮ଘଣ୍ଟା ୨୩ ମିନିଟ୍ ଧରି ଚାଲିଥିବା ଏହି ଗଣତିରେ ହୀରା, ନୀଳା, ମୋତି, ମାଣିକ୍ୟ ପ୍ରଭୃତି ମୂଲ୍ୟବାନ ରତ୍ନ ୧୯୭୮ ତାଲିକା ଅନୁଯାୟୀ ସମ୍ପୂର୍ଣ୍ଣ ମେଳକ ହୋଇଛି। ମହାପ୍ରଭୁଙ୍କୁ କୃପାରୁ ଏହା ଅତ୍ୟନ୍ତ ସ୍ୱଚ୍ଛତାସହ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟ କେବେ ଆରମ୍ଭ ହେବ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଆଜି ସକାଳ ଧୂପ ପରେ ୧୧ଟା ୩୦ ମିନିଟ୍‌ରେ ସ୍ୱତନ୍ତ୍ର ଦଳ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିଲେ। ଠିକ୍ ୨ଟା ୫୩ ମିନିଟ୍‌ରେ ଗଣତି ଶେଷ ହୋଇଥିଲା। ଭିତରେ ଥିବା ୬ଟି ଆଲମାରିରୁ ଏବେ ୫ମ ଆଲମାରି ରତ୍ନ ଗଣତି ଚାଲିଛି। ସବୁ ରତ୍ନର ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରିଡି ମ୍ୟାପିଂ ସହ କାଟାଲଗ୍ ପ୍ରସ୍ତୁତ କରାଯାଉଛି। ରତ୍ନ ବିଶାରଦଙ୍କ ଦ୍ୱାରା ରତ୍ନପଥରଗୁଡ଼ିକ ଚିହ୍ନଟ ହେଉଥିବାରୁ ଗୋଟିଏ ଗୋଟିଏ ରତ୍ନ ପରୀକ୍ଷା କରି ଗଣତି କରିବାକୁ ଘଣ୍ଟାଏ ଲାଗୁଛି। ଅତିରିକ୍ତ ବ୍ୟବସ୍ଥାବଳୀ ଆଧାରରେ ସମ୍ପୂର୍ଣ୍ଣ ନିର୍ଭୁଲ୍ ଭାବରେ ପକ୍ରିୟା ଜାରି ରହିଥିବା ସେ କହିଛନ୍ତି। ଗତକାଲି ରତ୍ନ ଭଣ୍ଡାର ଭିତରେ ଥିବା ତିନିଟି କାଠବାକ୍ସର ମାପ ନିଆଯାଇଥିଲା। ସେହି ମାପରେ ନୂଆ ବାକ୍ସ ତିଆରି ହେବ। କାଠବାକ୍ସରୁ ରତ୍ନ ଗଣା ସରିବା ପରେ ନୂଆ ବାକ୍ସରେ ରଖାଯିବ। ଆଲମାରିରୁ ଗଣତି ସରିଯିବା ପରେ ଏହି କାଠବାକ୍ସ ଖୋଲାଯିବ। କାଠବାକ୍ସକୁ ଖୋଲି ଅଳଙ୍କାର ଗଣତି କରିବା ଭିତର ରତ୍ନଭଣ୍ଡାରର ସୀମିତ ଜାଗାରେ ସମ୍ଭବ ନ ଥିବାରୁ ଏହାକୁ ଖଟଶେଜ ଘରେ ଗଣତି କରାଯିବ। ଏଣୁ ଏହି ଖଟଶେଜ ଘରକୁ ତା ପୂର୍ବରୁ ପ୍ରସ୍ତୁତ କରାଯାଉଛି। ଏହି ପକ୍ରିୟାରେ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଡ. ବିଶ୍ୱନାଥ ରଥ, ଅଧିକୃତ ସେବକ, ଦେଉଳକରଣ, ଭଣ୍ଡାର ମେକାପ ସେବକ, ପରିଚାଳନା କମିଟି ସଦସ୍ୟ ଓ ଯେଉଁମାନେ ଅଧିକୃତ ବ୍ୟକ୍ତିବିଶେଷ ଅଛନ୍ତି ସମସ୍ତେ ସମର୍ପଣ ଭାବ ନେଇ ସହଯୋଗ କରୁଛନ୍ତି ବୋଲି କହିଛନ୍ତି ଡ. ପାଢ଼ୀ।

ଜିଲ୍ଲା ଗସ୍ତରେ ୩୦ ସଚିବ ଓ ବରିଷ୍ଠ ଅଧିକାରୀ

ଯୋଜନାର ରୂପାୟନଠୁ ହସ୍ପିଟାଲ, ସ୍କୁଲ ଯାଏଁ କରିବେ ତଦାରଖ

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ ସରକାରୀ ଯୋଜନାର ବାସ୍ତବ ରୂପାୟନ ଓ ଲୋକଙ୍କୁ ମିଳୁଥିବା ସେବାର ସ୍ଥିତି ଯାଞ୍ଚ ପାଇଁ ଜିଲ୍ଲା ଗସ୍ତ କରିବେ ୩୦ ଜଣ ସଚିବ ଓ ବରିଷ୍ଠ ଅଧିକାରୀ । ଅଗଷ୍ଟରୁ ଅକ୍ଟୋବର ୨୦୨୬ ମଧ୍ୟରେ ଅଧିକାରୀମାନେ ନିଜ ନିଜକୁ ଆବଣ୍ଟିତ ଜିଲ୍ଲା ଗସ୍ତ କରିବେ । ଏ ନେଇ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ସରକାରଙ୍କ ତାଲିକା ଅନୁଯାୟୀ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ୩୦ ଜଣ ସଚିବ ଓ ବରିଷ୍ଠ ଅଧିକାରୀଙ୍କୁ ଦିଆଯାଇଛି । ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ମିଶ୍ରଙ୍କୁ ଖୋର୍ଦ୍ଧା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ସଚିବ ପ୍ରଣବ କୁମାର ଜେନାଙ୍କୁ ଗଜପତି, ଏସ୍‌ଏସ୍‌ଇପିଡି ଓ ଡିଏପିଜି ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ କେନ୍ଦ୍ରାପଡ଼ା ଏବଂ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମାଙ୍କୁ ପୁରୀ ଜିଲ୍ଲାର ଦାୟିତ୍ୱ ମିଳିଛି । ଜିଲ୍ଲା ଗସ୍ତ ସମୟରେ ଅଧିକାରୀମାନେ ସରକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ବାସ୍ତବ ସ୍ଥିତି ଯାଞ୍ଚ କରିବେ । ଜିଲ୍ଲା ହସ୍ପିଟାଲ, ପିଏଚ୍‌ସି, ସିଏଚ୍‌ସି, ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ ଛାତ୍ରାବାସକୁ ଅଚାନକ ପରିଦର୍ଶନ କରିବେ। ଏଥିସହ ଦୁର୍ଗମ ଅଞ୍ଚଳକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସମସ୍ୟା ବୁଝିବେ । ପାନୀୟଜଳ ପ୍ରକଳ୍ପରେ ବିଳମ୍ବ ହେଉଥିଲେ ଏହାର କାରଣ ଚିହ୍ନଟ କରି ସମ୍ପୃକ୍ତ ବିଭାଗକୁ ଅବଗତ କରାଯିବ । ଏହାସହ ଲୋକଙ୍କ ଅଭିଯୋଗ, ସରକାରୀ ସେବାର ଉପଲବ୍ଧତା ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ମଧ୍ୟ ଅନୁଧ୍ୟାନ କରାଯିବ । ଜିଲ୍ଲା ଗସ୍ତ ସମୟରେ ୨୯ଟି ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମର ରୂପାୟନ ଏବଂ ଫଳାଫଳ ସମୀକ୍ଷା କରାଯିବ । ଏଥିରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ-ପିଏମ୍‌ଜେଏଏ୍‌ଆଇ, ଅନ୍ତୋଦୟ ଗୃହ ଯୋଜନା, ପାଇପ୍ ଜଳ ଯୋଗାଣ, ସେତୁ ବନ୍ଧନ ଯୋଜନା ଓ ସୁଭଦ୍ରା ଯୋଜନା ରହିଛି ।ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପିଏମ୍ ଶ୍ରୀ, ପୋଷଣ ଅଭିଯାନ, ଆଇସିଡିଏସ୍, ପିଏମ୍ ଜନମନ, ମଧୁବାବୁ ପେନ୍‌ସନ ଯୋଜନା, ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଭଳି ଯୋଜନାର ମଧ୍ୟ ସମୀକ୍ଷା କରାଯିବ । ନିର୍ଦ୍ଦେଶ ଅନୁଯାୟୀ, ଅଧିକାରୀମାନେ ଆବଣ୍ଟିତ ଜିଲ୍ଲାକୁ ପ୍ରତି ୩ ମାସରେ ଅତି କମରେ ଥରେ ଗସ୍ତ କରିବେ । ପ୍ରତ୍ୟେକ ଗସ୍ତର ଅବଧି ଅତି କମରେ ଦୁଇ ଦିନ ରହିବ । ଗସ୍ତ ଶେଷ ହେବା ପରେ ଅଧିକାରୀମାନେ ନିଜ ଅନୁଧ୍ୟାନ ଓ ତଦାରଖ ସମ୍ପର୍କିତ ରିପୋର୍ଟ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଦାଖଲ କରିବେ ।

ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି

ପଞ୍ଚାୟତ ଭୋଟ ପୂର୍ବରୁ ରାଜନୈତିକ ଛକାପଞ୍ଝା

ଗାଁ ଲଢ଼େଇ ଲାଗି ଚାଲିଛି କସରତ

ପଞ୍ଚାୟତ ନିର୍ବାଚନ ଲାଗି ପାଗ ଭିଡ଼ିଲେଣି ସବୁ ରାଜନୈତିକ ଦଳ। ଗାଁ ମୁହାଁ ହୋଇ ଲୋକମାନଙ୍କ ସୁଖ ଦୁଃଖ ବୁଝିଲେଣି। ସଂଗଠନ ସୁଦୃଢ଼ କଲେଣି। ବିଜେପି ପାଇଁ ଏହା ହେବ କ୍ଷମତାକୁ ଆସିବା ପରେ ନିଜର ଗ୍ରାମୀଣ ସଂଗଠନକୁ ପ୍ରମାଣ କରିବାର ପରୀକ୍ଷା। ବିଜେଡି ପାଇଁ ଏହା ହେବ କ୍ଷମତା ହରାଇବା ପରେ ନିଜର ପୁରୁଣା ଗ୍ରାମୀଣ ଦୁର୍ଗ କେତେଦୂର ସୁରକ୍ଷିତ ଅଛି, ତାହା ପ୍ରମାଣ କରିବାର ସୁଯୋଗ। ପଛରେ ପଡ଼ିଥିବା କଂଗ୍ରେସ ସବୁ ବଳ ଖଟାଇବାରେ ଲାଗିପଡ଼ିଛି। ହେଲେ ଗାଁ ଲୋକ କାହାକୁ ପସନ୍ଦ କରି ଭୋଟ ଦେବେ ତାହା ସମୟ କହିବ।

ଭୁବନେଶ୍ୱର (ବ୍ୟୁରୋ)

ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ କେବେ ହେବ, ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ଆସନ୍ତା ୨୦୨୭ରେ ହେବାକୁ ଯାଉଥିବା ଏହି ନିର୍ବାଚନ ଲାଗି ରାଜନୈତିକ ଦଳଗୁଡ଼ିକ ଭିତରେ ଭିତରେ ନିଜ ନିଜ ସଂଗଠନକୁ ଗାଁ ମୁହାଁ କରାଇବାରେ ଲାଗିଛନ୍ତି। ରାଜ୍ୟର ତିନି ପ୍ରମୁଖ ଦଳ ବିଜେପି) ବିଜେଡି ଓ କଂଗ୍ରେସ ପଞ୍ଚାୟତ ନିର୍ବାଚନକୁ ସ୍ୱାଭିମାନ ଓ ଅଭିମାନର ଲଢ଼େଇ ଭାବେ ବିବେଚନା କରୁଛନ୍ତି।

ପଞ୍ଚାୟତ ନିର୍ବାଚନ କେବଳ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି କିମ୍ବା ସରପଞ୍ଚ ପଦ ଜିତିବାର ଲଢ଼େଇ ନୁହେଁ। ଏହା ଗ୍ରାମାଞ୍ଚଳରେ କେଉଁ ଦଳର ସଂଗଠନ କେତେ ମଜବୁତ, ତାହାର ଏକ ବଡ଼ ପରୀକ୍ଷା। ସମୀକ୍ଷକମାନଙ୍କ ମତରେ ପଞ୍ଚାୟତ ନିର୍ବାଚନ ଶାସକ ବିଜେପି ପାଇଁ ନିଜର

- ଜନପ୍ରିୟତା ପ୍ରମାଣ ପାଇଁ ବିଜେପିକୁ ସୁଯୋଗ
- ପୁଣି କ୍ଷମତା ଦଖଲ ଲାଗି ବିଜେଡି କରିବ ପ୍ରୟାସ
- କଂଗ୍ରେସ ସଂଗଠନ ଓ ସ୍ଥିତି ଅତ୍ୟନ୍ତ ଜଟିଳ

ଜନପ୍ରିୟତାର ପ୍ରମାଣ ଦେବା ପାଇଁ ଏକ ବଡ଼ ସୁଯୋଗ। ଏଥି ସହିତ ଏହାକୁ ସାମ୍ନା କରିବା ଏକ ବଡ଼ ଆହ୍ୱାନ ମଧ୍ୟ। ୨୦୨୪ରେ ଓଡ଼ିଶାରେ କ୍ଷମତାକୁ ଆସିବା ପରଠାରୁ ଦଳ ଅନେକ ପଦକ୍ଷେପ ନେଇଛି। ଅଧାର ଅଧିକ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିଛି ବୋଲି ଦଳ ଦାବି କରିଆସିଛି। ଦଳର ଏହି ଦାବି କେତେ ସତ ବା ବାସ୍ତବ, ତାହା ଏହି ଅଗ୍ନିପରୀକ୍ଷା ରୂପୀ ଆଗାମୀ ପଞ୍ଚାୟତ ନିର୍ବାଚନରେ ନିଶ୍ଚିତ ହୋଇଯିବ।

ଲୋକସଭା ଓ ବିଧାନସଭା ନିର୍ବାଚନରେ ସଫଳତା ପାଇବା ଏବଂ ଗ୍ରାମାଞ୍ଚଳର ପ୍ରତ୍ୟେକ ପଞ୍ଚାୟତରେ ସଂଗଠନ ଗଢ଼ିବା ଦୁଇଟି ଭିନ୍ନ କଥା। ସେଥିପାଇଁ ବିଜେପି ଏବେ ସରକାରୀ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ସଂଗଠନକୁ ଅଧିକ ସକ୍ରିୟ କରିବାକୁ ଗୁରୁତ୍ୱ ଦେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସଂଗଠନର ଅନ୍ୟ ଶୀର୍ଷ ନେତାମାନଙ୍କର ଘନଘନ ବୈଠକ କରୁଛନ୍ତି। କୁହାଯାଉଛି ସରକାରୀ ଯୋଜନା ଓ ସଫଳତାକୁ ନେଇ କର୍ମୀମାନେ ଗାଁକୁ ଯିବେ, ଲୋକଙ୍କ ସହ ସମ୍ପର୍କ ବଢ଼ାଇବେ ଏବଂ ପଞ୍ଚାୟତସ୍ତରରେ ସଂଗଠନକୁ ମଜବୁତ କରିବେ।

ବିଜେଡି ରଣନୀତି ଏବେ ରହସ୍ୟମୟ ହୋଇ ରହିଛି। ଦଳର ସଭାପତି ନବୀନ ପଟ୍ଟନାୟକ ୨୦୨୯ ପର୍ଯ୍ୟନ୍ତ ମଙ୍ଗ ଧରିବେ ବୋଲି କହିଛନ୍ତି। ୨୦୨୪ରେ ୨୪ବର୍ଷର ଶାସନ ହରାଇବା ପରଠାରୁ ବିଜେଡି ବିରୋଧୀ ଦଳରେ ଅଛି। ଏବେ ଏହି ଦଳକୁ ସକ୍ରିୟ ନେତୃତ୍ୱର ଆବଶ୍ୟକତା ଥିବାବେଳେ ଦଳ ଭୈରବ କାର୍ତ୍ତିକେୟନ ପାଣ୍ଡିୟାନ୍‌ଙ୍କ ପତ୍ନୀ ସୁଜାତାଙ୍କୁ ସାମ୍ନାରେ ରଖି ଆଗକୁ ବଢିବା ପାଇଁ ଚାହୁଁଛି। ଦୀର୍ଘ ସମୟ ଧରି ପଞ୍ଚାୟତରୁ ବିଧାନସଭା ପର୍ଯ୍ୟନ୍ତ

ଭାରତର ‘ଅଗ୍ନି’ ଯାତ୍ରା

ଭାରତର ‘ଅଗ୍ନି’ ଯାତ୍ରା ସହଜ ନଥିଲା। ଦେଶକୁ ସୁରକ୍ଷା ଦେବା ଓ ନିଜକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିବା ଭାରତ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଭାରତକୁ ପାଶ୍ଚ୍ୟାତ ଦେଶଗୁଡ଼ିକରୁ ସେଭଳି ସହଯୋଗ ମିଳୁନଥିଲା। ଧୀରେ ଧୀରେ ଅ□। ସଳଖି ଭାରତ ନିଜର ‘ଅଗ୍ନି ଅଭିଯାନ’ ଆରମ୍ଭ କରିଥିଲା। ସୁସଜ୍ଜିତ ପ୍ରଣାଳୀଗୁଡ଼ିକର ସଫଳ ପରୀକ୍ଷଣ ସହିତ ଭାରତ ଏକ ସ୍ୱତନ୍ତ୍ର ବିଶ୍ୱସ୍ତରୀୟ ଗୋଷ୍ଠୀରେ (ଯୁକ୍ତରାଷ୍ଟ୍ର ଆମେରିକା, ରୁଷ, ଚୀନ୍, ଫ୍ରାନ୍ସ ଏବଂ ବ୍ରିଟେନ ସହିତ) ନିଜକୁ ସାମିଲ କରିପାରିଛି, ଯାହା ପାଖରେ ଏକାଧିକ ୱାରହେଡ୍ (ଯୁଦ୍ଧାସ୍ତ୍ର) କ୍ଷମତା ରହିଛି। ଅଗ୍ନି-୫ ର ବର୍ଦ୍ଧିତ ପରିସର ଏସିଆ, ପୂର୍ବ ୟୁରୋପ ଏବଂ ଆଫ୍ରିକାର କିଛି ଅଞ୍ଚଳରେ ଭୂ-ରାଜନୈତିକ ସମୀକରଣକୁ ବଦଳାଇ ଦେଉଛି, ଯାହା ଭାରତର ଏକ ବିଶ୍ୱସନୀୟ ଦ୍ୱିତୀୟ-ପ୍ରହାର (ସେକେଣ୍ଡ-ଷ୍ଟ୍ରାଇକ୍) କ୍ଷମତାକୁ ଦୃଢ଼ କରୁଛି। ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଡିଆରଡିଓ ଏହାର ଉତ୍ପାଦନ ମଡେଲଗୁଡ଼ିକୁ ସମ୍ପ୍ରସାରିତ କରି ଭାରତର ବେସରକାରୀ ସେକ୍ଟର ପାଇଁ ପାରମ୍ପରିକ ଏବଂ ରଣନୈତିକ କ୍ଷେପଣାସ୍ତ୍ର (ମିସାଇଲ୍) ନିର୍ମାଣକୁ ଆଗେଇ ନେଇଛି, ଯାହା ଏବେ ବିଶ୍ୱ ଦରବାରରେ ଭାରତର ବିଶାଳ ଶକ୍ତିକୁ ପ୍ରତିପାଦିତ କରିପାରିଛି।

ସୁଶାନ୍ତ କୁମାର ଦାସ

ଭିନ୍ନ ପ୍ରତିକୂଳ ପରିସ୍ଥିତି ଭିତରେ ଭାରତ ତା’ର ‘ଅଗ୍ନି ଅଭିଯାନ’କୁ ସାକାର କରିବାରେ ସଫଳ ହୋଇଛି। ମେ ୧୯୮୯ ମସିହାର ସେହି ସକାଳ ଥିଲା ଖୁବ୍ ସ୍ୱତନ୍ତ୍ର। ଓଡ଼ିଶାର ଚାନ୍ଦିପୁର ବେଳାଭୂମିର ଚାରିପାଖରେ ନୀରବତା ଖେଳି ଯାଇଥିଲା, କିନ୍ତୁ କଣ୍ଟ୍ରୋଲ୍ ରୁମରେ ବସିଥିବା ଭାରତୀୟ ବିଜ୍ଞାନୀମାନଙ୍କ ଶ୍ୱାସରୁଦ୍ଧ ହୋଇ ଯାଉଥିଲା। ୧୦, ୯, ୮...କାଉଣ୍ଟିଂ ସହ କାଉଣ୍ଟଡାଇନ୍ ଶେଷ ହେଲା। ସେହି ସମୟରେ ଭୟଙ୍କର ଗର୍ଜନ ସହ ୧୫ ମିଟର ଉଚ୍ଚର ଏକ ‘ବ୍ରହ୍ମାସ୍ତ୍ର’ ନିଆଁ ଓ ଧୂଆଁର ଝଡ଼ ସୃଷ୍ଟିକରି ଆକାଶ ଆଡ଼କୁ ଅଗ୍ରସର ହେଲା। ଦେଖୁ ଦେଖୁ ଭାରତର ଏହି ବ୍ରହ୍ମାସ୍ତ୍ର ଆକାଶର ଛାତି ଚିରି ଦୂରକୁ ବଢିଲା ଏବଂ ଆଖି ଆଢୁଆଳରୁ ଗାଏବ ହୋଇଗଲା। ବାସ୍ତବରେ, ଏହା ଭାରତର ପ୍ରଥମ ‘ଅଗ୍ନି ଟେକ୍ନୋଲୋଜି ଡେମୋନଷ୍ଟ୍ରେଟର’ର ପ୍ରଥମ ଉଡ଼ାଣ ଥିଲା।

ସୁପରପାୱାର ଲାଗି ଭାରତର ପ୍ରଥମ ରଣହୁଙ୍କାର

ସେଦିନ ସମୁଦ୍ର କୂଳରୁ କେବଳ ଗୋଟିଏ ମିସାଇଲ୍ ଉଡ଼ାଣ ଭରି ନଥିଲା, ବରଂ ମିଲିଟାରୀ ସୁପରପାୱାର ଆଡ଼କୁ ଭାରତର ପ୍ରଥମ ରଣହୁଙ୍କାର ଥିଲା। ଭାରତର ଏହି ସଫଳତା କେବଳ ବେଜିଂ ଓ ଇସଲାମାବାଦର ଡିଫେନ୍ସ ହେଡକ୍ୱାର୍ଟର୍ସ ନୁହେଁ, ବରଂ ୱାଶିଂଟନର ପେଣ୍ଟାଗନକୁ ମଧ୍ୟ ଚିନ୍ତାରେ ପକାଇ ଦେଇଥିଲା। ଚିନ୍ତା ଏଥିପାଇଁ ଥିଲା କାରଣ ଗତକାଲି ପର୍ଯ୍ୟନ୍ତ ଛୋଟ ଛୋଟ ଅସ୍ତ୍ରଶସ୍ତ୍ର ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଥିବା ଭାରତ ଆଜି ନିଜର ନ୍ୟୁକ୍ଲିୟର ବାଲିଷ୍ଟିକ ମିସାଇଲ୍ ‘ଅଗ୍ନି’ ନିର୍ମାଣ କରି ସାରିଥିଲା। ୩୭ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଅଗ୍ନି ମିସାଇଲର ଏହି ଯାତ୍ରାରେ ଭାରତ କିପରି ଅନେକ କଟକଣା ଓ ପ୍ରତିବନ୍ଧକୁ ଭାଙ୍ଗି ‘ଟେକ୍ନୋଲୋଜି ଡେମୋନଷ୍ଟ୍ରେଟର’ରୁ ‘ଅଗ୍ନି-୬’ ପର୍ଯ୍ୟନ୍ତ ପହଞ୍ଚିଲା, ତାହା ବେଶ ରହସ୍ୟମୟ।

କଲାମ ନେଇଥିଲେ ମିସାଇଲ୍ ପ୍ରୋଗ୍ରାମର ଦାୟିତ୍ୱ

ଏହି କାହାଣୀ ୧୯୮୩ରୁ ଆରମ୍ଭ ହୁଏ , ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ‘ମିସାଇଲ୍ ମ୍ୟାନ୍’ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କୁ ଦେଶର ମିସାଇଲ୍ ପ୍ରୋଗ୍ରାମର ଦାୟିତ୍ୱ ଦିଅନ୍ତି। ଏହି ପ୍ରକଳ୍ପର ନାମ ଥିଲା ଇଣ୍ଟିଗ୍ରେଟେଡ୍ ଗାଇଡେଡ୍ ମିସାଇଲ୍ ଡେଭେଲପମେଣ୍ଟ ପ୍ରୋଗ୍ରାମ। ସେହି ସମୟରେ ବିଶ୍ୱର ସିଧାସଳଖ ନିୟମ ଥିଲା ଯେ, ଯାହା ପାଖରେ ଶକ୍ତି ଅଛି, ସିଏ ହିଁ ଶାସନ କରିବ। ସେତେବେଳେ ମିସାଇଲ୍ ଏବଂ ସ୍ପେସ ଆଡଭାନ୍ସ ଟେକ୍ନୋଲୋଜି କୌଣସି ଦେଶ ଟଙ୍କାରେ ବିକ୍ରି କରୁ ନଥିଲେ କିମ୍ବା ବନ୍ଧୁତାରେ ଦେଉ ନଥିଲେ। ଭାରତକୁ ରୋକିବା ପାଇଁ ଆମେରିକା ଏବଂ ପଶ୍ଚିମ ଦେଶଗୁଡ଼ିକ ‘ମିସାଇଲ୍ ଟେକ୍ନୋଲୋଜି କଣ୍ଟ୍ରୋଲ୍ ରେଜିମ୍’ କଟକଣା ଲଗାଇ ଥିଲେ। ଭାରତ ଯେପରି କେବେ ବି ଦୂରଗାମୀ ମିସାଇଲ୍ ତିଆରି କରିପାରିବ ନାହିଁ, ସେଥିପାଇଁ ଜୋରଦାର ଚେଷ୍ଟା କରାଯାଇଥିଲା। କିନ୍ତୁ ଡକ୍ଟର କଲାମ ଏବଂ ତାଙ୍କ ବୈଜ୍ଞାନିକ ଟିମ୍ ହାର୍ ମାନି ନଥିଲେ। ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲେ। ୧୯୮୯ରେ ଯେତେବେଳେ ଅଗ୍ନିର ପ୍ରଥମ ପରୀକ୍ଷଣ ହେଲା, ଏହା ଏକ ପୂର୍ଣ୍ଣାଙ୍ଗ ମିସାଇଲ୍ ନଥିଲା ; ଏହା ଥିଲା ‘ଟେକ୍ନୋଲୋଜି ଡେମୋନଷ୍ଟ୍ରେଟର’ ଟିଡି)। ଏହାର ଉଦ୍ଦେଶ୍ୟ ଏହା ଚେକ୍ କରିବାକୁ ଥିଲା ଯେ, ଭାରତ କ’ଣ ଏପରି ଏକ ରକେଟ୍ ତିଆରି କରିପାରିବ, ଯାହା ମହାକାଶକୁ ଯାଇ ପୁନର୍ବାର ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଜଳି ପାଉଁଶ ହୋଇ ଯିବ ନାହିଁ ତ। କିଛି ବିସ୍ଫୋରଣ ରୂପ ନେବନି ତ।

ସଫଳତା ପରେ ଲାଗିଥିଲା କଟକଣା

ଏହା ଦୁଇଟି ପର୍ଯ୍ୟାୟ ବିଶିଷ୍ଟ ରକେଟ୍ ଥିଲା। ପ୍ରଥମ ପର୍ଯ୍ୟାୟରେ ଭାରତର ଏସ୍ଏଲ୍ଭି-୩ ସ୍ପେସ୍ ରକେଟର ସଲିଡ୍ ଫ୍ୟୁଏଲ୍ ମୋଟର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ପୃଥ୍ୱୀ ମିସାଇଲର ଲିକ୍ୱିଡ୍ ଇଞ୍ଜିନ୍ ଥିଲା। ଯେତେବେଳେ ଏହି ମିସାଇଲ୍ ୧୦୦୦ କିଲୋମିଟର ଦୂରତା ଅତିକ୍ରମ କରି ଲକ୍ଷ୍ୟଭେଦ କଲା, ସାରା ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଆମେରିକା ଏବଂ ୟୁରୋପ ତୁରନ୍ତ ଭାରତ ଉପରେ କଠୋର ପ୍ରଯୁକ୍ତିବିଦ୍ୟା କଟକଣା ଲଗାଇ ଦେଲେ। ୧୯୮୯ ପରୀକ୍ଷଣ ପରେ ପ୍ରାୟ ସାରା ବିଶ୍ୱ ଭାରତ ପାଇଁ ଦ୍ୱାର ବନ୍ଦ କରିଦେଇ ଥିଲା। କମ୍ପ୍ୟୁଟର ଚିପ୍ସ, ମାରେଜିଂ ଷ୍ଟିଲ୍, ରିଙ୍ଗ୍ ଲେଜର ଜାଇରୋସ୍କୋପ୍ ଏବଂ କାର୍ବନ କମ୍ପୋଜିଟ୍ ଭଳି ଶହ ଶହ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଯୋଗାଣ ବନ୍ଦକରି ଦିଆଗଲା। ଭାରତୀୟ ମିସାଇଲ୍ ପ୍ରୋଗ୍ରାମକୁ ଯେକୌଣସି ମତେ ରୋକିବା ସେମାନଙ୍କର ଲକ୍ଷ୍ୟ ଥିଲା।

ସ୍ୱଦେଶୀ ଜ୍ଞାନ କୌଶଳରେ ସଫଳତା

ଡିଆରଡିଓର ବୈଜ୍ଞାନିକମାନେ ଏହି କଟକଣାକୁ ନୂଆ ସୁଯୋଗ ଭାବେ ଗ୍ରହଣ କଲେ। ଡିଆରଡିଓ ଦେଶର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ଆଇଆଇଟି ଏବଂ ପ୍ରାଇଭେଟ୍ କମ୍ପାନୀଗୁଡ଼ିକୁ ଏହି ପ୍ରୋଗ୍ରାମ ସହ ଯୋଡ଼ିଲା। ଯେଉଁ ମାରେଜିଂ ଷ୍ଟିଲ୍ ବାହାରୁ ମିଳିଲା ନାହିଁ, ତାହା ଭାରତୀୟ ଲାବୋରେଟରୀରେ ପ୍ରସ୍ତୁତ କରାଗଲା। ଆମେରିକା ଯେଉଁ କାର୍ବନ ଫାଇବର ଦେବାକୁ ମନା କଲା, ତାହା ଦେଶର ଫ୍ୟାକ୍ଟ୍ରିରେ ତିଆରି ହେଲା। ନେଭିଗେସନ୍ ସିଷ୍ଟମ୍, ଅନ୍-ବୋର୍ଡ କମ୍ପ୍ୟୁଟର ଏବଂ ସେନ୍ସର ଭଳି ସମସ୍ତ ଯନ୍ତ୍ରାଂଶ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେଲା। ଏହିଠାରୁ ହିଁ ଆରମ୍ଭ ହୋଇଥିଲା ଅଗ୍ନି ମିସାଇଲ୍ ସିରିଜ୍, ଯାହା ଆଗାମୀ ଦଶନ୍ଧି ଗୁଡ଼ିକରେ ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ମଜବୁତ କରିପାରିଛି। ଭାରତର ଏଭଳି ଅପୂର୍ବ ସଫଳତା ବିକଶିତ ଦେଶଗୁଡ଼ିକର ହୋସ୍ ଉଡ଼ାଇ ଦେଇଥିଲା।

ଭାରତର ପ୍ରଭାବଶାଳୀ ଅଗ୍ନି ସିରିଜ୍

ଭାରତର ଅଗ୍ନି ସିରିଜ ବେଶ ପ୍ରଭାବଶାଳୀ। ଶତ୍ରୁରାଷ୍ଟ୍ରକୁ ମାତ୍ ଦେବା ଲାଗି ଏହା ସମ୍ପୂର୍ଣ୍ଣ ସକ୍ଷମ। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ମିଶାଇଲ ଭାରତୀୟ ପ୍ରତିରକ୍ଷା କ୍ଷେତ୍ରକୁ ମଜଭୁତ କରିବାରେ ସଫଳ ହୋଇପାରିଛି। ସେଇ ଅଗ୍ନିସିରିଜ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରାଯାଇଛି।

ମିସାଇଲ୍ - ଅଗ୍ନି-ଟିଡିର ଲକ୍ଷ୍ୟଭେଦୀ କ୍ଷମତା - ୭୦୦ - ୧,୨୦୦ କି.ମି, ଷ୍ଟେଜ୍ / ଇନ୍ଧନ ପ୍ରକାର - ୨-ଷ୍ଟେଜ୍ (ସଲିଡ୍ + ଲିକ୍ୱିଡ୍), ଓଜନ- ୧୪ ଟନ୍। ମିସାଇଲ୍ - ଅଗ୍ନି-୧ର ଲକ୍ଷ୍ୟ ଭେଦୀ କ୍ଷମତା - ୭୦୦ - ୧,୨୦୦ କି.ମି, ଷ୍ଟେଜ୍ / ଇନ୍ଧନ ପ୍ରକାର - ୧-ଷ୍ଟେଜ୍ (ସଲିଡ୍ ଫ୍ୟୁଏଲ୍) ଓଜନ- ୧୨ ଟନ୍।
ମିସାଇଲ୍ - ଅଗ୍ନି-୨ର ଲକ୍ଷ୍ୟଭେଦୀ କ୍ଷମତା - ୨,୦୦୦ - ୨,୫୦୦ କି.ମି, ଷ୍ଟେଜ୍ / ଇନ୍ଧନ ପ୍ରକାର - ୨-ଷ୍ଟେଜ୍ (ସଲିଡ୍ ଫ୍ୟୁଏଲ୍), ଓଜନ- ୧୭ ଟନ୍।
ମିସାଇଲ୍ - ଅଗ୍ନି-୩ର ଲକ୍ଷ୍ୟ ଭେଦୀ କ୍ଷମତା - ୩,୫୦୦ - ୫,୦୦୦ କି.ମି, ଷ୍ଟେଜ୍ / ଇନ୍ଧନ ପ୍ରକାର - ୨-ଷ୍ଟେଜ୍ (ସଲିଡ୍ ଫ୍ୟୁଏଲ୍), ଓଜନ- ୫୦ ଟନ୍।
ମିସାଇଲ୍ - ଅଗ୍ନି-୪ର ଲକ୍ଷ୍ୟ ଭେଦୀ କ୍ଷମତା - ୩,୫୦୦ - ୪,୦୦୦ କି.ମି, ଷ୍ଟେଜ୍ / ଇନ୍ଧନ ପ୍ରକାର - ୨-ଷ୍ଟେଜ୍ (କମ୍ପୋଜିଟ୍ / ସଲିଡ୍), ଓଜନ- ୧୭ ଟନ୍।
ମିସାଇଲ୍ - ଅଗ୍ନି-୫ର ଲକ୍ଷ୍ୟ ଭେଦୀ କ୍ଷମତା - ୫,୦୦୦+ କିମି, ଷ୍ଟେଜ୍ / ଇନ୍ଧନ ପ୍ରକାର - ୩-ଷ୍ଟେଜ୍ (କ୍ୟାନିଷ୍ଟରାଇଜ୍ଡ), ଓଜନ- ୫୦ ଟନ୍।
ମିସାଇଲ୍ - ଅଗ୍ନି-୫ର ଲକ୍ଷ୍ୟ ଭେଦୀ କ୍ଷମତା - ୫,୦୦୦+ କି.ମି (ମଲ୍ଟିପଲ୍)
ଷ୍ଟେଜ୍ / ଇନ୍ଧନ ପ୍ରକାର ୩-ଷ୍ଟେଜ୍ + ଗଓଜଠ ପେ-ଲୋଡ୍, ଓଜନ-୫୦+ ଟନ୍
ମିସାଇଲ୍ - ଅଗ୍ନି-ପ୍ରାଇମ୍ର ଲକ୍ଷ୍ୟ ଭେଦୀ କ୍ଷମତା - ୧,୦୦୦ - ୨,୦୦୦ କିମି, ଷ୍ଟେଜ୍ / ଇନ୍ଧନ ପ୍ରକାର ୨-ଷ୍ଟେଜ୍ (ନେକ୍ଟ୍-ଜେନ୍), ଓଜନ-ସୁପର ଲାଇଟ୍ କମ୍ପୋଜିଟ୍।
ମିସାଇଲ୍ - ଅଗ୍ନି-୬ର ଲକ୍ଷ୍ୟ ଭେଦୀ କ୍ଷମତା - ୮,୦୦୦ - ୧୨,୦୦୦ କିମି
ଷ୍ଟେଜ୍ / ଇନ୍ଧନ ପ୍ରକାର ୩/୪-ଷ୍ଟେଜ୍ , ଓଜନ- ୬୫ - ୭୦ ଟନ୍ । ଏହି ମଡେଲଗୁଡ଼ିକ ଭାରତର ପ୍ରତିରକ୍ଷା ବିକାଶ ପଥକୁ ଅଧିକ ସୁଦୃଢ଼ କରିବାରେ ସମର୍ଥ ହୋଇପାରିଛି।

କୌଶଳଗତ ପ୍ରତିରକ୍ଷାର ମୂଳଦୁଆ ହେଉଛି ‘ଅଗ୍ନି’

ଅଗ୍ନି କ୍ଷେପଣାସ୍ତ୍ର (ମିସାଇଲ୍) ଶ୍ରେଣୀ ହେଉଛି ଭାରତର ପରମାଣୁ ଅସ୍ତ୍ରଶସ୍ତ୍ର ଏବଂ ଭୂମି-ଆଧାରିତ କୌଶଳଗତ ପ୍ରତିରକ୍ଷାର ମୂଳଦୁଆ। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଦ୍ୱାରା ଦେଶୀୟ ଜ୍ଞାନକୌଶଳରେ ବିକଶିତ ଏବଂ ଭାରତ ଡାଇନାମିକ୍ସ ଲିମିଟେଡ୍ ଦ୍ୱାରା ନିର୍ମିତ। ଏହି ପ୍ରକଳ୍ପଟି ଏକ ଅତ୍ୟନ୍ତ ସୁସଂଗଠିତ ଡିଜାଇନ୍, ପରୀକ୍ଷଣ ଏବଂ କାର୍ଯ୍ୟକ୍ଷମ ମୂଲ୍ୟାଙ୍କନ ପ୍ରକ୍ରିୟା ଅଧୀନରେ କାର୍ଯ୍ୟ କରେ। ଆଡଭାନ୍ସଡ୍ ସିଷ୍ଟମ୍ସ ଲାବୋରେଟୋରୀ ଏବଂ ରିସର୍ଚ୍ଚ ସେଣ୍ଟର ଇମାରତ ପରି ପରୀକ୍ଷାଗାରଗୁଡ଼ିକ ଦ୍ୱାରା ପରିଚାଳିତ। ଦଳଗୁଡ଼ିକ ମଲ୍ଟି-ଷ୍ଟେଜ୍ ସଲିଡ୍-ଫ୍ୟୁଏଲ୍ ମୋର୍ଟ, ରିଙ୍ଗ୍ ଲେଜର ଗାଇରୋସ୍କୋପ୍ ଇନର୍ସିଆଲ୍ ନାଭିଗେସନ୍ ଏବଂ କାର୍ବନ-କମ୍ପୋଜିଟ୍ ରି-ଏଣ୍ଟ୍ରି ହିଟ୍ ସିଲ୍ଡ ଉପରେ ଧ୍ୟାନ ଦେଇଥାନ୍ତି। ଭାରତ ଏହାର ପୁନଃ ବିକାଶ ଲାଗି ଯୋଜନା ପ୍ରସ୍ତୁତ କରୁଛି। ଅନ୍ୟ କ୍ଷେପଣାସ୍ତ୍ର ଭଳି ଭାରତ ନିଜର ପ୍ରତିରକ୍ଷା କ୍ଷମତା ବୃଦ୍ଧି ଲାଗି ଅଗ୍ନିର ବିକଶିତ ମଡେଲ ଉପରେ ଜୋର ଦେଉଛି।

ପଶ୍ଚିମ ଓଡ଼ିଶା

ପୃଷ୍ଠା ୩

ରାସ୍ତା ଶୋଚନୀୟ

ବିଦ୍ୟୁତ ବିଭ୍ରାଟରେ ଅତିଷ୍ଠ ଲଛିମାଲବାସୀ

■ ମୌଳିକ ସେବାରୁ ବଞ୍ଚିତ ଗ୍ରାମବାସୀ, ତୁରନ୍ତ ପଦକ୍ଷେପ ଦାବି

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ବିକାଶର ଚିତ୍ର ଯେତେ ଦମ୍ଭର ସହ ପ୍ରଚାର ହେଉଛି, ଲଛିମାଲ ଗ୍ରାମର ବାସ୍ତବ ଚିତ୍ର କିନ୍ତୁ ତାହାର ସମ୍ପୂର୍ଣ୍ଣ ବିପରୀତ। ଏକପଟେ ଦୀର୍ଘଦିନ ଧରି ରାସ୍ତାର ଦୁରବସ୍ଥା, ଅନ୍ୟପଟେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଓ ଲୋ ଭୋଲ୍‌ଟେଜ—ଦୁଇ ମୌଳିକ ସମସ୍ୟାରେ ଅତିଷ୍ଠ ହୋଇପଡ଼ିଛନ୍ତି ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଦମେଇପାଲି ପଞ୍ଚାୟତ ଅନ୍ତର୍ଗତ ଲଛିମାଲ ଗ୍ରାମବାସୀ। ପ୍ରଶାସନର ନଜରକୁ ବାରମ୍ବାର ଆଣିବା ସତ୍ତ୍ୱେ ସ୍ଥାୟୀ ସମାଧାନ ନହେବାରୁ ଗ୍ରାମବାସୀଙ୍କ ଅସନ୍ତୋଷ ଏବେ ତୀବ୍ର ହେବାରେ ଲାଗିଛି। ରାସ୍ତାର ଅବସ୍ଥା ଏତେ ଦୟନୀୟ ଯେ, ଲଛିମାଲରୁ ଦମେଇପାଲିକୁ ସଂଯୋଗ କରୁଥିବା ରାସ୍ତା ଏବେ ଯାତାୟାତ ପାଇଁ ଯନ୍ତ୍ରଣାର ପଥ ପାଲଟିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଥିବା ବେଳେ ବର୍ଷା ହେଲେ ସେଥିରେ ପାଣି ଜମି ରହୁଛି। ଫଳରେ ରାସ୍ତାର ପ୍ରକୃତ ଅବସ୍ଥା ଜଣାପଡୁନଥିବାରୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଉଛି। ପ୍ରତିଦିନ ଶହଶହ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ରୋଗୀ ଓ ସାଧାରଣ ଲୋକେ ଯାତାୟାତରେ ଘୋର ହଇରାଣ ହେଉଛନ୍ତି। କେବଳ ରାସ୍ତା ନୁହେଁ, ବିଦ୍ୟୁତ ସମସ୍ୟା ମଧ୍ୟ ଗ୍ରାମବାସୀଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ବାରମ୍ବାର ବିଦ୍ୟୁତ କାଟ ସାଙ୍ଗକୁ ଲୋ ଭୋଲ୍‌ଟେଜ ସମସ୍ୟା ଯୋଗୁଁ ଦୈନନ୍ଦିନ ଜୀବନ ଏକପ୍ରକାର ଅସହ୍ୟ ହୋଇପଡ଼ିଛି। ବିଶେଷକରି ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଘରୋଇ ବିଦ୍ୟୁତ ଉପକରଣ ବ୍ୟବହାର ଏବଂ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ବିଦ୍ୟୁତ ସମସ୍ୟା ଯୋଗୁଁ ଗୁରୁତର ଭାବେ ପ୍ରଭାବିତ ହେଉଛି। ଦୀର୍ଘଦିନ ଧରି ସମସ୍ୟା ଲାଗିରହିଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ନହେବା ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏହି ଦୁଇ ମୌଳିକ ସମସ୍ୟାର ସମାଧାନ ଦାବି କରି ମଙ୍ଗଳବାର ଲଛିମାଲ ଗ୍ରାମବାସୀ ପ୍ରଥମେ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଲଛିମାଲ-ଦମେଇପାଲି ରାସ୍ତାକୁ ତୁରନ୍ତ ନୂତନ ଭାବେ ନିର୍ମାଣ କରି ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଖପ୍ରାଖୋଲ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି କନିଷ୍ଠ ଯନ୍ତ୍ରୀ ସମ୍ବିତ ପରିଡ଼ାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଗ୍ରାମରେ ଏକ ନୂତନ ଟ୍ରାନ୍ସଫରମର ସ୍ଥାପନ କରି ବାରମ୍ବାର ବିଦ୍ୟୁତ ବିଭ୍ରାଟ ଓ ଲୋ ଭୋଲ୍‌ଟେଜ ସମସ୍ୟାର ସ୍ଥାୟୀ ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ, ରାସ୍ତା ଓ ବିଦ୍ୟୁତ ଭଳି ମୌଳିକ ସୁବିଧା ପାଇଁ ଯଦି ବାରମ୍ବାର ଦାବି କରିବାକୁ ପଡ଼େ, ତେବେ ଗ୍ରାମାଞ୍ଚଳର ବିକାଶର ବାସ୍ତବ ଚିତ୍ର କେତେ ଦୂର ଆଗକୁ ବଢ଼ିଛି ତାହା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କେବଳ ଆଶ୍ୱାସନ ନୁହେଁ, ଦୁଇ ସମସ୍ୟାର ତୁରନ୍ତ ସମାଧାନ ଦାବି କରିଛନ୍ତି ସେମାନେ। ପ୍ରଶାସନ ଓ ବିଦ୍ୟୁତ ବିଭାଗ ଲଛିମାଲବାସୀଙ୍କ ଦାବିକୁ କେତେ ଗୁରୁତ୍ୱ ଦେଉଛନ୍ତି ଏବଂ କେବେ ଏହାର ବାସ୍ତବ ପ୍ରତିକାର ହେଉଛି, ତାହା ଏବେ ଦେଖିବାର ବିଷୟ। ଗ୍ରାମବାସୀଙ୍କ ଆଶା, ଦୀର୍ଘଦିନର ଦୁର୍ଦ୍ଦଶାକୁ ଆଉ ଅଣଦେଖା ନକରି ପ୍ରଶାସନ ଶୀଘ୍ର ଠୋସ ପଦକ୍ଷେପ ନେବ।

ଦେଢ଼ମାସ ହେଲା ନଳକୂପ ଅଚଳ

ପାଣି ପାଇଁ ହନ୍ତସନ୍ତ ପୋଡ଼ମୁଡ଼ ତଳିପଡ଼ାବାସୀ

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ମୌଳିକ ସୁବିଧା ଯୋଗାଣରେ ପ୍ରଶାସନିକ ଅବହେଳାର ଏକ ଚିତ୍ର ସାମ୍ନାକୁ ଆସିଛି। ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ସଦର ଅନ୍ତର୍ଗତ ୪ ନମ୍ବର ୱାର୍ଡ ପୋଡ଼ମୁଡ଼ ଗ୍ରାମର ତଳିପଡ଼ାବାସୀ ଦେଢ଼ ମାସ ହେଲା ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ତଳିପଡ଼ାର ପାଖାପାଖି ଶହେ ଜଣ ଲୋକ ଦୈନନ୍ଦିନ ଆବଶ୍ୟକତା ପାଇଁ ଏକମାତ୍ର ନଳକୂପ ଉପରେ ନିର୍ଭରଶୀଳ। ହେଲେ ଦେଢ଼ ମାସ ଧରି ଏହି ନଳକୂପ ଅଚଳ ହୋଇ ପଡ଼ିରହିଥିବାରୁ ଲୋକଙ୍କ ଦୁର୍ଦ୍ଦଶା ଚରମ ସୀମାରେ ପହଞ୍ଚିଛି। ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ ହୋଇ ଲୋକେ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରିବାକୁ ବାଧ ହେଉଛନ୍ତି। ଦେଢ଼ ମାସ ଧରି ନଳକୂପ ଅଚଳ ଥିଲେ ମଧ୍ୟ ଏହାର ମରାମତି ଦିଗରେ ସମ୍ପୃକ୍ତ ବିଭାଗର ତତ୍ପରତା ନଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ପାଇଁ ଏକ ନଳକୂପ ହିଁ ଯେତେବେଳେ ପ୍ରମୁଖ ଜଳ ଉତ୍ସ, ସେତେବେଳେ ତାହା ଦୀର୍ଘଦିନ ଧରି ଅଚଳ ରହିବା ପ୍ରଶାସନର ଜନସେବା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଛିଡ଼ା କରିଛି। ତୁରନ୍ତ ନଳକୂପର ମରାମତି କରି ପାଣି ଯୋଗାଣ ସ୍ୱାଭାବିକ କରିବା ସହ ତଳିପଡ଼ାବାସୀଙ୍କ ଜଳକଷ୍ଟର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସଞ୍ଜୟ ପାଇଲେ ଗାୟତ୍ରୀ ସରାଫ୍ ଗଳ୍ପ ସମ୍ମାନ

ବଲାଙ୍ଗୀର(ଅମୃତ ମିଡିଆ): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସର ଗୌରବମୟ ଅବସରରେ ବିଶିଷ୍ଟ ଓଡ଼ିଆ ଲେଖକ ଡ. ସଞ୍ଜୟ କୁମାର ମିଶ୍ର ତାଙ୍କ ଚର୍ଚ୍ଚିତ ଗଳ୍ପ ସଂକଳନ 'ସାପ ପେଟର ଆକାଶ' ପାଇଁ ପ୍ରତିଷ୍ଠିତ 'ଗାୟତ୍ରୀ ସରାଫ ଗଳ୍ପ ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ସମକାଳୀନ ଓଡ଼ିଆ ସାହିତ୍ୟରେ ଡ.

ମିଶ୍ରଙ୍କ ଗଳ୍ପ ମାନବୀୟ ସମ୍ବେଦନା, ସାଧାରଣ ମଣିଷର ଜୀବନ ସଂଘର୍ଷ, ଦୁଃଖ, ସ୍ୱପ୍ନ ଓ ସାମାଜିକ ବାସ୍ତବତାକୁ ଅତ୍ୟନ୍ତ ସଜୀବ ଭାବରେ ଉପସ୍ଥାପନ କରେ । ସାପ ପେଟର ଆକାଶ' ମଧ୍ୟ ମଣିଷ ଜୀବନର ଅନେକ ଅକୁହା କଥା ଓ ଅନୁଭବକୁ ସ୍ପର୍ଶ କରିଥିବା ଏକ ଉଲ୍ଲେଖନୀୟ ଗଳ୍ପ ସଂକଳନ । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଭଳି ଏକ ଗୌରବମୟ ଅବସରରେ ଏହି ସମ୍ମାନ ପାଇବା ଡ. ସଞ୍ଜୟ କୁମାର ମିଶ୍ରଙ୍କ ସାହିତ୍ୟ ସାଧନା ପାଇଁ ଏକ ଗର୍ବର ବିଷୟ । ଏହି ସମ୍ମାନ ତାଙ୍କ ସୃଜନଶୀଳ ଯାତ୍ରାକୁ ଆହୁରି ଉତ୍ସାହିତ କରିବ ବୋଲି ଆଶା ।

ନୂଆଁଖାଇ ପର୍ବ ପାଳନକୁ ନେଇ ପ୍ରସ୍ତୁତି ଆରମ୍ଭ

ବଲାଙ୍ଗୀର(ଅମୃତ ମିଡିଆ): ବଲାଙ୍ଗୀର ଜିଲାରେ ନୂଆଁଖାଇ ପର୍ବ ପାଳନକୁ ନେଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଗଣପର୍ବ ନୂଆଁଖାଇ ଭାଇଚାରା ଓ ଏକତାର ପର୍ବ ହୋଇଥିବାରୁ ବିଭିନ୍ନ ଗ୍ରାମରେ ଏବେଠାରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଧୁମାଭଟା ପଞ୍ଚାୟତର ଜଲିଆ ଓ ତାହିମାଲ ଗ୍ରାମରେ ସାମୂହିକ ନୂଆଁଖାଇ ପର୍ବ ପାଳନ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ନୂଆଁଖାଇ ପର୍ବ ପାଳନ ପାଇଁ ଦୁଇ ଗାଁର ଗ୍ରାମବାସୀ ଲାଗିପଡ଼ିଛନ୍ତି। ଏକତାର ପର୍ବ ନୂଆଁଖାଇ ପାଳନ ପାଇଁ ଜଲିଆ ଓ ତାହିମାଲ ଦୁଇ ଖଣ୍ଡ ଗାଁର ପ୍ରାୟ ୮୦୦ ପରିବାରର ୨୦ ପ୍ରକାର ଜାତିର ପ୍ରାୟ ୫ ହଜାର ଲୋକ ଏକାଠି ହୋଇ ନୂଆଁ ଖାଇବାର ପରମ୍ପରା ରହିଛି। ସେହି ପରମ୍ପରା ଅନୁଯାୟୀ ମଙ୍ଗଳବାର ଜଲିଆ ଗ୍ରାମରେ ସମସ୍ତ ଜାତି ଓ ବର୍ଗର ଲୋକଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମର ମୁଖିଆ ଗୌନ୍ତିଆ ଓ ଝାଙ୍କରଙ୍କ ଅନୁମତିକ୍ରମେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ସର୍ବସମ୍ମତିକ୍ରମେ ଗ୍ରାମବାସୀ ଏକାଠି ହୋଇ ନୂଆଁ ଖାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହ ନୂଆଁଖାଇ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ବିଭିନ୍ନ ଆୟୋଜନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ୫ ତାରିଖରେ ତାହିମାଲ ଗ୍ରାମରେ ସାମୂହିକ ନୂଆଁଖାଇ ପାଇଁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ୧୦ ତାରିଖରେ ଗ୍ରାମଦେବାଦେବୀଙ୍କୁ ବରଣ, ନୂଆଁ ଧାନ ଓ କୁରେପତର ସଂଗ୍ରହ ଆଦି କାର୍ଯ୍ୟକ୍ରମ ରହିଛି।

ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ବରଗଡ଼(ଅମୃତ ମିଡିଆ): ଜାତୀୟ କ୍ରୀଡ଼ା ଦିବସ ଅବସରରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍), ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗଗ୍ଭ ପକ୍ଷରୁ ଏହାର ସିଏସ୍‌ଆର ପଦକ୍ଷେପ ଅଧୀନରେ ବରଗଡ଼ ଜିଲ୍ଲାର ଅତାବିରା ସ୍ଥିତ ଜାଙ୍ଗେଡ଼ ହାଇସ୍କୁଲ୍ ପଡ଼ିଆଠାରେ ଏକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଲହଣ୍ଡା, ଲଣ୍ଡଲା, ସିଲେଟ୍ ଏବଂ ଜାଙ୍ଗେଡ଼ ଗାଁର ୪ଟି ଦଳ ଅଂଶଗ୍ରହଣ କରିଥିଲେ । ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା, ଫିଟ୍‌ନେସ୍, ଦଳଗତ ଭାବନା ଓ କ୍ରୀଡ଼ାସୁଲଭ ମନୋଭାବକୁ ପ୍ରୋତ୍ସାହନ ଦେବା ସହ ସ୍ଥାନୀୟ ଫୁଟବଲ୍ ପ୍ରତିଭା ଚିହ୍ନଟ ପାଇଁ ଏହି ପଦକ୍ଷେପ ନିଆଯାଇଥିଲା । ଟୁର୍ଣ୍ଣାମେଣ୍ଟରେ ଲହଣ୍ଡା, ଲଣ୍ଡଲା, ସିଲେଟ୍ ଏବଂ ଜାଙ୍ଗେଡ଼କୁ ପ୍ରତିନିଧିତ୍ୱ କରି ୪ଟି ଦଳ ଅଂଶଗ୍ରହଣ କରିଥିଲେ। ସମ୍ପୃକ୍ତ ଗାଁ ଏବଂ ନିକଟବର୍ତ୍ତୀ ଅଞ୍ଚଳରୁ ଖେଳାଳିମାନଙ୍କୁ ଚୟନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ମୋଟ ୩ଟି ମ୍ୟାଚ୍ ଖେଳାଯାଇଥିଲା ଏବଂ ଲହଣ୍ଡା ଏବଂ ଜାଙ୍ଗେଡ଼ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଫାଇନାଲ୍ ମ୍ୟାଚ୍‌ରେ ଲହଣ୍ଡା ଦଳ ୧–୦ ଗୋଲ୍‌ରେ ଜାଙ୍ଗେଡ଼କୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିଲା । ଟିଲୁ ଖଡ଼ିଆଙ୍କୁ ଫାଇନାଲ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଚୟନ କରାଯାଇଥିଲା । ବିଜୟୀ ଦଳକୁ ଚାମ୍ପିଅନ୍‌ସିପ୍ କପ୍ ଏବଂ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ସମସ୍ତ ତିନୋଟି ମ୍ୟାଚ୍‌ରେ ମୋଟ ୧୦ଟି ଗୋଲ୍ ସ୍କୋର ହୋଇଥିଲା । ଗ୍ରାମାଞ୍ଚଳର ଯୁବପିଢ଼ିଙ୍କୁ ଫୁଟବଲ୍‌ରେ ଅଂଶଗ୍ରହଣ ପାଇଁ ଏକ ସୁସଂଗଠିତ ମଞ୍ଚ ଯୋଗାଇବା ଏବଂ ସ୍ଥାନୀୟସ୍ତରରେ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରିବା ଏହି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଶଗଡା ବ୍ରିଜ ନିର୍ମାଣକୁ ନେଇ ଅଭିଯୋଗ

୩୯.୦୭ କୋଟିର ପ୍ରକଳ୍ପ

କାଗଜରେ ନିର୍ମାଣାଧୀନ, କାମରେ କେତେ

■ ଉଚ୍ଚସ୍ତରୀୟ ତଦନ୍ତ ଦାବି

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ବୁର୍ଗା): କଳାହାଣ୍ଡି ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ–୨୬ର ଶଗଡ଼ା ନଦୀ ଉପରେ ନୂଆ ପୋଲ ନିର୍ମାଣ ପ୍ରକଳ୍ପକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ପ୍ରାୟ ୩୯ କୋଟି ୭ ଲକ୍ଷ ଟଙ୍କା ମୂଲ୍ୟର ଏହି ପ୍ରକଳ୍ପର ନିର୍ମାଣ ଆରମ୍ଭ ତାରିଖ ୩୦ ମେ ୨୦୨୫ ଏବଂ ନିର୍ଦ୍ଧାରିତ ସମାପ୍ତି ତାରିଖ ୨୦ ନଭେମ୍ବର ୨୦୨୬ ବୋଲି ସରକାରୀ ରେକର୍ଡରେ ଦର୍ଶାଯାଇଛି। ସେହି ରେକର୍ଡରେ ଦଲିଲଭୁକ୍ତ ବିଳମ୍ବ ନଥିବା ମଧ୍ୟ ଉଲ୍ଲେଖ ରହିଛି। କିନ୍ତୁ ସ୍ଥାନୀୟ ସୂତ୍ରଙ୍କ ଅଭିଯୋଗ—ଘଟଣାସ୍ଥଳରେ ଆଶାନୁରୂପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅଭିଯୋଗଟି ସତ୍ୟ କି ନୁହେଁ, ତାହା ସ୍ୱତନ୍ତ୍ର ଭୌତିକ ଯାଞ୍ଚ ପରେ ହିଁ ସ୍ପଷ୍ଟ ହେବ। ତେଣୁ ଏହି ପ୍ରକଳ୍ପର ସର୍ବଶେଷ ଭୌତିକ ଓ ଆର୍ଥିକ ପ୍ରଗତି ସାର୍ବଜନୀନ କରିବା ଦାବି ହେଉଛି।

ସରକାରୀ ତଥ୍ୟ ଅନୁସାରେ ଶଗଡ଼ା ନଦୀ ଉପରେ ନୂଆ ପୋଲ ଓ ଆପ୍ରୋଚ୍ ନିର୍ମାଣ ପାଇଁ ପ୍ରକଳ୍ପଟି ଅନୁମୋଦିତ ହୋଇଥିଲା। ପ୍ରକଳ୍ପ ମୂଲ୍ୟ ୩୯.୦୭ କୋଟି ଟଙ୍କା। ୨୦୨୪ର ସଂସଦୀୟ ରେକର୍ଡରେ ଏହାର ସ୍ଥିତି ବିଡ୍ ଗ୍ରହଣ ପର୍ଯ୍ୟାୟରେ ଥିବା ଦର୍ଶାଯାଇଥିଲା। ଏବେ ପ୍ରଶ୍ନ ହେଉଛି—ନିର୍ମାଣ ଆରମ୍ଭରୁ ଏକ ବର୍ଷରୁ ଅଧିକ ସମୟ ପରେ ପ୍ରକଳ୍ପର ବାସ୍ତବ ପ୍ରଗତି କେତେ ? କେତେଟି ପିଲାରର ଭିତ୍ତି ନିର୍ମାଣ ହୋଇଛି ? କେତେ ମିଟର ପୋଲ କାମ ଆଗେଇଛି ? ଆପ୍ରୋଚ୍ ରାସ୍ତାର କାମ କେତେ ଦୂର ? ଏପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ ହୋଇଛି ? ଏହାର ଉତ୍ତର ମାପବହି, ବାଲୁ ବିଲ୍, କାର୍ଯ୍ୟାଦେଶ ଓ ସ୍ଥଳ ଯାଞ୍ଚ ରିପୋର୍ଟରୁ ମିଳିପାରିବ। ଏହି ପ୍ରକଳ୍ପ ସହ ସମ୍ପୃକ୍ତ ଏସ୍. ମୁଣ୍ଡ କନ୍‌ଷ୍ଟ୍ରକ୍‌ସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପୂର୍ବ କାର୍ଯ୍ୟ ରେକର୍ଡକୁ ନେଇ ମଧ୍ୟ ତଦନ୍ତର ଆବଶ୍ୟକତା ଦେଖାଦେଇଛି। ଓଡ଼ିଶା ହାଇକୋର୍ଟର ୧୮ ଅଗଷ୍ଟ ୨୦୨୩ର ଏକ ରାୟରେ ଏହି କମ୍ପାନୀ ସମ୍ପର୍କିତ ଏକ ପୂର୍ବ ଚୁକ୍ତି ବାତିଲ, ଜରିମାନା ଓ ବ୍ଲାକ୍‌ଲିଷ୍ଟିଂ ସମ୍ପର୍କିତ ବିଷୟ ଆଲୋଚନା ହୋଇଛି। ମାମଲାଟି ଥିଲା ଏସ୍. ମୁଣ୍ଡ କନ୍‌ଷ୍ଟ୍ରକ୍‌ସନ୍ ପ୍ରାଇଭେଟ୍ ଲିମିଟେଡ୍ ବନାମ ଓଡ଼ିଶା ସରକାର ଓ ଅନ୍ୟମାନେ।

ରାୟରେ ଦର୍ଶାଯାଇଥିବା ତଥ୍ୟ ଅନୁସାରେ, ନବରଙ୍ଗପୁର ଜିଲ୍ଲାର ଏକ ପୋଲ ପ୍ରକଳ୍ପ ସମ୍ପର୍କିତ ପୂର୍ବ ଚୁକ୍ତିର କାର୍ଯ୍ୟସମ୍ପାଦନକୁ ନେଇ ବିବାଦ ପରେ ଚୁକ୍ତି ବାତିଲ ହୋଇଥିଲା। ଅବଶିଷ୍ଟ କାମର ମୂଲ୍ୟ ଉପରେ ୨୦ ପ୍ରତିଶତ ଜରିମାନା ଲାଗୁ ହୋଇଥିବା କଥା ମଧ୍ୟ ରାୟରେ ଉଲ୍ଲେଖ ରହିଛି। ଏଠାରେ ହିଁ ଶଗଡ଼ା ପୋଲକୁ ନେଇ ମୁଖ୍ୟ ତଦନ୍ତ ପ୍ରଶ୍ନ ଉଠୁଛି। ପୂର୍ବ ଚୁକ୍ତି ବାତିଲ ଓ ବ୍ଲାକ୍‌ଲିଷ୍ଟିଂ ସମ୍ପର୍କିତ ରେକର୍ଡ ଥିବା ବେଳେ ବର୍ତ୍ତମାନର ଟେଣ୍ଡରରେ ଏସ୍. ମୁଣ୍ଡ କନ୍‌ଷ୍ଟ୍ରକ୍‌ସନ୍‌ର ଯୋଗ୍ୟତା କିପରି ଯାଞ୍ଚ କରାଗଲା—ଏହାର ଉତ୍ତର ବିଭାଗୀୟ ଟେଣ୍ଡର ଫାଇଲରୁ ମିଳିବ।

ଟେଣ୍ଡର ଦାଖଲ ସମୟରେ ପୂର୍ବ ଚୁକ୍ତି ବାତିଲ ସମ୍ପର୍କିତ ତଥ୍ୟ ଘୋଷଣା କରାଯାଇଥିଲା କି ? ବିଭାଗ ଏହାକୁ ଯାଞ୍ଚ କରିଥିଲା କି ? ବ୍ଲାକ୍‌ଲିଷ୍ଟ ଆଦେଶର ସେତେବେଳର ସ୍ଥିତି କ'ଣ ଥିଲା ?—ଏହି ସବୁ ଦସ୍ତାବିଜ ଆଧାରରେ ଯାଞ୍ଚ ହେବା ଆବଶ୍ୟକ। ହାଇକୋର୍ଟ ରାୟରେ ଟେଣ୍ଡର ଯୋଗ୍ୟତା ଓ ପୂର୍ବ ଚୁକ୍ତି ବାତିଲ ସମ୍ପର୍କିତ ନିୟମ ମଧ୍ୟ ଆଲୋଚିତ ହୋଇଛି। ସ୍ଥାନୀୟ ମହଲରେ ଠିକାଦାର ସଂସ୍ଥାର ଶାସକ ଦଳର ଜଣେ ପ୍ରଭାବଶାଳୀ ନେତାଙ୍କ ସହ ସମ୍ପର୍କ ଥିବା ଏବଂ ଏହାର ପ୍ରଭାବରେ ନିୟମ ଶିଥିଳ ହୋଇଥିବା ନେଇ ଚର୍ଚ୍ଚା ରହିଛି। ତେବେ ଏହି ଅଭିଯୋଗକୁ ସମର୍ଥନ କରୁଥିବା ସ୍ୱତନ୍ତ୍ର ପ୍ରମାଣ ଏଠାରେ ମିଳିନାହିଁ। ତେଣୁ ଏହାକୁ ପ୍ରମାଣିତ ତଥ୍ୟ ଭାବେ ନୁହେଁ, ତଦନ୍ତଯୋଗ୍ୟ ଅଭିଯୋଗ ଭାବେ ଦେଖିବା ଉଚିତ।

କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ବଡ଼ ନିଷ୍ପତ୍ତି

ତୋଳାଳିଙ୍କ ଖାତାକୁ ଗଲା ବୋନସ

ବରଗଡ଼(ଅମୃତ ମିଡିଆ): ପଦ୍ମପୁର କେନ୍ଦୁଲିଫ୍ ଡିଭିଜନ କାର୍ଯ୍ୟାଳୟ ପରିସରରେ କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକ ୱେଲଫେୟାର ବୋର୍ଡର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡିଏଫଓ ଶ୍ରୀ ବିଭୂତି ଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ପଦ୍ମପୁର ଡିଭିଜନରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ପରିବାର ପାଇଁ ବଡ଼ ନିଷ୍ପତ୍ତି ନିଆଯାଇଛି। ମୃତ୍ୟୁକାଳୀନ ସହାୟତା ବାବଦରେ ୬୨ ଜଣ କେନ୍ଦୁପତ୍ର ତୋଳାଳି, ୭ ଜଣ ସିଜିନାଲ କର୍ମଚାରୀ ଓ ଜଣେ ବନ୍ଧେଇ ଶ୍ରମିକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ, ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦୁପତ୍ର ତୋଳାଳିଙ୍କୁ

ସମ୍ପାଦକୀୟ...

କ୍ଷମତା ସଙ୍କୋଚନ

ପ୍ରତ୍ୟକ ଧାତୁ ଅବା ଦ୍ରବ୍ୟ ଯାହା ବି ହେଉ ନା କାହିଁକି ...ସବୁର ରହିଛି ଏକ ବିଶେଷ କ୍ଷମତା ନିଶ୍ଚିତରୂପେ ଏକ ବିଶେଷ କ୍ଷମତା ଯାହାର ଉପଯୋଗରେ ଧାତୁର କିଛି ବିଶେଷତ୍ୱ ପ୍ରତିପାଦନ ହୁଏ। ଅନ୍ୟଥା ଧାତୁ ଅବା ଦ୍ରବ୍ୟ ସେହିଭଳି ତା'ର ସାଧାରଣ ସ୍ଥିତିରେ ରହିଯାଏ। ରବର ବି ସେହିଭଳି ଏକ ଦ୍ରବ୍ୟ ଯାହାର ମଧ୍ୟ ରହିଛି ସେହିଭଳି କିଛି ବିଶେଷ ସଂକୋଚନ ଅବା ପ୍ରସାରଣ କ୍ଷମତା। ସମସ୍ତ ଧାତୁର ସେଭଳି କ୍ଷମତା ଥାଉ କି ନଥାଉ, ତେବେ ମଣିଷଙ୍କ ଠାରେ କିନ୍ତୁ ସେଭଳି କ୍ଷମତା ରହିବା ଦରକାର ଯାହାର ଉପଯୋଗ କରିବା ସମୟରେ ଅବା ପୂର୍ବରୁ ଯେଉପରେ ନଚେତ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ଅବସ୍ଥା ଉତ୍ପନ୍ନ ହୋଇପାରେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ମଧ୍ୟ କିଛି କ୍ଷମତା ରହିଛି। ଆମେରିକାର ପ୍ରଥମ ନାଗରିକ ଭାବରେ ସର୍ବାଧିକ ପ୍ରଶାସନିକ କ୍ଷମତାର ଅଧିକାରୀ ହେଉଛନ୍ତି ଡୋନାଲ୍ଡ ଟ୍ରମ୍ପ। ଏଠାରେ କହିବାର କଥା ହେଉଛି ଯେ ଟ୍ରମ୍ପଙ୍କ ଯେଉଁ ପ୍ରଶାସନିକ କ୍ଷମତା ରହିଛି, ସେ କେବଳ ତା'ର ସଂପ୍ରସାରଣ ବିଷୟରେ ଚିନ୍ତା କରୁଛନ୍ତି ଏବଂ ଆବଶ୍ୟକ ସ୍ଥଳେ ତା'ର ମାତ୍ରାଧିକ ପ୍ରୟୋଗ କରୁଛନ୍ତି ଯାହା କି କ୍ଷମତାର କେବଳ ଅପପ୍ରୟୋଗ ହୋଇପାରେ। ଇରାନ୍ ସହିତ ଯୁଦ୍ଧ ହେଉଛି ତା'ର ସଦ୍ୟ ଏକ ଉଦାହରଣ। ଫେବୃଆରୀ ମାସରୁ ଇରାନ୍ ସହିତ ଆମେରିକାର ଆରମ୍ଭ ହୋଇଥିବା ଯୁଦ୍ଧ ଯାହାକି ଏବେ ବି ଜାରି ରହିଛି , ମଝିରେ ମଝିରେ କେବଳ ସାମୟିକ ଅସ୍ତ୍ରବିରତି ଯାହା, ତାହା ବି ନାମକୁ ମାତ୍ର। ସକାଳେ ଅସ୍ତ୍ରବିରତି , ସନ୍ଧ୍ୟାରେ ପୁନଃ ଯୁଦ୍ଧଧମକ। ଇଏ କିଭଳିଆ ନୀତି। ଟ୍ରମ୍ପଙ୍କ କ୍ଷମତାର ନୁହେଁ କି ଏହା ଅଯଥା ବ୍ୟବହାର ଯାହା କି ବିଶ୍ୱ ଦରବାରରେ ନିନ୍ଦିତ କରୁଛି ଆମେରିକାକୁ। ତଥାପି ବୁଝୁନି ଆମେରିକା ! ଆମେରିକା ତ ବୁଝୁଛି ହେଲେ ବୁଝୁନାହାଁନ୍ତି ଟ୍ରମ୍ପ। ଏବେ ଟ୍ରମ୍ପ କହିଲେ କେବଳ ଆମେରିକାକୁ ବୁଝାଉଛି। କାରଣ ଆମେରିକାରେ ସର୍ବୋଚ୍ଚ କ୍ଷମତାଶାଳୀ ହେଉଛନ୍ତି ଟ୍ରମ୍ପ ଯେ କି ଆମେରିକାର ରାଷ୍ଟ୍ରପତି ପଦରେ ଅଭିଷିକ୍ତ। ସେଇଥିପାଇଁ ତ ତାଙ୍କର ଏତେ ବହପ, ସେଇଥିପାଇଁ ତ ତାଙ୍କର ଏତେ ପ୍ରଭୁତ କ୍ଷମତା ଯାହା ତାଙ୍କୁ ପ୍ରଦାନ କରିଛି ଆମେରିକାର ସନ୍ଧିଧାନ ହେଲେ ଅନେକ ସମୟରେ ଟ୍ରମ୍ପ ତାଙ୍କ କ୍ଷମତାର ବହୁତ ଅପବ୍ୟବହାର କରିଛନ୍ତି ଯାହାର ବହୁତ ସମୟରେ ବିଭିନ୍ନ ଉଦାହରଣ ଦିଆଯାଇପାରେ। ତେବେ ସଦ୍ୟ ଉଦାହରଣ ହେଉଛି ଇରାନ ଉପରେ ହମ୍‌ଲା। ତଥାପି ଅବୁଝା ଆମେରିକା, ଅମାନିଆ ଆମେରିକା। କେବେ ବୁଝିବ, କେବେ ହେଳିବ ? ଏବେ କିନ୍ତୁ ଲଗାମ୍ ଲାଗିବ ଟ୍ରମ୍ପଙ୍କ୍ ଉପରେ। ସଙ୍କୁଚିତ ହେବ ତାଙ୍କର କ୍ଷମତା। ସେ ଆଉ କରିପାରିବେ ନାହିଁ ତାଙ୍କ୍ କ୍ଷମତାର ଅଯଥା ସମ୍ପ୍ରସାରଣ। ସେ ଆଉ ମନଇଚ୍ଛା ଯୁଦ୍ଧ ସମ୍ବନ୍ଧିତ ସେଭଳି କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ । ଏବେ ଆମେରିକାର ପ୍ରତିନିଧି ସଭା ଅବା ନିମ୍ନ ସଦନରେ ସେହିଭଳି ଏକ ପ୍ରସ୍ତାବ ପାରିତ ହୋଇଛି ।ଏହାକୁ ଟ୍ରମ୍ପଙ୍କ୍ ଇରାନ୍ ଯୁଦ୍ଧନୀତିକୁ ଏକ ଶକ୍ତ ଧକ୍‌କା ବୋଲି ବିବେଚନା କରାଯାଉଛି। ତେବେ ଆମେରିକାର ନିମ୍ନ ସଦନ ବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭରେ ଟ୍ରମ୍ପଙ୍କ କ୍ଷମତା ସଂକୋଚନ ଉପରେ ବିଲ୍ ତ ପାସ୍ ହୋଇଛି ତେବେ ତାହାକୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରିବା ପାଇଁ ଦରକାର ଅପର୍ ହାଉସ୍‌ରେ ବି ବିଲ୍ ପାସ୍ ହେବା ଦରକାର। ତାହା ବି ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଶେଷରେ ସର୍ବୋଚ୍ଚ ପଦବୀଧାରୀ ଅର୍ଥାତ୍ ରାଷ୍ଟ୍ର ମୁଖ୍ୟଙ୍କର ବି ଦରକାର ଅନୁମୋଦନ ଯାହାକି ନିର୍ଭର କରେ ଟ୍ରମ୍ପଙ୍କ ଉପରେ। ତେବେ ତାଙ୍କର ବିନା ଅନୁମୋଦନରେ ବିଲ୍ ହୁଏତ ପାସ୍ ନ ହୋଇପାରେ ହେଲେ ଆଗାମୀ ସମୟରେ ସେଭଳି ସମୟ ନିଶ୍ଚିତ ଆସିବ ଅବା ସେଭଳି କିଛି ଗମ୍ଭୀର ପରିସ୍ଥିତି ସୃଷ୍ଟି ହେବ ନିଶ୍ଚୟ ଯାହାକି ଆମେରିକାର ଶାସନମୁଖ୍ୟ , ଆମେରିକାର ସର୍ବୋଚ୍ଚ ନେତା , ଆମେରିକାର ରାଷ୍ଟ୍ରପତିଙ୍କୁ ବାଧ କରିବ ସେହି ବିବାଦୀୟ ବିଲ୍ ଉପରେ ନିଜର ସକାରାତ୍ମକ ମୋହର ମାରିବା ପାଇଁ ଯାହାକି ଆଗାମୀ ସମୟରେ ଆମେରିକାରେ ରାଷ୍ଟ୍ରପତିଙ୍କ ଅପର୍ଯ୍ୟାପ୍ତ କ୍ଷମତା ଏବଂ ଅନାବଶ୍ୟକ କ୍ଷମତା ହ୍ରାସ କରିବାରେ ନିଶ୍ଚିତରୂପେ ସହାୟକ ହୋଇପାରିବ। ସେପରି ମଧ୍ୟ ହେବା ଦରକାର ନଚେତ ପଶ୍ଚିମୀ ସଭ୍ୟତାରେ ଦିନକୁ ଦିନ ବୃଦ୍ଧି ପାଉଥିବା କ୍ଷମତାର ଅସଦବ୍ୟବହାର ଆଗାମୀ ସମୟରେ ଧୀରେ ଧୀରେ ଆହୁରି ଉଗ୍ରରୂପ ଧାରଣ କରିପାରେ ଯାହାକି ସାରା ବିଶ୍ୱ ପାଇଁ ସୃଷ୍ଟି କରିପାରେ ଏକ ଅପ୍ରତ୍ୟଶିତ ବିପଦ।

ଜ୍ଞାନାମୃତ

ଅଭିପ୍ରାୟ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜଣେକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ମଧ୍ୟ ପ୍ରୀତ ହୋଇଗଲେ ଏବଂ ଅତି ସହଜରେ ବୁଝିଯାଇଥିଲେ ତାଙ୍କ ମନର ଭିତିରି କଥା।

ପୌରାଣିକ କିମ୍ବଦନ୍ତୀରେ ଜନ୍ମାଷ୍ଟମୀ ଓ କୃଷ୍ଣଙ୍କ ଅନନ୍ତ ଜୀବନଦର୍ଶନ

ସୁବ୍ରତ କୁମାର ଦାସ

ଭାରତୀୟ ସଂସ୍କୃତିର ବିଶାଳ ଆକାଶରେ କେତେ ଯେ ପର୍ବପର୍ବାଣିର ଝଲମଲ କରେ, ସେଥିମଧ୍ୟରୁ ଜନ୍ମାଷ୍ଟମୀ ଏକ ଅନନ୍ୟ ଆଲୋକର ନାମ। ଏହା କେବଳ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ନୁହେଁ; ଏହା ଅନ୍ୟାୟ ଉପରେ ନ୍ୟାୟର, ଅଧର୍ମ ଉପରେ ଧର୍ମର ଏବଂ ଅନ୍ଧକାର ଉପରେ ଆଲୋକର ବିଜୟର ଏକ ଚିରନ୍ତନ ପ୍ରତୀକ। ଭାଦ୍ରବ ମାସର କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳିତ ଏହି ପବିତ୍ର ପର୍ବ ଭକ୍ତି, ଆଧ୍ୟାତ୍ମିକତା ଓ ମାନବିକ ଚେତନାର ଏକ ମହାମିଳନ ଅଟେ।

ପୌରାଣିକ କଥା ଅନୁସାରେ ମଥୁରାର ରାଜା କଂସ ଥିଲେ ଅତ୍ୟାଚାରୀ ଓ ନିର୍ଦ୍ଦୟ। ଭଉଣୀ ଦେବକୀଙ୍କ ବିବାହ ସମୟରେ ଏକ ଦୈବବାଣୀ ତାଙ୍କୁ ସୂଚନା ଦେଇଥିଲା ଯେ, ଦେବକୀଙ୍କ ଅଷ୍ଟମ ସନ୍ତାନ ହିଁ ତାଙ୍କ ମୃତ୍ୟୁର କାରଣ ହେବ। ଭୟରେ ବିବେକ ହରାଇ କଂସ ଦେବକୀ ଓ ତାଙ୍କ ସ୍ୱାମୀ ବସୁଦେବଙ୍କୁ କାରାଗାରରେ ବନ୍ଦୀ କରିଥିଲେ। ଦେବକୀଙ୍କ ପ୍ରଥମ ସାତ ସନ୍ତାନଙ୍କୁ ସେ ହତ୍ୟା କରିଥିଲେ।

ଶେଷରେ ଆସିଲା ସେହି ଅପେକ୍ଷିତ ରାତି। ଘନ ଅନ୍ଧକାର, ନିଶୀଥର ନିରବତା ଓ କାରାଗାରର ନିରାଶା ମଧ୍ୟରେ ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ହେଲା। ପୁରାଣରେ ବର୍ଣ୍ଣିତ ଅଛି, ତାଙ୍କ ଜନ୍ମ ସହିତ କାରାଗାରର ଦ୍ୱାର ଖୋଲିଗଲା, ପ୍ରହରୀ ମାନେ ନିଦ୍ରାବସ୍ଥା କୁ ଚାଲିଗଲେ ଏବଂ ବସୁଦେବ ଶିଶୁକୃଷ୍ଣଙ୍କୁ ନେଇ ଯମୁନା ପାର ହୋଇ ଗୋକୁଳରେ ନନ୍ଦ-ଯଶୋଦାଙ୍କ ନିକଟରେ ପହଞ୍ଚିଲେ।

ଏହି କାହାଣୀ କେବଳ ଏକ ପୌରାଣିକ କିମ୍ବଦନ୍ତୀ ନୁହେଁ; ଏହାର ମଧ୍ୟରେ ଲୁଚିଛି ଏକ ଗଭୀର ଜୀବନସତ୍ୟ। ଅନ୍ଧକାର ଯେତେ ଘନ ହେଉ, ଆଲୋକର ଜନ୍ମକୁ କେହି ଅଟକାଇ ପାରିବେ ନାହିଁ।

କୃଷ୍ଣ—ଜୀବନର ଅନେକ ରୂପର ଏକ ନାମ ।

ଶ୍ରୀକୃଷ୍ଣଙ୍କ ଜୀବନ ଏକ ବିରାଟ ଦର୍ପଣ ପରି। ସେଥିରେ ମଣିଷ ନିଜ ଜୀବନର ଅନେକ ରୂପ ଦେଖିପାରେ। ସେ ଯଶୋଦାଙ୍କ ଦୁଷ୍ଟୁ ନନ୍ଦନ, ଗୋପାଳଙ୍କ ସାଥୀ, ଗୋପୀମାନଙ୍କ ପ୍ରିୟ, ଅର୍ଜୁନଙ୍କ ସାରଥୀ ଏବଂ ମହାଭାରତର ମହାନ ନୀତିଦର୍ଶୀ।

ତାଙ୍କ ହାତରେ ଯେପରି ବଂଶୀ ଥିଲା, ସେହିପରି ଅନ୍ୟାୟ ବିରୋଧରେ ଥିଲା ସୁଦର୍ଶନ ଚକ୍ର। ବଂଶୀ ଆମକୁ ପ୍ରେମ, ସୌନ୍ଦର୍ଯ୍ୟ ଓ ସମନ୍ୱୟର ଶିକ୍ଷା ଦିଏ; ସୁଦର୍ଶନ ଆମକୁ ଅନ୍ୟାୟ ବିରୋଧରେ ସାହସର ଶିକ୍ଷା ଦିଏ। ଏହି ଦୁଇଟିର ସମନ୍ୱୟ ହିଁ କୃଷ୍ଣଙ୍କ ବ୍ୟକ୍ତିତ୍ୱକୁ ଅନନ୍ୟ କରିଛି।

ଗୀତାରେ ଜୀବନର ମହାମନ୍ତ୍ର ରଚନା କରାଯାଇଛି। କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନ ଯେତେବେଳେ କର୍ତ୍ତବ୍ୟ ଓ ମୋହ ମଧ୍ୟରେ ଦ୍ୱନ୍ଦ୍ୱରେ ପଡ଼ିଥିଲେ, ସେତେବେଳେ କୃଷ୍ଣ ତାଙ୍କୁ ଯେ ଜ୍ଞାନ ଦେଇଥିଲେ, ତାହା ଆଜି 'ଶ୍ରୀମଦ୍ ଭଗବତ୍ ଗୀତା' ନାମରେ ସମଗ୍ର ବିଶ୍ୱରେ ପରିଚିତ। ଗୀତାର ମୂଳ ବାର୍ତ୍ତା— ନିଜ କର୍ତ୍ତବ୍ୟ କର, କର୍ମରେ ନିଷ୍ଠା ରଖ ଏବଂ ଫଳ ପ୍ରତି ଅତ୍ୟଧିକ ଆସକ୍ତ ହୁଅ ନାହିଁ।

ଆଜିର ଅତ୍ୟଧିକ ପ୍ରତିଯୋଗିତାମୟ ଜୀବନରେ ଏହି ଶିକ୍ଷାର ମୂଲ୍ୟ ଅସୀମ। ସଫଳତା ପାଇବାର ଦୌଡ଼ରେ ମଣିଷ ଯେତେବେଳେ ଚିନ୍ତା, ଅସନ୍ତୋଷ ଓ ଅସ୍ଥିରତାରେ ଜର୍ଜରିତ, ସେତେବେଳେ କୃଷ୍ଣଙ୍କ କର୍ମଯୋଗ ତାକୁ ମନେ ପକାଇଦିଏ, କର୍ମ ଆମ ହାତରେ, ଫଳ ସବୁବେଳେ ଆମ ହାତରେ ନଥାଏ।

ଓଡ଼ିଶାରେ ଜନ୍ମାଷ୍ଟମୀର ଭକ୍ତିମୟ ପରମ୍ପରା ଅନନ୍ୟ । ଶ୍ରୀଜଗନ୍ନାଥ ସଂସ୍କୃତିର ମାଟି ଓଡ଼ିଶାରେ କୃଷ୍ଣ ଚେତନାର ଏକ ସ୍ୱତନ୍ତ୍ର ଭାବଧାରା ରହିଛି। ଜନ୍ମାଷ୍ଟମୀ ଅବସରରେ ରାଜ୍ୟର ବିଭିନ୍ନ ମନ୍ଦିର ଓ ମଠରେ ଭଜନ, କୀର୍ତ୍ତନ, ଭାଗବତ ପାଠ, ପ୍ରବଚନ ଓ କୃଷ୍ଣଲୀଳାର ଆୟୋଜନ ହୁଏ।

ଘରେ ଘରେ ବାଳଗୋପାଳଙ୍କ ପାଇଁ ଦୋଳି ସଜାଯାଏ। ଶିଶୁମାନଙ୍କୁ କୃଷ୍ଣ ଓ ରାଧାଙ୍କ ବେଶରେ ସଜାଯାଏ। ମଧ୍ୟରାତ୍ରିରେ ଶ୍ରୀକୃଷ୍ଣଙ୍କ ଜନ୍ମ ସମୟରେ ଶଙ୍ଖ, ଘଣ୍ଟ ଓ ହରିନାମ ଧ୍ୱନିରେ ମନ୍ଦିର ଓ ଘରର ପରିବେଶ ଭକ୍ତିମୟ ହୋଇଉଠେ। ଉପବାସ, ପୂଜା, ଭୋଗ ଓ ନାମସଙ୍କୀର୍ତ୍ତନ ମାଧ୍ୟମରେ ଭକ୍ତମାନେ ଏହି ପବିତ୍ର ତିଥିକୁ ପାଳନ କରନ୍ତି।ଏହା କେବଳ ଧାର୍ମିକ ପରମ୍ପରା ନୁହେଁ; ଏହା ଆମ ସାଂସ୍କୃତିକ ସୃତିର ମଧ୍ୟ ଏକ ଉତ୍ସବ।ଅଟେ।

ଆଜିର ସମାଜରେ କୃଷ୍ଣଙ୍କ ପ୍ରାସଙ୍ଗିକତା କହିଲେ, ଯଦିଓ ଆଜି ବିଜ୍ଞାନ ଓ ପ୍ରଯୁକ୍ତି ମଣିଷକୁ ଅନେକ ଦୂର

ନେଇଯାଇଛି, କିନ୍ତୁ ମଣିଷର ମନ ଭିତରେ ଅନେକ ଅଶାନ୍ତି ରହିଯାଇଛି। ଘୃଣା, ହିଂସା, ଲୋଭ, ଅହଂକାର ଓ ସ୍ୱାର୍ଥର ଅନ୍ଧକାର ଆଜି ମଧ୍ୟ ସମାଜକୁ ଆକ୍ରାନ୍ତ କରୁଛି। ଏହି ପରିସ୍ଥିତିରେ କୃଷ୍ଣଙ୍କ ବାର୍ତ୍ତା ଆମକୁ ନୂଆ ଦିଗ ଦେଇପାରେ। ପ୍ରେମ ମାଧ୍ୟମରେ ମଣିଷକୁ ଜିତିବା, ଅନ୍ୟାୟ ବିରୋଧରେ ଠିଆ ହେବା, କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ ରହିବା ଓ ମୋହରୁ ଊର୍ଦ୍ଧ୍ୱକୁ ଉଠି ସତ୍ୟକୁ ଚିହ୍ନିବା—ଏହି ଶିକ୍ଷା ଗୁଡ଼ିକ ଆଜି ମଧ୍ୟ ସମାନ ଭାବେ ଜୀବନ୍ତ ଅଟେ। ସେଥିପାଇଁ ଜନ୍ମାଷ୍ଟମୀର ପ୍ରକୃତ ଅର୍ଥ କେବଳ କୃଷ୍ଣଙ୍କ ଜନ୍ମକୁ ସ୍ମରଣ କରିବା ନୁହେଁ; ନିଜ ମନ ଭିତରେ ଥିବା ଅନ୍ଧକାରକୁ ଚିହ୍ନି ତାହାକୁ ଆଲୋକରେ ପରିଣତ କରିବା।

ଯେତେବେଳେ ଆମ ମନରୁ ଅହଂକାର ଦୂର ହୁଏ, ସେତେବେଳେ କୃଷ୍ଣ ଜନ୍ମ ନିଅନ୍ତି। ଯେତେବେଳେ ଘୃଣାର ସ୍ଥାନରେ ପ୍ରେମ ସୃଷ୍ଟି ହୁଏ, ସେତେବେଳେ କୃଷ୍ଣ ଜନ୍ମ ନିଅନ୍ତି। ଯେତେବେଳେ ଅନ୍ୟାୟ ଆଗରେ ଆମେ ନିରବ ନରହି ସତ୍ୟ ପାଇଁ ଠିଆ ହୁଅନ୍ତି, ସେତେବେଳେ କୃଷ୍ଣ ଜନ୍ମ ନିଅନ୍ତି।

କାରାଗାରର ଘନ ଅନ୍ଧକାରରୁ ଆରମ୍ଭ ହୋଇଥିବା କୃଷ୍ଣଙ୍କ ଯାତ୍ରା ଆଜି ମଧ୍ୟ ମଣିଷ ହୃଦୟରେ ଆଲୋକର ଦୀପ ଜଳାଉଛି। ତେଣୁ ଜନ୍ମାଷ୍ଟମୀ କେବଳ ଏକ ପର୍ବ ନୁହେଁ ଏହା ନିଜକୁ ନୂଆ କରି ଗଢ଼ିବାର ଏକ ଅବସର।

ତେବେ,ଏହି ଜନ୍ମାଷ୍ଟମୀରେ ମନ୍ଦିରରେ ଦୀପ ଜଳାଇବା ସହ ନିଜ ମନରେ ମଧ୍ୟ ଏକ ଦୀପ ଜଳାଇବା। ଯେଉଁ ଦୀପର ଆଲୋକରେ ଅହଂକାର ହାରିବ, ଘୃଣା ହଟିବ, ଅନ୍ୟାୟ ନିର୍ବାକ ହେବ ଏବଂ ମାନବିକତାର କୃଷ୍ଣ ଆମ ଭିତରେ ଜନ୍ମ ନେବେ।ଏହାହିଁ ହେବ ପବିତ୍ର ଜନ୍ମାଷ୍ଟମୀର ସାର୍ଥକତା।

ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ ।
ମୋ:୯୪୩୭୩୩୧୯୦୩

ଜେପିରୁ ଜେନ୍-ଜି ଆନ୍ଦୋଳନ ପର୍ଯ୍ୟନ୍ତ

ଅଧ୍ୟାପକ ଗୋପବନ୍ଧୁ

ନିକଟ ଅତୀତରେ ଦିଲ୍ଲୀର ଜନ୍ତରମନ୍ତରଠାରେ ଅନୁଷ୍ଠିତ ହୋଇଥିବା ଛାତ୍ର ଆନ୍ଦୋଳନ ମନେପକାଇ ଦେଇଛି ୧୯୭୪ ମସିହା ବିହାରରେ ସଂଗଠିତ ହୋଇଥିବା ଭ୍ରଷ୍ଟାଚାର ବିରୋଧୀ ଛାତ୍ର ଆନ୍ଦୋଳନ। ଯାହା ସେ ସମୟରେ ଦେଶର ଅନେକ ରାଜ୍ୟକୁ ବ୍ୟାପି ଯାଇଥିଲା। ଏ ଆନ୍ଦୋଳନ ଭ୍ରଷ୍ଟାଚାରର ଅନ୍ତ, ବେକାରୀ ସମସ୍ୟାର ସମାଧାନ ଓ ବ୍ୟବସ୍ଥା ପରିବର୍ତ୍ତନକୁ ନେଇ ମୁଣ୍ଡ ଟେକିଥିଲା। ଗୁଜରାଟରୁ ଆରମ୍ଭ ହୋଇଥିବା ଛାତ୍ର-ଯୁବ ଆନ୍ଦୋଳନର ନେତୃତ୍ୱ ପର୍ଯ୍ୟାୟକ୍ରମେ ଲୋକନାୟକ ଜୟପ୍ରକାଶ ନାରାୟଣ (ଜେପି)ଙ୍କ ହାତକୁ ଆସିଥିଲା। ଆନ୍ଦୋଳନ ଚାପରେ ତତକାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଚାରିଆଡ଼େ ଦମନଲୀଳା ଚାଲିଲା ଓ ବିରୋଧୀ ନେତାମାନଙ୍କୁ ଜେଲରେ ପୁରାଗଲା। ଏହା ସୁଯୋଗ ସୃଷ୍ଟିକଲା ସମସ୍ତ ବିରୋଧୀ ନେତାଙ୍କୁ ଏକତ୍ରୀତ କରିବାରେ। ଲୋକନାୟକ ଜୟପ୍ରକାଶଙ୍କ ନେତୃତ୍ୱରେ ଗଠିତ ହେଲା ଜନତା ପାର୍ଟି ଓ ଏହା ୧୯୭୭ ମସିହା ନିର୍ବାଚନରେ ସମ୍ପୂର୍ଣ୍ଣ ବହୁମତ ନେଇ କ୍ଷମତାକୁ ଆସିଥିଲା। ଏହା ଏକ ପ୍ରକାର ବର୍ତ୍ତମାନ ତୁଲ୍ୟ ଜେନ୍-ଜି ଆନ୍ଦୋଳନ ଥିଲା।

ଏହାପରେ ତାମିଲନାଡୁରେ ୧୯୬୫ ମସିହାର ହିନ୍ଦି ବିରୋଧି ଛାତ୍ର ଆନ୍ଦୋଳନ, ଆସାମରେ ଛାତ୍ର ଆନ୍ଦୋଳନ ୧୯୭୯ ରୁ ୧୯୮୫, ତତ୍‌କାଳୀନ ବିହାରର ଅଲ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିୟନ(ଆଜସୁ) ଆନ୍ଦୋଳନ, ୧୯୯୦ ରେ ମଣ୍ଡଳ ବିରୋଧୀ ଛାତ୍ର ଆନ୍ଦୋଳନ ପ୍ରଭୃତି ଅନୁଷ୍ଠିତ ହୋଇଛି। ଜନ୍ତରମନ୍ତର ଆନ୍ଦୋଳନ ପରେ ଝାଡ଼ଖଣ୍ଡର ରାଞ୍ଚିଠାରେ ପରୀକ୍ଷା ଓ ନିଯୁକ୍ତିରେ ହେରଫେରକୁ ନେଇ ଛାତ୍ର ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ବିହାରର ପାଟନାରେ ମଧ୍ୟ ଛାତ୍ର ଆନ୍ଦୋଳନ ଚାଲିଛି। ଅନୁଷ୍ଠିତ ସମସ୍ତ ଛାତ୍ର ଆନ୍ଦୋଳନ

ନୀଳଗିରି କଲେଜ କୋମାରେ କ୍ରୀଡା ଭିତ୍ତିଭୂମି,ସରକାର ପିଟୁଛନ୍ତି ବିକାଶର ଡିଣ୍ଡିମ

ନୀଳଗିରି (ଅମୃତ ମିଡିଆ) : ପ୍ରତ୍ୟେକ ମହାବିଦ୍ୟାଳୟ ଗୁଡିକରେ ପାଠ ପଢିବା ସହିତ ଶାରିରୀକ ଦୃଷ୍ଟିରୁ ନିଜକୁ ସୁସ୍ଥ ସବଳ ରଖିବା ପାଇଁ ପୂର୍ବ ସରକାରଙ୍କ ସମୟରେ ପ୍ରତ୍ୟକ ମହାବିଦ୍ୟାଳୟରେ ଗୋଟିଏ ଗୋଟିଏ ବ୍ୟାୟାମଶାଳା (ଜିମ୍) ଖୋଲାଯାଇଥିଲା। ନୀଳଗିରି କଲେଜରେ ମଧ୍ୟ ଗୋଟିଏ ଜିମର ବ୍ୟବସ୍ଥା ରହିଛି।ହେଲେ ବିଡମ୍ବନାର ବିଷୟ ତାହା ଏବେ ଅଚଳ ହୋଇ ପଡିରହିଛି। ଦୀର୍ଘ ତିନି ବର୍ଷ ହେବ ଜିମ ଘର କବାଟରେ ତାଲା ଝୁଲିଛି। ପର୍ଯ୍ୟାୟ କ୍ରମେ ସରକାରଙ୍କ ପାଣ୍ଠିରୁ ୪ ରୁ ୫ ଲକ୍ଷ ଟଙ୍କା ଅନୁଦାନ ଆସି ଏହି ଜିମଟି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣା ଅଭାବ ଓ ଜିମ୍ ପରିଚାଳିତ ହେଉ ନଥିବା କାରଣରୁ ଜିମ ଯନ୍ତ୍ରାଂଶ ଗୁଡ଼ିକରେ ଜଙ୍କ ଲାଗିବା ସହ ମୂଷାମାନେ ଯନ୍ତ୍ରାଂଶର ତାର ଗୁଡିକୁ କାଟି ଛିଡାଇଦେଇଛନ୍ତି । ପୂର୍ବତନ ଛାତ୍ରଛାତ୍ରୀ ଙ୍କ କହିବା ଅନୁଯାୟୀ ଆଗରୁ ମଧ୍ୟ ୯୦ ପ୍ରତିଶତ ସମୟ ଜିମରେ ତାଲା ପଡିଥାଏ,ଅଧିକାଂଶ ଛାତ୍ରଛାତ୍ରୀ ଜିମ୍ କେଉଁଠାରେ ଅଛି ତାହା ମଧ୍ୟ ଜାଣିନାହାନ୍ତି। ସେହିପରି କେବଳ ପାଠ ନୁହେଁ କ୍ରୀଡା ଦିଗରେ ଛାତ୍ରଛାତ୍ରୀ ଅଗ୍ରଗତି କରିବା ପାଇଁ କ୍ରୀଡାକୁ ମଧ୍ୟ ରାଜ୍ୟ ସରକାର ପ୍ରଧାନ୍ୟ ଦେଉଛନ୍ତି। ସେଥିନିମନ୍ତେ ଇଣ୍ଟର କଲେଜ,ଇଣ୍ଟର ୟୁନିଭରସିଟି ,ଖେଲୋ ଇଣ୍ଡିଆ ଭଳି ପ୍ରତିଯୋଗିତାରେ ଆଗ୍ରହୀ ଛାତ୍ରଛାତ୍ରୀ ମାନେ ଯୋଗଦେବା ପାଇଁ ରାଜ୍ୟ ସରକାର ସୂଚନା ମଧ୍ୟ ପ୍ରଦାନ କରିଛନ୍ତି। ହେଲେ ନୀଳଗିରି କଲେଜରେ ଖେଳ ପଡିଆ ରହିଛି,ଖେଳ ଉପକରଣ ରହିଛି ହେଲେ ଖେଳ ହୋଇପାରୁନାହିଁ।୨୦୨୫ ମସିହା ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀଳଗିରି ଗସ୍ତରେ ଆସିଥିଲେ । ଫଳରେ ନୀଳଗିରି ମହାବିଦ୍ୟାଳୟ ପରିସରରେ ଥିବା ଖେଳପଡିଆ ମଝିରେ ଏକ ହେଲିପ୍ୟାଡ ପ୍ରସ୍ତୁତ ହୋଇଥିଲା। ହେଲେ ଏହାକୁ ୯ ମାସ ବିତିଥିଲେ ମଧ୍ୟ ଏଯାବତ ହେଲିପ୍ୟାଡକୁ ଖେଳ ପଡିଆରୁ ହଟାଯାଇନାହିଁ । ଫଳରେ ଖେଳପଡିଆରେ ସମ୍ପୂର୍ଣ୍ଣ ଖେଳ ବନ୍ଦ ହୋଇରହିଛି । ଅପରପକ୍ଷରେ କଲେଜ କତୃପକ୍ଷଙ୍କ ପକ୍ଷରୁ ଖେଳ ପଡିଆକୁ ସଫା କରାନଯାଉଥିବାରୁ ଖେଳ ପଡିଆରେ ଆଣ୍ଠୁଏ ଉଚ୍ଚର ଘାସ ଉଠିବା ସହ ତାହା କ୍ଷୁଦ୍ର ବଣର ଭ୍ରମ ସୃଷ୍ଟି କରୁଛି । ସେହିପରି ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ କଲେଜରେ କୌଣସି ପିଇଟି ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀ ପ୍ରଶିକ୍ଷଣରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ନୀଳଗିରି କଲେଜରେ କ୍ରିକେଟ ,ଭଲି,ଫୁଟବଲ,କବାଡି ଆଦି ଖେଳରେ ଉତ୍ତମ ଖେଳାଳୀ ମାନେ ରହିଥିଲେ ମଧ୍ୟ ପ୍ରଶିକ୍ଷଣ ଅଭାବରୁ ଛାତ୍ରଛାତ୍ରୀ ମାନେ କୌଣସି ପ୍ରତିଯୋଗିତାରେ ଭାଗ ନେଇପାରୁନାହାନ୍ତି। ସେହିପରି ବାସ୍କେଟବଲ୍ କୋର୍ଟରେ ନେଟ୍ ଗୁଡିକ ଭାଙ୍ଗିବା ସହ କୋର୍ଟ ମଝିରେ କଲେଜ କାର୍ଯ୍ୟ ନିମଓ୍ତେ ଆସିଥିବା ବାଲି ଓ ଚିପ୍ସ ରଖାଯାଇଛି। ତେବେ କ୍ରୀଡା ଦିବସରେ କ୍ରୀଡାକୁ ନେଇ ଆମେ ଆଗଉଥିବା ବୋଲି କହୁଥିବା ବେଳେ ନୀଳଗିରିର ଏ ଚିତ୍ର ସ୍ପଷ୍ଟ ବୟାନ କରୁଛି ଆମେ କ୍ରୀଡା କ୍ଷେତ୍ରରେ ଆଗକୁ ଯାଇଛି । ଏ ନେଇ କଲେଜ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କୁ ପଚାରିବାରୁ ପିଇଟି ଶିକ୍ଷକ ନାହାନ୍ତି ପ୍ରଶିକ୍ଷଣ କିଏ ଦେବେ ଏ ନେଇ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଲେଖାଯାଇଛି,ବାକି ରହିଲା ଖେଳ ପଡିଆ କଥା ବର୍ଷା ଲାଗି ରହିଥିବାରୁ ସଫା କାର୍ଯ୍ୟ ଅଟକିଛି ତୁରନ୍ତ ସେଗୁଡିକୁ ସଫା କରାଯିବ ବୋଲି କହିଛନ୍ତି।

ଡ଼ାକ୍ତର ଅଭାବ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ କଂଗ୍ରେସ ପକ୍ଷରୁ ଧାରଣା

ଖଣ୍ଡପଡା (ଅମୃତ ମିଡ଼ିଆ) : ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡ଼ାକ୍ତର ଅଭାବ ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିରୁଦ୍ଧରେ ପ୍ରତିକାର ଦାବି କରି ଖଣ୍ଡପଡ଼ା ନଗର କଂଗ୍ରେସ ପକ୍ଷରୁ ପ୍ରତିକ ଧାରଣା ଆରମ୍ଭ ହୋଇଥିବା ଜଣାପଡ଼ିଛି। ସେପ୍ଟେମ୍ବର ମାସ ୧ ତାରିଖ ମଙ୍ଗଳବାର ପୂର୍ବାହ୍ନରୁ ଆରମ୍ଭ ହୋଇଥିବା ଉକ୍ତ ପ୍ରତିକ ଧାରଣା ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଭାବରେ ନଗର କଂଗ୍ରେସ ସଭାପତି ସଂ'ାଷ କୁମାର ସାହୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଜଣାଯାଇଛି। ଏହି ଧାରଣାକୁ ସମର୍ଥନ ଜଣାଇ ଖଣ୍ଡପଡ଼ା ସହର ୧ନଂ ୱାର୍ଡ଼ର କାଉନ୍ସିଲର ସରୋଜ ପ୍ରଧାନ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂଗଠକ ଅମରେନ୍ଦ୍ର ମିଶ୍ର, ସୟ ପ୍ରଧାନ, ଗୋପାଳ ମହାପାତ୍ରଙ୍କ ସମେତ ଅନ୍ୟମାନେ ସାମିଲ୍ ହୋଇଥିବାର ଦେଖାଯାଇଛି। ଖଣ୍ଡପଡ଼। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଦାସର୍ବଦା ଡ଼ାକ୍ତରଙ୍କ ଅଭାବ ପରିଲିକ୍ଷିତ ହେଉଥିବାରୁ ଜରୁରୀ କାଳୀନ ପରିସ୍ଥିତିରେ ଅଂଚଳବାସୀ ସ୍ୱାସ୍ଥ୍ୟସେବା ପରି ମୌଳିକ ସେବାରୁ ବଂଚିତ ହୋଇ ଆସୁଥିବା ଅଭିଯୋଗ ହେଉଛି। ଏପରିକି ବାରମ୍ବାର ଦାବି ସତ୍ୱେ ମଧ୍ୟ ସମସ୍ୟାର ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ପ୍ରବଳ ଅସଂ'ାଷ ପ୍ରକାଶ ପାଉଛି। କ୍ରମାଗତ ଭାବେ ସ୍ୱାସ୍ଥ୍ୟବିଭାଗ ଉଚ୍ଚ କର୍ତୃପକ୍ଷଙ୍କ ଅଣଦେଖା ଓ ଜିଲ୍ଲା ମୁଖ୍ୟ ଚିକିସାଧିକାରୀଙ୍କ ଅପାରଗତା ଯୋଗୁଁ ଖଣ୍ଡପଡ଼ାବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହୋଇଆସୁଛଁ। ଏହି ଅସୁବିଧା ଗୁଡ଼ିକ ପ୍ରତିବାଦରେ ନଗର କଂଗ୍ରେସ ଦଳର କର୍ମୀ ଓ ସଂଗଠକମାନେ ଆନ୍ଦୋଳନକୁ ଓହ୍ଲାଇ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଶାଂପୂର୍ଣ୍ଣ ଧାରଣା ଆରମ୍ଭ କରିଥିବା ବେଳେ ସେମାନଙ୍କର ଦାବି ପୂରଣ ହେବା ପର୍ଯ୍ୟଂ ଏହି ଧାରଣା ଚାଲୁ ରହିବ ବୋଲି ସମ୍ପୃକ୍ତ କର୍ମୀମାନେ ଗଣମାଧ୍ୟମକୁ ଜଣାଇଛନ୍ତି ।

ମହିଳାଙ୍କୁ ବନ୍ଧୁକଦେଖାଇ ଲୁଟିଲେ,ମହିଳାଙ୍କ ପ୍ରତିଆକ୍ରମଣରେ ଭାଙ୍ଗିଲା ଖେଳନା ବନ୍ଧୁକ

ନୀଳଗିରି (ଅମୃତ ମିଡିଆ) : ଜଙ୍ଗଲ ରାସ୍ତାରେ ବନ୍ଧୁକଦେଖାଇ ଜଣେ ଆଦିବାସୀ ମହିଳାଙ୍କୁ ୩ଜଣ ଡକାୟତ ଲୁଟୁଥିବା ବେଳେ ମହିଳାଜଣକ ନିଜେ ସାହାସର ସହ ହାତରେ ଧରିଥିବା ଛତାରେ ପାଲଟା ଆକ୍ରମଣକରି ଲୁଟେରାଙ୍କ ଖେଳାନା ବନ୍ଧୁକ ଭାଙ୍ଗିଦେବାରୁ ନିଜ ଜୀବନ ବଞ୍ଚିଯାଇ ଥିବାର ଚର୍ଚ୍ଚା ହେଉଛି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ଶେରଗଡ ଝରଣଘାଟୀ ୧୯ ନଂ ରାଜ୍ୟ ରାଜପଥର ଦେବଯାନି ଛକ ନିକଟରେ। ସୂଚନା ମୁତାବକ ଆୟୁଝର ଗ୍ରାମର ମୁନୀ ସିଂ(୪୦) ସକାଳେ ପିଲାଙ୍କ ଲୁଗାପଟା କିଣିବାକୁ ନୀଳଗିରି ଆସିଥିଲେ। ଅପରାହ୍ନ ସମୟରେ ବସ୍‌ଯୋଗେ ଆସି ଦେବଯାନି ଛକରେ ଓହ୍ଲାଇଥିଲେ। ସେଠାରୁ ସେ ଚାଲିଚାଲି ଘର ଅଭିମୁଖେ ଯାଉଥିବା ସମୟରେ ଏକ ବାଇକରେ ତିନିଜଣ ଯୁବକ ଆସି ମୁନୀଙ୍କୁ ଖେଳାନା ଖଣ୍ଡା ଓ ବନ୍ଧୁକ ଦେଖାଇ ଟଙ୍କାଦେବା ପାଇଁ କହିଥିଲେ। ହେଲେ ସେ ଟଙ୍କା ନଦେବାରୁ ତାଙ୍କୁ ମାଡ ମାରିବା ସହ ତାଙ୍କ ମୋବାଇଲ, ୨ ହଜାର ଟଙ୍କା ଓ ବ୍ୟାଙ୍କ ପାସ୍‌ବହି ଲୁଟି ନେଇଥିଲେ। ମୁନୀ ମଧ୍ୟ ଲୁଟେରାଙ୍କ ସହ ୧୫ ମିନିଟ ପର୍ଯ୍ୟନ୍ତ ଧସ୍ତାଧସ୍ତି କରିଥିଲେ। ଏମିତିକି ହାତରେ ଧରିଥିବା ଛତାରେ ପିଟି ଦେଖାଉଥିବା ଖେଳାନା ବନ୍ଧୁକର ଏକ ଅଂଶକୁ ଭାଙ୍ଗିବା ସହ ସେମାନଙ୍କ କବଳରୁ ନିଜକୁ ବଞ୍ଚାଇଥିଲେ । ଖବରପାଇ ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଙ୍ଗଲ ରାସ୍ତା ହେଉଥିବା କାରଣରୁ ପୋଲିସ ପାଟ୍ରୋଲିଂକୁ କଡାକଡି କରିବା ସହ ୨୪ ଘଣ୍ଟିଆ ପୋଲିସ ମୁତୟନ ପାଇଁ ଦାବୀ କରିଛନ୍ତି ମୁନି ସିଂ। ଏ ନେଇ ବରହମପୁର ଭାରାପ୍ରାପ୍ତ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କୁ ପଚାରିବାରୁ ଏହା ଏକ ବନ୍ଧୁକ ସଦୃଶ ଲାଇଟ୍ ଅଂଶ ତଦନ୍ତ ଜାରି ରହିଛି ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି । ତେବେ ଯଦି ଏହା ସତ୍ୟ ତେବେ ବନ୍ଧୁକକୁ କାହାର ଡର ନାହିଁ ଏତେ ସାହାସ ହେଲା କେମିତି ? ନା ସାହାସିକତାର ଏ ଏକ ମିଛ କାହାଣୀ ନୁହେଁ ତ ? ବୋଲି ଚର୍ଚ୍ଚା ହେଉଛି ।

ଓଡ଼ିଆ ସଂସ୍କୃତିରେ ରକ୍ଷାବନ୍ଧନ ପର୍ବ ପାଳନ ନେଇ ଜାତୀୟ ପାଠଚକ୍ର

ଖଣ୍ଡପଡା (ଅମୃତ ମିଡ଼ିଆ) : ଖଣ୍ଡପଡ଼ା ବ୍ଲକ୍ ଅ'ର୍ଗତ ନଟବରପୁର ଶାସନ ସ୍ଥିତ ବେଦପାଠଶାଳା ପରିସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଓଡ଼ିଆ ସଂସ୍କୃତିରେ ରକ୍ଷାବନ୍ଧନ ପର୍ବ ପାଳନର ମହତ୍ୱ ନେଇ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଗତ ୩୦ ତାରିଖ ଶନିବାର ଦିନ ବେଦଶାସ୍ତ ପାଠଶାଳାର ପ୍ରତିଷ୍ଠାତା ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଡ଼ଃ. ହରିହର ଦାସ ମହ' ମହାରାଜ ପ୍ରାରମ୍ଭିକ ବେଦପାଠ କରିଥିବା ବେଳେ ପଣ୍ଡିତ ମନୋଜ ଦାଶ ରାମାୟଣ ଉପରେ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରାକ୍ତନ କୂଳପତି ତଥା ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ହରେକୃଷ୍ଣ ଶତପଥି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଘ୍ନ ବିନାସକ ଗଜାନନଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ବିଜେପି ନେତା ସଜନ ଶର୍ମା, ଅଧ୍ୟକ୍ଷ ଡ଼ଃ. ହରିହର ଦାଶ, ଡ଼ଃ. ବିଷ୍ଣୁ ପ୍ରସାଦ ଦାଶ, ଭାରତ ବିକାଶ ପରିଷଦର ପ୍ରଦେଶ ଅଧକ୍ଷ ସତ୍ୟବାଦି ଦାଶ, ଆନ୍ଧ୍ରପ୍ରଦେଶର ତିରୁପତି ସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଭାରତ ଭୂଷଣ ରଥ, ନିରନ ମିଶ୍ର, ଓଡ଼ିଶା ବିଶ୍ୱବିଦ୍ୟାଳୟରୁ ଡ଼ଃ. ରାଧାଗୋବିନ୍ଦ କୁଇଲା, ଡ଼ଃ. ସର୍ମିଷ୍ଠା ମହାପାତ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଡ଼ଃ. ଜ୍ଞାନରନ ପଣ୍ଡା, ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରୁ ଡ଼ଃ. ସନ୍ଧ୍ୟାରାଣୀ ତ୍ରିପାଠୀ, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଅଧାପକ ଡ଼ଃ. ନିରୋଦ କୁମାର ମନ୍ତ୍ରୀ, ବେଦ ପଣ୍ଡିତ ଗୋପାଳ ଚନ୍ଦ୍ର ମହାପାତ୍ର, ଡ଼ଃ. କୃପାସିନ୍ଧୁ ପଣ୍ଡା, ରାକେଶ କୁମାର ଆଚାର୍ଯ୍ୟ, ବିଜୟ କୁମାର ମହାପାତ୍ର, ବିଶିଷ୍ଟ ପାଲା ଗାୟକ ସୁଧାଂଶୁ ଶେଖର ଦାଶ, ଅଧାପିକା ପ୍ରିୟ ତ୍ରିପାଠୀ ଓ ନୟାଗଡ଼ ତଥାସ୍ତୁ ସଂସ୍ଥାର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଖଣ୍ଡପଡ଼ା ବିଧାୟକ ଜଂ. ଦୃଷ୍ଟ' କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିରେ ରକ୍ଷାବନ୍ଧନ ପର୍ବ ପାଳନର ମହାନୀୟତାକୁ ଭିତିକରି ବକ୍ତବ୍ୟ ମଧ୍ୟେ ଆଲୋକପାତ କରିଥିଲେ। ଏଥି ସହିତ ବେଦ ପାଠଶାଳାର ପ୍ରତିଷ୍ଠାତା ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ମାତା ରୁକୁଣୀ ଆଚାର୍ଯ୍ୟଙ୍କ ୪ର୍ଥ ବାର୍ଷିକ ପାଳନ ନେଇ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶିଶୁ ପ୍ରତିଭା ସୁଦିକ୍ଷା ଆଚାର୍ଯ୍ୟ ମାତୃଭକ୍ତି ସମ୍ବଳିତ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନୋରନ କରିଥିଲେ। ବେଦ ପାଠଶାଳାର ଆବାହକ ରମେଶ ଚନ୍ଦ୍ର ଆଚାର୍ଯ୍ୟ, ସଚିବ ଶିବନାରାୟଣ ଆଚାର୍ଯ୍ୟ, ଅଧ୍ୟାପକ ସତ୍ୟବାନ ଦାଶ ଓ କିରଣ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ନଟବରପୁର ଶାସନ ଗ୍ରାମର ମହିୟଶୀ ମହିଳା ଉମାମଣୀ ମିଶ୍ରଙ୍କୁ ଏହି ଅବସରରେ ସମବେତ ଅତିଥିମାନେ ମିଳିତ ଭାବେ ଜନନୀ ଗୌରବ ସମ୍ମାନ -୨୦୨୬ ପ୍ରଦାନ କରିଥିଲେ। ଏ ନେଇ ତାଙ୍କୁ ସମ୍ବର୍ଦ୍ଧିତ କରିବା ପରିପେକ୍ଷାରେ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବେଦଶାସ୍ତ ପାଠଶାଳାର ଛାତ୍ରମାନେ ସମବେତ ବେଦପାଠ କରିବା ସହ କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

ସନ୍ତାନ ହେବା ପାଇଁ ଗୁଣିଆଠାରୁ ବିଷ ଔଷଧ ଖାଇ ସ୍ୱାମୀ ସ୍ତ୍ରୀ ଙ୍କ ମୃତ୍ୟୁ

ଗୁଣିଆ ଓ ମହିଳା ସହଯୋଗୀ ଗିରଫ

ଫୁଲବାଣୀ (ଅମୃତ ମିଡିଆ) : ସନ୍ତାନ ହେବା ନିମନ୍ତେ ଗୁଣିଆ ଠାରୁ ଔଷଧ ଖାଇ ଦୁଇ ଦମ୍ପତି ଙ୍କର ମୃତ୍ୟୁ ଘଟଣା ରେ ଗୁଣିଆ ଓ ତାର ସହଯୋଗୀ ଗିରଫ ହୋଇଥିବା ଆଜି ଜିଲ୍ଲା ପୋଲିସ ମୁଖ୍ୟାଳୟରେ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ ଗୋଛାପଡା ଥାନା ଅନ୍ତର୍ଗତ କଟ୍ଟିଙ୍ଗିଆ ପଞ୍ଚାୟତ ର ନେଡିପଙ୍ଗା ଗ୍ରାମର ସ୍ୱାମୀ କାହୁ ଚରଣ କହଁର ସ୍ତ୍ରୀ ଲଳିତା କହଁର ଦୁଇ ଜଣ ବିବାହ କରିବାର ୨୦ ବର୍ଷ ପରେ ମଧ୍ୟ ପିଲାଛୁଆ ନ ହେବାରୁ ଜଣେ ଗୁଣିଆ ପାଖରୁ ପିଲା ଛୁଆ ହେବା ପାଇଁ ଔଷଧ ଖାଇଥିଲେ। ସେହି ଔଷଧ ଖାଇ ପିଲା ଛୁଆ ହେବା ପରିବର୍ତେ ଦମ୍ପତି ଙ୍କର ମୃତ୍ୟୁ ହୋଇଥିଲା। ସେହି ଗୁଣିଆ ତାରି ପାଖରୁ ଚମତ୍କାରୀ ଔଷଧ ଖାଇଲେ ତାଙ୍କର ପିଲା ଛୁଆ ହେବ କହି ମୃତ ଦମ୍ପତି ଙ୍କ ଠାରୁ ୧ ଲକ୍ଷ ୩୦ ହଜାର ଟଙ୍କା ଓ ସୁନା ଗହଣା ନେଇ ଔଷଧ ଦେଇଥିଲା। ଦମ୍ପତି ଙ୍କର ଅସହାୟତା ର ସୁଯୋଗ ନେଇ ଗୁଣିଆ ନିଜର ଖରାପ ଉଦ୍ଦେଶ୍ୟ ସାଧନ ପାଇଁ ସେମାନଙ୍କୁ ଚମତ୍କାରୀ ଔଷଧ ଦେବା ଆଳ ରେ ବିଷ ଦେଇଥିଲା । ଗୁଣିଆ ଦମ୍ପତି ଙ୍କ ଠାରୁ ୧ଲକ୍ଷ ଟଙ୍କା ନେଇ ଏକ ନୂଆଁ ହୋଣ୍ଡା ଆକ୍ଟିଭା ସ୍କୁଟି କିଣିଥିଲା। ଗୁଣିଆ ପାଖରୁ ଔଷଧ ନେଇ ଖାଇବା ପରେ ମଧ୍ୟ ଦମ୍ପତି ଙ୍କର ପିଲା ଛୁଆ ଜନ୍ମ ହୋଇନ ଥିଲା। ଯାହା ଫଳରେ ଗୁଣିଆ କୁ କାହୁ ଚରଣ ତାଙ୍କର ଦେଇଥିବା ଟଙ୍କା ଫେରାଇ ଦେବା ପାଇଁ କହିଥିଲେ। ଗୁଣିଆ ଅସନ୍ତୋଷ ଓ ଲଜ୍ୟା ଅନୁଭବ କରିଥିଲା। ଏହି ସମୟରେ ଗୁଣିଆ କାହୁ ଚରଣ ଙ୍କ ପତ୍ନୀ ଲଳିତା କହଁର ଙ୍କ ସହ ଏକ ଅବୈଧ ସମ୍ପର୍କ ସ୍ଥାପନ କରିଥିଲା। ଗୁଣିଆ ପୂର୍ବରୁ ବିବାହିତ ଥିଲେ ଜଣେ ମହିଳା ଙ୍କ ସହ ରହୁଥିଲେ। ନିଜର ଅସଲ ସତ୍ୟ ଧରାପଡିଯିବ ଏବଂ ଏତେ ଗୁଡାଏ ଟଙ୍କା ଫେରସ୍ତ କରିବାକୁ ପଡିବ। ଏହି ଘଟଣା ରୁ ବର୍ତ୍ତିବା ପାଇଁ ଉଭୟ ସ୍ୱାମୀ ସ୍ତ୍ରୀ ଉଭୟ ଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଗୁଣିଆ ଫୁଲବାଣୀ ସହର ର ଏକ ଦୋକାନ ରୁ କୀଟ ନାଶକ ବିଷ କିଣିଥିଲା ଏବଂ ୨୫୦ ମି.ଲି ବିଷକୁ ତରଳ ପଦାର୍ଥ ଦେଇଥିଲେ। ସେହି ବିଷ ଖାଇ ଉଭୟ ସ୍ୱାମୀ ସ୍ତ୍ରୀ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। କଟ୍ଟିଙ୍ଗିଆ ସରପଞ୍ଚ ଙ୍କ ସ୍ୱାମୀ ସମାଜ ସେବୀ ଘନ କୁମାର ଶବର ସ୍ୱାମୀ ସ୍ତ୍ରୀ ଦୁହେଁକୁ ପ୍ରଥମେ ଚିକିତ୍ସା ପାଇଁ ଫୁଲବାଣୀ ବଡ ମେଡ଼ିକାଲ କୁ ନେଇ ଥିଲେ ସେହି ଠାରେ ଡାକ୍ତର ସେମାନଙ୍କ ଅବସ୍ଥା ଦେଖି ଉନ୍ନତ ଚିକିତ୍ସା ପାଇଁ ଦମ୍ପତି ଙ୍କୁ ବ୍ରହ୍ମପୁର ଏମ୍ କେ ସି ଜି ମେଡ଼ିକାଲ କୁ ପଠାଇ ଥିଲେ। ତା ୨୨/୮ ରିଖ ରେ ସ୍ୱାମୀ ସ୍ତ୍ରୀ ବିଷ ଔଷଧ ଖାଇ ଗୁରୁତର ହୋଇଥିଲେ । ୨୪/୮ ରିଖ ଦିନ ଲଳିତା କହଁର ଙ୍କର ବ୍ରହ୍ମପୁର ମେଡ଼ିକାଲ ରେ ମୃତ୍ୟୁ ହୋଇଥିଲା। ସ୍ତ୍ରୀ ର ମୃତ୍ୟୁ ପରେ ସ୍ୱାମୀ କାହୁ ଚରଣ ଗାଁ କୁ ଫେରି ଆସିଥିଲେ। ତା ୨୫/୮ ରିଖ ଦିନ କାହୁ ଚରଣ କହଁର ଙ୍କର ନିଜ ଘରେ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ କାହୁ ଚରଣ କହଁର ସେହି ଗୁଣିଆ ଠାରୁ ଔଷଧ ଖାଇ ଆମେ ସ୍ୱାମୀ ସ୍ତ୍ରୀ ଙ୍କର ଏଭଳି ପରିସ୍ଥିତି ହୋଇଛି ବୋଲି ନିଜର ସମ୍ପର୍କୀୟ ଙ୍କୁ ମୃତ୍ୟୁ କାଳୀନ ଜମାନ ବନ୍ଦୀ ଦେଇଥିଲେ । ଗୋଛା ପଡା ଥାନା ରେ ସେହି ଘଟଣା କୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ଫୁଲବାଣୀ ଏସ ଡ଼ି ପି ଓ ଶୁଭ୍ରଜିତ ବିଶ୍ୱାଳ ଏବଂ ଗୋଛା ପଡା ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ଙ୍କୁ ନେଇ ଏକ ତ

ପଶ୍ଚିମ ଓଡ଼ିଶା

ପୃଷ୍ଠା ୬

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ

ବଲାଙ୍ଗୀର (ଅମୃତ ମିଡିଆ) : ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଉଚ୍ଚଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗିରର ଷଷ୍ଠ ପ୍ରତିଷ୍ଠା ଦିବସ ସେପ୍ଟମ୍ବର ୧ ତାରିଖରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରିସରରେ ଅତ୍ୟନ୍ତ ଉତ୍ସାହ, ଉଦ୍ଦୀପନା ଓ ଏକାଡେମିକ୍ ଗରିମାର ସହିତ ପାଳିତ ହୋଇଯାଇଛି । ଦିନବ୍ୟାପୀ ଏହି ଆୟୋଜନରେ ବିଶିଷ୍ଟ ରାଜନୈତିକ ବ୍ୟକ୍ତିତ୍ୱ, ପ୍ରତିଷ୍ଠିତ ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ, ଅଧ୍ୟାପକ-ଅଧ୍ୟାପିକା, ଅବସରପ୍ରାପ୍ତ କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିପୁଳ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ସକାଳ ୧୦ଟାରେ ବୈଦିକ ମନ୍ତ୍ରୋଚ୍ଚାରଣ ଓ ମନମୁଗ୍ଧକର ସ୍ୱାଗତ ସଙ୍ଗୀତ ସହିତ ଔପଚାରିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହା ସମଗ୍ର ଆୟୋଜନକୁ ଏକ ମଙ୍ଗଳମୟ ଓ ଶୁଭ ପରିବେଶ ପ୍ରଦାନ କରିଥିଲା । ପାରମ୍ପରିକ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମର ଶୁଭାରମ୍ଭ ପରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ଉପସ୍ଥିତ ବିଶିଷ୍ଟ ଅତିଥିମାନଙ୍କୁ ଉଷ୍ମ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜ ମୁଖ୍ୟ ଅଭିଭାଷଣରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ରାଜ୍ୟରେ ଉଚ୍ଚଶିକ୍ଷାର ମାନ ଓ ଗୁଣବତ୍ତା ବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ରଣନୀତିମୂଳକ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଚାଲୁଥିବା ବିକାଶମୂଳକ କାର୍ଯ୍ୟ, ଭିତ୍ତିଭୂମିର ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ବଦଳୁଥିବା ଆବଶ୍ୟକତା ଅନୁଯାୟୀ ଏକାଡେମିକ୍ ସହାୟତା ପ୍ରଦାନ ଦିଗରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ସେ ଜେନ୍-ଜି (ଏରଭ-ଡ) ପିଢ଼ିକୁ ଆଗେଇ ଆସି ଏହି ଗୌରବମୟ ରାଷ୍ଟ୍ରର ଗତିଶୀଳ ନେତୃତ୍ୱ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ। ଆମର ମହାନ ପରମ୍ପରା, ସଂସ୍କୃତି ଓ ଇତିହାସକୁ ପ୍ରଦର୍ଶନ ଓ ସଂରକ୍ଷଣ କରି ଯୁବପିଢ଼ି ଦେଶର ଗୌରବକୁ ଆହୁରି ଉଚ୍ଚ କରିବାରେ ଅଗ୍ରଣୀ ଭୂମିକା ନେବା ଉଚିତ ବୋଲି ସେ କହିଥିଲେ। ଏହି ଔପଚାରିକ ସଭାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ମଲ୍ଲିକ ସଭାପତିତ୍ୱ କରିଥିଲେ। ନିଜ ସଭାପତୀୟ ଅଭିଭାଷଣରେ ପ୍ରଫେସର ମଲ୍ଲିକ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ବିକାଶ ପାଇଁ ଏକ ସମଗ୍ର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଜାତୀୟ ଗୁରୁତ୍ୱର ଅନୁଷ୍ଠାନ ଭାବେ ପ୍ରତିଷ୍ଠିତ କରିବା ଦିଗରେ ନିଆଯାଉଥିବା ଯୋଜନାବଦ୍ଧ ପଦକ୍ଷେପଗୁଡ଼ିକ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଓ ସାମାଜିକ ପ୍ରଭାବକୁ ଆହୁରି ସୁଦୃଢ଼ କରିବା ପାଇଁ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ନିଷ୍ଠା, ସମର୍ପଣ ଓ ଦାୟିତ୍ୱବୋଧର ସହିତ ନିଜ ନିଜ ଭୂମିକା ତୁଲାଇବାକୁ ସେ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଦୁଇଜଣ ବିଶିଷ୍ଟ ଶିକ୍ଷାବିତ୍ ଓ ଚିକିତ୍ସା କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, କୁଳପତି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଆଧୁନିକ ଯୁଗରେ ଉଦ୍ ?ଭବ ହେଉଥିବା ସାମାଜିକ ଓ ଆର୍ଥିକ ଆହ୍ୱାନଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ଜଟିଳ ବିଶ୍ୱ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଛାତ୍ରଛାତ୍ରୀମାନେ ପରିବର୍ତ୍ତନ ସହ ନିଜକୁ ଖାପ ଖୁଆଇବାର କ୍ଷମତା, ସମାଲୋଚନାତ୍ମକ ଚିନ୍ତନ ଏବଂ ଦୃଢ଼ ସମସ୍ୟା ସମାଧାନ କ୍ଷମତା ବିକଶିତ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ପ୍ରଫେସର (ଡଃ) ମାଧବାନନ୍ଦ କର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ, ଏମ୍ସ ଦରଭଙ୍ଗା, ନିଜ ଅଭିଭାଷଣରେ ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ନାଗରିକ ଦାୟିତ୍ୱ ମଧ୍ୟରେ ଥିବା ଅନ୍ତର୍ନିହିତ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ସୁସ୍ଥ, ଉତ୍ପାଦନଶୀଳ ଓ ଦାୟିତ୍ୱବାନ ନାଗରିକ ହେବା ପାଇଁ ସାମଗ୍ରିକ ସୁସ୍ଥତା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ବୌଦ୍ଧିକ ଆଲୋଚନାକୁ ଆହୁରି ସମୃଦ୍ଧ କରି ଡଃ ପ୍ରତାପ କୁମାର ଦାଶ, ଅଧ୍ୟକ୍ଷ, ପିଜି କାଉନସିଲ୍, ଛାତ୍ରଛାତ୍ରୀମାନଙ୍କୁ ଗଠନମୂଳକ ଓ ସୃଜନଶୀଳ ଚିନ୍ତନ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ଦୃଢ଼ ଚରିତ୍ର ଗଠନ, ବ୍ୟକ୍ତିଗତ ସାହସ, ଉତ୍ତମ ସ୍ୱାସ୍ଥ୍ୟ ଏବଂ କଠିନ ପରିଶ୍ରମ ମାଧ୍ୟମରେ ଜ୍ଞାନ ଆହରଣ ପ୍ରତି ଅବିଚଳ ପ୍ରତିବଦ୍ଧତାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ।ପୂର୍ବାହ୍ନ ଅଧିବେଶନର ଏକ ପ୍ରମୁଖ ଅଂଶ ଥିଲା ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ। ଉପକୁଳସଚିବ ଶ୍ରୀ ବିଶ୍ୱଜିତ ବେହେରା ବିଗତ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟ ହାସଲ କରିଥିବା ପ୍ରମୁଖ ସଫଳତା, ଏକାଡେମିକ୍ ମାଇଲଷ୍ଟୋନ୍, ଗବେଷଣା କ୍ଷେତ୍ରର ସଫଳତା ଓ ପ୍ରଶାସନିକ ଉପଲବ୍ଧିଗୁଡ଼ିକର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ସଭାରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ହରପ୍ରସାଦ ଭୋଇ, ଓଏଏସ୍ (ଏସ୍) ମଧ୍ୟ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ସାହିତ୍ୟିକ ଓ ସାଂସ୍କୃତିକ ଅବଦାନ କ୍ଷେତ୍ରରେ ଏକ ସ୍ମରଣୀୟ ପଦକ୍ଷେପ ଭାବେ ପ୍ରଥମ 'ଗାୟତ୍ରୀ ସରାଫ ଗଳ୍ପ ସମ୍ମାନ' ପ୍ରଦାନ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷକୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଏହି ବାର୍ଷିକ ସାହିତ୍ୟ ସମ୍ମାନରେ ଡଃ ସଞ୍ଜୟ ମିଶ୍ରଙ୍କୁ ଓଡ଼ିଆ ଛୋଟଗଳ୍ପ ରଚନା କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଜୀବନବ୍ୟାପୀ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

ଜିଲ୍ଲା କ୍ରୀଡାସଂସଦ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବଲାଙ୍ଗୀର (ଅମୃତ ମିଡିଆ) : ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ୮ ଗୋଟି ପଡିଆରେ ଫୁଟବଲ ଖେଳ ଏକକାଳିନ ଉଦ୍‌ଘାଟିତ ହୋଇଯାଇଛି । ଚୁଡାପାଲି ହାଇସ୍କୁଲ ପଡିଆରେ ରେଙ୍ଗଟାସିଲ ୪-୧ ଗୋଲରେ ଭୁଷ୍ଣିମୁହାଣ କୁ ହରାଇଲା । ଅତିଥି ଭାବେ ପୂର୍ବତନ ଖେଳାଳି ଲୋକନାଥ କୁମୁରା, ନିଳମଣି ଦଣ୍ଡସେନା, ଦିଲିପ ବେହେରା, ମନୋଜ ମଲ, ବୁଦ୍ଧଦେବ ନାଏକ ଓ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ । ଟିଟିଲାଗଡ ସିଟି ସ୍କୁଲ ପଡିଆରେ ଖଜୁରପଡା ୧-୦ ଗୋଲ ରେ ବ୍ରେସିଙ୍ଗଷ୍ଟାର କୁ ହରାଇଲା । ଅତିଥି ଭାବେ ଟିଟିଲାଗଡ ଏଥେଲେଟିକ୍ ଏସୋସିଏସନ ସଭାପତି ରାଧାକାନ୍ତ ପାଢି ଯୋଗ ଦେଇଥିଲେ । ଖୁଜେନପାଲି ପଡିଆରେ କୁରୁଲ ୩-୦ ଗୋଲରେ ରିସନ କାଲସାଏପାଲି କୁ ହରାଇଲା । ଅତିଥି ଭାବେ ଖୁଜେନପାଲି ସରପଂଚ ଚଂଡିତା ପାଣିଗ୍ରାହୀ ଓ ସୁରେଶ ଚନ୍ଦ୍ର ସିଂ ଯୋଗ ଦେଇଥିଲେ । ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସାଇଟ ସଦାଇପାଲି ୨-୧ ଗୋଲରେ ଛତାବାହାଲ କୁ ହରାଇଲା । ଫାଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ସାଇଟ ସଂପାଦକ ଡା. ନାରାୟଣ ପ୍ରସାଦ ମିଶ୍ର, ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର ଓ ଅଧ୍ୟକ୍ଷ ସନ୍ତୋଷ କୁମାର ବ୍ରହ୍ମା ଯୋଗ ଦେଇଥିଲେ । ଟାଉନ ହାଇସ୍କୁଲ ପଡିଆରେ ଗେର୍ଡ ୩-୨ ଗୋଲରେ ଫଟାମୁଣ୍ଡା କୁ ହରାଇଲା । କ୍ରୀଡା ସଂସଦର ଉପସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଉର୍ଯ୍ୟ, ଶତ୍ରୁଘ୍ନ ସିଂହ, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଋନ୍ଦ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ପ୍ରଭାତ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ହେମନ୍ତ ବେହେରା ଯୋଗ ଦେଇଥିଲେ । ଜରାସିଂହା ମିନି ଷ୍ଟାଡିୟମରେ ଚନ୍ଦ୍ରପୁର ୨-୦ ଗୋଲରେ ବଡଙ୍ଗୋମୁଣ୍ଡାକୁ ହରାଇଲା । ବିଏନ୍ଏଏ ସଭାପତି ବୈଲୋଚନ ବଗ□, ସଂପାଦକ ରାଜ କିଶୋର ସେଠ ଓ ପୂର୍ବତନ ଖେଳାଳି ଅଶୋକ ଥନାପତି ଅତିଥି ଭାବେ ଯୋଗ ଦେଇଥିଲେ । ଲୋଇସିଂହା ମିନି ଷ୍ଟାଡିୟମରେ ତେତେଲଖୁ□ ୨-୦ ଗୋଲରେ ଫାସଡ କୁ ହରାଇଲା । ଅତିଥି ଭାବେ ଯୁବ ନେତା ଦିଲିପ କୁମାର ବେହେରା ଓ ସ୍ମିତା ମିଶ୍ର ଯୋଗ ଦେଇଥିଲେ । ହଲଦି ପଡିଆରେ ଟିକ୍ରାପଡା ୧-୦ ଗୋଲ ରେ ସିହିନି କୁ ହରାଇଲା । ଅତିଥି ଭାବେ ମୁରିବାହାଲ ବ୍ଲକ ଚେୟାରମେନ ହରିବନ୍ଧୁ ମେହେର, ଲେବଡା ପିଏଚ୍ସି ଡା. ସତିଶ ଚନ୍ଦ୍ର ମେହେର ଓ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ । ଖେଳକୁ ବୈକୁଣ୍ଠ ଜେନା, ଅଭିଷେକ ପ୍ରଧାନ, ପୁରୁଷୋ□ମ ବୁଡେକ, ମ□ ବେହେରା, ଦେବରାଜ ନାହାକ, ବିନୋଦ ପ୍ରଧାନୀ, ମୋହନ ପ୍ରଧାନୀ, ପ୍ରିତମ ନାଏକ, ରାଜେଶ ସ୍ୱାଇଁ, ଧ୍ରୁବଜେଶ୍ୱର ଦଳବେହେରା, ସଂଜିବ ମହାରଣା, ସୁଦର୍ଶନ ସେଠ, ସୁରେଶ ନାଏକ, ସୁଧାଂଶୁ ସେଠ, ସୁନିଲ ଚନ୍ଦ୍ର ବିଶ୍ୱାଳ, ସଂଜନ କୁଦେଇ, ଦୋଳଗୋବିନ୍ଦ ମୁଣ୍ଡା, ଶୁଶାନ୍ତ ନାଗ, ରେବତି ରମନ ବାଙ୍କ, ଅବଦୁଲ ମୁଜିବ, ସତ୍ୟ ଦଣ୍ଡସେନା, ଭୁବନେ ଭୋଇ, ଡୋଳାମଣି ବଗ□, କୁନ୍ତେ ମେହେର, ଉଜ୍ଜଳ ଝାଙ୍କର, ପାଣ୍ଡବ ବିଶି, ରିଙ୍କୁ ବିଶି, ଗୌରହରି ପୁଟେଲ, ପ୍ରତାପ ଭୁକ୍ତା, ଦେବାଶିଷ ବାଗ, ବିକି ବିଶି, ଉମେଶ ଭୋଇ, ଧନେଶ୍ୱର ସେଠ, ନରସିଂସ୍ୱାମୀ ନାଇଡୁ, ବିଜୟ ରଣା, ଅଞ୍ଜନ ବେସ୍ରା, ରୋଶନ ମେହେର, ଭୋଲାନାଥ ନାଏକ ଓ ପ୍ରତାପ ବଗ□ ଖେଳ ପରିଚାଳନା କରିଥିଲେ ।

ଲାଠୋର ପୋଲିସର ତତ୍ପରତା

ଚୋରି ବାଇକ୍ ଉଦ୍ଧାର, ଦେଶୀମଦ ସହ ୨ଅଭିଯୁକ୍ତ ଗିରଫ

ଖପ୍ରାଖୋଲ (ଅମୃତ ମିଡିଆ) : ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ପୁଲିସର ତ୍ୱରିତ ପଦକ୍ଷେପ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗୋଟିଏ ଚୋରି ମାମଲାରେ ଅଭିଯୁକ୍ତକୁ ଧରିବା ସହ ଚୋରି ହୋଇଥିବା ମୋଟରସାଇକେଲ ଉଦ୍ଧାର ହୋଇଛି । ଏଥିସହ ପୁଲିସ ପାଟ୍ରୋଲିଂ ସମୟରେ ଅନ୍ୟ ଏକ ଘଟଣାରେ ୧୨ ଲିଟର ଦେଶୀ ମଦ ସହ ଜଣେ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି । ଲାଠୋର ପୁଲିସର ଏଭଳି ଲଗାତାର କାର୍ଯ୍ୟାନୁଷ୍ଠାନ ଅପରାଧ ନିୟନ୍ତ୍ରଣ ସହ ଅବୈଧ ମଦ କାରବାର ଉପରେ କଡ଼ା ନଜର ରହିଥିବାର ସ୍ପଷ୍ଟ ସଙ୍କେତ ଦେଇଛି । ଲାଠୋର ଥାନା ଅନ୍ତର୍ଗତ ରେଙ୍ଗାଲି ଗ୍ରାମର ଅଶୋକ ମେହେର (୪୫) ନିଜ ଘର ସମ୍ମୁଖରୁ ହିରୋ ସ୍ପ୍ଲେଣ୍ଡର ମୋଟରସାଇକେଲ ଓଡି ୦୩ବି ୩୯୭୯ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଲାଠୋର ପୁଲିସ ତତ୍ପରତାର ସହ ତଦନ୍ତ ଆରମ୍ଭ କରି ଚୋରି ହୋଇଥିବା ବାଇକ୍ ?କୁ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ କୁଲିଆବାହାଲ ଗ୍ରାମର ସାନ୍ତା ମିର୍ଦ୍ଧା (୩୦)ଙ୍କୁ ଗିରଫ କରିଛି । ଏନେଇ ଲାଠୋର ଥାନାରେ କେସ୍ ନଂ ୧୫୮/୨୦୨୬, ଧାରା ୩୦୩(୨) ଈଯଝ ଅନୁଯାୟୀ ମାମଲା ରୁଜୁ ହୋଇଛି । ସେହିପରି, ଲାଠୋର ପୁଲିସ ପାଟ୍ରୋଲିଂ ସମୟରେ ଅବୈଧ ଦେଶୀ ମଦ କାରବାର ବିରୋଧରେ ମଧ୍ୟ ସଫଳତା ହାସଲ କରିଛି। ଗୋଇଲମୁଣ୍ଡା ଗ୍ରାମର ନୀଳ ମାଝୀ (୩୬)କୁ ଧରି ତାଙ୍କ ନିକଟରୁ ୧୨ ଲିଟର ଦେଶୀ ମଦ, ୨ଟି ପ୍ଲାଷ୍ଟିକ କେନ୍ ଏବଂ ମଦ ପ୍ରସ୍ତୁତି ଓ ସଂରକ୍ଷଣରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ଲାଠୋର ଥାନାରେ କେସ୍ ନଂ ୧୫୭/୨୦୨୬, ଓଡ଼ିଶା ଅବକାରୀ ଆଇନର ଧାରା ୫୨(କ) ଅନୁଯାୟୀ ମାମଲା ରୁଜୁ ହୋଇଛି । ଅପରାଧୀଙ୍କ ଉପରେ ନଜର, ତ୍ୱରିତ ତଦନ୍ତ ଓ ଅବୈଧ କାରବାର ବିରୋଧରେ ଲଗାତାର ଅଭିଯାନ ଲାଠୋର ପୁଲିସର କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରୁଛି।

ଜିଲ୍ଲା ପରିଷଦ ସଭାଗୃହରେ 'ଦିଶା' ବୈଠକ

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗୀର ଜିଲ୍ଲା ପରିଷଦ ସଭାଗୃହରେ 'ଦିଶା' ବୈଠକ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଏହି ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ମାନ୍ୟବର କଣ୍ଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଏବଂ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଯୋଗଦେଇ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା, ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ତର୍ଜମା କରାଯାଇଥିଲା। ବିଶେଷକରି ଶିକ୍ଷା କ୍ଷେତ୍ରରେ ଉନ୍ନତି, ଲୋୟର ସୁକତେଲ ପ୍ରକଳ୍ପର ବିସ୍ଥାପିତଙ୍କୁ ମୌଳିକ ସୁବିଧା ପ୍ରଦାନ, ଜିଲ୍ଲାର ଗୋଶାଳାଗୁଡିକର ସୁଚାରୁ ପରିଚାଳନା ଓ ନୂତନ ଗୋଶାଳା ନିର୍ମାଣ ନେଇ ଯେଉଁ ସବୁ ସମସ୍ୟା ରହିଛି ଏବଂ ସେଗୁଡିକ କେମିତି ତ୍ୱରିତ ଭାବେ ସମାଧାନ କରାଯାଇପାରିବ ସେ ଦିଗର ମଧ୍ୟ ଆଲୋଚନା କରାଯାଇଥିଲା । ଯୋଗ୍ୟ ହିତାଧିକାରୀମାନେ ଯେପରି ଭତ୍ତା ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି କୃଷି କ୍ଷେତ୍ରରେ ଜଳସେଚନର ସୁବିଧା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ, ବିଦ୍ୟୁତୀକରଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାର ଜନକଲ୍ୟାଣକାରୀ ଯୋଜନାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଣ୍ଟାବାଞ୍ଜି ବିଧାୟକ ଶ୍ରୀ ବାଗ ଜନସାଧାରଣଙ୍କ ମୌଳିକ ସମସ୍ୟାଗୁଡ଼ିକୁ ପାଖରୁ ଅନୁଭବ କରି ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଦ୍ରୁତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ।ଏହାସହ ବାଲି ଚୋରାଚାଲାଣ ରୋକିବା ପାଇଁ ଖଣି ବିଭାଗକୁ ଦୃଢ଼ ଓ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ବୈଠକରେ ଆଲୋଚିତ ପ୍ରତ୍ୟେକଟି ପ୍ରସଙ୍ଗକୁ ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି ଏବଂ ସରକାରୀ ଯୋଜନାରୁ ଯେପରି କୌଣସି ପ୍ରକୃତ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସମସ୍ତ ବିଭାଗକୁ ସତର୍କ କରାଇଥିଲେ। ବୈଠକର ଶେଷ ପର୍ଯ୍ୟାୟରେ ବିଭିନ୍ନ ପଞ୍ଚାୟତ ସମିତିରୁ ଆସିଥିବା ଜନପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ, ଜିଲ୍ଲା ପ୍ରଶାସନ ପକ୍ଷରୁ ସେଗୁଡ଼ିକର ସମାଧାନ ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି । ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ପାଟଣାଗଡ ଉପଜିଲ୍ଲାପାଳ ସୁନିଲ କୁମାର ମେହେରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ଯୋଜନା ପ୍ର

ଉଦଳାରେ ସ୍ୱାୟତ ଶାସନ ଦିବସ ପାଳିତ

ପୋଲିସ ଅଫିସରଙ୍କ ସାହିତ୍ୟିକ ଠାଣି ପାଲଟିଲା ମୁଖ୍ୟ ଆକର୍ଷଣ

ବାରିପଦା /ଉଦଳା(ଅମୃତମିଡିଆ): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ-୨୦୨୬ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏଠାରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ଓ ନଗରପାଳ ପ୍ରମିଳା ପଣ୍ଡା ମିଳିତ ଭାବରେ ଦିବସ ବ୍ୟାପି ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ପ୍ରଭାତରେ ଡ଼ାକବାଜି ଯନ୍ତ ସାହାଯ୍ୟରେ ରାମଧୁନ ସହର ପରିକ୍ରମା କରିଥିଲା । ପରେ ସହର ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ମହାପୁରୁଷଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତୋଳନ ଏବଂ ଫଳ ଓ ମିଷ୍ଠାନ୍ନ ବଂଟନର ପର୍ବ ଆରମ୍ଭ ହୋଇଥିଲା । ଦିନ ୧୦ ଘଟିକା ସମୟରେ ଆଭାସୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରାଯାଇଥିଲା । ଏହାପରେ କଲ୍ୟାଣ ମଣ୍ଡପ ପରିସରରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ଭାସ୍କର ମଡ଼େଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍?ଘାଟନ କରିବା ପରେ 'ବନ୍ଦେ ମାତରମ' ସଂଗୀତ ପରିବେଷିତ ହୋଇଥିଲା । ପରେ ବିଧାୟକ ତାଙ୍କର ବକ୍ତବ୍ୟରେ ଉଦଳା ସହର ବିକାଶ ପାଇଁ କାଉନସିଲ ବଡ଼ି ଯେଉଁଭଳି ଉଦ୍ୟମ ଜାରି ରଖିଛି ଏହାକୁ ଭୁୟସୀ ପ୍ରଶଂସା କରିଥିଲେ । ନଗରପାଳ ପ୍ରମିଳା ପଣ୍ଡା ଏଥିରେ ଅଧକ୍ଷତା କରି ବିଗତ ଦିନରେ ଆମେ ସମସ୍ତେ ମିଳିମିଶି କିପରି ସୁବର୍ଣ୍ଣ ଜୟନ୍ତି ଉତ୍ସବ ବେଶ ଧୁମ ଧାମରେ ପାଳନ କରିଥିଲୁ ଓ ପ୍ରଥମ ଥର ପାଇଁ ଏକ ସ୍ମରଣିକା ପ୍ରକାଶନ କରିପାରିଥିଲୁ, ଯାହାର ପ୍ରଶଂସା ବିଭିନ୍ନ ମହଲରେ ଆଜିବି ଶୁଣିବାକୁ ମିଳୁଛି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ବିବରଣି ପାଠ କରିଥିଲେ । ପରେ ଉପଖଣ୍ଡ ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସାହିତ୍ୟିକ ଠାଣିରେ କବିତା ଆବୃତି ମାଧ୍ୟମରେ ଯେଉଁଭଳି ନିଜର ବକ୍ତବ୍ୟକୁ ତୋଳି ଧରିଥିଲେ ଏହା ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥିଲା । ଜଣେ ପୋଲିସ ଅଧିକାରୀଙ୍କର ଏପରି ସାହିତ୍ୟିକ ଠାଣି ସମସ୍ତଙ୍କୁ ମୁଗ୍ଧ କରିବା ସହ ଚର୍ଚ୍ଚାର ପରିସରକୁ ଆସିଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପର ପ୍ରଶାସକ ଆଶିଷ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କର, ତହସିଲଦାର ସୁପ୍ରଭା ଦାସ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ପ୍ରମୁଖ ମଂତାସୀନ ଅତିଥି ଭାବରେ ଯୋଗଦେଇ ଉଦଳା ସହରକୁ ସବୁଦିଗରୁ ଆଗକୁ ନେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହାପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ କେତେଜଣ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ଅତିଥି ମାନେ ସମ୍ବର୍ଦ୍ଧତ କରିଥିଲେ । କାଉନସିଲର ଶରତ ଚନ୍ଦ୍ର ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପନଗରପାଳ ଲିଲି ଭୋଳ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଆଜିର ଏହି ଉତ୍ସବକୁ ସଫଳ କରିବାରେ ସମସ୍ତ କାଉନସିଲର ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

ଦୁଧିଆଣି ବନାଞ୍ଚଳରେ ୨୦ ଟିକିଆ ହାତୀପଲ, ଭାଙ୍ଗିଲେ ୨ ଘର

ବାରିପଦା /କରଞ୍ଜିଆ(ଅମୃତମିଡିଆ): କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣି ବନାଞ୍ଚଳର ବିଭିନ୍ନ ସେକ୍ସନରେ ପ୍ରାୟ ୨୦ଟି ହାତୀଙ୍କ ଉପସ୍ଥିତି ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି । ଶନିବାର ରାତିରେ ଦରି ସେକ୍ସନ ଅନ୍ତର୍ଗତ ପୁରୁଣା ଦେଓଗାଁ ଗ୍ରାମରେ ହାତୀପଲ ପଶି ଲକ୍ଷ୍ମୀକାନ୍ତ ନାୟକ ଓ ଦୁଷ୍ମନ୍ତ ନାୟକଙ୍କ ଦୁଇଟି ଘର ଭାଙ୍ଗିବା ସହ ଘରେ ଥିବା ଧାନ ଖାଇ ନଷ୍ଟ କରିଥିବା ଜଣାପଡ଼ିଛି । ବନ ବିଭାଗର ସୂଚନା ଅନୁଯାୟୀ, ତାଟୋ ସେକ୍ସନରେ ୭ଟି ହାତୀ ଏବଂ ଦରି ସଂରକ୍ଷିତ ଜଙ୍ଗଲରେ ୩ଟି ବଡ଼ବିଲ ହାତୀ ରହିଛନ୍ତି । ସେହିପରି ଦରି-୨ ସଂରକ୍ଷିତ ଜଙ୍ଗଲରେ ୪ଟି ଶିମିଳିପାଳ ହାତୀ ଥିବାବେଳେ ଭଣ୍ଡା ସେକ୍ସନର ବାଦାମପାହାଡ଼ ସଂରକ୍ଷିତ ଜଙ୍ଗଲରେ ୮ଟି ଏବଂ ପାହାଡ଼ପୁର ଜଙ୍ଗଲରେ ଗୋଟିଏ ଶିମିଳିପାଳ ହାତୀ ଥିବା ଜଣାଯାଇଛି । ପ୍ରବଳ ବର୍ଷା ସତ୍ତ୍ୱେ ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ଗ୍ରାମାଞ୍ଚଳ ଆଡ଼କୁ ମୁହାଁଉଥିବାରୁ ବନପାଳ, ବନରକ୍ଷୀ, ଟିପିଏଫ୍ ଓ ସବୁଜବାହିନୀ କର୍ମଚାରୀମାନେ ରାତିରେ ହାତୀଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି । ବର୍ତ୍ତମାନ ଧାନ ରୁଆ କାର୍ଯ୍ୟ ଶେଷ ହୋଇଥିବାରୁ ଖାଦ୍ୟ ଅନ୍ୱେଷଣରେ ହାତୀପଲ ପନିପରିବା କ୍ଷେତ ନଷ୍ଟ କରିବା ସହ ଗ୍ରାମମୁହାଁ ହେଉଛନ୍ତି । ଗ୍ରାମବାସୀଙ୍କୁ ସତର୍କ କରିବା ପାଇଁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ ମାଧ୍ୟମରେ ନିୟମିତ ସଚେତନତା ଓ ସତର୍କ ସୂଚନା ଦିଆଯାଉଛି । ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିବା ବନପାଳ ସୁରମୋହନ ବେହେରା ଓ ବାବୁଲି ନାଏକ ପ୍ରକାଶ କରିଛନ୍ତି ।

୮୩୦୦ କେଜି ମହୁଲ ପୋଚ ନଷ୍ଟ, ୮୬୦ ଲିଟର ଦେଶୀ ମଦ ଜବତ

ଅବକାରୀ ବିଭାଗର ଚଢ଼ାଉ

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା,ମୋରଡା ଅବକାରୀ ବିଭାଗ ଆଜି ଚଢ଼ାଉ କରି ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରିଛି । ଜିଲା ଅବକାରୀ ଅଧିକାରୀ ପ୍ରଶାନ୍ତ କହାରଙ୍କ ନିର୍ଦ୍ଦେଶକ୍ରମେ ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତ ଓ ଟିମ,ଏପିଆର ଫୋର୍ସ,ବାରିପଦା ଅବକାରୀ ଇନ୍ସପେକ୍ଟର,ଜିଲା ମୋବାଇଲ ଟିମ,ସଦର ଓଆଇସି,ଦେଉଳି, କୁଜିଅଣା ଅବକାରୀ ବିଭାଗ ମିଳିତ ଭାବେ ଆଜି ମୋରଡା ବ୍ଲକ ଜଙ୍ଗଲରେ ଚାଲିଥିବା ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ୮୩୦୦ କେଜି ମହୁଲ ପୋଚ ନଷ୍ଟ କରିବା ସହିତ ୮୬୦ ଲିଟର ଦେଶୀ ମଦ ଜବତ ଜବତ କରିବା ସହିତ ମଦ ତିଆରି ପାଇଁ ବ୍ୟବହୃତ ସରଞ୍ଜାମ ଜବତ କରିଛନ୍ତି। ଏନେଇ ଅବକାରୀ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି । ନଷ୍ଟ ଓ ଜବତ ହୋଇଥିବା ଜିନିଷର ମୂଲ୍ୟ ୬ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି ।

ବର୍ଷାରେ ଘର କାନ୍ଥ ପଡ଼ି ମହିଳା ମୃତ

ବାରିପଦା(ଅମୃତମିଡିଆ): ରାଇରଙ୍ଗପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ସିମାନ୍ତ ଡିରିଂ ଥାନା ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ବଡଭୁଣ୍ଡୁ ପଞ୍ଚାୟତ, ମାଡଖମାଣ୍ଡି ଗ୍ରାମରେ ଘର କାନ୍ଥ ପଡ଼ି ଜନୈକା ମହିଳା ଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ୫ ଦିନ ହେଲା ବର୍ଷା ଚାଲିଛି । କଚାଘର ଓ କାନ୍ଥ ଗୁଡିକ ଓଦା ହୋଇ ଦୁର୍ବଳ ହୋଇଯାଇଛି ।ବିଭିନ୍ନ ସ୍ଥାନରେ କଚାଘରଗୁଡିକ ଭାଙ୍ଗିବା ସହ ଘରର ଆସବାବ ପତ୍ର ନଷ୍ଟ ହୋଇଛି । ବିଶେଷତଃ ଗରିବ ଲୋକ, ଯେଉଁମାନଙ୍କର କଚାଘର ଅଛି ସେମାନଙ୍କ ଅବସ୍ଥା ହୋଇ ।ମାଡକାଡିହି ଗ୍ରାମ ର ରାମଦାସ ପରିବାରର ଲୋକେ ଖାଇପିଇ ରାତିରେ ଶୋଇଥିଲେ । ମଙ୍ଗଳବାର ଭୋର ଚାରିଟା ସମୟରେ କାନ୍ଥ ଭଗ୍ନଡି ଯାଇ ଶୋଇଥିବା ରାମଦାସ ଓ ତାଙ୍କ ସ୍ତ୍ରୀ ଉପରେ ପଡିଥିଲା ।ରାମଦାସ ଶବ୍ଦ ଶୁଣି ପ୍ରାଣ ବିକଳରେ ଦୌଡ଼ି ପଳାଇଥିବା ବେଳେ ତାଙ୍କ ସ୍ତ୍ରୀ ସିଙ୍ଗୋ ମୁର୍ମୁଙ୍କ ଉପରେ ପଡ଼ିଯାଇଥିଲା । ସେ ଗୁରୁତରହୋଇଥିଲେ । ଖବର ପାଇ ଡିରିଂ ଅଗ୍ନିଶମ ବିଭାଗ ଓ ଡିରିଂ ପୋଲିସ ତାଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ ।ସେଠାରେ ମହିଳାଙ୍କ ମୃତ୍ୟୁ ହୋଇଥିବା ର ଡାକ୍ତର ଘୋଷଣା କରିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରିଛି । ସିଙ୍ଗୋ ମୁର୍ମୁର ଅକାଳ ମୃତ୍ୟୁରେ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ଖବରକାଗଜ ବିକ୍ରେତାଙ୍କ ମୃତଦେହ ଉଦ୍ଧାର

ବାରିପଦା (ଅମୃତମିଡିଆ): ବିଜାତଳା ବ୍ଲକର ଜଣ। ଶୁଣ। ଖବର କାଗଜ ବିକ୍ରେତା ସୃଷ୍ଟିଧର ଗିରି(୬୫) ଗତକା.ଲି ଖବର କାଗଜ ବାଣ୍ଟିବାକୁ ଯାଉଥିବା ସମୟରେ ଆମଦାବେଡା - ନୂଆଗାଁ ପୋଲ ଉପରେ ପାରୋଉଥିବା ସମୟରେ ଉଛୁଳା ପାଣି ସୁଅରେ ଗତକାଲି ପୂର୍ବାହ୍ନରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ, ଅଗ୍ନିଶମ ବିଭାଗ ଏବଂ ପୋଲିସ ଖୋଜା ଖୋଜି କରି ନୟାନ୍ତ ହୋଇ ଯାଇଥିଲେ । ପରିବାରବର୍ଗ ଓ ଗ୍ରାମବାସୀ, ସାମାଦିକମାନେ ଚିନ୍ତିତ ଥିଲେ । ମଙ୍ଗଳ ପୁଣି ଅଗ୍ନିଶମ ବିଭାଗ, ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି କରି ମଧ୍ୟାହ୍ନରେ ସେହି ନାଳ ପୋଲ ତଳେ ଥିବା ପଥର ଖଞ୍ଜି ମଧ୍ୟରୁ ସୃଷ୍ଟିଧର ଗିରିଙ୍କ ମୃତଦେହ ଉଦ୍ଧାର କରିଥିଲେ । ପରେ ଗୋରୁମହିଷାଣି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବାର ପ୍ରକାଶ ।

ବନ୍ୟା ପାଣିରେ ଭାସି ଯାଇଥିଲେ

ଶକ୍ତିଶ୍ରୀ ତରଫରୁ ଆତ୍ମରକ୍ଷା ତାଲିମ ଶିବିର

ବାରିପଦା /ଉଦଳା(ଅମୃତମିଡିଆ): ଉଦଳସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଶକ୍ତିଶ୍ରୀ ବିଭାଗ ତରଫରୁ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଚଳିତ ଅଗଷ୍ଟ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଶିବିର ୨୮ ତାରିଖ ଶୁକ୍ରବାର ଦିନ ଉଦ୍?ଯାପିତ ହୋଇ ଯାଇଛି । +୩ରେ ଅଧ୍ୟୟନ କରୁଥିବା ମୋଟ ୫୦ ଜଣ ଛାତ୍ରୀ ଶିବିରରେ ତାଲିମ ନେଇଥିବା ବେଳେ ସୁଶ୍ରୀ ନାନିକା ସିଂ ପ୍ରଶିକ୍ଷିକା ଭାବରେ ଆତ୍ମରକ୍ଷାର ରଣକୌଶଳ ତାଲିମ ପ୍ରଦାନ କରିଥିଲେ । ଉଦ୍?ଯାପନ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି ଅଧକ୍ଷତା କରି, ବର୍ତମାନର ପରିସ୍ଥିତି ଏପରି ହୋଇଛି ବାଟ ଚାଲିବା ପାଇଁ ଝିଅପିଲା ମାନଙ୍କ ପକ୍ଷେ ଏହି ତାଲିମର ଆବଶ୍ୟକତା ଜରୁରି ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ଶକ୍ତିଶ୍ରୀର ସଂଯୋଜିକା ଅଧ୍ୟାପିକା କୁମ୍?କୁମ ଦାସ ଉଦ୍?ଯାପନ ଉତ୍ସବରେ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆତ୍ମରକ୍ଷା ତାଲିମ ନେଇଥିବା ଆମର ଛାତ୍ରୀ ମାନେ ପୁରା ପ୍ରସ୍ତୁତ ଅଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଧାରାଣି ବେହେରା, ଡ଼.ଆରତିବାଳା ସାହୁ, ଗୁଂଜନା ଭୁୟାଁ, ଅଧ୍ୟାପକ ବିବେକାନନ୍ଦ ଦାସବାବୁ ପ୍ରମୁଖ ଯୋଗଦେଇ ସୁସ୍ଥ ଓ ନିରୋଗ ଜୀବନଯାପନ କରିବା ପାଇଁ ମଧ୍ୟ ଏହାର ଆବଶ୍ୟକତା ରହିଛି ବୋଲି କହିବା ସହ ତାଲିମ ନେଇଥିବା ରଣକୌଶଳକୁ ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଏହି ତାଲିମ ଆମ ଭିତରେ ଯେଉଁଭଳି ସାହସ ଭରିଦେଇଛି ଏହାକୁ ଆମେ ସାରା ଜୀବନ ଭୁଲିପାରିବୁ ନାହିଁ ବୋଲି ଛାତ୍ରୀ ମାନେ ନିଜ ନିଜର ଅନୁଭବ କଥନ ସମୟରେ କହିଥିଲେ ।

ଶୁକୃଳି ମେଡିକାଲ ରାସ୍ତାରେ ଆଣ୍ଠୁଏ ପାଣି

ପ୍ରତିବାଦ କଲେ ଲୋକେ

ବାରିପଦା /କରଞ୍ଜିଆ(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକରେ ଦୀର୍ଘଦିନ ଧରି ଜଳମଗ୍ନ ହୋଇପଡୁଛି । ଦୀର୍ଘଦିନ ଧରି ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ କିଛି ସମୟ ପାଇଁ ପ୍ରତିବାଦ କରିଥିଲେ । ଖବର ପାଇ ସ୍ଥାନୀୟ ପ୍ରଶାସନ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ଏହି ଜଳବନ୍ଦୀ ସମସ୍ୟା ପାଇଁ ସ୍ଥାନୀୟ ବାସିନ୍ଦା ଅମୀୟ ରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ସାଉ ଗୁପ୍ତା ଓ ସୁରେଶ ସାହୁ ପ୍ରମୁଖ ପ୍ରଶାସନକୁ ଦାୟୀ କରି ତୁରନ୍ତ ସମାଧାନ ଦାବି କରିଛନ୍ତି । ଅନ୍ୟପକ୍ଷରେ ସମସ୍ୟାର ସମାଧାନ ପାଇଁ ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶୁକୃଳି ତହସିଲଦାର ପିନାକୀ ପାର୍ଥ ସାରଥି ଆଶ୍ୱାସନ ଦେଇଛନ୍ତି ।

ନିଶା ନିବାରଣ, ସଡ଼କ ସୁରକ୍ଷା ଓ ସାଇବର ଅପରାଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବାରିପଦା (ଅମୃତମିଡିଆ): ଯଶିପୁର ଥାନା ଅନ୍ତର୍ଗତ ଚୈତନ୍ୟ ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସୁବୋଧ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱ ରେ ନିଶା ନିବାରଣ,ସଡ଼କ ସୁରକ୍ଷା ଓ ସାଇବର ଅପରାଧ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କଲେଜର ଶତାଧିକ ଛାତ୍ର ଛାତ୍ରୀଗଣ ଉକ୍ତ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିଥିଲେ । ମୁଖ୍ୟ ଅତିଥି ଭାବେ ଯଶିପୁର ଥାନା ଅଧିକାରୀ ରାଜେଶ କୁମାର ସେଠୀ ଯୋଗ ଦେଇ ସଚେତନତା ସଭାକୁ ଉଦଘାଟନ କରିବାସହ ନିଶା ନିବାରଣ, ସଡ଼କ ସୁରକ୍ଷା ଓ ସାଇବର ଅପରାଧ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଓଡ଼ିଆ ଅଧ୍ୟାପକ ସୁଧାକୃଷ୍ଣ ବାଗ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ମାନବିକ ଅଧିକାର ଆୟୋଗର ସଦସ୍ୟ ଅଭିମନ୍ୟୁ ମହାନ୍ତ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଯୋଗେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ଯଶିପୁର ଥାନାର ହାବିଲଦାର ଦୁର୍ଯୋଧନ ମହାନ୍ତ, ହୋମଗାର୍ଡ ସାବିତ୍ରୀ ତିରିଆ ନିଶା ନିବାରଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିଥିବାବେଳେ ଅର୍ଥନୀତି ବିଭାଗର ଅଧ୍ୟାପକ ପୃଷ୍ଠଚନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ମଣ୍ଡଳୀ ଶିରୋପାଣି ମହାନ୍ତ, ଭକ୍ତବନ୍ଧୁ ମହାନ୍ତ, ତପସ୍ୱିନୀ ବାରିକ, ଡକ୍ଟର ଝିଲି ମହାନ୍ତ, ପ୍ରଦୀପ ମହାନ୍ତ, ରଞ୍ଜନ ମହାନ୍ତ, ଅଭିମନ୍ୟୁ ନାଏକ, ଚନ୍ଦ୍ରଶେଖର ମହାନ୍ତ, ଶିଶିର ମହାନ୍ତ, ଫଣିଭୂଷଣ ବାରିକ, ଚିନ୍ମୟ ମହାକୁଡ଼, ବିଜୟ ପାତ୍ର, ରାଜେଶ ସାଧୁ, ସୁମନ୍ତ ମହାନ୍ତ, ଦିଲୀପ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

୫ରେ ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ

ବାରିପଦା(ଅମୃତମିଡିଆ): ଓଡ଼ିଶା ଫୁଟବଲ ଏସୋସିଏସନ ଆନୁକୂଲ୍ୟରେ ୬୫ତମ ବରିଷ୍ଠ ପୁରୁଷ ରାଜ୍ୟସ୍ତରୀୟ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିୟାନସିପ 'ସାହାଣୀ କପ' ଚଳିତ ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହେବାକୁ ଯାଉଅଛି ବୋଲି ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ଜଣାଇଛନ୍ତି ଓ ଏହି ଅବସରରେ ମୟୂରଭଞ୍ଜ ଦଳ ପାଇଁ ଚୟନ ପ୍ରକ୍ରିୟା ଆସନ୍ତା ୫ ତାରିଖରେ ବାରିପଦା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ ବୋଲି ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି ଓ ଇଚ୍ଛୁକ ଖେଳାଳି ମାନେ ନିଜନିଜର ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଓ ପାସପୋର୍ଟ ଫୋଟୋ ସହ ବାରିପଦା ଷ୍ଟାଡିୟମ ଅଫିସରେ ନାମ ପଞ୍ଜିକରଣ କରିପାରିବେ ଏବଂ ଏହି ଚୟନ ପ୍ରକ୍ରିୟା ପାଇଁ କୌଣସି ଗସ୍ତ ଖର୍ଚ୍ଚର ବ୍ୟବସ୍ଥା ନାହିଁ ବୋଲି ଫୁଟବଲ ସମ୍ପାଦକ ଅମର କୁମାର ସେଠିଙ୍କ ସୂତ୍ରରୁ ପ୍ରକାଶ ।

ନିଟ୍‌ରେ ସଫଳତା, ଡାକ୍ତର ହେବେ ଖୁଣ୍ଟାପଡ଼ାର ଶକ୍ତି ରଞ୍ଜନ

ସରକାରୀ ମେଡିକାଲ କଲେଜ ପାଇଁ ମନୋନୀତ; ଅଞ୍ଚଳ ପାଇଁ ଆଣିଲେ ଗୌରବ

ବାରିପଦା /ସାହାରପଡା (ଅମୃତମିଡିଆ): କଠିନ ପରିଶ୍ରମ, ଅଧ୍ୟବସାୟ ଓ ଦୃଢ଼ ଇଚ୍ଛାଶକ୍ତିର ଫଳ ମିଳିଛି । ସର୍ବଭାରତୀୟ ମେଡିକ

କେନ୍ଦୁଝରର ୬ ପ୍ରମୁଖ ରାସ୍ତାରେ ଭାରୀଯାନ ଚଳାଚଳ ଉପରେ କଟକଣା

➲ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ନିଷେଧାଦେଶ
➲ ବେଆଇନ ପାର୍କିଂକୁ ନେଇ ବଢୁଛି ଚିନ୍ତା

ସାହାରପଡା (ଅମୃତ ମିଡିଆ): ସଡ଼କ ସୁରକ୍ଷା ଏବଂ ସାଧାରଣ ଲୋକଙ୍କ ନିରାପଦ ଯାତାୟାତକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲାର ୬ଟି ପ୍ରମୁଖ ରାସ୍ତାରେ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ମୋଟର ଯାନ ଆଇନ ଏବଂ ଓଡ଼ିଶା ମୋଟର ଯାନ ନିୟମ ଅନୁଯାୟୀ ଜନସାଧାରଣଙ୍କ ସୁରକ୍ଷିତ ଯାତାୟାତ ଓ ସଡ଼କ ଦୁର୍ଘଟଣା ରୋକିବା ଉଦ୍ଦେଶ୍ୟରେ ଏହି କଟକଣା ଲାଗୁ କରାଯାଇଛି। ୨୪ ଅଗଷ୍ଟ ୨୦୨୬ରୁ ୨୪ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ରହିବ।

'ସାହାରପଡ଼ାରେ ବେଆଇନ ପାର୍କିଂ ବଡ଼ ସମସ୍ୟା'

ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି ହୋଇଥିଲେ ମଧ୍ୟ ସାହାରପଡ଼ା ବଜାର ଦେଇ ଯାଇଥିବା ଜାତୀୟ ରାଜପଥ-୨୨୦ରେ ବେଆଇନ ପାର୍କିଂ ଏବେ ଚିନ୍ତାର କାରଣ ହୋଇଛି। ବଜାର ଅଞ୍ଚଳରେ ରାସ୍ତା ଉପରେ ଅବ୍ୟବସ୍ଥିତ ଭାବେ ଗାଡ଼ି ପାର୍କିଂ ହେଉଥିବା ବେଳେ ରାସ୍ତାକଡ଼ରେ ଥିବା ହୋଟେଲ ଓ ଢାବା ନିକଟରେ ମଧ୍ୟ ଭାରୀଯାନ ସମେତ ବିଭିନ୍ନ ଗାଡ଼ି ରହୁଛି। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହା ସହିତ ଏହି ରାସ୍ତାରେ ଦିନରାତି ଭାରୀଯାନ ଚଳାଚଳ କରୁଥିବାରୁ ଦୁର୍ଘଟଣା ଆଶଙ୍କା ମଧ୍ୟ ବଢ଼ିଛି। ଏପରି ସ୍ଥିତିରେ ନିଷେଧାଦେଶକୁ କଡ଼ାକଡ଼ି ଲାଗୁ କରିବା ସହ ସାହାରପଡ଼ା ବଜାର ଓ ଜାତୀୟ ରାଜପଥ ଉପରୁ ବେଆଇନ ପାର୍କିଂ ହଟାଇବାକୁ ପୋଲିସ ଏବଂ ପରିବହନ ବିଭାଗର ନିୟମିତ ନଜରଦାରି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି। କେବଳ କଟକଣା ଜାରି କରିଦେଲେ ହେବ ନାହିଁ, ଏହାର କଡ଼ା ଅନୁପାଳନ ସହ ବେଆଇନ ପାର୍କିଂ ବିରୋଧରେ ଦୃଢ଼ ପଦକ୍ଷେପ ନିଆଗଲେ ହିଁ ସାହାରପଡ଼ା ସମେତ ଜିଲ୍ଲାରେ ସଡ଼କ ସୁରକ୍ଷା ଓ ସାଧାରଣ ଲୋକଙ୍କ ନିରାପଦ ଯାତାୟାତ ସୁନିଶ୍ଚିତ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

କଟକଣା ଲାଗୁ ହୋଇଥିବା ପ୍ରମୁଖ ରାସ୍ତାଗୁଡ଼ିକ ହେଲା—

୧. ଜାତୀୟ ରାଜପଥ-୨୦ — ରାମଚନ୍ଦ୍ରପୁର ରୁ ରିମୁଳି- ଚମ୍ପୁଆ ପର୍ଯ୍ୟନ୍ତ।

୨. ଜାତୀୟ ରାଜପଥ-୫୯ — ତୁରୁମୁଙ୍ଗା ରୁ ବିଞ୍ଜବାହାଳ ପର୍ଯ୍ୟନ୍ତ।

୩. ଜାତୀୟ ରାଜପଥ-୫୨୦ — ରିମୁଳି ରୁ ରୁଗୁଡ଼ିହି ପର୍ଯ୍ୟନ୍ତ।

୪. ଜାତୀୟ ରାଜପଥ-୨୨୦ — ଡେଙ୍କିକୋଟ ରୁ ପାଟଣା-ସାହାରପଡ଼ା ପର୍ଯ୍ୟନ୍ତ।

୫. ଜାତୀୟ ରାଜପଥ-୬୨୦ — ନରଣପୁର ରୁ ବ୍ରାହ୍ମଣୀପାଳ ପର୍ଯ୍ୟନ୍ତ।

୬. ଏକ୍ସପ୍ରେସ୍‌ୱେ-୨ — ରଣାସାଳ ଘାଟି , ଯୋଡ଼ା- ବାମେବାରୀ -ପଲାସପଙ୍ଗା ଅଞ୍ଚଳ।

ବିଶ୍ୱକର୍ମା ସମାଜ ଯୁବସଙ୍ଘର ନିର୍ବାଚନ
ନୂତନ କମିଟି ଗଠନ

ପୋଲସରା (ଅମୃତ ମିଡିଆ): ଆଠଗଡ଼ ତାଲୁକା, ପୋଲସରା ମୁଠା ବିଶ୍ୱକର୍ମା ସମାଜ ଯୁବ ସଙ୍ଘର ନିର୍ବାଚନ ଏବଂ ନୂତନ କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଠଗଡ଼ ତାଲୁକା ପୋଲସରା ମୁଠା ସଭାପତି ମଦନ ମୋହନ ମହାରାଣା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିକ୍ରମ ମହାରାଣା ସମ୍ପାଦନା କରିଥିଲେ। ଏଥିରେ ଆଠଗଡ଼ ତାଲୁକା ଭିତିମୁଠାର ପୋଲସରା ମୁଠା ସମେତ ଖଲାଡ଼ିମୁଠା, ଘାଟିପାରି ମୁଠା,ବରିଡ଼ା ଖଣ୍ଡ ମୁଠା ଏବଂ ଦକ୍ଷିଣ ଓଡ଼ିଶା ବିଶ୍ୱକର୍ମା ସମାଜ (ବଡ଼ଢ଼ଇକୁଳ) ସହବନ୍ଧିତ ୩୪ ତାଲୁକାର ରାଜଶ୍ରୀ ଦଣ୍ଡପାଟ, ରାଜଶ୍ରୀ ସଭାପତି ଓ କର୍ମକର୍ତ୍ତାଗଣ ଯୋଗଦେଇଥିଲେ। ଏହି ଅବସରରେ ଯୁବ ସଙ୍ଘର ସଦସ୍ୟବୃନ୍ଦଙ୍କ ସର୍ବ ସହମତି କ୍ରମେ ସାମାଞ୍ଚଳ ମହାରାଣା (ଗୋଠଳି) ଙ୍କୁ ସଭାପତି, ପ୍ରଦୀପ ମହାରାଣା (ପୋଲସରା ମୁଠା)ଙ୍କୁ ସମ୍ପାଦକ, ତୁନା ମହାରାଣା ଓ ମଙ୍ଗୁଲୁ ମହାରାଣା (ପୋଲସରା ମୁଠା) ଉଭୟଙ୍କୁ ଉପସଭାପତି, ଗୋବର୍ଦ୍ଧନ ମହାରାଣା (ପୋଲସରା ମୁଠା)ଙ୍କୁ ଯୁଗ୍ମ ସମ୍ପାଦକ, ଅରୁଣ ମହାରାଣା (ରାଣୀପଡ଼ା ମୁଠା) ଙ୍କୁ କୋଷାଧ୍ୟକ୍ଷ ଏବଂ ଉପଦେଷ୍ଟା ମଣ୍ଡଳୀରେ ରତ୍ନାକର ମହାରାଣା, ଯୋଗେନ୍ଦ୍ର ମହାରାଣା, ଲକ୍ଷ୍ମୀଧର ମହାରାଣା ପ୍ରମୁଖଙ୍କୁ ଚୟନ କରାଯିବାସହ ସନ୍ୟାସୀ ମହାରାଣା, ମିଥୁନ ମହାରାଣା, ବୁଦ୍ଧିରାମ ମହାରାଣା, ବସନ୍ତ ମହାରାଣା ଓ ଶଙ୍କର ମହାରାଣା ଏହି ୭ ଜଣଙ୍କୁ ସଦସ୍ୟଭାବେ ଭାବେ ଚୟନ କରାଯାଇଥିଲା। ଏହି ୧୧ ଜଣିଆ ସଦସ୍ୟ ବିଶିଷ୍ଟ ନୂତନ ପରିଚାଳନା କମିଟି ଆଗାମୀ ପାଞ୍ଚ ବର୍ଷ ସକାଶେ ସଂଘର ଉନ୍ନତି ଏବଂ ବିକାଶ ପାଇଁ କାର୍ଯ୍ୟକରିବେ। ପରେ ନୂତନ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କୁ ସଂଘ ତରଫରୁ କରତାଳି ମଧ୍ୟରେ ସ୍ୱାଗତ କରାଯିବା ସହିତ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସମ୍ବର୍ଦ୍ଧିତ ନୂତନ କର୍ମକର୍ତ୍ତା ଏବଂ ସଦସ୍ୟମାନେ କୁଳ ଇଷ୍ଟ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ସାକ୍ଷୀ ରଖି ସଂଘର ସର୍ବାଙ୍ଗିନ ଉନ୍ନତି ଏବଂ କଲ୍ୟାଣ ନିମନ୍ତେ ଶପଥ ଗ୍ରହଣ କରିଥିଲେ। ଶେଷରେ ସୀମା ମହାରାଣା ସଂଘ ତରଫରୁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ।

ଜାତୀୟ ପର୍ଯ୍ୟଟନ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର (ଅମୃତ ମିଡିଆ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ହେଉଥିବା ଜାତୀୟ ପର୍ଯ୍ୟଟନ ମହୋତ୍ସବ ଓ ଓଡିଶା ଲୋକକଳା ସମାରୋହ କାର୍ଯ୍ୟକ୍ରମ ମହା ଆଡମ୍ବରରର ସହକାରେ ପାଳନ କରିବା ପାଇଁ ପର୍ଯ୍ୟଟନ ଭାରତ ତରଫରୁ ଏକ ପ୍ରସ୍ତୁତି ବୈଠକ ବ୍ରହ୍ମପୁର ସର୍କିଟ ହାଉସ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପର୍ଯ୍ୟଟନ ଭାରତର ସମ୍ପାଦକ ତଥା ମହୋତ୍ସବର ମୂଖ୍ୟ ନାରାୟଣ ମହାଙ୍କୁଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କଳା, ସାହିତ୍ୟ ଓ ପର୍ଯ୍ୟଟନ ସହିତ ଜଡିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଯୋଗଦେଇ ଚଳିତ ବର୍ଷର କାର୍ଯ୍ୟକ୍ରମକୁ ଅଧିକ ସୁନ୍ଦର ଓ ଶୃଙ୍ଖଳିତ ଭାବେ କରିବା ପାଇଁ ମତପୋଷଣ କରିଥିଲେ । ପ୍ରସ୍ତୁତି ବୈଠକରେ ମହୋତ୍ସବର ଆବାହକ ଇଂ.ଉମା ଶଙ୍କର ପାଣିଗ୍ରାହୀ, ଓଡିଶା ନାଟ୍ୟସଂଘର ଦକ୍ଷିଣାଞ୍ଚଳ ଉପସଭାପତି ଭବାନୀ ଶଙ୍କର ମିଶ୍ର,ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜ ଗୋପାଳ ପାତ୍ର, ଚିତ୍ରାଳୟ ମହାସଂଘର ରାଜ୍ୟ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଓଡିଶା ନାଟକ ସମାରୋହର ସଭାପତି ଅନିଲ ପାତ୍ର, ଗୋପାଳ ପଟ୍ଟନାୟକ, କାର୍ତ୍ତିକ ପାଣିଗ୍ରାହୀ ,ବିଜୟ ମିଶ୍ର,ଅଶୋକ ମହାନ୍ତି,ମିନତା ମହାନ୍ତି,ମୀନା ଦାସ,ଚନ୍ଦ୍ରକଳା,ଭଗବାନ ପାତ୍ର ପ୍ରମୁଖଙ୍କ ସହ ଅନେକ ଉପସ୍ଥିତ ଥିଲେ । ଆଗାମୀ ସେପ୍ଟେମ୍ବର ୨୫,୨୬ ଓ ୨୭ ତିନିଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ରେ ବିଶେଷ କରି ଜାତୀୟ ପର୍ଯ୍ୟଟନ ଆଲୋଚନା ଚକ୍ର, ଫିଲ୍ମ ଫେଷ୍ଟିଭାଲ,ସାହିତ୍ୟ ଚର୍ଚ୍ଚା,ଲୋକନୃତ୍ୟ,ମଞ୍ଚନାଟକ , ପର୍ଯ୍ୟଟନ ସ୍ଥାନର ବୃତ୍ତଚିତ୍ର,ପର୍ଯ୍ୟଟନ ବଳୟସହ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜାତୀୟ ପର୍ଯ୍ୟଟନ ମହୋତ୍ସବ କମିଟି ତରଫରୁ ସୂଚନା ଦିଆଯାଇଛି । ଶେଷରେ କୈଳାସ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ପଞ୍ଚାୟତ ସମିତି ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଛତ୍ରପୁର ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ବିଡିଓ ସମିତ ସଂଗ୍ରାମଜୀତ ସାହୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗ ଦେଇ ଦିବ୍ୟାଙ୍ଗ ବ୍ୟକ୍ତିମାନେ କିପରି ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ, ସେନେଇ ଅବଗତ କରାଯାଇଥିଲେ । ଏଥିସହ ବିଭିନ୍ନ ସରକାରୀ ସୁବିଧା ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଲୋକଙ୍କୁ ଅଧିକ ରୁ ଅଧିକ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମୁନିସିପେଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ କୁମାର ରଥ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ବେହେରା, ଛତ୍ରପୁର ସିଡିପିଓ ପ୍ରଣମିତା ପଣ୍ଡା ଓ ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ସଦ୍ଧିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଛତ୍ରପୁର ବ୍ଲକ ଫାଇନାନ୍ସ ଅଫିସର ଗିରିଶ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ।

ପୋଡ଼ମପେଟା ସମୁଦ୍ର ବେଳାଭୂମିରେ ମାଟି ତଳୁ ଦେଖାଯାଉଛି ଏକ ମନ୍ଦିରର ଚୁଳ

ଛତ୍ରପୁର (ଅମୃତ ମିଡିଆ): ବେଳାଭୂମିରେ ଦେଖାଯାଉଛି ଏକ ମନ୍ଦିରର ଚୁଳ । ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣା ପୋଡ଼ମପେଟା ସମୁଦ୍ର ବେଳାଭୂମିରୁ ଏକ ମନ୍ଦିରର ଚୁଳ ଦେଖି ଆଶ୍ଚର୍ଯ୍ୟ ଗ୍ରାମବାସୀ । ସମୁଦ୍ର ବେଳାଭୂମିରେ ମାଟି ତଳେ ପୋତି ହୋଇ ରହିଛି ଏହି ରହସ୍ୟ ମୟ ଚୁଳ । ସମୁଦ୍ର କୂଳରେ ଏହା ଦୃଶ୍ୟମାନ ହେଉଥିବା ବେଳେ ମାଟି ତଳେ ମନ୍ଦିର ରହିଛି ନା କେବଳ ମନ୍ଦିରର ଚୁଳ ରହିଛି ତାହା ଏବେ ରହସ୍ୟ ଘେରରେ। ଦିନେ ଏଠାରେ ଜନ ବସତି ରହିଥିବା ବେଳେ ସମୁଦ୍ର ଦିନକୁ ଦିନ କୂଳ ଲାଞ୍ଚି ଘର ଗୁଡିକ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଛି । ଏହି ଗ୍ରାମର ଏକ ମନ୍ଦିର ସମୁଦ୍ର ରେ ପୋତି ହୋଇ ରହିଥାଏ ପାରେ



ବୋଲି ଅନୁମାନ କରାଯାଉଛି । ଅଧିକ ମାତ୍ରାରେ ମାଟି ଖୋଳିବା ପରେ ହିଁ ଏହା ଏକ ମନ୍ଦିର ନା କେବଳ ମନ୍ଦିରର ଚୁଳ ତାହା ସ୍ପଷ୍ଟ ହେବ ବୋଲି କହିଛନ୍ତି ଗ୍ରାମବାସି ମାନେ । ଅନ୍ୟପଟେ ଗ୍ରାମର ସେହି ସ୍ଥାନରେ ଏକ ଗଙ୍ଗା ଦେବୀ ମନ୍ଦିର ରହିଥିଲା । ମନ୍ଦିର ପ୍ରତିଷ୍ଠା ହେବା ପୂର୍ବରୁ ଏହି ମନ୍ଦିରଟି ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିଲା । ସେହି ମନ୍ଦିର ଟି ହୋଇଥାଏ ପରେ ବୋଲି ଗ୍ରାମବାସୀ ମାନେ ଅନୁମାନ କରୁଛନ୍ତି ।

ସେବା ସମ୍ମାନରେ 'ମାନବ ପ୍ରେମୀ ସେବା ଟ୍ରଷ୍ଟ' ସମ୍ମାନିତ

ଯୋଡ଼ା (ଅମୃତ ମିଡିଆ): ସମାଜସେବା କ୍ଷେତ୍ରରେ ନିରନ୍ତର ଓ ଉଲ୍ଲେଖନୀୟ ଅବଦାନ ପାଇଁ ଯୋଡ଼ା ପୌରପାଳିକା ପକ୍ଷରୁ 'ମାନବ ପ୍ରେମୀ ସେବା ଟ୍ରଷ୍ଟ'କୁ ସମ୍ମାନିତ କରାଯାଇଛି । ଯୋଡ଼ା ପୌରପାଳିକା ପକ୍ଷରୁ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଟ୍ରଷ୍ଟ ?ର ସମାଜସେବାମୂଳକ କାର୍ଯ୍ୟକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ସମାଜର ଅବହେଳିତ, ଅସହାୟ ଓ ଆବଶ୍ୟକତା ଥିବା ଲୋକଙ୍କ ପାଖରେ ଠିଆ ହୋଇ ସେମାନଙ୍କୁ ସହଯୋଗର ହାତ ବଢ଼ାଇ ଆସୁଥିବା 'ମାନବ ପ୍ରେମୀ ସେବା ଟ୍ରଷ୍ଟ'ର ବିଭିନ୍ନ ସେବାମୂଳକ କାର୍ଯ୍ୟକୁ ନେଇ ଏହି ସମ୍ମାନ ଦିଆଯାଇଥିବା ଜଣାପଡ଼ିଛି । ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଗରିବ ଓ ଅସହାୟଙ୍କୁ ସହାୟତା, ସାମାଜିକ ସଚେତନତା ସୃଷ୍ଟି, ମାନବିକ ସେବା, ଆବଶ୍ୟକତା ସମୟରେ ଲୋକଙ୍କୁ ସହଯୋଗ ସମେତ ବିଭିନ୍ନ ଜନହିତକର କାର୍ଯ୍ୟ କରାଯାଉଛି । ସେବାକୁ ମୁଖ୍ୟ ଲକ୍ଷ୍ୟ କରି ନିରବଚ୍ଛିନ୍ନ ଭାବେ ଏଭଳି କାର୍ଯ୍ୟ ଜାରି ରଖିବା ଟ୍ରଷ୍ଟ ?ର ଏକ ପ୍ରମୁଖ ବିଶେଷତ୍ୱ ବୋଲି କୁହାଯାଇଛି । ସ୍ୱାୟତ୍ତ ଶାସନ ଦିବସ କେବଳ ପୌରସଂସ୍ଥାର କାର୍ଯ୍ୟକଳାପ ଓ ଉନ୍ନୟନର ସମୀକ୍ଷାର ଦିନ ନୁହେଁ, ବରଂ ସହରର ବିକାଶରେ ଅବଦାନ ରଖିଥିବା ବ୍ୟକ୍ତି, ସଂଗଠନ ଓ ସେବାମୂଳକ ପ୍ରତିଷ୍ଠାନଗୁଡ଼ିକୁ ପ୍ରୋତ୍ସାହନ ଦେବାର ମଧ୍ୟ ଏକ ଅବସର । ଏହି ପରିପ୍ରେକ୍ଷୀରେ ସମାଜସେବା କ୍ଷେତ୍ରରେ ଟ୍ରଷ୍ଟ ?ର ଭୂମିକାକୁ ସମ୍ମାନ ଦେବା ସାମାଜିକ କାର୍ଯ୍ୟକର୍ତ୍ତା ଓ ସେବାମୂଳକ ସଂଗଠନଗୁଡ଼ିକ ପାଇଁ ଏକ ପ୍ରେରଣାଦାୟକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି । ସମ୍ମାନ ଗ୍ରହଣ କରି 'ମାନବ ପ୍ରେମୀ ସେବା ଟ୍ରଷ୍ଟ' ପକ୍ଷରୁ ଯୋଡ଼ା ପୌରପାଳିକାକୁ କୃତଜ୍ଞତା ଜଣାଯାଇଥିଲା । ଏହି ସମ୍ମାନ ଟ୍ରଷ୍ଟ ?ର ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ ଓ ଶୁଭେଚ୍ଛୁମାନଙ୍କୁ ଆଗାମୀ ଦିନରେ ଅଧିକ ଉତ୍ସାହର ସହ ସମାଜସେବା କରିବାକୁ ପ୍ରେରଣା ଯୋଗାଇବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ।

ବିନାୟକ ଆଚାର୍ଯ୍ୟଙ୍କ ପ୍ରତି ଅସମ୍ମାନକୁ ପୂଜ୍ୟପୂଜା ସମିତିର ଦୃଢ଼ନିନ୍ଦା

ବ୍ରହ୍ମପୁର (ଅମୃତ ମିଡିଆ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବ୍ରହ୍ମପୁର ସହରର ଜଣେ ସଚ୍ଚୋଟ ରାଜନେତା ତଥା ଆଦର୍ଶ ଶିକ୍ଷକ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ପ୍ରତି ଆଜି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଦେଖାଯାଇଥିବା ଅବହେଳାକୁ ସାଂସ୍କୃତିକ ଅନୁଷ୍ଠାନ 'ପୂଜ୍ୟ ପୂଜା ସମିତି' ଦୃଢ଼ ନିନ୍ଦା କରିଛି। ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ଜୟନ୍ତୀ ଅବସରରେ ଆଜି ସକାଳେ ପୂଜ୍ୟ ପୂଜା ସମିତିର କର୍ମକର୍ତ୍ତାମାନେ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ସମୟରେ ଏକ ଅତ୍ୟନ୍ତ ଅଶୋଭନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ମହାନଗର ନିଗମ ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇନଥିବା ବେଳେ, ତାଙ୍କ ସ୍ମୃତିରେ ପ୍ରତିଷ୍ଠିତ ବିଦ୍ୟାଳୟର ଫାଟକ ବନ୍ଦ କରି ଗାଡ଼ି ପାର୍କିଂ କରାଯାଇଥିଲା। ଫଳରେ ରାସ୍ତାରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହା ସହିତ, ବିନାୟକ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଘରୋଇ ଫାର୍ମା କମ୍ପାନୀର ବ୍ୟାନର ଲଗାଯାଇଥିବା ଘଟଣା ତାଙ୍କ ପ୍ରତି ଅସମ୍ମାନର ଏକ ଜ୍ୱଳନ୍ତ ଉଦାହରଣ ବୋଲି ସମିତି ପକ୍ଷରୁ କୁହାଯାଇଛି।

ଯାଜପୁରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ
ପୌର ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ

ଯାଜପୁର (ଅମୃତ ମିଡିଆ): ଯାଜପୁର ପୌରପାଳିକା ଆନୁକୂଲ୍ୟରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ପବିତ୍ର 'ସ୍ୱାୟତ୍ତ ଶାସନ ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ, ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌରାଞ୍ଚଳର ଉନ୍ନୟନ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି। ମନ୍ତ୍ରୀ ଶ୍ରୀ ବଳସାମନ୍ତ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ସହରର ବିକାଶ ହିଁ ରାଜ୍ୟର ବିକାଶର ମୂଳଦୁଆ। ତୃଣମୂଳ ସ୍ତରରେ ଗଣତାନ୍ତ୍ରିକ ଉପଭୋଗ କରିବାର ଯଥାର୍ଥ ମଞ୍ଚ ହେଉଛି ସ୍ୱାୟତ୍ତ ଶାସନ ବ୍ୟବସ୍ଥା। ନାଗରିକଙ୍କ ସହଯୋଗ ଓ କାଉନସିଲରମାନଙ୍କ ନିଷ୍ଠାପର ପରିଶ୍ରମ ବିନା ସହରାଞ୍ଚଳର ପୂର୍ଣ୍ଣାଙ୍ଗ ବିକାଶ ଅସମ୍ଭବ। ସ୍ୱଚ୍ଛ ଭାରତ ଅଭିଯାନରେ ଆମ ସଫେଇ କର୍ମଚାରୀଙ୍କ ଅବଦାନ ଅତୁଳନୀୟ।

ପୌର ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ' ପୌର ସଂସ୍ଥାଗୁଡ଼ିକୁ ଅଧିକ କ୍ଷମତାସମ୍ପନ୍ନ ଓ ସଶକ୍ତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ସମସ୍ତ ପୌରାଞ୍ଚଳକୁ ବିକଶିତ କରି 'ବିକଶିତ ଓଡ଼ିଶା' ତଥା 'ବିକଶିତ ଭାରତ' ଗଠନ କରିବାକୁ ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ ବୋଲି ସେ କହିଥିଲେ। ଯାଜପୁର ସାଂସଦ, ଡ଼ା. ରବୀନ୍ଦ୍ର ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଗଣତନ୍ତ

।। ୧୫୪ ଦିନରେ ନୀରବ ସତ୍ୟାଗ୍ରହ ।।

ଦର୍ଶନ ଅଧିକାର ପାଇଁ ସତ୍ୟ ଓ ଅହିଂସାର ପଦଯାତ୍ରା

ପୁରୀ (ବ୍ୟୁରୋ): ଦିନ ପରେ ଦିନ ବିତୁଛି, ହେଲେ ପୁରୀବାସୀଙ୍କ ଦାବି ଓ ସଂକଳ୍ପରେ କୌଣସି ପରିବର୍ତ୍ତନ ଆସିନାହିଁ। ନ୍ୟାୟସଙ୍ଗତ ଅଧିକାର ପାଇଁ ସତ୍ୟ ଓ ଅହିଂସାର ମାର୍ଗରେ ଆରମ୍ଭ ହୋଇଥିବା ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୫୪ ଦିନରେ ପହଞ୍ଚିଛି। ଦାବି ପୂରଣ ହୋଇନଥିଲେ ମଧ୍ୟ ଆନ୍ଦୋଳନର ଗତି ଥମିନାହିଁ। ବରଂ ଦୀର୍ଘଦିନର ଏହି ଯାତ୍ରା ପୁରୀବାସୀଙ୍କ ଦୃଢ଼ ଏକତା, ଧୈର୍ଯ୍ୟ ଓ ଅଧିକାର ସଚେତନତାର ପ୍ରମାଣ ହୋଇଛି। ପୁରୀବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଦାବିରେ ଗତ ଏପ୍ରିଲ ୧ ତାରିଖରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ଓ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିଦିନ ଶାନ୍ତିପୂର୍ଣ୍ଣ ଭାବେ ଏହି ପଦଯାତ୍ରା ଜାରି ରହିଛି। ଆଜି ମଧ୍ୟ ସତ୍ୟାଗ୍ରହୀମାନେ ଭକ୍ତ ସାଲବେଗ ପୀଠରେ ଏକାଠି ହୋଇ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ଓ ପୂର୍ବପରି ଦର୍ଶନ ବ୍ୟବସ୍ଥା ପୁନଃସ୍ଥାପନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସତ୍ୟାଗ୍ରହ ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ୧୫୪ ଦିନ ଧରି ପୁରୀବାସୀ ନିଜ ଅଧିକାରର ପ୍ରଶ୍ନକୁ ଶାନ୍ତି ଓ ଅହିଂସାର ମାଧ୍ୟମରେ ସମାଜ ଓ ସରକାରଙ୍କ ସମ୍ମୁଖରେ ରଖିଆସୁଛନ୍ତି। ଏହା କେବଳ ଏକ ପଦଯାତ୍ରା ନୁହେଁ, ପୁରୀବାସୀଙ୍କ ଦୀର୍ଘଦିନର ଆସ୍ଥା, ପରମ୍ପରା ଓ ଅଧିକାର ସହ ଜଡ଼ିତ ଏକ ଭାବନାର ସ୍ୱର। ସେ କହିଛନ୍ତି, ଏହି ଆନ୍ଦୋଳନ କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ସରକାର ବିରୋଧୀ ଆନ୍ଦୋଳନ ନୁହେଁ। ଏହା ପୁରୀବାସୀଙ୍କ ନ୍ୟାୟସଙ୍ଗତ ଅଧିକାର ଓ ଧାର୍ମିକ ଭାବନାର ସୁରକ୍ଷା ପାଇଁ ଏକ ଅହିଂସାମୂଳକ ସତ୍ୟାଗ୍ରହ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ପଦଯାତ୍ରା କୌଣସି ପରିସ୍ଥିତିରେ ବନ୍ଦ ହେବ ନାହିଁ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଆଜିର ଏହି ସଚେତନତା ସତ୍ୟାଗ୍ରହ ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ରମେଶ ମହାନ୍ତି, ଅରୁଣା ପଟ୍ଟନାୟକ, ଭାରତୀ ମହାନ୍ତି, ଅଞ୍ଜୁବାଳା ମହାନ୍ତି, ଆରତୀ ମହାନ୍ତି, ବନିତା ଦୀକ୍ଷିତ, ସୌମ୍ୟା ସାହୁ, ରଶ୍ମିତା ଦଳାଇ, ସୁଭଦ୍ରା ସାହୁ, ଦୀପା ବେହେରା, ରତିକା ପ୍ରଧାନ, ମମତା ସ୍ୱାଇଁ, ମନୋରଞ୍ଜନ ରଣସିଂହ, ସନ୍ତୋଷ ସେନାପତି, ପ୍ରକାଶ ଚନ୍ଦ୍ର ନାୟକ, ନୃସିଂହନାଥ ନାୟକ, କାଶୀନାଥ ସାହୁ, ସୁବାଷ ପଟ୍ଟନାୟକ, ବାପିନା ସାମନ୍ତରାୟ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ। ୧୫୪ ଦିନର ଏହି ଯାତ୍ରା ଏବେ କେବଳ ଦିନ ଗଣନାରେ ସୀମିତ ନାହିଁ। ଏହା ପୁରୀବାସୀଙ୍କ ଏକତା, ଧୈର୍ଯ୍ୟ ଓ ଅଧିକାର ପାଇଁ ଅଟଳ ସଂକଳ୍ପର ଏକ ଦୃଢ଼ ଉଦାହରଣ। ସତ୍ୟ ଓ ଅହିଂସାର ମାର୍ଗରେ ନିଜ ଦାବି ନେଇ ଏହି ସ୍ୱର ଆଗକୁ ମଧ୍ୟ ଜାରି ରହିବ।

ଶୀତତାପ ନିୟନ୍ତ୍ରିତ ହେବ ଶ୍ରୀମନ୍ଦିର ନାଟମଣ୍ଡପ

ଗରମ ଓ ଗୁଳୁଗୁଳିରୁ ରକ୍ଷା ପାଇବେ ଭକ୍ତ

ପୁରୀ (ବ୍ୟୁରୋ): ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଏବେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାରେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ କରିବେ। ଶ୍ରୀମନ୍ଦିର ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଗତ ଏକମାସ ଧରି ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ କରାଯାଇଥିବା ବେଳେ ଆଜିଠାରୁ ପୂର୍ଣ୍ଣ ରୂପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଏଣିକି ଭକ୍ତମାନେ ନାଟମଣ୍ଡପରେ ପ୍ରବଳ ଗରମ ଓ ଗୁଳୁଗୁଳିର ସମ୍ମୁଖୀନ ହେବେ ନାହିଁ। ପ୍ରବଳ ଗୁଳୁଗୁଳି ଯୋଗୁଁ ଅନେକ ସମୟରେ ଭକ୍ତମାନେ ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହୋଇ ପଡୁଥିବାବେଳେ ଅନେକ ଭକ୍ତ ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ଶ୍ରୀମନ୍ଦିର ଭିତରେ ବାନ୍ତି କରିଦିଅନ୍ତି। ଏହାଦ୍ୱାରା ଅନେକ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତିରେ ବାଧା ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ଇଓ୍ୱର ସହଯୋଗରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଭାବରେ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଭକ୍ତ ଓ ସେବାୟତ। ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ ଭକ୍ତମାନେ ସ୍ୱାଗତ କରିଛନ୍ତି। ତେବେ ଶ୍ରୀମନ୍ଦିର ନାଟମଣ୍ଡପ ଭିତରେ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଗଲେ ଭକ୍ତମାନେ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ପାଇ ପାରିବେ ବୋଲି ଭକ୍ତମାନେ କହିଛନ୍ତି। ଏଣୁ ସରକାର ଯଥାଶୀଘ୍ର ଶ୍ରୀମନ୍ଦିର ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଭକ୍ତ ଅନୁରୋଧ କରିଛନ୍ତି। ସେପଟେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଥିବାରୁ ଭକ୍ତମାନେ ଅତି ସୁନ୍ଦର ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ। ଶୃଙ୍ଖଳିତ ଦର୍ଶନ ପାଇଁ ଆଗାମୀ ଦିନରେ ରାଜ୍ୟ ସରକାର ଧାଡ଼ି ଦର୍ଶନ ବ୍ୟବସ୍ଥା ନାଟମଣ୍ଡପ ରେ କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନଥିବାରୁ ବରିଷ୍ଠ ନାଗରିକ, ମହିଳା, ଛୋଟପିଲା ମାନେ ମହାପ୍ରଭୁଙ୍କୁ ଠିକ୍ରେ ଦର୍ଶନ କରି ପାରୁନାହାନ୍ତି। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ତେବେ ସରକାର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କେବେ କରୁଛନ୍ତି ତାକୁ ଏବେ ସମସ୍ତଙ୍କ ଅପେକ୍ଷା।

ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ପୁରୀ (ବ୍ୟୁରୋ): ଟାଉନ ହଲ ଠାରେ ପୁରୀ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପୂର୍ବ ପୁରୀ ସହର ଠାରୁ ବର୍ତ୍ତମାନ ସହରର କଲେବରର ଅନେକ ପରିବର୍ତ୍ତନ ଘଟିଛି ବୋଲି କହିଥିଲେ। ବର୍ତ୍ତମାନ ମହାନଗର ନିଗମ ଘୋଷଣା ପରେ ଅନେକ କାର୍ଯ୍ୟ କରାଯିବ।ଲୋକ ମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା କୁ ସମସ୍ତ ଉଦ୍ୟମ କରାଯିବ। । ପୁରୀ ସହରକୁ ବିଶ୍ୱସ୍ତରୀୟ କରିବାକୁ ସରକାର ଘୋଷଣା କରିଛନ୍ତି।ଏହାକୁ ଆମ ସମସ୍ତଙ୍କ ସହଯୋଗ ରେ ସଫଳ କରିବା ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ ପୁରୀ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ଦାସ, ପୂର୍ବତନ ଅଧ୍ୟକ୍ଷ ଗୌରହରି ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ଶାନ୍ତିଲତା ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ଏ ବିଶ୍ୱ ନାଥ ରାଓ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ପୁରୀ ମହାନଗର ନିଗମର ବର୍ତ୍ତମାନ ର ସ୍ଥିତି, ଆବଶ୍ୟକତା, ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଅଧ୍ୟକ୍ଷତା କରି ପୁରୀ ମହାନଗର ନିଗମ ର ଆୟୁକ୍ତ ଅଭିମନ୍ୟୁ ବେହେରା ସମସ୍ତଙ୍କୁ ସ୍ୱାଗତ ସହ ମହାନଗର ନିଗମର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଉପ ଆୟୁକ୍ତ ଅରଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଂଚାଳନ କରିଥିଲେ। ପରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଚଳିତ ବର୍ଷ ପୁରୀ ଜିଲ୍ଲାରେ ଆବଶ୍ୟକତା ଠାରୁ ଅଧିକ ବର୍ଷା

ପୁରୀ (ବ୍ୟୁରୋ): ଚଳିତ ବର୍ଷ ପୁରୀ ଜିଲ୍ଲାରେ ଜୁନ ଜୁଲାଇ ଓ ଅଗଷ୍ଟ ମାସରେ ବର୍ଷା ର ପରିମାଣ ବିଗତ ବର୍ଷ ତୁଳନାରେ ଅଧିକ ରହିଛି।ଜୁନ ମାସରେ ଚଳିତ ବର୍ଷ ୫୦.୩ ମିମି ବର୍ଷା ହୋଇଥିବା ବେଳେ ଜୁଲାଇ ରେ ଏହାର ପରିମାଣ ୬୯୩.୧ ମିମି ଓ ଅଗଷ୍ଟ ମାସରେ ୩୬୫.୨ ମିମି ବର୍ଷା ହୋଇଛି।ମୋଟ ଉପରେ ଏହି ତିନି ମାସରେ ବର୍ତ୍ତମାନ ସୁଦ୍ଧା ୧୧୦୫.୬ ମିମି ବର୍ଷା ହୋଇଛି।ଜିଲ୍ଲାରେ ନର୍ମାଲ ବା ସାଧାରଣ ଭାବେ ଏହି ତିନି ମାସରେ ମୋଟ ୮୩୮.୪ ମମି ବର୍ଷା ଅର୍ଥାତ ଜୁନ ମାସରେ ୧୭୪.୬,ଜୁଲାଇ ମାସରେ ୩୧୧.୫ ମିମି ଓ ଅଗଷ୍ଟ ମାସରେ ୩୫୨.୩ ମିମି ବର୍ଷା ହେବା କଥା।ତେବେ ୮୩୮.୪ ମିମି ତୁଳନାରେ ଚଳିତ ବର୍ଷ ଏହି ତିନି ମାସରେ ଅଧିକ ୨୬୭.୨ ମିମି ବା ମୋଟ ୧୧୦୫.୬ ମିମି ବର୍ଷା ରେକର୍ଡ ହୋଇଛି । ୨୦୨୩ ମସିହା ଜୁନ ରେ ୧୦୮.୨,ଜୁଲାଇରେ ୧୭୫.୨ ଓ ଅଗଷ୍ଟ ରେ ୨୭୯.୮ ମିମି। ଏହିଭଳି ମୋଟ ୫୬୩.୨ ମିମିବର୍ଷା ହୋଇଥିଲା। ୨୦୨୪ ଜୁନରେ ୧୧୦.୩ ଜୁଲାଇ ରେ ୧୮୪.୧ ଓ ଅଗଷ୍ଟ ରେ ୩୦୬.୪ ମିମି, ଏହିଭଳିମୋଟ ୬୦୦.୮ ମିମି ବର୍ଷା ହୋଇଥିଲା।୨୦୨୫ ବର୍ଷ ରେ ଜୁନ ମାସରେ ୧୫୩. ୯ ମିମି,ଜୁଲାଇରେ ୧୩୩.୯ ମିମି, ଅଗଷ୍ଟ ରେ ୨୦୯.୫ ମିମି, ଏହି ଭଳି ମୋଟ ୪୯୭.୩ ମିମି ବର୍ଷା ରେକର୍ଡ କରାଯାଇଥିଲା।

ତୀର୍ଥଯାତ୍ରାରେ ଗଲେ ୧୨୭ ବରିଷ୍ଠ ନାଗରିକ

ପୁରୀ (ବ୍ୟୁରୋ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରେ ପୁରୀ ଜିଲ୍ଲାରୁ ଆଜି ଅପରାହ୍ନରେ ୧୨୭ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି। ସେମାନେ ଆଜି ଭୁବନେଶ୍ୱରରେ ରହିବେ ଓ ଆସନ୍ତା କାଲି ବାରାଣସୀ ଅଯୋଧ୍ୟା ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ ରେ ଯାତ୍ରା କରିବେ।ଏହି ବରିଷ୍ଠ ନାଗରିକ ମାନେ ବାରାଣସୀ ଅଯୋଧ୍ୟା ପରିଭ୍ରମଣ କରିବା ସହ ଚଳିତ ମାସ ୭ ତାରିଖରେ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି।ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି। ଆଜି ପୂର୍ବାହ୍ନରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମ କମିଶନର ଅଭିମନ୍ୟୁ ବେହେରା,ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ କୁମାର ବେହେରା,ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ। ଅତିଥି ମାନେ ନଡ଼ିଆ ବାଡେଇ ଯାତ୍ରା ର ସଫଳତା କାମନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ତୀର୍ଥଯାତ୍ରୀ ଙ୍କୁ ସହଯୋଗ ପ୍ରଦାନ କରିଥିଲେ। ନିଜ ନିଜର ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀ ମାନଙ୍କ ସୂଚନା ଅନୁସାରେ ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀ ଙ୍କୁ ଅନୁରୋଧ କରା ଯାଇଥିଲା।

ଆଜି ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୭ଟା ଯାଏଁ ବନ୍ଦ ରହିବ ଜଗାଦର୍ଶନ

ପୁରୀ (ବ୍ୟୁରୋ): ଆସନ୍ତାକାଲି ସାଢ଼େ ୪ ଘଣ୍ଟା ବନ୍ଦ ରହିବ ଜଗନ୍ନାଥ ଦର୍ଶନ । ଅପରାହ୍ନ ୨ ଟା ୩୦ ଠାରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ । ଆସନ୍ତାକାଲି ୨ ସେପ୍ଟେମ୍ବର, ବୁଧବାର ,ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ରାହୁରେଖାଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ୨ ଟା ୩୦ ଠାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ଅର୍ଥାତ୍ ରେଖାପଞ୍ଚମୀ ଦିନ ଅନୁଷ୍ଠିତ ହୋଇଥାଏ । ଏହା ମହାପ୍ରଭୁଙ୍କ ଏକ ସ୍ୱତନ୍ତ୍ର ଏବଂ ଗୁପ୍ତ ନୀତିକାନ୍ତି ଅଟେ ।ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାରୁ ମହାପ୍ରଭୁଙ୍କଠାରୁ ଓଲାଗି ହୋଇଥିବା ସ୍ୱର୍ଣ୍ଣ ରାହୁରେଖାକୁ ଆସନ୍ତାକାଲି ପୁନର୍ବାର ଶ୍ରୀମୁଖରେ ଲାଗି କରାଯିବ ।

ସଂସ୍କୃତ ଭାଷା ବାଣୀକୁ ବିବିଧ ଭାଷାରେ ରୂପାନ୍ତରଣ

ପୁରୀ (ବ୍ୟୁରୋ): ସଂସ୍କୃତ ସପ୍ତାହ ପାଳନର ଶେଷ ଦିବସରେ ଆଜି ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ସଂସ୍କୃତ ଭାଷାରେ ଲିଖିତ କିଛି ମହାନ୍ ବାଣୀକୁ ଫଳକ ମାଧ୍ୟମରେ ଲଗାଯାଇଥିଲା ।ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ରାଜ କିଶୋର ମିଶ୍ର ଙ୍କ ଦ୍ୱାରା ଏହା ଉନ୍ମୋଚିତ କରାଯାଇଥିଲା । ଏଥିରେ ସଂସ୍କୃତ ଭାଷାକୁ ଓଡ଼ିଆ ତଥା ଇଂରାଜୀ ଭାଷାରେ ମଧ୍ୟ ଅନୁବାଦିତ କରାଯାଇଛି । ଏହାଦ୍ୱାରା ଆମ ପ୍ରାଚୀନ ତଥା ମହାନ ଭାଷା ସଂସ୍କୃତର ବିଭିନ୍ନ ହିତୋପଦେଶ ଓ ବାଣୀକୁ ଅନ୍ୟାନ୍ୟ ଭାଷା ଭାଷୀର ଲୋକ ମାନେ ଜାଣିବା ସହଜ ହୋଇ ପାରିବ ।ଯାହା ଦ୍ୱାରା ଆମ ସଂସ୍କୃତ ଭାଷାର ଗୌରବ ଓ ଗୁରୁତ୍ୱ ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗର ମୁଖ୍ୟା ସ୍ପିପ୍ସା ସ୍ୱରୂପା ବାରିକ, ଡ ଅରୁଣ କୁମାର ମିଶ୍ର, ପ୍ରଶାସନିକ ଅଧିକାରୀ ଡ ରବୀନ୍ଦ୍ର ନାଥ ପାଢ଼ୀ, ସ୍ୱପ୍ନାରାଣୀ ମିଶ୍ର, ପ୍ରବୀର କୁମାର ବେହେରା, ପ୍ରେମରାଜ ଗହୀର, ଦେବୀ ଦତ୍ତ ବେହେରା , ଚିତ୍ତ ରଞ୍ଜନ ପ୍ରଧାନ ଓ ସଂସ୍କୃତ ବିଭାଗର ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ବି.ବି.ଏ, ଏମ୍.ବି.ଏ. ଓ ଏମ୍.ଏଫ୍.ସି. ଛାତ୍ରଛାତ୍ରୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ

ପୁରୀ (ବ୍ୟୁରୋ): ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷା ବର୍ଷରେ ନାମ ଲେଖାଇଥିବା ବି.ବି.ଏ, ଏମ୍.ବି.ଏ. ଏବଂ ଏମ୍.କମ୍.- ଫାଇନାନ୍ସ ଓ କଣ୍ଟ୍ରୋଲ (ଏମ୍.ଏଫ୍.ସି.) ବିଭାଗର ନୂତନ ଛାତ୍ରଛାତ୍ରୀମାନଙ୍କର ଅଭିମୁଖୀକରଣ କାର୍ଯ୍ୟକ୍ରମ, ମହାବିଦ୍ୟାଳୟର 'ସାମନ୍ତ ଚନ୍ଦ୍ରଶେଖର ସଭାଗୃହ'ରେ ୦୧.୦୯.୨୦୨୬ ତାରିଖରେ ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଏବଂ ତାଙ୍କ ସ୍ୱାଗତ ଅଭିଭାଷଣରେ ସଫଳତା ହାସଲ ନିମନ୍ତେ ଏକ ଶୃଙ୍ଖଳିତ ଜୀବନଯାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ବି.ବି.ଏ, ଏମ୍.ବି.ଏ. ଏବଂ ଏମ୍.ଏଫ୍.ସି. ବିଭାଗର ସଂଯୋଜକ ଡଃ ମହେନ୍ଦ୍ର କୁମାର ମିଶ୍ର ବି.ବି.ଏ, ଏମ୍.ବି.ଏ. ଓ ଏମ୍.ଏଫ୍.ସି. ପାଠ୍ୟକ୍ରମରେ ପଢା ଯାଉଥିବା ବିଷୟଗୁଡିକ ସହିତ ଇଣ୍ଟର୍ନଶିପ, ଶିକ୍ଷାଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମ ଓ ଶେଷ ସେମିଷ୍ଟର ପୂର୍ବରୁ ଅନୁଷ୍ଠିତ ହେବାକୁ ଥିବା କ୍ୟାମ୍ପ

ବଉଳା କୁମ୍ଭୀର

ଅମରନାଥ ବାରିକ୍

ବଉଳା କୁମ୍ଭୀରର ଆତ୍ମକାହାଣୀ
କୁନା କୁନି ଏଥର ଶୁଣିବା
ଏମନ୍ତ ପ୍ରାଣୀର ଚତୁର ପ୍ରବୃତ୍ତି
ସରଳ ଭାବରେ ଜାଣିନେବା ।
ଶତାଧିକ ଆୟୁ ଅଟେ ବଉଳାର
ସବଳ ଶରୀର ଭାରି ତା'ର
କଣ୍ଟାଳିଆ ପିଠି ଶକତ ଲାଞ୍ଜଟି
ନରମ ପେଟ ଧୋ ଫରଫର ।
ତିନିଟି ପ୍ରଜାତି ଥଣ୍ଟିଆ ବଉଳା
ଭୟଙ୍କର ଅତି ଘଡିଆଳ
ଜଳରେ ତ୍ରିଶକ୍ତି ସବୁଠାରୁ ବଳି
ବାଘ ସିଂହଠାରୁ ବଳିଆର ।
ଜ୍ୟୋଷ୍ଠରୁ ଆଷାଢ଼ ପ୍ରଜନନ ପାଇଁ
ବସା ବାନ୍ଧିବା ତା'ର ସମୟ
ଅଣ୍ଡା ଦେବାପରେ ମାଆ କୁମ୍ଭୀରଟି
ହୁଏ ଅତି ସେହି ହିଂସ୍ର ପ୍ରାୟ ।
ଅଣ୍ଡା ସୁରକ୍ଷିତ ରଖିବା ପାଇଁକି
କାଠକୁଟା ଢାଙ୍କିଦିଏ ଆଣି
ପଞ୍ଚଷ୍ଠରି ଦିନ ମଧ୍ୟରେ ଅଣ୍ଡାରୁ
ଶାବକ ଜନ୍ମାଏ ଗଣିଗଣି ।
ଏକ ପ୍ରଜନନ ଋତୁରେ ସମ୍ଭବ
ଅଣ୍ଡା ଚାଳିଶରୁ ଷାଠିଏଟି
ଉଚ୍ଚ ସ୍ଥାନଦେଖି ନଦୀ ଉପକୂଳ
ଦେଇଥାଏ ଏହି କୁମ୍ଭୀରଟି ।
ଭିତରକନିକା ଜାତୀୟ ଉଦ୍ୟାନେ
ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥିତ
ପ୍ରଜନନ ପ୍ରତିପାଳନ କେନ୍ଦ୍ରଟି
ଡାଙ୍ଗମାଳଠାରେ ପ୍ରତିଷ୍ଠିତ ।

ଗ୍ରା/ପୋ-କର୍ଯ୍ୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ମୋ: ୯୫୪୦୩୦୮୦୯୫ (ନୂଆଦିଲ୍ଲୀ

କାଲି ସକାଳେ କଥା ହେବା

ଜୟଶ୍ରୀ ମୁଦ୍ରା

ଆମେ ମଣିଷ, ନିଜକୁ ବହୁତ ବଡ ବୋଲି ଭାବୁ। ପାହାଡକୁ କାଟି ରାସ୍ତା କରୁ, ନଦୀ କୂଳକୁ ଘୋଡାଇ ହୋଟେଲ ବନାଉ। କିନ୍ତୁ ପ୍ରକୃତି ଯେବେ ନିଶ୍ୱାସ ନିଏ, ସେତେବେଳେ ହିଁ ବୁଝିହୁଏ ଆମେ କିଏ। ନିକଟରେ ନେପାଳର ତ୍ରିଶୂଳୀ ନଦୀ ସେଇ ନିଶ୍ୱାସଟା ନେଇଥିଲା, ଆଉ ଶହ ଶହ ସ୍ୱପ୍ନକୁ ସାଥିରେ ନେଇଗଲା। ତିମୁରେ। ନେପାଳ-ଚୀନ ବର୍ଡର ପାଖର ଛୋଟ ଗାଁ। ସେଠି ନଦୀ କୂଳରେ ଶହ ଶହ ଗରିବ ପରିବାର ନୂଆ ଘର କରିଥିଲେ। ତିନି ଦିନ ହେଲା ବର୍ଷା ଛାଡି ନଥିଲା। ପୂର୍ବ ବର୍ଷ ବି ନଦୀ ସେମାନଙ୍କ ଘର ନେଇଯାଇଥିଲା, ତଥାପି ସେମାନେ ପୁଣି ସେଇଠି ହିଁ ଘର କରିଥିଲେ, କାରଣ ଆଉ କୁଆଡେ ଯିବାକୁ ଜାଗା ନଥିଲା। ସାରା ରାତି ସେମାନେ ଅନିଦ୍ରା ଥିଲେ। ସେହି ନଦୀ କୂଳର ଛୋଟ ଗେଷ୍ଟ ହାଉସରେ ଥିଲା ୨୧ ବର୍ଷର କିଶନ। କୈଳାଶ ଯାତ୍ରୀଙ୍କ ଗାଇଡ୍। ତା ପାଖରେ ୩୭ ଜଣ ଭାରତୀୟ ଯାତ୍ରୀ ଥିଲେ, ବୃଦ୍ଧ ମା-ବାପାମାନେ ଜୀବନରେ ଥରେ କୈଳାଶ ଦେଖିବେ ବୋଲି ଆସିଥିଲେ। ସନ୍ଧ୍ୟାବେଳେ ସେମାନେ ଚା ପିଉ ପିଉ ପଚାରୁଥିଲେ, ବାବୁ, କାଲି ସକାଳେ ବର୍ଡର ଖୋଲିବ ତ ?

ରାତି ୧୨:୪୦। ଉପର ପାହାଡରୁ ଏମିତି ଶବ୍ଦ ଆସିଲା ଯେମିତି ପୁରା ପାହାଡ ଭାଙ୍ଗି ପଡୁଛି। କିଶନ ଦୌଡି ବାହାରକୁ ଆସି ଦେଖେ, ଉପରେ ତିବ୍ଦତ ପଟେ ଗ୍ଲାସିଅର ଲେକ୍ ଫାଟି ଯାଇଥିଲା। ପାଣି ନୁହେଁ, ଏକ କଳା ପାହାଡ ମାଡି ଆସୁଥିଲା, ୩୦ ଫୁଟ ଉଚ୍ଚ କାଦୁଅ, ପଥର, ଗଛ। ସେ ସଙ୍ଗେ ସଙ୍ଗେ ଭଉଣୀ ଅସ୍ମିତାକୁ ଫୋନ୍ କଲା। ଅସ୍ମିତା ନିଦରୁ ଉଠିଲା। କିଶନ କଣ୍ଠରେ କାନ୍ଦ ମିଶା ସ୍ୱର, ଦିଦି, ମୋତେ ଭାରି ଡର ଲାଗୁଛି, ପାଣି ଘର ଭିତରକୁ ପଶି ଆସିଲାଣି। ଅସ୍ମିତା କିଛି କହିବା ଆଗରୁ ଲାଇନ୍ କଟିଗଲା। ତା କାନରେ କେବଳ ଶେଷ ପଦଟା ରହିଗଲା, କାଲି ସକାଳେ କଥା ହେବା...

ସକାଳେ ସୂର୍ଯ୍ୟ ଉଠିଲା ବେଳକୁ ତିମୁରେ ବୋଲି ଆଉ କିଛି ନଥିଲା। ଗେଷ୍ଟ ହାଉସ ନାହିଁ, ବସ୍ ନାହିଁ, ଯାତ୍ରୀ ନାହାଁନ୍ତି। ସେଠି କେବଳ ନଦୀ ବହୁଥିଲା। ୧୫୦ କି.ମି ଦୂର ଚିତୱନ ଜଙ୍ଗଲରେ ସେମାନଙ୍କ ଜୋତା, ପାସପୋର୍ଟ, ଭଙ୍ଗା ଚଷମା ମିଳୁଥିଲା। ଉଦ୍ଧାରକାରୀ ଦଳ ବୁଝି ପାରିଲେ ନାହିଁ କେଉଁଟା କାହାର, ଭାରତୀୟ ଯାତ୍ରୀର, ନେପାଳୀ ଗାଇଡର, ନା ଆମେରିକାରୁ ଆସିଥିବା କାହାର। କାରଣ ପାଣି କାହାର ଦେଶ ଦେଖେନା। ନ୍ୟୁୟର୍କରେ ପେମା ରସୁଙ୍ଗର ସାଙ୍ଗମାନଙ୍କ ନାଁ ଧରି କାନ୍ଦୁଛି। କାନାଡାରେ ରୋଜିନା ଫେସବୁକରେ ଲେଖୁଛି, ମୋ ଗାଁ ଆଉ ନାହିଁ। ଆଉ କିଶନର ସେଇ ଶେଷ ବାକ୍ୟଟା ଆଜି ପୁରା ନେପାଳର ବାକ୍ୟ ହେଇଗଲା। କାଠମାଣ୍ଡୁରେ ଅସ୍ମିତା ଆଜି ବି ଫୋନକୁ ଚାର୍ଜ କରି ରଖିଛି। ସେ ଜାଣେ ସେ ଫୋନ୍ ଆଉ କେବେ ବାଜିବନି। ତଥାପି ସେ ଅପେକ୍ଷା କରିଛି, କାରଣ ଭାଇ କହିଥିଲା ନା, କାଲି ସକାଳେ କଥା ହେବା। ଆମ ସମସ୍ତଙ୍କ ଘରେ ଏମିତି ଗୋଟେ କାଲି ସକାଳ ଅଛି, ଯାହାକୁ ଆମେ ଅଯଥାରେ ପଛକୁ ଠେଲି ଦେଉଛୁ।

ଉପସ୍ଥାପିକା, ଆକାଶବାଣୀ, ପୁରୀ
ମୋ: ୯୮୬୧୦୧୭୦୬୮

କିଡ୍‌ନୀ ସୁସ୍ଥ ରଖନ୍ତୁ ଏହି ଉପାୟରେ

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି କିଡ୍‌ନୀ। ଏହା ସୁସ୍ଥ ରହିବା ନିହାତି ଦରକାର। ତେବେ ଏଥିଲାଗି କେତୋଟି ସରଳ ଉପାୟ ରହିଛି। ଆସନ୍ତୁ ସେ ବିଷୟରେ ଜାଣିବା ଏବଂ ତାହାକୁ ଠିକ୍ ଭାବରେ ଉପଯୋଗ କରିବା। ସୁସ୍ଥ କିଡ୍‌ନୀ ପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ତା' ସହ ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି।

ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ତା' ସହ ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

ତାହା ହେଲା ନିଶାଦ୍ରବ୍ୟ ସେବନ। ଯଦି ଏଭଳି ଅଭ୍ୟାସ ଅଛି ତେବେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ। ଡାଇବେଟିସ୍, କିମ୍ବା ରକ୍ତଚାପ କିଡ୍‌ନୀ ସମସ୍ୟାର ଅନ୍ୟତମ କାରଣ ସାଜିଥାଏ। ଏଭଳି ସମସ୍ୟା ଥିଲେ ଡାକ୍ତର ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଆନ୍ତୁ। ଏହାବ୍ୟତୀତ ନିୟମିତ ବ୍ୟାୟାମ କଲେ ତାହା କିଡ୍‌ନୀକୁ କେତେକାଂଶରେ ସୁସ୍ଥ ରଖିଥାଏ। ବେଶି ଲୁଣ ଖାଆନ୍ତୁ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ।

କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଲକ୍ଷଣ ଜଣାପଡିଲା ବେଳକୁ ପାଖାପାଖି ୬୦-୭୦ ଭାଗ କିଡ୍‌ନୀ ଆକ୍ରାନ୍ତ ହୋଇସାରିଥାଏ। ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ।



ବନ୍ଧୁତ୍ୱର ପରିଭାଷା

ଅରବିନ୍ଦ ତ୍ରିପାଠୀ

ବନ୍ଧୁତ୍ୱ ଏକ ଛୋଟ ଶବ୍ଦ ହେଲେ ମଧ୍ୟ ଆମ ସମାଜ ଓ ଜୀବନରେ ଗଭୀର ପ୍ରଭାବ ପକାଇଥାଏ । ଏହା ନିଆରା, ଶାଶ୍ୱତ,ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ସମ୍ମାନ, ଭଲପାଇବା, ସମର୍ପଣ, ବିଶ୍ୱାସ,ନିଷ୍ଠା, ସମୟାନୁବର୍ତ୍ତିତାତା ସହ ସାଥ ଦେବା ପ୍ରମୁଖ ମହନୀୟ ଗୁଣର ମିଶ୍ରଣ ଅବା ପରିଭାଷା । ଏହି ସମ୍ପର୍କ ରକ୍ତର ଅବା ପରିବାର ସମ୍ପର୍କ ପରି ନ ହେଲେ ମଧ୍ୟ, ଉକ୍ତ ସମ୍ପର୍କ କୌଣସି ଗୁଣରେ ଯେ କୌଣସି ସମ୍ପର୍କ ଠାରୁ ଶ୍ରେଷ୍ଠ ଓ ଉନ୍ନତ ଅଟେ । ପୌରାଣିକ କାଳରୁ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଅର୍ଜୁନ, ସୁଦାମା, ପ୍ରଭୁ ଶ୍ରୀରାମ ସୁଗ୍ରୀବ, ମହାଦାନୀ, ବୀରଯୋଦ୍ଧା ପ୍ରମୁଖ ବନ୍ଧୁତ୍ୱ ନିଦର୍ଶନର ଜ୍ୱଳନ୍ତ ଉଦାହରଣ । ବିଭିନ୍ନ ରାଷ୍ଟ୍ରରେ ବନ୍ଧୁତ୍ୱ ଦିବସ ଅଲଗା ଅଲଗା ପାଳନ କରାଯିବା ନେଇ ତଥ୍ୟ କିଛି ମିଳେ । ଜଣେ ଉତ୍ତମ ବନ୍ଧୁ ପଥ ପ୍ରଦର୍ଶକ, ମାର୍ଗ ଦର୍ଶକ, ସୁଖ ଦୁଃଖ, ଭଲ, ମନ୍ଦରେ ସାଥିରେ ରହିବା, ପରସ୍ପରକୁ ଭଲ ଭାବେ ବୁଝିବା ସହ ଆବଶ୍ୟକ ଉତ୍ତମ ଉପଦେଶ ପ୍ରଦାନ କରିଥାନ୍ତି । ଯେକୌଣସି ବର୍ଗ, ଧର୍ମ, ଜାତିଙ୍କ ମଧ୍ୟରେ ଉକ୍ତ ସମ୍ପର୍କ ଗଢିଉଠିଥାଏ । ନିଃସ୍ୱାର୍ଥପରତା, ସମ୍ପର୍କରେ କୌଣସି ଆଶା ନ ରଖି ସମର୍ପିତ ଭାବେ ଉକ୍ତ ସମ୍ପର୍କକୁ ଆଗେଇ ନେବା ଏକ ଉତ୍ତମ ବନ୍ଧୁର ପରାକାଷ୍ଠା । ବନ୍ଧୁଙ୍କୁ ସଠିକ ମାର୍ଗରେ ନେବା ସହିତ ସାମ୍ପ୍ରତିକ ସମୟରେ କଳୁଷିତ ହେଇ ଆସୁଥିବା ଏହି ସମ୍ପର୍କକୁ ଉତ୍ତମ ଭାବେ ସୁପରାମର୍ଶ ଦେବା ଆଜିକାଲି କଠିନ ବ୍ୟାପାର ହୋଇଗଲାଣି । ବନ୍ଧୁଙ୍କ ଖୁସିରେ ଖୁସି ଓ ଦୁଃଖରେ ଦୁଃଖୀ ହେବାର ମାନସିକତା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । କାହା ପାଖରେ ଆଉ ବିଶେଷ ସମୟ, ଇଚ୍ଛା, ଆଗ୍ରହ ଦେଖିବାକୁ ମିଳୁନାହିଁ । ସାମ୍ପ୍ରତିକ ସମୟରେ ନିଜ ସ୍ୱାର୍ଥ ପାଇଁ ଆଜି ବନ୍ଧୁ ବୈରୀ ସାଜୁଛି । ହତ୍ୟା, ମିଥ୍ୟାରୋପ, କୁଘାରଟନା, ଚରିତ୍ର ହନନ ପରି ଘୃଣ୍ୟ କାର୍ଯ୍ୟ କରିବାକୁ ପଛାଉନାହିଁ । ଯେଉଁ ବନ୍ଧୁ ଆପଣଙ୍କ ଠାରୁ ବହୁ ସାହାଯ୍ୟ ପାଇଥିବେ, ଅବା ଆପଣ ନିଷ୍ଠାର ସହିତ ଏହି ସମ୍ପର୍କକୁ ନିର୍ବାହ କରିଥିବେ, ସମୟକ୍ରମେ କୌଣସି ପରିସ୍ଥିତିରେ ପଡ଼ ହେଉ ଅବା ଭୁଲ ବୁଝାମଣା ହେଉ, ଯାହାବି କାରଣ ପାଇଁ ସେ ଆପଣଙ୍କୁ ଅଣଦେଖା କରିବା ସହିତ ଆବଶ୍ୟକ ହେଲେ ସମ୍ପର୍ଣ୍ଣ ରୂପେ ଭୁଲିଯିବେ । ଯଦି ସମ୍ପର୍କରେ ଲାଭ, କ୍ଷତି, ଦେବା, ନେବା ଅବା ସେହିପରି କୌଣସି କାରଣ ଜଡିତ ଥାଏ, ସେ ସମ୍ପର୍କ ବେଶୀଦିନ ତିଷ୍ଠି ନ ଥାଏ । ବନ୍ଧୁତ୍ୱରେ ଅହଂଭାବ, ସ୍ୱାର୍ଥ, ଗର୍ବ, ଅର୍ଥର ପ୍ରାଦୁର୍ଭାବ ରହିବା କଥା ନୁହେଁ । ଜଣେ ଉତ୍ତମ ବନ୍ଧୁ ବନ୍ଧୁର ମାନସିକ ଭାବକୁ ସଠିକ ଭାବେ ବୁଝି, ନିଜର ବୁଦ୍ଧିମତ୍ତା ଅନୁସାରେ ସଠିକ ମାର୍ଗଦର୍ଶନ କରିଥାଏ । ମାନସିକ ଅବସାଦ, କୌଣସି ଯନ୍ତ୍ରଣା, ପାରିବାରିକ ସମସ୍ୟା ପ୍ରମୁଖ ପ୍ରାୟ ଆମ ସମାଜରେ ସମସ୍ତ ବର୍ଗଙ୍କ ଠାରେ ଦେଖା ଯାଇଥାଏ । ଏ ସମସ୍ୟାର ସମାଧାନ ଏକ ଉତ୍ତମ ବନ୍ଧୁ ହିଁ କରିଥାଏ । ଜୀବନରେ ବହୁତ ବ୍ୟକ୍ତିଙ୍କ ଆବଶ୍ୟକତା ନାହିଁ କ୍ଷ ଜଣେ ଉତ୍ତମ ବନ୍ଧୁ ଅବା ସ୍ୱଳ୍ପ କେତେକ ମିତ୍ର ଆପଣଙ୍କ ଜୀବନକୁ ଅତି ସୁନ୍ଦର ଭାବେ ନିର୍ମାଣ କରିପାରିବେ । ଉତ୍ତମ ବନ୍ଧୁଟିଏ କେବଳ ଆଶା କରିଥାଏ ଟିକିଏ ସ୍ନେହ, ଶ୍ରଦ୍ଧା, ସମ୍ମାନ ସହ କିଛି ସମୟ । ଏ ଘର ମାଉସୀ, ସେ ଘର ପିଉସୀ ପରି ବନ୍ଧୁଙ୍କୁ ସମ୍ପୂର୍ଣ୍ଣ ରୂପେ ଜୀବନରୁ ବାଦ ଦେବା ଆବଶ୍ୟକ । ଭାରତର ମହାନ ବୈଜ୍ଞାନିକ, ମିଶାଇଲ ମ୍ୟାନ ତଥା ସମ୍ମାନନୀୟ ପୂର୍ବତନ ସ୍ୱର୍ଗୀୟ ରାଷ୍ଟ୍ରପତି ଡ଼ଃ ଏ.ପି.ଜେ. ଅବଦୁଲ କାଲାମ ଗୋଟିଏ ସମ୍ମିଳନୀରେ ବନ୍ଧୁତା ସମ୍ପର୍କରେ ଜ୍ୱଳନ୍ତ ଅଭିଭାଷଣ ପ୍ରଦାନ କରିଥିଲେ । ତାଙ୍କର ବହୁ ମୂଲ୍ୟବାନ ବକ୍ତବ୍ୟ ଭିତରୁ ଗୋଟିଏ ଥିଲା 'ଉତ୍ତମ ସ୍ୱଳ୍ପ ବନ୍ଧୁ ଓ ଉତ୍ତମ ପୁସ୍ତକ' ଆପଣଙ୍କ ଜୀବନର ଗତିପଥ ବଦଳେଇ ଦେଇ ପାରନ୍ତି । କିଛି ଗବେଷକ, ବୁଦ୍ଧିଜୀବିଙ୍କ ମତ ଅନୁସାରେ ଜଣେ ପୁରୁଷ ପୁରୁଷଙ୍କ ମିତ୍ର ଅବା ଜଣେ ମହିଳା ମହିଳାଙ୍କ ମିତ୍ର ଅପେକ୍ଷା ଜଣେ ପୁରୁଷ ଓ ଜଣେ ମହିଳା ବନ୍ଧୁତ୍ୱ ସମ୍ପର୍କକୁ ଅତି ଗୁରୁତ୍ୱର ସହ ନେଇଥାନ୍ତି ତଥା ସମର୍ପିତ ଭାବେ ଅନୁପାଳନ କରିବା ସହିତ ପରସ୍ପର ପ୍ରତି ଅଧିକ ଆନୁଗତ୍ୟ ଦେଖାଇଥାନ୍ତି । ବିଶେଷ ଭାବରେ ବିବାହିତଙ୍କ କ୍ଷେତ୍ରରେ ଏହା ଦେଖାଯାଇଥାଏ । ବାଲ୍ୟ ସମୟରୁ କିଛି ସହପାଠୀ, ସହପାଠିନୀଙ୍କ ସହିତ ଯେଉଁ ନିଷ୍ଠା, ସମର୍ପଣଭାବ ସହିତ ଭଲ ପାଇବା, ଶ୍ରଦ୍ଧା, ସମ୍ମାନ ପ୍ରମୁଖ ନିବିଡ଼ ଭାବେ ଜଡିତ ଥାଏ, ସମୟ ଚକ୍ରରେ ଅର୍ଥାତ ବିବାହ ପରେ ଅଧିକାଂଶ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଏ । କାହାର ସ୍ୱାମୀ ଉତ୍ତମ ସମ୍ପର୍କକୁ ସନ୍ଦେହ ଦୃଷ୍ଟିରେ ଦେଖନ୍ତି ତ, ଆଉ କିଏ ପରିବାରର ଜାଲ ଭିତରେ ବନ୍ଧୁତ୍ୱକୁ ସମୟ ଦେଇ ପାରି ନଥାନ୍ତି । ଅଡ୍ଡା, ମଜା, ମଉଜ ମଜଲିସ ସାଙ୍ଗ ମାନଙ୍କ ଭିତରେ ରହିଥାଏ । ମାତ୍ର ଅତି ଲେମ୍ବୁ ଚିପୁଡ଼ିଲେ ପିତା ସଦୃଶ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ରହିବା ଆବଶ୍ୟକ । ବିଶ୍ୱାସ ହେଉଛି ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରସଙ୍ଗ । ସନ୍ଦେହ, ଅବିଶ୍ୱାସ ରହିଲେ ବନ୍ଧୁତ୍ୱରେ ପୂର୍ଣ୍ଣଚ୍ଛେଦ ପଡେ । କିଛି ସ୍ୱାର୍ଥପର ବ୍ୟକ୍ତିବିଶେଷ ବନ୍ଧୁ ହେବାର ଅଭିନୟ, ଛଳନା, ଷଡଯନ୍ତ୍ର କରି ନିଜର ନ୍ୟସ୍ତସ୍ୱାର୍ଥ ହାସଲ କରି ନିଅନ୍ତି । ଏହିପରି ବନ୍ଧୁ, ବନ୍ଧୁ ନାମରେ କଳଙ୍କ । ସମାଜ ପାଇଁ, ରାଷ୍ଟ୍ରପାଇଁ, ସାଧାରଣ ବ୍ୟକ୍ତିବିଶେଷଙ୍କ ପାଇଁ ନିଃସର୍ତ୍ତରେ କାର୍ଯ୍ୟ କରି ଆସୁଥିବା, କରୁଥିବା ସହିତ ସମର୍ପିତ ଭାବେ ଓଡିଶାର ଅତି ପୁରାତନ କଳା, ସଂସ୍କୃତି, ଭାଷା, ସାହିତ୍ୟ, ବରପୁତ୍ର, ମହାପୁରୁଷ ମାନଙ୍କ କୀର୍ତ୍ତି ଓ କୃତୀକୁ ଉପଜିବ୍ୟ କରି ମାନବ ସମାଜର ହିତ ସାଧନରେ ଲିପ୍ତ ରହି କାର୍ଯ୍ୟକ୍ରମ କରେ, ସେ ହିଁ ସମାଜର ଏକ ଉତ୍ତମ ବନ୍ଧୁ ହୋଇଥାଏ

ଆଜିର ଯୁବପୀଢ଼ି ବନ୍ଧୁତ୍ୱ କରିବା ନାମରେ ନାନା ପ୍ରକାର କୁକାର୍ଯ୍ୟରେ ଲିପ୍ତ ରହିବା ଆମେ ଦେଖି ଆସୁଛେ । ସମାଜ ପାଇଁ ଏହା ଭୟଙ୍କର । ବନ୍ଧୁତ୍ୱ ପ୍ରତି ସମର୍ପିତ ରହିବା, ପରସ୍ପର କିଛି ସମୟ ଦେବା, ରାଜ୍ୟ ଓ ରାଷ୍ଟ୍ରର ଉନ୍ନତି ପାଇଁ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟ କରିବା, ଅସମୟରେ ଚଟାଣ ପରି ଠିଆହେବା ସହିତ ସମାଜରୁ ଅରାଜକତା ଓ ଅରାଜକତ୍ୱ କିପରି ଦୂର ହୋଇ ପାରିବ ସେ ସମ୍ପର୍କରେ ଚିନ୍ତନ କରିବା ହେଉଛି ଆଜିର ବହୁ ପ୍ରାସଙ୍ଗିକତା ।

ମୁଖପାତ୍ର
ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର
ମୋ ୯୯୩୭୬୮୯୬୮୩

ଜନ୍ମଜନ୍ମାନ୍ତରର ସାଥୀ ଏହି ରାଶି ଯୋଡ଼ି

ଜ୍ୟୋତିଷ ଶାସ୍ତ୍ରରେ ରାଶି ମିଳନ କେବଳ ଗ୍ରହଙ୍କ ଚଳନ ବୁଝିବା ପାଇଁ ନୁହେଁ, ବରଂ ଦୁଇଜଣଙ୍କ ସ୍ୱଭାବ ଓ ଚାଲିଚଳଣ ଜାଣିବା ପାଇଁ ମଧ୍ୟ କରାଯାଏ । ୧୨ଟି ରାଶି ମଧ୍ୟରୁ କିଛି ରାଶିର ସ୍ୱଭାବ ଓ ଗ୍ରହ ପ୍ରଭାବ ପରସ୍ପର ସହ ଏତେ ଭଲ ମେଳ ଖାଏ ଯେ, ଜ୍ୟୋତିଷ ଅନୁସାରେ ସେମାନଙ୍କ ଯୋଡ଼ିକୁ 'ପରଫେକ୍ଟ କପଲ' ବୋଲି ମନେ କରାଯାଏ । ସୁଖ ହେଉ କି ଦୁଃଖ, ଏହି ରାଶିର ଲୋକମାନେ ପରସ୍ପରଙ୍କୁ ସବୁ ପରିସ୍ଥିତିରେ ସମର୍ଥନ କରନ୍ତି । ବୃଷ ଓ କନ୍ୟା ଉଭୟ ପୃଥିବୀ ତତ୍ତ୍ୱର ରାଶି । ତେଣୁ ଉଭୟଙ୍କ ସ୍ୱଭାବ ବାସ୍ତବବାଦୀ, ସ୍ଥିର ଓ ବ୍ୟବହାରିକ ହୋଇଥାଏ । ବୃଷ ରାଶିର ଲୋକମାନେ ଜୀବନରେ ସ୍ଥିରତା ଓ ସୁରକ୍ଷା ଚାହୁଁଥିବାବେଳେ, କନ୍ୟା ରାଶିର ଲୋକମାନେ ଯତ୍ନଶୀଳ, ବୁଦ୍ଧିମାନ ଓ ଶୃଙ୍ଖଳିତ ସ୍ୱଭାବର ହୋଇଥାନ୍ତି । କନ୍ୟା ରାଶିର ସାଥୀ ଯେତେବେଳେ ମାନସିକ ଚାପରେ ଥାଆନ୍ତି, ବୃଷଭ ରାଶିର ବ୍ୟକ୍ତି ଧୈର ସହ ତାଙ୍କୁ ସମ୍ଭାଳିପାରନ୍ତି । ଉଭୟ ନିଜ ସମ୍ପର୍କକୁ ନେଇ ଗମ୍ଭୀର ଥିବାରୁ ଏମାନଙ୍କ ମଧ୍ୟରେ ଭୁଲ ବୁଝାମଣା କିମ୍ବା ବିଶ୍ୱାସଘାତର ସମ୍ଭାବନା କମ ରହିଥାଏ । ବିଛା ଓ ମୀନ ଉଭୟ ଜଳ ତତ୍ତ୍ୱର ରାଶି । ତେଣୁ ଉଭୟଙ୍କ ମଧ୍ୟରେ ଭାବନାତ୍ମକ ଯୋଗାଯୋଗ ଗଭୀର ହୋଇଥାଏ । ବିଛା ରାଶିର ଲୋକମାନେ ଟିକେ ରହସ୍ୟମୟ ଓ ଅଧିକାର ଜାହିର କରୁଥିବା ସ୍ୱଭାବର ହୋଇପାରନ୍ତି । ତେବେ ସେମାନେ ଯାହାକୁ ଭଲ ପାଆନ୍ତି, ତାଙ୍କ ସାଥି କେବେ ଛାଡ଼ନ୍ତି ନାହିଁ । ଅନ୍ୟପକ୍ଷରେ ମୀନ ରାଶିର ଲୋକମାନେ ଭାବୁକ, ଦୟାଳୁ ଓ ରୋମାଣ୍ଟିକ ସ୍ୱଭାବର ହୋଇଥାନ୍ତି । ମୀନ ରାଶିର ସାଥୀ ନିଜ ବ୍ୟବହାର ଦ୍ୱାରା ବିଛା ରାଶିର ରାଗ ଓ ଜିଦ୍‌କୁ ଶାନ୍ତ କରିପାରନ୍ତି । ଏହି ଦୁଇ ରାଶିର ଲୋକ ପରସ୍ପର କିଛି ନ କହିଲେ ମଧ୍ୟ ମନର କଥା ବୁଝିପାରନ୍ତି । ସିଂହ ଓ ଧନୁ ଉଭୟ ଅଗ୍ନି ତତ୍ତ୍ୱର ରାଶି । ତେଣୁ ଏହି ଦୁଇ ରାଶିର ସମ୍ପର୍କ ରୋମାଞ୍ଚକର ଓ ସକାରାତ୍ମକତାରେ ଭରପୂର ରହିଥାଏ । ସିଂହ ରାଶିର ଲୋକମାନେ ରାଜକୀୟ ଜୀବନଶୈଳୀ ପସନ୍ଦ କରିବା ସହ ବିଶ୍ୱସ୍ତ ହୋଇଥାନ୍ତି । ଧନୁ ରାଶିର ଲୋକମାନେ ସ୍ୱାଧୀନ ଚିନ୍ତାଧାରାର ହୋଇଥାନ୍ତି । ଏହି ଦୁଇ ରାଶି ପରସ୍ପରର ସ୍ୱାଧୀନତାକୁ ସମ୍ମାନ କରନ୍ତି ଏବଂ ସମ୍ପର୍କରେ ସହଜରେ ବିରକ୍ତି ଆସିବାକୁ ଦିଅନ୍ତି ନାହିଁ । ସୁଖ-ଦୁଃଖରେ ପରସ୍ପରଙ୍କ ଶକ୍ତି ହୋଇ ଠିଆ ହେବା ଏହି ଯୋଡ଼ିର ସବୁଠୁ ବଡ଼ ବିଶେଷତା ବୋଲି ଜ୍ୟୋତିଷରେ କୁହାଯାଏ ।

ରାଜଧାନୀରେ ସ୍ଥାପନ ହେବ ଆଉ ୨୫ଟି ସ୍ମାର୍ଟ ବେଞ୍ଚ୍ ନନ୍ଦନକାନନକୁ ଆସିବ 'ବେନେଟ୍‌ସ ୱ୍ୟାଲାବି'

ଭୁବନେଶ୍ୱର(ବ୍ୟୁରୋ): କିଛି ମାସ ହେବ ଜନପଥରେ ଉଭୟ ବିଏମ୍‌ସି ଓ ବିଡିଏ ଦ୍ୱାରା ସ୍ଥାପିତ ସ୍ମାର୍ଟ ବେଞ୍ଚ ସହରବାସୀଙ୍କ ଆକର୍ଷଣ ପାଲଟିଛି। ଏଥିରେ ଲାଗିଥିବା ଆକର୍ଷଣୀୟ ଏଲ୍‌ଇଡି ଲାଇଟ୍ ସହିତ ଚାର୍ଜିଂର ସୁବିଧା ଲୋକମାନଙ୍କୁ ବେଞ୍ଚ ପାଖକୁ ଟାଣିଆଣୁଛି। ବିଶେଷ କରି ସଂଧ୍ୟାରେ ଏଠାରେ ବସିବା ପାଇଁ ଯୁବପିଢ଼ିଙ୍କ ଭିତରେ ଯେଭଳି ପ୍ରତିଯୋଗିତା ଚାଲିଛି। ଏହାର ଲୋକପ୍ରିୟତା ଦେଖି ଏହି ସ୍ମାର୍ଟ ବେଞ୍ଚ ସଂଖ୍ୟା ବଢ଼ାଇବାକୁ ବିଏମ୍‌ସି ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ସହରର ବିଭିନ୍ନ ପାର୍କ, ବସ୍ ରହଣିସ୍ଥଳ, ଧାର୍ମିକସ୍ଥଳ ତଥା ଅନ୍ୟ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୨୫ଟି ସ୍ମାର୍ଟ ବେଞ୍ଚ ସ୍ଥାପନା ପାଇଁ ବିଏମ୍‌ସି ପକ୍ଷରୁ ଟେଣ୍ଡର ଡକା ଯାଇଛି। ଏନେଇ ଗତ ୧୨ ତାରିଖରେ ବିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରିଚାଳନା ନେବାକୁ ଥିବା ଏଜେନ୍ସି ୫ ବର୍ଷ ପାଇଁ ଏହାର ଦାୟିତ୍ୱ ନେବ ବୋଲି କୁହାଯାଇଛି। ପ୍ରାୟ ତିନି ମାସ ପୂର୍ବରୁ ଗ୍ରିନ୍ ସିଟି ମିସନ ଅଧୀନରେ ବିଏମ୍‌ସି ଓ ବିଡିଏ ପକ୍ଷରୁ ପରୀକ୍ଷାମୂଳକ ଭାବେ ଜନପଥରେ ଦୁଇଟି ଭିନ୍ନ ଡିଜାଇନ୍‌ର ସ୍ମାର୍ଟ ବେଞ୍ଚ ସ୍ଥାପନ କରାଯାଇଥିଲା। ବିଡିଏ କରିଥିବା ସ୍ମାର୍ଟ ବେଞ୍ଚ ସେଡ୍ ଆକୃତିର ହୋଇଥିବାବେଳେ ବିଏମ୍‌ସି ଘର ଆକୃତିର କରିଛି। ବେଞ୍ଚ ଉପରେ ଛାୟାପ୍ରଦ ସେଡ୍ ରହିଛି, ଯେଉଁଥିରେ ସୋଲାର ପ୍ୟାନେଲ୍ ଖଞ୍ଜାଯାଇଛି। ଦିନରେ ଏହା ସୂର୍ଯ୍ୟ କିରଣରେ ଚାର୍ଜିଂ ହେଉଛି। ଉଭୟ ସ୍ମାର୍ଟ ବେଞ୍ଚରେ ଦୁଇଜଣ ବସି ପାରିବା ଭଳି ଜାଗା ରହିଛି। ଏଥିସହିତ ଏକାଧିକ ମୋବାଇଲ୍ ଚାର୍ଜିଂ ପଏଣ୍ଟ ରହିଛି। ନୂତନ ଭାବରେ ସ୍ଥାପନା ହେବାକୁ ଥିବା ୨୫ଟି ବେଞ୍ଚ ସମାନ ଶୈଳୀରେ ନିର୍ମିତ ହେବାକୁ ଯାଉଛି। ଏଥିରେ ମୋବାଇଲ୍ ଚାର୍ଜିଂ ସହିତ ୟୁଏସ୍‌ବି ଚାର୍ଜିଂ, ୱାଇଫାଇ, ଏଲ୍‌ଇଡି ଲାଇଟ୍ ଆଦି ବ୍ୟବସ୍ଥା ରହିବ। ଏନେଇ ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି ଯେ ପରୀକ୍ଷାମୂଳକ ଭାବେ ବସାଯାଇଥିବା ସ୍ମାର୍ଟ ବେଞ୍ଚକୁ ଲୋକେ ବେଶ୍ ଆଦର କରୁଛନ୍ତି। ଏଥିରେ ମଧ୍ୟ ଲୋକ ବିଭିନ୍ନ ସ୍ଥାନର ପୋଷ୍ଟ କରୁଛନ୍ତି। ବର୍ତ୍ତମାନ ଟେଣ୍ଡର ପ୍ରସ୍ତାବ ପଡ଼ିଛି। ଖୁବ୍‌ଶୀଘ୍ର ସହରରେ ଏଗୁଡ଼ିକୁ ସ୍ଥାପନା କରାଯିବ ବୋଲି ସେ କହିଛନ୍ତି।

ଭୁବନେଶ୍ୱର(ବ୍ୟୁରୋ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଯୋଡ଼ିହେବ ଆଉ ଏକ ଆକର୍ଷଣୀୟ ବନ୍ୟପ୍ରାଣୀ। ଖୁବ୍‌ଶୀଘ୍ର ଏଠାକୁ ଅଷ୍ଟ୍ରେଲିଆର 'ବେନେଟ୍‌ସ ୱ୍ୟାଲାବି' ଆଣିବା ଦିଗରେ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିଛନ୍ତି। ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଶେଷ ହେବା ସହ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷ(ସିଜେଡ୍‌ଏ)କୁ ପ୍ରସ୍ତାବ ପଠାଯାଇଛି। ସେଠାରୁ ଅନୁମତି ମିଳିବା କ୍ଷଣି ଏଠାକୁ ବେନେଟ୍‌ସ ୱ୍ୟାଲାବି ଆଣାଯିବ। ଏହି ପ୍ରଜାତିର ବନ୍ୟପ୍ରାଣୀ ଏବେ ଡେରାଡୁନ୍, ନୈନିତାଲ ଚିଡିଆଖାନାରେ ଅଛନ୍ତି। ଏହି ଆକର୍ଷଣୀୟ ପ୍ରାଣୀ ଅଷ୍ଟ୍ରେଲିଆର ସ୍ଥାନୀୟ ପ୍ରଜାତିର। ଏମାନଙ୍କ ପଛ ଗୋଡ଼ ବେଶ ଶକ୍ତିଶାଳୀ। ଦ୍ରୁତ ଗତିରେ ଡେଇଁବାର କ୍ଷମତା ରଖିଥିବା ଏହି ବନ୍ୟପ୍ରାଣୀ ଶାନ୍ତ ସ୍ୱଭାବ ପାଇଁ ବେଶ୍ ପରିଚିତ। କଙ୍ଗାରୁ ପରିବାରର ଏହି ପ୍ରାଣୀ ଆକାରରେ କଙ୍ଗାରୁଠାରୁ ବହୁତ ଛୋଟ ହୋଇଥିବାବେଳେ ଏହାର ଚଳପ୍ରଚଳନ ଓ ଡେଇଁବା ଶୈଳୀ ଦର୍ଶକଙ୍କୁ ଆକର୍ଷିତ କରିବ। ଏହି ନୂଆ ପ୍ରଜାତିର ପ୍ରାଣୀ ସାମିଲ ହେଲେ, ନନ୍ଦନକାନନର ବିବିଧ ବନ୍ୟପ୍ରାଣୀ ସଂଗ୍ରହକୁ ଆହୁରି ସମୃଦ୍ଧ କରିବ ବୋଲି ବନ ବିଭାଗ ଆଶାପ୍ରକଟ କରିଛି। ସେପଟେ ଅଷ୍ଟ୍ରେଲିଆର



ବନ୍ୟପ୍ରାଣୀଙ୍କୁ ଗୋଟିଏ ସ୍ଥାନରେ ରଖିବାକୁ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଅଷ୍ଟ୍ରେଲିଆନ୍ ଆଡ୍‌ଭେଞ୍ଚର ନିର୍ମାଣ କରିଛନ୍ତି। କାମ ଶେଷ ହୋଇଥିବା ବେଳେ କେବଳ ବାହାର ଡିଜାଇନ୍ ବାକି ରହିଛି। ଏହି ଆଡ୍‌ଭେଞ୍ଚରରେ 'ବେନେଟ୍‌ସ ୱ୍ୟାଲାବି' ସମେତ ପୂର୍ବରୁ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ କେନ୍ଦ୍ରବିନ୍ଦୁ ପାଲଟିଥିବା 'ପରମା ୱ୍ୟାଲାବି' ମଧ୍ୟ ସ୍ଥାନ ପାଇବ। ଏବେ ପ୍ରାଣୀ ଉଦ୍ୟାନରେ ଥିବା ଅଷ୍ଟ୍ରିଚ୍‌କୁ ମଧ୍ୟ ଆଡ୍‌ଭେଞ୍ଚରକୁ ଅଣାଯିବ। କେବଳ ସେତିକି ନୁହେଁ, ନେଦରଲ୍ୟାଣ୍ଡ୍‌ରୁ ରେଡ୍ କଙ୍ଗାରୁ ଆଣିବା ଦିଗରେ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ପ୍ରସ୍ତାବ ପଠାଯିବା ସହ ଦୁଇଟି ପର୍ଯ୍ୟାୟ ଆଲୋଚନା ମଧ୍ୟ ଶେଷ ହୋଇଛି। ସମ୍ଭବତଃ ମାସେ କିମ୍ବା ଦୁଇ ମାସ ମଧ୍ୟରେ ବିଦେଶରୁ ରେଡ୍ କଙ୍ଗାରୁ ଆଣାଯିବ। ଏହି ବନ୍ୟପ୍ରାଣୀ ସେମାନଙ୍କ ଶକ୍ତିଶାଳୀ ପଛ ଗୋଡ଼, ଲମ୍ବା ଲାଞ୍ଜ ଓ ଡେଇଁ ଡେଇଁ ଚାଲିବା ଶୈଳୀ ପାଇଁ ପ୍ରସିଦ୍ଧ। ଏମାନେ ମୁଖ୍ୟତଃ ଅଷ୍ଟ୍ରେଲିଆର ଶୁଷ୍କ, ଅର୍ଦ୍ଧ-ଶୁଷ୍କ ତୃଣଭୂମି ଓ ମରୁଭୂମି ଅଞ୍ଚଳରେ ଦେଖାଯାଆନ୍ତି। ସବୁଜ ଘାସ, ଗଛର ପତ୍ର ଓ ବୁଦା ଜାତୀୟ ଉଦ୍ଭିଦ ଖାଇଥାନ୍ତି। ଏମାନେ ଗାଇଗୋରୁଙ୍କ ଭଳି ଖାଦ୍ୟକୁ ପାକୁଳି କରି ଚୋବାଇ ପାରନ୍ତି। ଦୀର୍ଘଦିନ ଧରି ଆଲୋଚନା ପରେ ଦକ୍ଷିଣ ଆଫ୍ରିକାରୁ ଏକ ଚିତାବାଘ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆଣିବାକୁ ରାଜିନାମା ହୋଇଛି। ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଶେଷ ହୋଇଥିବା ବେଳେ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକ (ଡିଜିଏଫ୍‌ଟି)ଙ୍କ ଅନୁମତିକୁ ଏବେ ଅପେକ୍ଷା କରାଯାଇଛି। ଏହା ଏକ ଲମ୍ବା ପ୍ରକ୍ରିୟା ହୋଇଥିବାରୁ ୩ରୁ ୪ ମାସ ସମୟ ଲାଗିବ। ବୈଷୟିକ କମିଟି ବୈଠକ ପରେ ଚିତାବାଘ ଦେଖିବାକୁ ଓଡ଼ିଶାରୁ ଏକ ବିଶେଷଜ୍ଞ କମିଟି ଦକ୍ଷିଣ ଅଫ୍ରିକା ଗସ୍ତ କରିବ। ତେବେ ଚିତାବାଘ ଆସିବା ପୂର୍ବରୁ ପ୍ରାଣୀ ଉଦ୍ୟାନରେ ଖୁଆଡ଼ ପ୍ରସ୍ତୁତି ଶେଷ ହୋଇଛି। ଚିତାବାଘ ଆସିବା ପରେ ତାହାକୁ ପ୍ରାଣୀ ଉଦ୍ୟାନରେ କ୍ୱାରେଣ୍ଟାଇନ୍‌ରେ ଗୋଟିଏ ମାସ ପାଇଁ ରଖାଯିବ। ତା'ପରେ ପର୍ଯ୍ୟଟକଙ୍କ ଦେଖିବା ପାଇଁ ଖୁଆଡ଼ରେ ଛଡ଼ାଯିବ। ଏନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ନନ୍ଦନକାନନ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛନ୍ତି। କାଞ୍ଜିଆ ହ୍ରଦର ଉନ୍ନତୀକରଣ, ନନ୍ଦନକାନନକୁ ବିଦେଶୀ ରେଡ୍ କଙ୍ଗାରୁ ଓ ଚିତାବାଘ ଆଣିବା ନେଇ ସମୀକ୍ଷା କରିଥିବା ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଛନ୍ତି।

ବନ୍ଦହେବ କ୍ୟାପିଟାଲ ହସ୍ପିଟାଲ ନିକଟସ୍ଥ ପଛରାସ୍ତା

ଭୁବନେଶ୍ୱର(ବ୍ୟୁରୋ): କ୍ୟାପିଟାଲ ହସ୍ପିଟାଲର ଓ ଶଙ୍ଖ ଭବନ ମଧ୍ୟ ଦେଇ ଯାଇଥିବା ରାସ୍ତାକୁ ବନ୍ଦ କରାଯିବ। ଏହି ରାସ୍ତାକୁ ବନ୍ଦ କରିବାକୁ କ୍ୟାପିଟାଲ ହସ୍ପିଟାଲର ପିଜି ଇନଷ୍ଟିଚ୍ୟୁଟ ପକ୍ଷରୁ ଗେଟ୍ ନିର୍ମାଣ ସରିଛି। ପିଜିଆଇର ନୂତନ ବିଲ୍ଡିଂ ଓ ହଷ୍ଟେଲର ଉଦ୍‌ଘାଟନ ପରେ ଏହି ରାସ୍ତାକୁ ସଂପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଜଣାପଡ଼ିଛି। ପିଜି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସୂଚନା ଅନୁସାରେ ଏହି ରାସ୍ତା ଆଇଏମ୍‌ଏ ଭବନ ସହିତ ଓମ୍‌ସା ଭବନ ଓ କ୍ୟାପିଟାଲ ହସ୍ପିଟାଲର ପୋଷ୍ଟମର୍ଟମ ଗୃହକୁ ମଧ୍ୟ ସଂଯୋଗ କରୁଛି। ଏହାସହିତ ଚକ୍ଷୁ ବିଭାଗ ଓ ହୃଦରୋଗ ବିଭାଗ ଆସୁଥିବା ରୋଗୀମାନେ ଏହି ରାସ୍ତା ଦେଇ ବିଭାଗକୁ ଯାଇଥାନ୍ତି। କ୍ୟାପିଟାଲ ହସ୍ପିଟାଲ ପଛରେ ଥିବା ବସ୍ତିକୁ ମଧ୍ୟ ଏହି ରାସ୍ତା ସଂଯୋଗ କରିଥାଏ। ଶଙ୍ଖ ଭବନକୁ ଆସୁଥିବା ଲୋକମାନେ ମଧ୍ୟ ପଛ ଗେଟ୍‌ରେ ପ୍ରବେଶ ପାଇଁ ତଥା କ୍ୟାଣ୍ଟିନକୁ ଯିବା ପାଇଁ ଏହି ରାସ୍ତାକୁ ବ୍ୟବହାର କରିଥାନ୍ତି। କିନ୍ତୁ ହସ୍ପିଟାଲ ଓ ପିଜିଆଇ ବିଲ୍ଡିଂ ମଧ୍ୟରେ ଥିବା ଏହି ରାସ୍ତାକୁ କେବଳ ପିଜି ଛାତ୍ରଛାତ୍ରୀଙ୍କ ବ୍ୟବହାର ପାଇଁ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି। ତେଣୁ ଉଭୟ ପାର୍ଶ୍ୱରେ ଗେଟ୍ ଲଗାଯାଇ ରାସ୍ତା ବନ୍ଦ କରିଦିଆଯିବ ବୋଲି ଜଣାପଡ଼ିଛି। ଏନେଇ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ଯେ ପିଜିଆଇ ବିଲ୍ଡିଂ ଓ ହଷ୍ଟେଲ ଉଦ୍‌ଘାଟନ ହେବା ପରେ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ଯିବାଆସିବା କରିବେ। ରାତିଅଧରେ କିମ୍ବା ଜରୁରୀକାଳୀନ ସମୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଏହି ରାସ୍ତାକୁ ବ୍ଲକ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କେବଳ ରାତି ସମୟରେ ଏହି ରାସ୍ତା ବନ୍ଦ ହେବ, ଦିନ ବେଳା ଏହା ଖୋଲା ରହିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ରାଜଧାନୀରେ ହଠାତ୍ ବଢ଼ିଲା ଚିକେନ୍ ଦର

ଭୁବନେଶ୍ୱର(ବ୍ୟୁରୋ): ମହଙ୍ଗା ହେବ ମାଂସ(ଚିକେନ୍) । ବଜାରରେ ଏବେ ବ୍ରଏଲର କୁକୁଡ଼ା ମାଂସ ଦର ଧୀରେ ଧୀରେ ବଢ଼ିବାରେ ଲାଗିଛି । ସାତଦିନ ତଳେ ମାଂସ କେଜି ପିଛା ୨୪୦ ଟଙ୍କା ଥିଲା, ଏବେ ୨୬୦ ହେଲାଣି । ଆଜି ରାଜଧାନୀ ବଜାରରେ ମାଂସ କିଲୋ ୨୫୦ ଟଙ୍କା ଥିଲା । ଆଗକୁ ଦର ଆହୁରି ବଢ଼ିବ ବୋଲି ଆଶଙ୍କା କରିଛନ୍ତି ବେପାରୀ । ଶ୍ରାବଣ ସରୁସରୁ ହଠାତ୍ ମାଂସ ଦର ବଢ଼ିବାକୁ ନେଇ ନାନା ମୁନି ନାନା କଥା କହୁଛନ୍ତି । ହଠାତ୍ ମାଂସ ଦାମ୍ ବଢ଼ିବା ପରେ ଆମିଷପ୍ରେମୀମାନଙ୍କ ମୁହଁ ଆମ୍ଳିଜିଆ ହୋଇଯାଇଛି । ନା ଅଛି ବାର୍ଡଫ୍ଲୁ ନା କୁକୁଡ଼ା ମଡ଼କ । ତଥାପି ଅଫ୍-ସିଜିନ୍‌ରେ ଦର ଉପରମୁହାଁ ହେବାରେ ଲାଗିଛି । କିଛି ବେପାରୀଙ୍କ କହିବା କଥା, କୁକୁଡ଼ା ଦାନା ଦର ବଢ଼ିଚାଲିଛି । ସେଥିପାଇଁ ମାଂସ ଦର ବଢୁଛି। ମାତ୍ର ମାଂସ ବଢ଼ିବା ପଛରେ କୁକୁଡ଼ା କୃତ୍ରିମ ଅଭାବ ଦାୟୀ ବୋଲି ଓଡ଼ିଶା ପୋଲଟ୍ରି ଫେଡେରେସନ୍ ଅଭିଯୋଗ କରିଛି । ଖୁବଶୀଘ୍ର ଏନେଇ ଫେଡେରେସନ୍ ମନ୍ତ୍ରୀ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀଙ୍କୁ ଭେଟିବେ ବୋଲି ସୂଚନା ମିଳିଛି । ବର୍ତ୍ତମାନ କୁକୁଡ଼ା ମାଂସ ଉତ୍ପାଦନରେ ରାଜ୍ୟ ବଳକା ହୋଇପାରିଛି । ଏଠାରେ ବାର୍ଷିକ ୧ଲକ୍ଷ ୭୬ହଜାର ମେଟ୍ରିକ ଟନ୍ ମାଂସ ଉତ୍ପାଦନ ହୋଇଥାଏ । ଓଡ଼ିଶାରେ ପ୍ରାୟ ୪୦ ହଜାର କୁକୁଡ଼ା ଚାଷୀ ଥିବାବେଳେ ସପ୍ତାହକୁ ୫୫ଲକ୍ଷ କୁକୁଡ଼ା।(ବ୍ରଏଲର) ଉତ୍ପାଦନ କରାଯାଉଛି । ଓଡିଶାରୁ ଉତ୍ପାଦିତ କୁକୁଡାର ୩୦ର ୪୦% ପଡୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଦୈନିକ ରପ୍ତାନି ହୋଇଥାଏ । ବ୍ରଏଲର ଉତ୍ପାଦନ ପାଇଁ ୪୦ଦିନ ଲାଗେ । ଏହି ପ୍ରକ୍ରିୟାରେ ଚାଷୀମାନେ କିଲୋ ପିଛା ୭ ରୁ ୮ଟଙ୍କା ପର୍ଯ୍ୟନ୍ତ ପାଇଥାନ୍ତି । ହେଲେ, ବର୍ଦ୍ଧିତ ବିଜୁଳି ଦର ଓ ମଜୁରୀ ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ହିସାବକୁ ନେଲେ ଚାଷୀର ଲାଭ ଅତି ନଗଣ୍ୟ । ଏବେ କିଛି କମ୍ପାନୀ କୁକୁଡ଼ା ଦାନା ଦର ବଢୁଥିବା ଦର୍ଶାଇ ମନଇଚ୍ଛା ଦର ବୃଦ୍ଧି କରିବାରେ ଲାଗିଛନ୍ତି । କମ୍ପାନୀର ସଫେଇ, ପୂର୍ବରୁ ମକା ଟନ ପ୍ରତି ଦର ୧୪ହଜାରରୁ ୧୫ହଜାର ଥିଲା । ଏବେ ୨୩ହଜାରରୁ ୨୪ ହଜାର ଟଙ୍କା ହେଲାଣି । ଏଭଳି ସ୍ଥିତିରେ କୁକୁଡ଼ା ଦାନା ମହଙ୍ଗା ହେଉଛି । ତେଣୁ ଦର ବଢୁଛି । ଚିକେନ୍ ଦର ବଢ଼ିବା ପରେ ଏବେ ହୋଟେଲରେ ଚିକେନ ମିଲ୍ ଦର ବଢ଼ିବାର ଆଶଙ୍କା ଦେଖାଦେଇଛି ।ଫେଡେରେସନ୍ ସମ୍ପାଦକ ଜ୍ୟୋତିକାନ୍ତ ମହାପାତ୍ର କହିଛନ୍ତି, ଶ୍ରାବଣ ମାସ ସରିବା ପାଇଁ ଦୁଇଦିନ ଥିଲା । ହଠାତ୍ କିଛି କମ୍ପାନୀ ୨୦ଟଙ୍କା ଦର ବଢ଼ାଇଦେଲେ । ତେଣୁ ଫାର୍ମ ଦର ଯେତେ ବଢ଼ିବ ସେତେ ମାଂସ ଦର ବଢ଼ିଚାଲିବ । ବ୍ରଏଲରର ଷ୍ଟାଣ୍ଡାର୍ଡ ଦର ହେଉଛି ୧୧୦ଟଙ୍କା । ହେଲେ ୧୩୦ ଟଙ୍କାରେ କିଣିବା ଦ୍ୱାରା ଖାଉଟିଙ୍କ ଉପରେ ଅଧିକ ୨୦ଟଙ୍କା ବୋଝ ଦିଆଯାଉଛି । ଏଦିଗରେ ସରକାର ବିଚାର କରିବା ଦରକାର । କିଛି କାରଣ ନଥାଇ ଦର କାହିଁକି ବଢ଼ିବ ବୋଲି ସେ ପ୍ରଶ୍ନ କରିଛନ୍ତି । ନିଖୁଣ ଉତ୍କଳ ଆମିଷ ବ୍ୟବସାୟୀ ମହାସଂଘର ସଭାପତି ଶେଖ ମୁନ୍ତାକିମ ବକ୍ସ କହିଛନ୍ତି, ବଜାରରେ ମାଂସର ସଙ୍କଟ ନାହିଁ । ଅବଶ୍ୟ ଦର ୧୦ଟଙ୍କା ବଢ଼ିଛି । ଅଧିକ ଦର ହେଲେ ଆମେ ବ୍ୟବସାୟୀଙ୍କ ସହ ଆଲୋଚନା କରିବୁ । ବଜାରରେ ବ୍ରଏଲର କଟା କିଲୋ । ଏବେ ୨୫୦ରୁ ୨୬୦ । ହେଲେ ଏହାର ଫାର୍ମ ଦର ହେଉଛି ୧୩୦ଟଙ୍କା । ମାତ୍ର ବେପାରଙ୍କ ପାଖରେ ପହଞ୍ଚିବା ପାଇଁ ବ୍ରଏଲରର କେଜି ପିଛା ବାଟ ଖର୍ଚ୍ଚ ହେଉଛି ୭ଟଙ୍କା । ହେଲେ ୧୬୦୦ ଗ୍ରାମର ବ୍ରଏଲରରୁ କେଜିଏ ମାଂସ ବାହାରେ । ତେଣୁ ବେପାରୀ କିଲେ ସ୍ଥାନରେ ୧୬ଶହ ଓଜନର ବ୍ରଏଲରକୁ ନେଇ ଦର ନିର୍ଦ୍ଧାରଣ କରେ । ଏଥିସହ କଟାଳିଙ୍କ ଖର୍ଚ୍ଚ, ମେସିନ୍, ବିଦ୍ୟୁତ ଆଦି ଖର୍ଚ୍ଚ ମିଶାଯାଇ ଦର ନିର୍ଦ୍ଧାରଣ କରାଯାଏ । ତେଣୁ ଫାର୍ମ ଦର ଯେତେ ବଢ଼ିବ ସେତେ ମାଂସ ଦର ବଢ଼ିଚାଲିବ ।

କଳ୍ପନା, ଲକ୍ଷ୍ମୀସାଗର ଅଞ୍ଚଳରେ ପୋଲିସର ଜୋରଦାର ଚଢ଼ଉ

ଭୁବନେଶ୍ୱର(ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରର କଳ୍ପନା ଓ ଲକ୍ଷ୍ମୀସାଗର ଅଞ୍ଚଳରେ କମିଶନରେଟ୍ ପୋଲିସର ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ପକ୍ଷରୁ ଜୋରଦାର ଚଢ଼ାଉ କରାଯାଇଛି। ଗଞ୍ଜେଇ, ଗୁଟ୍‌ଖା ଓ ପାନ ମସଲା ଭଳି ନିଶାଦ୍ରବ୍ୟ ଏବଂ ତମାଖୁଜାତୀୟ ସାମଗ୍ରୀ ବିକ୍ରି ନେଇ ଅଭିଯୋଗ ମିଳିବା ପରେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ଥିବା ଦୋକାନଗୁଡ଼ିକ ଉପରେ ପୋଲିସ ଗୁରୁତ୍ୱ ଦେଇ ଯାଞ୍ଚ କରିଥିଲା। ଛାତ୍ରୀଛାତ୍ରଙ୍କୁ ନିଶାଦ୍ରବ୍ୟ ଓ ତମାଖୁଜାତୀୟ ସାମଗ୍ରୀର ପ୍ରଭାବରୁ ଦୂରେଇ ରଖିବା ସହ ବେଆଇନ ବିକ୍ରି ଉପରେ ରୋକ ଲଗାଇବା ଉଦ୍ଦେଶ୍ୟରେ ଏହି ଅଭିଯାନ ଚଳାଯାଇଥିବା ଜଣାପଡ଼ିଛି। ସ୍ପେଶାଲ୍ କ୍ରାଇମ୍ ୟୁନିଟର୍ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଦୋକାନରେ ପହଞ୍ଚି ନିଶାଦ୍ରବ୍ୟ ଏବଂ ତମାଖୁଜାତୀୟ ସାମଗ୍ରୀର ବିକ୍ରି ସମ୍ପର୍କରେ ଯାଞ୍ଚ କରିଥିଲେ। ଏଥିସହ ଦୋକାନଗୁଡ଼ିକରେ ନିୟମ ଉଲ୍ଲଂଘନ ହେଉଛି କି ନାହିଁ, ସେନେଇ ମଧ୍ୟ ତଦନ୍ତ କରାଯାଇଥିଲା। ସୂଚନାଯୋଗ୍ୟ, ଶିକ୍ଷାନୁଷ୍ଠାନ ନିକଟରେ ତମାଖୁଜାତୀୟ ସାମଗ୍ରୀ ଓ ନିଶାଦ୍ରବ୍ୟ ବିକ୍ରି ଉପରେ ନିୟମ ରହିଥିବାରୁ ପୋଲିସ ପକ୍ଷରୁ ଏହି ଅଞ୍ଚଳରେ ନଜରଦାରି ବଢ଼ାଯାଇଛି। ଆଗକୁ ମଧ୍ୟ ବେଆଇନ ନିଶାଦ୍ରବ୍ୟ ବିକ୍ରି ବିରୋଧରେ ଚଢ଼ାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ୱାଟ୍‌କୋ ଖୋଳିଲା ରାସ୍ତା, ଜାମ୍‌ରେ ଫସିଲେ ଲୋକେ

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱରର ଖଣ୍ଡଗିରି-ପ୍ରମେୟ ଛକ ରାସ୍ତାରେ ପୁଣି ଟ୍ରାଫିକ୍ ଜାମ୍ ସମସ୍ୟା ଦେଖାଦେଇଛି। କିଛି ଦିନର ବ୍ୟବଧାନ ପରେ ୱାଟକୋ ପକ୍ଷରୁ ପୁଣି ରାସ୍ତା ଖୋଳାଖୋଳି କାମ ଆରମ୍ଭ ହୋଇଛି। ଫଳରେ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ପ୍ରମେୟ ଛକ ପଟୁ ଖଣ୍ଡଗିରି ଆଡ଼କୁ ଯାଉଥିବା ଚାରିଚକିଆ ଯାନ ଚଳାଚଳକୁ ବନ୍ଦ କରାଯାଇଛି। ଏହି ରୁଟ୍‌ରେ ଆମ ବସ୍, ସ୍କୁଲ-କଲେଜ ବସ୍, ହାଇୱା ଓ ମିନିଟ୍ରକ୍ ଭଳି ଭାରୀ ଯାନ ଚଳାଚଳ ଉପରେ ମଧ୍ୟ କଟକଣା ଲାଗିଛି। ତେବେ ବାଇକ୍ ଆରୋହୀଙ୍କୁ ଯାତାୟାତ ପାଇଁ ଅନୁମତି ଦିଆଯାଇଛି। ଫଳରେ ଅଜଣା ଲୋକ ଏହି ରୁଟ୍ ରେ ଆମ ବସ୍‌କୁ ଅପେକ୍ଷା କରିଛନ୍ତି। ଅନ୍ୟପଟେ, ଖଣ୍ଡଗିରି ପଟୁ ପୋଖରୀପୁଟ ଆଡ଼କୁ ଯାଉଥିବା ରାସ୍ତାରେ କେବଳ ହାଲୁକା ଯାନବାହନ ଚଳାଚଳକୁ ଅନୁମତି ରହିଛି। ରାସ୍ତା ଖୋଳାଖୋଳି କାମ ଯୋଗୁଁ ସ୍କୁଲ, ଅଫିସ୍ ଯାତାୟାତ ସହ ଦୋକାନୀ ଓ ସାଧାରଣ ଲୋକେ ମଧ୍ୟ ହଇରାଣ ହେଉଛନ୍ତି। ଏହି ରୁଟ୍‌ରେ ଦୈନିକ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ବେଳେ, ରାସ୍ତା ଖୋଳାଖୋଳି କାମ ଶୀଘ୍ର ସାରି ଯାତାୟାତ ସ୍ୱାଭାବିକ କରିବାକୁ ଦାବି ହେଉଛି।

ରେଟିନୋପାଥି ଅଫ୍ ପ୍ରିମାଚ୍ୟୁରିଟିକୁ ଅଣଦେଖା କରନ୍ତୁ ନାହିଁ

ଭୁବନେଶ୍ୱର(ବ୍ୟୁରୋ): ରେଟିନୋପାଥି ଅଫ୍ ପ୍ରିମାଚ୍ୟୁରି

ସିଜେପି ବିକ୍ଷୋଭକାରୀଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ସମସ୍ତ ଏଫ୍‌ଆଇଆର୍ ହେବ ରଦ୍ଦ

ନୂଆଦିଲ୍ଲୀ,୧।୯: କକ୍ରୋଚ ଜନତା ପାର୍ଟି(ସିଜେପି) ବ୍ୟାନରରେ ବିକ୍ଷୋଭ କରୁଥିବା ଦେଶର ଯୁବଗୋଷ୍ଠୀଙ୍କୁ ଆଶ୍ୱସ୍ତି। ଜୁଲାଇ ୨୦ ସିଜେପିର ସଂସଦ ଚାଲୋ ବିକ୍ଷୋଭ ଶୋଭଯାତ୍ରା ଘଟଣାରେ ସୁପ୍ରିମକୋର୍ଟ ଦେଇଛନ୍ତି ବଡ଼ ନିର୍ଦ୍ଦେଶ। ସିଜେପିର ବିକ୍ଷୋଭକାରୀଙ୍କ ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ରୁଜୁ ହୋଇଥିବା ସମସ୍ତ ଏଫଆଇଆରକୁ ଆଜି ରଦ୍ଦ କରି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଜୁଲାଇ ୨୦ରୁ ୨୫ ମଧ୍ୟରେ ରୁଜୁ ସମସ୍ତ ଏଫଆଇଆରକୁ ରଦ୍ଦ କରିବାକୁ ଆଜି ସୁପ୍ରିମକୋର୍ଟ କହିଛନ୍ତି। ତେବେ ଯେଉଁ ବିକ୍ଷୋଭକାରୀଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ରହିଛି, ସେମାନଙ୍କ କ୍ଷେତ୍ରରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବନି। କିନ୍ତୁ ଶିକ୍ଷାର୍ଥୀଙ୍କ ବିରୋଧରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ରୁଜୁ ହୋଇଥିବା ମାମଲା ରଦ୍ଦ କରାଯାଉଥିବା କୋର୍ଟ ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ବଡ଼ ନିର୍ଦ୍ଦେଶ ପରେ ସିଜେପି ପକ୍ଷରୁ ପ୍ରସ୍ତାବିତ ସେପ୍ଟେମ୍ବର ୫ ବିକ୍ଷୋଭ ଶୋଭାଯାତ୍ରାକୁ ପ୍ରତ୍ୟାହାର କରିନିଆଯାଇଛି। କେନ୍ଦ୍ର ସରକାର ବିକ୍ଷୋଭକାରୀଙ୍କ ବିରୋଧରେ ରୁଜୁ ଏଫଆଇଆର ପ୍ରତ୍ୟାହାର କରୁନଥିବାରୁ ସିଜେପି ସେପ୍ଟେମ୍ବର ୫ରେ ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୋଲିସ୍ ମୁଖ୍ୟାଳୟ ଯାଏ ବିକ୍ଷୋଭ ଶୋଭାଯାତ୍ରା କରିବ ବୋଲି ଘୋଷଣା କରିଥିଲା। କୋର୍ଟଙ୍କ ଏଫଆଇଆର ରଦ୍ଦ ନିର୍ଦ୍ଦେଶ ପୂର୍ବରୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ ଯେ ଜୁଲାଇ ୨୦ ଘଟଣାକୁ ନେଇ ରୁଜୁ ସମସ୍ତ ଏଫଆଇଆରକୁ ପ୍ରତ୍ୟାହାର କରାଯିବ ଓ ନୂଆ ମାମଲା ହେବନାହିଁ। ଏହାପରେ କୋର୍ଟ ସମସ୍ତ ଏଫଆଇଆର ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଦିଲ୍ଲୀ ପୋଲିସ୍‌ର ଗୋଟିଏ ସ୍ୱତନ୍ତ୍ର ଆବେଦନକୁ କୋର୍ଟ ଅନୁମତି ଦେଇଛନ୍ତି। ଯନ୍ତରମନ୍ତର ବିକ୍ଷୋଭରେ ଏମିତି ୨୮୭୩ ଜଣ ବ୍ୟକ୍ତିବିଶେଷ ଥିଲେ ଯେଉଁମାନଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ରହିଥିଲା। ତେଣୁ ସେମାନଙ୍କ ବିରୋଧରେ ଏଫଆଇଆର ପଞ୍ଜିକରଣ କରିବାକୁ ଦିଲ୍ଲୀ ପୋଲିସ୍‌କୁ କୋର୍ଟ ଗ୍ରୀନ ସିଗ୍ନାଲ ଦେଇଛନ୍ତି। ସଲିସିଟର ଜେନେରାଲ ତୁଷାର ମେହତା ସୁପ୍ରିମକୋର୍ଟକୁ କହିଥିଲେ ଯେ କେନ୍ଦ୍ର(ଦିଲ୍ଲୀ ପୋଲିସ୍), ବିହାର, ଆସାମ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଛାତ୍ର ଆନ୍ଦୋଳନ ସହ ଜଡ଼ିତ ଏଫଆଇଆରକୁ ରଦ୍ଦ ପାଇଁ ଆବେଦନ କରିଛନ୍ତି।

ଡାକ୍ତରଙ୍କୁ ମାଡ଼ ମାରୁଥିବା ଲୋକ ଜାମିନ ପାଇଁ ଯୋଗ୍ୟ ନୁହନ୍ତି

ଯେଉଁମାନେ ଡାକ୍ତରମାନଙ୍କୁ ଦୁର୍ବ୍ୟବହାର ଓ ମାଡ଼ ମାରୁଛନ୍ତି, ସେମାନେ ଜାମିନ ପାଇଁ ଆଦୌ ଯୋଗ୍ୟ ନୁହନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ। ନିକଟରେ ଶିବସେନା କର୍ପୋରେଟର ରମେଶ ମହାତ୍ରେ ଥାଣେର ଗୋଟିଏ ସରକାରୀ ହସ୍ପିଟାଲରେ ଡାକ୍ତରମାନଙ୍କୁ ମାଡ଼ ମାରିଥିଲେ। ଏହି ମାମଲାରେ ବମ୍ବେ ହାଇକୋର୍ଟ ଜାମିନ ଦେବା ବେଳେ କଠୋର ସର୍ତ୍ତ ଲାଗୁ କରିଛନ୍ତି। ଏହାକୁ ଚ୍ୟାଲେଞ୍ଜ କରି ରମେଶ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଆଜି ଏହାର ଶୁଣାଣି ବେଳେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। କଲ୍ୟାଣ-ଡୋମ୍ବିଲି ପୌର ପାଳିକାର କର୍ପୋରେଟର ରମେଶ ମହାତ୍ରେଙ୍କୁ ବମ୍ବେ ହାଇକୋର୍ଟ ଜାମିନ ଦେବା ସମୟରେ ତାଙ୍କୁ ଚାର୍ଜଶିଟ ଦାଖଲ ନ ହେବା ଯାଏ ମହାରାଷ୍ଟ୍ର ବାହାରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବିରୋଧରେ ହୋଇଥିବା ଆବେଦନର ଶୁଣାଣି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହଟା ଓ ଜଷ୍ଟିସ ଏଜି ମାସି କରିଛନ୍ତି। ହସ୍ପିଟାଲ ଭିତରେ ଡାକ୍ତରମାନଙ୍କୁ ଆକ୍ରମଣ ଘଟଣାକୁ ଆଦୌ ହାଲୁକା ଭାବେ ନିଆଯାଇ ପାରିବ ନାହିଁ ବୋଲି ଶୀ ଜଣିଆ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ "ଆପଣ ହସ୍ପିଟାଲକୁ ଯିବେ ଓ ଯାହାକୁ ଇଚ୍ଛା ଆକ୍ରମଣ କରିବେ ? ଯେଉଁମାନେ ଡାକ୍ତରମାନଙ୍କୁ ମାଡ଼ ମାରୁଛନ୍ତି, ସେମାନେ ଜାମିନ ପାଇଁ ଯୋଗ୍ୟ ନୁହନ୍ତି।

ପୁଣି ହୀନ ମାନସିକତା ଦେଖାଇଲା ପାକିସ୍ତାନ

ମୋଦୀଙ୍କୁ ହଟାଇ ଗ୍ରୁପ ଫଟୋ ପୋଷ୍ଟ

ନୂଆଦିଲ୍ଲୀ,୧।୯: ପାକିସ୍ତାନ ସବୁବେଳେ ପାକିସ୍ତାନ। ପୁଣି ନିଜ ଓ ଅସୂୟା ମାନସିକତା ପ୍ରଦର୍ଶନ କରିଛି ପାକିସ୍ତାନ। ସଫାଇ କର୍ପୋରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀର ଗ୍ରୁପ ଫଟୋକୁ ନେଇ ନିଜ ପ୍ରକୃତି ଛଡ଼ା ଆଭିମୁଖ୍ୟର ପରିଚୟ ଦେଇଛି ପାକିସ୍ତାନ। ଏସ୍‌ସିଓ ଗ୍ରୁପ ଫଟୋରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ବା ପିଏମଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋକୁ କ୍ରପ କରି ହଟାଇ ଦେଇଛି। ଏହାପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଯେମିତି ସବୁ ନେତାଙ୍କ ମଝିରେ ପ୍ରମୁଖ ଭାବେ ଛିଡ଼ା ହୋଇଛନ୍ତି, ସେକଥା ଦେଖାଇ ହେବାକୁ ଏଡିଟ୍ ଫଟୋ ପୋଷ୍ଟ କରିଛି। ପାକିସ୍ତାନ ପିଏମଓ ହୀନ ମାନସିକତା ପ୍ରଦର୍ଶନ କରି ମୋଦିଙ୍କୁ ହଟାଇ ଫଟୋ ପୋଷ୍ଟ କରିଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦି କିନ୍ତୁ ସମସ୍ତ ଏସ୍‌ସିଓ ନେତା ଥିବା ଫଟୋକୁ ପୋଷ୍ଟ କରିଛନ୍ତି। ମଙ୍ଗଳବାର ବିଶକେକ୍‌ରେ ଆୟୋଜିତ ଏସ୍‌ସିଓ ଶିଖର ସମ୍ମିଳନୀରେ ଯୋଗ ଦେଇଥିବା ରାଷ୍ଟ୍ରମୁଖ୍ୟମାନେ ଫଟୋ ଉଠାଇଥିଲେ। ୧୦ ରାଷ୍ଟ୍ରର ନେତା ଗୋଟିଏ ମଞ୍ଚରେ ଛିଡ଼ା ହୋଇ ଫଟୋ ପାଇଁ ପୋଜ ଦେଇଥିଲେ। କିନ୍ତୁ ପାକିସ୍ତାନ ପିଏମଓ ପୋଷ୍ଟ କରିଥିବା ଫଟୋରେ ପ୍ରଧାନମନ୍ତ୍ରୀ ମୋଦି, ଇରାନୀୟ ରାଷ୍ଟ୍ରପତି ଓ ଆଉ କିଛି ନେତାଙ୍କୁ କ୍ରପ କରି ହଟାଇ ଦେଇଛି। ଏହାପରେ ଏଡିଟିଂ ଫଟୋକୁ ପୋଷ୍ଟ କରିଛି। କ୍ରପ ଭର୍ସନ ଫଟୋଗ୍ରାଫରେ ବେଶ କୌଶଳକ୍ରମେ ଶରିଫଙ୍କୁ ଗ୍ରୁପର ମଝିରେ ରଖାଯାଇଛି। ଶରିଫଙ୍କୁ ଶିଖର ସମ୍ମିଳନୀରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ପାକିସ୍ତାନ ପିଏମଓ ଦେଖାଇବାକୁ ଚେଷ୍ଟା କରିଛି। ହେଲେ ପ୍ରଧାନମନ୍ତ୍ରୀ ମୋଦି ସମ୍ମିଳନୀର ପ୍ରକୃତ ଫଟୋକୁ ପୋଷ୍ଟ କରିଛନ୍ତି। ଏହା ପାକିସ୍ତାନ ପିଏମଓ ପୋଷ୍ଟ କରିଥିବା ଫଟୋ ଠାରୁ ପୂରା ଭିନ୍ନ। ଏଥିରେ ଶରିଫ ତାହାଣ ପଟୁ ୪ର୍ଥ ସ୍ଥାନରେ ଠିଆ ହୋଇଥିବା ଦେଖାଯାଉଛି।

କଥା କେବଳ କ୍ରପ ଫଟୋରେ ସୀମିତ ନାହିଁ, ଶରିଫଙ୍କ ଅଫିସିଆଲ ଫେସବୁକ ଆକାଉଣ୍ଟରେ ପୋଷ୍ଟ ହୋଇଥିବା ଭିଡିଓରୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ହଟାଇ ଦିଆଯାଇଛି। ବିଶକେକର ଏସ୍‌ସିଓ ନେତାମାନେ ରାଉଣ୍ଡ ଟେବୁଲ ବୈଠକ କରୁଥିବା ବେଳେ ଭିଡିଓ ରେକର୍ଡ କରାଯାଇଥିଲା। କିନ୍ତୁ ଶରିଫ ଫେସବୁକରେ ଶେୟାର କରିଥିବା ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦି ନାହାନ୍ତି। ପାକିସ୍ତାନର ଏହି ଅସୂୟା ଭାବର ଗୁମର କିନ୍ତୁ ଅନେକ ସୋଶାଲ ମିଡିଆ ବ୍ୟବହାରକାରୀ ଖୋଲି ଦେଇଛନ୍ତି। ସେମାନେ ପ୍ରକୃତ ଭିଡିଓ ଓ ଫଟୋ ଶେୟାର କରିଛନ୍ତି। ଏଥିସହ ପାକିସ୍ତାନକୁ ଅନେକ ମେମ୍ସ ଜାରି କରି ସମାଲୋଚନା କରିଛନ୍ତି।

ପୁଣି ଦୋହରାଇଲେ ପ୍ରଧାନମନ୍ତ୍ରୀ

ଆବଶ୍ୟକ ନ ଥିଲେ ସୁନା କିଣନା

ନୂଆଦିଲ୍ଲୀ,୧।୯: 'ଆବଶ୍ୟକ ନ ଥିଲେ ସୁନା କିଣନା। ବିଦେଶ ଯାଇ ବାହାଘର ଭୋଜିଭାତ ଆୟୋଜନ କରି ଅଧିକ ଖର୍ଚ୍ଚ କରନା । ବିଦେଶ ଭ୍ରମଣରେ ନ ଯାଇ ଦେଶରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲ । ସ୍ୱଦେଶୀ ସାମଗ୍ରୀ କିଣି ଦେଶର ଅର୍ଥନୀତିକୁ ମଜବୁତ୍ କର ।' ଅନ୍ତତରେ କରିଥିବା ଆହ୍ୱାନକୁ ପୁଣିଥରେ ଦୋହରାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବିଦେଶରୁ ଏକ ଭିଡିଓ ବାର୍ତ୍ତାରେ ଏକଥା ଦୋହରାଇଛନ୍ତି ମୋଦୀ । ସଂଘାଇ ଶୀଖର ସମ୍ମିଳନୀରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବେ କିରଗିଜସ୍ତାନର ବିଶେକରେ ଅବସ୍ଥାନ କରୁଛନ୍ତି । ମଙ୍ଗଳବାର ଏକ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଦେଶର ପ୍ରଗତି ପାଇଁ ସୁନା ନ କିଣିବା, ବିଦେଶଗସ୍ତରେ ନ ଯିବା, ବିଦେଶରେ ଆଡମ୍ବରପୂର୍ଣ୍ଣ ବିବାହ କାର୍ଯ୍ୟକ୍ରମ ନ କରିବାକୁ ଆହ୍ୱାନ ଦେଇଛନ୍ତି । ଦେଶର ଜିଡିପି ଅଭିବୃଦ୍ଧି ୭.୮% ଛୁଇଁବା ପରେ ମୋଦୀଙ୍କ ଏପରି ବାର୍ତ୍ତା ବିଶେଷ ମହତ୍ୱ ରଖେ ବୋଲି ଅର୍ଥନୀତି ବିଶାରଦମାନେ ମତବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ବିଶ୍ୱରେ ଯୁଦ୍ଧ ପରିସ୍ଥିତି ଯୋଗୁ ଚାରିଆଡେ ଅନିଶ୍ଚିତତା ଲାଗି ରହିଛି । ଏପରି ସ୍ଥଳରେ ଭାରତର ଜିଡିପିରେ ଅଭିବୃଦ୍ଧି ନିଶ୍ଚିତ ଭାବେ ଉତ୍ସାହପ୍ରଦ। ତେବେ ଏପରି ସ୍ଥଳେ ଦେଶବାସୀଙ୍କୁ ମିତବ୍ୟୟୀ ହେବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ବିଶେଷ ଗୁରୁତ୍ୱ ବହନ କରେ । ଚଳିତବର୍ଷ ଭାରତରେ ସୁନାର ଆମଦାନୀ ବଢିଛି। ଏପ୍ରିଲ ମାସ ଭିତରେ ସୁନା ଆମଦାନୀରେ ୩୨% ବୃଦ୍ଧି ଘଟିଛି । ପେଟ୍ରୋଲିୟମ ପରେ ସୁନା ଆମଦାନୀରେ ଭାରତର ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ ହେଉଛି ।

୫ରେ ବିକ୍ଷୋଭ ଶୋଭାଯାତ୍ରା ପ୍ରତ୍ୟାହାର କଲା ସିଜେପି

ନୂଆଦିଲ୍ଲୀ,୧।୯: ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଦିଲ୍ଲୀରେ ବିକ୍ଷୋଭ ଶୋଭାଯାତ୍ରା କରିବାକୁ ଘୋଷଣା କରିଥିବା କକ୍ରୋଚ ଜନତା ପାର୍ଟି ବା ସିଜେପି ଆଜି ଏହାକୁ ପ୍ରତ୍ୟାହାର କରି ନେଇଛି। ପ୍ରସ୍ତାବିତ ଆନ୍ଦୋଳନ ପ୍ରତ୍ୟାହାର ସମ୍ପର୍କରେ ସିଜେପି ସୁପ୍ରିମକୋର୍ଟଙ୍କୁ ଜଣାଇଛି। ଯୁବ ବିକ୍ଷୋଭକାରୀଙ୍କୁ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ସହ ଜୁଲାଇ ୨୦ ଯନ୍ତରମନ୍ତର ବିକ୍ଷୋଭ ସହ ଜଡ଼ିତ ଏଫଆଇଆର ପ୍ରତ୍ୟାହାର ପାଇଁ ରାଜି ହେବାରୁ ସିଜେପି ଏପରି ନିଷ୍ପତ୍ତି ନେଇଥିବା କହିଛି। ସିଜେପି ମୁଖପାତ୍ର ତଥା ସହ ଆବାହକ ସୌରଭ ଦାସ ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ଆଗରେ ହାଜର ହୋଇ ସେପ୍ଟେମ୍ବର ୫ ତାରିଖରେ ହେବାକୁ ଥିବା ଶୋଭାଯାତ୍ରା ପ୍ରତ୍ୟାହାର କରାଯାଉଥିବା ଜଣାଇଛନ୍ତି। ସେ କୋର୍ଟଙ୍କୁ କହିଛନ୍ତି ଯେ "ସକାରାତ୍ମକ ପ୍ରତିଶ୍ରୁତି, ନ୍ୟାୟିକ ପବିତ୍ରତା ଓ କୋର୍ଟ ଆଜି ପାସ୍ କରିଥିବା ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ସିଜେପି

ପ୍ରସ୍ତାବିତ ଶୋଭାଯାତ୍ରା ପ୍ରତ୍ୟାହାର କରିବା ଉଚିତ ବୋଲି ଅନୁଭବ କରୁଛି।" ସିଜେପିର ପ୍ରତ୍ୟାହାର ନିଷ୍ପତ୍ତିକୁ ମଧ୍ୟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, "ଯଦି ଉଭୟ ପକ୍ଷ ଭଲ ତଥା ସକାରାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରୁଛନ୍ତି, ତା'ହେଲେ ସବୁ କିଛି ସମାଧାନ ହୋଇପାରିବ।" ଅଗଷ୍ଟ ୨୪ରେ ସିଜେପି ଘୋଷଣା କରିଥିଲା ଯେ ସେପ୍ଟେମ୍ବର ୫ ତାରିଖରେ ଦଳ ପକ୍ଷରୁ ଇଣ୍ଡିଆ ଗେଟ୍‌ରୁ ନୂଆଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ଯାଏ ଶୋଭାଯାତ୍ରା କରାଯିବ। ନିଟ୍ ପ୍ରଶ୍ନପତ୍ର ଲିକ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିବା ସିଜେପି ଜୁଲାଇ ୨୫ରେ ଏହାକୁ ପ୍ରତ୍ୟାହାର କରିଥିଲା। ଏହି ସମୟରେ କେନ୍ଦ୍ର ସରକାର ଦଳକୁ ଅନେକ ପ୍ରତିଶ୍ରୁତି ଦେଇଥିଲେ। ଏବେ ଏହାକୁ କେନ୍ଦ୍ର ସରକାର ଅନୁପାଳନ କରୁ ନଥିବା ଅଭିଯୋଗ କରି ସିଜେପି ସେପ୍ଟେମ୍ବର ୫ରେ ବିକ୍ଷୋଭ ଶୋଭାଯାତ୍ରାର ଡାକରା ଦେଇଥିଲା। ଆଜିର ଶୁଣାଣି ବେଳେ ସିଲିସିଟର ଜେନେରାଲ ତୁଷାର ମେହଟା କୋର୍ଟଙ୍କୁ ଜଣାଇଛନ୍ତି ଯେ ବିକ୍ଷୋକାରୀ ନେତାଙ୍କୁ କେନ୍ଦ୍ର ସରକାର ବୈଠକ ବେଳେ ୩ଟି ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମ ପ୍ରତିଶ୍ରୁତି ଥିଲା ଯେ ଜୁଲାଇ ୨୦ ଓ ୨୫ ଘଟଣାକୁ ନେଇ ରୁଜୁ ଏଫଆଇଆର ଆଧାରରେ ବିକ୍ଷୋଭକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେବ ନାହିଁ।

ଚୁଟ୍‌କୀରେ...

ପୁଣି ତୀବ୍ରହେଲା ମଣିପୁର ହିଂସା

ନୂଆଦିଲ୍ଲୀ,୧।୯: ମଣିପୁର ସ୍ଥିତି ପୁଣି ବିଗିଡ଼ି ଯାଇଛି। ଆଜି ଭୋର ସମୟରେ କାଙ୍ଗପୋକପି ଜିଲ୍ଲାର ୩ଟି ଲିଆଙ୍ଗମାଇ ନାଗା ଗାଁରେ ଘଟିଛି ଭୟଙ୍କର ଆକ୍ରମଣ। ଏଠାରେ ସଶସ୍ତ୍ର ଦୁର୍ବୃତ୍ତମାନେ ଗୁଳି ମାଡ଼ କରିବା ସହ ୩୦ଟି ଘରେ ନିଆଁ ଲଗାଇ ଦେଇଛନ୍ତି। ଆକ୍ରମଣରେ ୩୦ଟି ଯାକ ଘର ପୋଡ଼ି ପାଉଁଶ ହୋଇ ଯାଇଥିବା ବେଳେ ଜଣେ ଗ୍ରାମବାସୀ ଗୁଳି ମାଡ଼ରେ ଆହତ ହୋଇଛନ୍ତି। ଏହି ଘଟଣାର ଦିନକ ପୂର୍ବରୁ ସମାନ ଜିଲ୍ଲାରେ ହୋଇଥିବା ଗୁଳି ମାଡ଼ରେ ୩ ଜଣ କୁକି ସଂପ୍ରଦାୟର ଲୋକ ପ୍ରାଣ ହରାଇଥିଲେ। ଏହାକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ଆଜି ପୁଣି ହିଂସାକାଣ୍ଡ ଘଟିଛି। ପୁଲିସର କହିବା କଥା ଯେ ଭୋର ପ୍ରାୟ ୪ଟା ବେଳେ ତାପୋନ ଖୁଲେନ, ତାପୋନ ଖୁନୋଉ ଓ ମାଙ୍କୁଇ ପିପୁରାମ ଗାଁରେ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ମାନେ ଆଖିବୁଜା ଗୁଳିମାଡ଼ କରିବା ସହ ସୁରକ୍ଷାକର୍ମୀମାନେ ପହଞ୍ଚିବା ପୂର୍ବରୁ ଏକାଧିକ ଘର ଓ ଅନ୍ୟ ଜିନିଷରେ ନିଆଁ ଲଗାଇ ଫେରାର ହୋଇ ଯାଇଥିଲେ। ଘଟଣାକୁ ନେଇ ଉତ୍ତେଜନା ବଢୁଥିବାରୁ ସିଆରପିଏଫ ଓ କୋବ୍ରା ୟୁନିଟ ସହ ମଣିପୁର ପୁଲିସ୍ ?ର ଯବାନମାନଙ୍କୁ ଘଟଣା ସ୍ଥଳରେ ମୁତୟନ କରାଯାଇଛି। ସେହିପରି ଆଖପାଖ ଅଞ୍ଚଳରେ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବାକୁ ବଡ଼ଧରଣର ସର୍ଚ୍ଚ ଅପରେସନ ମଧ୍ୟ କରାଯାଇଛି। ଆକ୍ରମଣ ଯୋଗୁ ଅନେକ ଲୋକଙ୍କ ଘର ପୂରା ପୋଡ଼ି ଯାଇଥିବା ବେଳେ ଗାଡ଼ି ଓ ଅନ୍ୟାନ୍ୟ ଜିନିଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ପୋଡ଼ା ଜଳାରେ ଅତିକମରେ ୩୦ଟି ଘର ଓ ସେଠାରେ ଥିବା ଜିନିଷପତ୍ର ସବୁ ନଷ୍ଟ ହୋଇଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

ବିମାନର ଇଞ୍ଜିନ୍ ଫେଲ୍, କଲା ଜରୁରୀକାଳୀନ ଅବତରଣ

ଗୋଆ,୧।୯: ଗୋଆରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବଡ଼ଧରଣର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ବିମାନର ଏକ ଇଞ୍ଜିନରେ ତ୍ରୁଟି ଦେଖାଯିବା ପରେ ଏହାକୁ ପୁନର୍ବାର ଗୋଆକୁ ଫେରାଇ ଅଣାଯାଇଥିବା ବେଳେ ମୋପା ବିମାନବନ୍ଦରରେ ଏହାର ଜରୁରୀକାଳୀନ ଅବତରଣ କରାଯାଇଛି। ସୂଚନା ଅନୁଯାୟୀ, ଇଣ୍ଡିଗୋର ଫ୍ଲାଇଟ୍ ନମ୍ବର ୬ର ୨୧୦୨ ମଙ୍ଗଳବାର ଦିନ ସକାଳ ପ୍ରାୟ ୯ଟା ୧୬ ମିନିଟ୍ ରେ ଗୋଆରୁ ଦିଲ୍ଲୀ ପାଇଁ ଉଡ଼ାଣ ଭରିଥିଲା । ମାତ୍ର ଉଡ଼ାଣ ଭରିବାର କିଛି ମିନିଟ୍ ପରେ ହିଁ ବିମାନର ଗୋଟିଏ ଇଞ୍ଜିନରେ ତ୍ରୁଟି ଥିବା ନେଇ ସୂଚନା ସାମ୍ନାକୁ ଆସିଥିଲା । ଏହାକୁ ଦୃଷ୍ଟିରେ ରଖି ଏଟିସି ପକ୍ଷରୁ ସକାଳ ପ୍ରାୟ ୯:୩୦ ମିନିଟ୍‌ରେ ସମ୍ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ଏହାପରେ ବିମାନଟିକୁ ତୁରନ୍ତ ଗୁରାଇ ପୁଣିଥରେ ଗୋଆର ମୋପା ବିମାନବନ୍ଦର ଆଡ଼କୁ ଅଣାଯାଇଥିଲା । ସକାଳ ୯ଟା ୫୧ ମିନିଟ୍‌ରେ ବିମାନଟି ମୋପା ବିମାନବନ୍ଦରର ରନ୍‌ୱେ ୨୮ରେ ସୁରକ୍ଷିତ ଭାବେ ଅବତରଣ କରିଥିଲା । ପରେ ବିମାନକୁ ଆଣି ସାଣ୍ଡ ନମ୍ବର ୬ରେ ସମ୍ପୂର୍ଣ୍ଣ ରୂପେ ପାର୍କ କରାଯାଇଥିଲା। ବିମାନଟି ସୁରକ୍ଷିତ ଭାବେ ପାର୍କ ହେବା ପରେ ଏଟିସି ପକ୍ଷରୁ ସକାଳ ୧୦:୦୩ ମିନିଟ୍‌ରେ ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହାର କରାଯାଇଥିଲା ।

ଗୁଳିଚାଳନାରେ ୧୨ ଆତଙ୍କବାଦୀ ନିହତ, ୨ ଯବାନ ଆହତ

କ୍ୱେଟା,୧।୯: ପାକିସ୍ତାନର ବେଲୁଚିସ୍ତାନସ୍ଥିତ ପ୍ରସିଦ୍ଧ 'ରେକୋ ଦିକ୍' ତମ୍ବା ଓ ସୁନା ଖଣି ପ୍ରକଳ୍ପରୁ ଫେରୁଥିବା ଏକ କନଭୟ ଉପରେ ଆତଙ୍କବାଦୀମାନେ ଭୟଙ୍କର ଆକ୍ରମଣ କରିଛନ୍ତି। ତେବେ ସୁରକ୍ଷା ବାହିନୀର ପାଲଟା ଜବାବ ଯୋଗୁଁ ୧୨ ଜଣ ଆତଙ୍କବାଦୀ ନିହତ ହୋଇଥିବା ବେଳେ ୨ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଚାଗାଇ ଜିଲ୍ଲାର ପ୍ରକଳ୍ପ ସ୍ଥଳରେ ଶ୍ରମିକମାନଙ୍କୁ ଛାଡ଼ି ପ୍ରାୟ ୩୬ଟି ଖାଲି ଗାଡ଼ି କ୍ୱେଟା ଫେରୁଥିବା ସମୟରେ ପୂର୍ବରୁ ଛକି ରହିଥିବା ସଶସ୍ତ୍ର ଆତଙ୍କବାଦୀମାନେ ଅନ୍ଧାଧୁନ୍ଧ ଗୁଳିଚାଳନା କରିଥିଲେ। ଏହାର ଜବାବରେ ଦୀର୍ଘ ୨ ଘଣ୍ଟା ଧରି ଚାଲିଥିବା ଗୁଳିବିନିମୟରେ ୧୨ ଜଣ ଆକ୍ରମଣକାରୀ ପ୍ରାଣ ହରାଇଥିବା ସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି। ବେଲୁଚିସ୍ତାନମୁଖ୍ୟମନ୍ତ୍

ହସ୍‌ପିଟାଲ୍ ବେଡ୍‌ରେ ପୋଷଣହାରୀ ପୁଅ

- ପରିବାର ପାଇଁ ବାହାର ରାଜ୍ୟକୁ ଯାଇଥିଲେ
- ତିରୁପୁରୁରେ ସଟରିଂ କାମବେଳେ ଭାଙ୍ଗିଲା ହାଡ଼
- ସୁସ୍ଥ ହେବା ପାଇଁ ଦରକାର ୨୦ ଲକ୍ଷ
- ସହଯୋଗ ପାଇଁ ପରିବାରର ଆକୁଳ ନିବେଦନ

କାକଟପୁର /ଅଷ୍ଟରଙ୍ଗ(ଅମୃତ ମିଡିଆ): ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଯାଇଥିଲେ। ଭାବିଥିଲେ ପରିଶ୍ରମ କରି ବାପା-ମାଆ ଓ ୩ ଭଉଣୀଙ୍କ ମୁହଁରେ ହସ ଫୁଟାଇବେ। ହେଲେ ଭାଗ୍ୟ ସହ ନଥିଲା। ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ନଗର ପଂଚାୟତ ବାଲିଡିଆ ଗ୍ରାମର ୨୨ ବର୍ଷୀୟ ଯୁବକ ବବୁଲ ଦଳାଇ ଏବେ ୮ ଦିନ ହେଲାଣି ଭୁବନେଶ୍ୱର ସମ୍ ଅର୍ଲ୍ଟିମେଟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସୁସ୍ଥ ହେବା ପାଇଁ ବଡ ଅପରେସନ ଜରୁରୀ ଏବଂ ଏଥିପାଇଁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଷ୍ଟରଙ୍ଗ ଅଞ୍ଚଳର ମତ୍ସ୍ୟଜୀବୀ ବିଷ୍ଣୁ ଦଳାଇ ପ୍ରତିଦିନ ସମୁଦ୍ରକୁ ମାଛ ଧରିବାକୁ ଯାଇ ଯାହା ରୋଜଗାର କରନ୍ତି ସେଥିରେ ୩ ଝିଅ ଓ ଗୋଟିଏ ପୁଅକୁ ନେଇ ୫ ପ୍ରାଣୀ ପରିବାର ଚଳେ। ବିଷ୍ଣୁଙ୍କର ୩ ଝିଅ ପରେ ଗୋଟିଏ ପୁଅ ହେଉଛି ବବୁଲ ଦଳାଇ। ତିନି ଭଉଣୀଙ୍କ ଏକମାତ୍ର ଭାଇ। ପରିବାରର ଆର୍ଥିକ ଅଭାବ ଓ ବାପାଙ୍କ କଷ୍ଟ ଦେଖି ବବୁଲ ପାଠପଢା ଛାଡି ଦୀର୍ଘ ୨ ବର୍ଷ ପୂର୍ବେ ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁ ସ୍ଥିତ ତିରୁପୁରୁକୁ ସଟରିଂ କାମ କରିବାକୁ ଯାଇଥିଲେ। ସେଠାରେ ସେ ଭଲରେ କାମ କରୁଥିଲେ ଏବଂ ପ୍ରତି ମାସରେ ଘରକୁ ଟଙ୍କା ପଠାଉଥିଲେ। ହେଲେ ଗତ ୨୪ ଅଗଷ୍ଟ ୨୦୨୬ରେ କାମ କରୁଥିବା ସମୟରେ ହଠାତ୍ ଏକ ବଡ ଦୁର୍ଘଟଣା ଘଟିଲା। ସଟରିଂ କାମ କରୁଥିବା ବେଳେ ଉପରୁ ଖସି ପଡିବାରୁ ତାଙ୍କ ବେକ ହାଡ ଭାଙ୍ଗି ଯାଇଥିଲା। ସଙ୍ଗେ ସଙ୍ଗେ ସହକର୍ମୀମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ ଓଡିଶା ର ଭୁବନେଶ୍ୱର ସମ୍ ଅର୍ଲ୍ଟିମେଟ ହସ୍ପିଟାଲକୁ ଆଣିଥିଲେ। ଏବେ ୮ ଦିନ ହେଲାଣି ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ପରିବାର ଲୋକ ଦିନରାତି ତାଙ୍କ ପାଖରେ ଜଗି ରହିଛନ୍ତି। ଡାକ୍ତରଙ୍କ କହିବା ଅନୁଯାୟୀ, ବବୁଲ ପୁଣି ସୁସ୍ଥ ହୋଇ ନିଜ ଗୋଡରେ ଚାଲିବା ପାଇଁ ତୁରନ୍ତ ଏକ ବଡ ଅପରେସନ ଆବଶ୍ୟକ। ଏହି ଅପରେସନ ପାଇଁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। ଏହି ଖବର ପରେ ଗରିବ ମତ୍ସ୍ୟଜୀବୀ ପରିବାର ଉପରେ ଦୁଃଖର ପାହାଡ ଭାଙ୍ଗି ପଡିଛି। ଦିନ ମଜୁରିରେ ପରିବାର ଚଳାଉଥିବା ବାପା ପାଖରେ ଏତେ ଟଙ୍କା ଯୋଗାଡ କରିବା ସମ୍ଭବ ନୁହେଁ। ତେଣୁ ପରିବାର ସମସ୍ତ ସହୃଦୟ ବ୍ୟକ୍ତି, ଅନୁଷ୍ଠାନ ଓ ପ୍ରବାସୀ ଓଡିଆଙ୍କୁ ସହଯୋଗ ପାଇଁ ହାତ ଯୋଡି ନିବେଦନ କରିଛି। ଯଦି ଆପଣ ଏହି ଅସହାୟ ପରିବାରକୁ ସହଯୋଗ କରିବାକୁ ଚାହୁଁଛନ୍ତି, ତେବେ ୮୯୮୪୨୨୪୮୨୭ ନମ୍ବରରେ ଯୋଗାଯୋଗ କରି ସହଯୋଗର ହାତ ବଢାନ୍ତୁ। ଆପଣଙ୍କର ଛୋଟ ଛୋଟ ସହାୟତା ବବୁଲକୁ ପୁଣି ସୁସ୍ଥ କରି ଘରକୁ ଫେରାଇ ଆଣିବ ଏବଂ ତିନି ଭଉଣୀ ମୁହଁରେ ହସ ଫୁଟାଇବ ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ଭିତ୍ତିପତ୍ର 'କେତକୀ' ଲୋକାର୍ପିତ

ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ): ଓଡ଼ିଆ ବିଶ୍ୱବିଦ୍ୟାଳୟ ଭିତ୍ତିପତ୍ର 'କେତକୀ'ର ଶୁଭ ଲୋକାର୍ପଣ କରାଯାଇଛି। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବିରଚିତ ୨୮ଟି ସର୍ଜନାତ୍ମକ ଲେଖାରେ ସୁଶୋଭିତ 'କେତକୀ'ର ଅଙ୍ଗରାଗ ସୌନ୍ଦର୍ଯ୍ୟ ବିମଣ୍ଡିତ ହୋଇପାରିଛି। ଭାଷା ଓ ସାହିତ୍ୟ ବିଭାଗ, ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ, ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରାୟିତ ଓ ସ୍ୱହସ୍ତ ଲିଖିତ ପ୍ରବନ୍ଧ, କବିତା ଓ କ୍ଷୁଦ୍ରଗଳ୍ପମାନ 'କେତକୀ' ପୃଷ୍ଠାରେ ସ୍ଥାନିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟ, ଆମନ୍ତିତ ଅତିଥି ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର, ଅନ୍ୟତମ ଅତିଥି ଡ. ପାର୍ଥସାରଥି ଅଜୟ ବାରିକ ଓ କୁଳସଚିବ ରଶ୍ମିରେଖା ଦାସ ପ୍ରମୁଖ ମିଳିତ ଭାବେ ଫିତା କାଟି ଭିତ୍ତିପତ୍ର 'କେତକୀ'ର ଲୋକାର୍ପଣ କରିଥିଲେ। ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗରେ ଅବସ୍ଥାପିତ ଅବସରପ୍ରାପ୍ତ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା ସଂପାଦକ ଓ ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗରେ ଅବସ୍ଥାପିତ ଅବସରପ୍ରାପ୍ତ ସହଯୋଗୀ ସଂପାଦିକା ରୂପେ 'କେତକୀ'ର ସଂପାଦନା ସହ ଏହି ସଂସ୍କରଣ ପ୍ରସ୍ତୁତ କରିଛନ୍ତି। ଲୋକାର୍ପଣ ଉତ୍ସବରେ ପ୍ରଫେସର୍ ବଟୁବାହନ ମହାପାତ୍ର, ପ୍ରଫେସର୍ ଅନନ୍ତ କିଶୋର ଜେନା, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ଲିପିକା ନାୟକ, ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ ଚାନ୍ଦ, ବିତ୍ତ ଅଧିକାରୀ ସଂଜୀବ କୁମାର ଜେନା, ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଆଞ୍ଚଳିକ, ଜନଜାତି ଓ ଐତିହ୍ୟ ଅଧ୍ୟୟନ ବିଭାଗ ମୁଖ୍ୟା ଡ. ଶର୍ମିଷ୍ଠା ମହାପାତ୍ର, ଡ. ବାସନ୍ତୀ ମହାନ୍ତି, ଡ. ସଂଗୀତା ଜେନା, ଡ. ସସ୍ମିତା ଜେନା, ଡ. ଶୁଭସ୍ମିତା ନାୟକ, ଡ. ମୋନାଲି ଚ୍ୟାଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ ।୫ ବିଶ୍ୱବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଓ ଅଣ-ଶିକ୍ଷକ କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ।

ଜନଶୁଣାଣିରେ ଜାମିନ ମାମଲାକୁ ନେଇ ଅଭିଯୋଗ

କାକଟପୁର/ଅଷ୍ଟରଙ୍ଗ(ଅମୃତ ମିଡିଆ): ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ପରିସରରେ ସୋମବାର ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅସନ ଭିଆରପି କଲୋନୀ ବାସିନ୍ଦା ଦେବକୀ ମଳିକ ଙ୍କ ପକ୍ଷରୁ ଏକ ବିଚାରାଧୀନ ମାମଲା ସମ୍ପର୍କରେ ଲିଖିତ ଅଭିଯୋଗ କରାଯାଇଛି। ତାଙ୍କ ଅଭିଯୋଗପତ୍ର ଅନୁଯାୟୀ, ଅଷ୍ଟରଙ୍ଗ ଥାନା କେସ ନଂ ୧୧୯/୨୫ ଏକ ବିଚାରାଧୀନ ମାମଲା। ଏଥିରେ ଏସସି ଆକ୍ଟ ଧାରା ସମ୍ପୃକ୍ତ ଥିବାରୁ ଏହାର ତଦନ୍ତ ନିମାପଡା ଉପଖଣ୍ଡ ପୋଲିସ ଅଧିକାରୀ କରୁଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଶ୍ରୀମତୀ ମଲ୍ଲିକଙ୍କ ଦାବି ଅନୁସାରେ, ଉକ୍ତ ମାମଲାର ଅଧିକାଂଶ ଅଭିଯୁକ୍ତ ମାନ୍ୟବର ଉଚ୍ଚ ନ୍ୟାୟାଳୟରୁ ମଧ୍ୟବର୍ତ୍ତୀକାଳୀନ ଜାମିନ ଆଣି ନିମାପଡା ଏଡିଜେ କୋର୍ଟରେ ହାଜର ହୋଇଛନ୍ତି। ମାତ୍ର ଏହି କେସର କ୍ରମିକ ନଂ ୬ରେ ଥିବା ଜଣେ ଅଭିଯୁକ୍ତ କଥିତ ଭାବେ ଗତ ଜୁଲାଇ ୧୪ ରେ ମାନ୍ୟବର ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ପାଇଥିଲେ ମଧ୍ୟ ନିର୍ଦ୍ଧାରିତ ଅବଧି ମଧ୍ୟରେ ନିମ୍ନ ଅଦାଲତରେ ହାଜର ହୋଇନଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କିତ ତଥ୍ୟ ମାନ୍ୟବର ଅଦାଲତଙ୍କ ରେକର୍ଡରୁ ହିଁ ସ୍ପଷ୍ଟ ହେବ। ଏହାସହ ସେହି ଅଭିଯୁକ୍ତ ବାହାରେ ବୁଲୁଥିବା ନେଇ ଶ୍ରୀମତୀ ମଲ୍ଲିକ ଭୟ ଓ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ଅଭିଯୋଗ ଅଟେ। ଏ ନେଇ ସେ ପ୍ରଶାସନର ହସ୍ତକ୍ଷେପ ଲୋଡିଛନ୍ତି। ଏ ସମ୍ପର୍କରେ ଅଭିଯୁକ୍ତ ପକ୍ଷର ପ୍ରତିକ୍ରିୟା ମିଳିପାରିନାହିଁ। ମାମଲାଟି ମାନ୍ୟବର ଅଦାଲତରେ ବିଚାରାଧୀନ ଥିବାରୁ ପୋଲିସ ଓ ପ୍ରଶାସନ ନିୟମ ଅନୁଯାୟୀ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି।

■ ନଗର କଂଗ୍ରେସର ସାଙ୍ଗଠନିକ ବୈଠକ

ବିଜେପି ବିରୋଧରେ କଂଗ୍ରେସ ନେତା ପ୍ରିୟବ୍ରତଙ୍କ ରଣହୁଙ୍କାର

ପିପିଲି(ଅମୃତ ମିଡିଆ): ପିପିଲି ନଗର କଂଗ୍ରେସ କମିଟିର ଏକ ସାଙ୍ଗଠନିକ ବୈଠକ ଗତକାଲି ସନ୍ଧ୍ୟାରେ ସ୍ଥାନୀୟ କ୍ରିଷ୍ଣା ଗାର୍ଡେନ ଠାରେ ନଗର କଂଗ୍ରେସ ସଭାପତି ଶ୍ରୀ ରଜନୀକାନ୍ତ ବଷ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳର ସାଙ୍ଗଠନିକ ସ୍ଥିତି, ଆଗାମୀ ଦିନରେ କାର୍ଯ୍ୟକ୍ରମ ଏବଂ ତୃଣମୂଳସ୍ତରରେ କଂଗ୍ରେସକୁ ଅଧିକ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଯୋଗଦେଇଥିଲେ। ସେ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ଏକ ପରିବାରର ସଦସ୍ୟ ଭାବେ ସମ୍ବୋଧିତ କରି ଏକତାବଦ୍ଧ ଭାବେ ଦଳକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ବିଜେପି ସରକାରଙ୍କ ନୀତି ଓ କାର୍ଯ୍ୟପ୍ରଣାଳୀକୁ ନେଇ ସେ ତୀବ୍ର ସମାଲୋଚନା କରିଥିଲେ। ସରକାରଙ୍କ ଜନବିରୋଧୀ ଓ ଗରିବ ମାରଣ ନୀତି ବିରୋଧରେ ଲୋକଙ୍କୁ ସଚେତନ କରିବା ସହ ପ୍ରତ୍ୟେକ ଦିନ ତୃଣମୂଳସ୍ତରରେ ଜନ ସାଧାରଣଙ୍କ ସହ ଯୋଡ଼ି ହୋଇ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଜେପି ସରକାର ଧନୀ ଶ୍ରେଣୀକୁ ହଜାର ହଜାର କୋଟି ଟଙ୍କାର ଋଣ ଛାଡ଼ କରୁଥିବା ବେଳେ ଗରିବ ଓ ସାଧାରଣ ଲୋକଙ୍କ ଉପରେ ଅତ୍ୟାବଶ୍ୟକ ସାମଗ୍ରୀର ଅତିରିକ୍ତ ଆର୍ଥିକ ବୋଝ ଲଦି ଦେଉଥିବା ନେଇ ସେ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ଅନ୍ୟତମ ଅତିଥି ଭାବେ ପୁରୀ ଜିଲ୍ଲା କଂଗ୍ରେସ ଉପସଭାପତି ଗୁଣନିଧି ପ୍ରଧାନ, ବରିଷ୍ଠ ନେତା ଧରେନ୍ଦ୍ର ସାମନ୍ତରାୟ, ପୂର୍ବତନ ଏନସିସି ଅଧ୍ୟକ୍ଷା ରୁନୁ ବେହେରା, ନେତ୍ରୀ ରାନୁ ପାତ୍ର, ଯୁବ ନେତା ଲାଲା ରାକେଶ ରାୟ ପ୍ରମୁଖ ଯୋଗଦେଇ ଥିବା ବେଳେ ନଗର କଂଗ୍ରେସର ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ମାନେ ଯୋଗଦେଇ ଆଗାମୀ ଦିନରେ ସଂଗଠନକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ପାଇଁ ନିଜ ନିଜର ମତ ରଖିଥିଲେ।

ଟିକିତାରାର ୧୯୧ତମ ଦେଖିଲେଖ ପ୍ରତିଯୋଗିତା

ପୁରୀ (ବ୍ୟୁରୋ): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାର୍କଣ୍ଡେଶ୍ୱର ସାହି, ପୁରୀରେ ଟିକିତାରା ଭ୍ରାମ୍ୟମାଣ ସାହିତ୍ୟ ସଂସ୍ଥା ପକ୍ଷରୁ ଦେଖିଲେଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପଞ୍ଚମ, ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ଛାତ୍ରୀ ଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପଞ୍ଚମ ଶ୍ରେଣୀର ସଂପୂର୍ଣ୍ଣା ସାହୁ, ପୂଜା ଦାସ ଓ ସୋନାଲୀ ନାୟକ, ଷଷ୍ଠ ଶ୍ରେଣୀର ଆକାଂକ୍ଷା ଦାଶ, ଲିଜା ସାହୁ ଓ ପ୍ରସାଦ ଜେନା ଏବଂ ସପ୍ତମ ଶ୍ରେଣୀର ସ୍ନେହଲତା ପରିଡ଼ା, ଆଦିତ୍ୟ କୁମାର ସାହୁ ଓ ସୋନାଲୀ ସ୍ୱାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥି ଓଡ଼ିଆ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଅଜୟ କୁମାର ପଣ୍ଡାଙ୍କ ଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାତୀ ମିଶ୍ର, ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ମିଶ୍ର, ଶ୍ରୀମତୀ ମମତା ରାଉତରାୟ, ଏଲିନ୍ ପଟ୍ଟନାୟକ ଓ ଜଗବନ୍ଧୁ ଦାଶ ପରିଚାଳନା କରିଥିଲେ। ସଂପାଦକ ବିପିନ ବିହାରୀ ଦଳାଇ ଏବଂ ମୁଖ୍ୟ ଅତିଥି ପିଲାମାନଙ୍କୁ ଲେଖିବା ଶୈଳୀ ବିଷୟରେ ବୁଝାଇଥିଲେ।

ମାଛ ଧରିବାକୁ ଯାଇ ଫେରିଲେନି ବିପିନ

ଅଗ୍ନିଶମ ବାହିନୀର ୧୧ ଘଣ୍ଟା ସର୍ଚ୍ଚ ଅପରେସନ ଫେଲ୍

କାକଟପୁର /ଅଷ୍ଟରଙ୍ଗ (ଅମୃତ ମିଡିଆ):ପୁରୀ ଜିଲ୍ଲା ଅଷ୍ଟରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ବରାଙ୍ଗ ଗ୍ରାମରେ ସୋମବାର ଏକ ହୃଦୟ ବିଦାରକ ଘଟଣା ଘଟିଛି। ପ୍ରତିଦିନ ଭଳି ଗାଈ ପାଇଁ ଘାସ ଆଣି ଫେରିବା ବାଟରେ ମାଛ ଧରୁଥିବା ବିପିନ ସାହୁ ପୋତା ନଈ ଗର୍ଭରେ ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଖୋଜିବାକୁ ଅଷ୍ଟରଙ୍ଗ ଅଗ୍ନିଶମ ବାହିନୀ ରାତିଦିନ ଏକ କରି ୧୧ ଘଣ୍ଟା ଧରି ଅପରେସନ କରିଥିଲେ ମଧ୍ୟ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ତାଙ୍କର ପତ୍ତା ମିଳିନାହିଁ, ଯାହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରିବାର ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବିପିନ ପ୍ରତିଦିନ ଅପରାହ୍ନ ୨.୪୦ ମିନିଟରେ ଗାଈ ପାଇଁ ଘାସ ଆଣିବାକୁ ଯାଆନ୍ତି ଏବଂ ଫେରିବା ବେଳେ ଜାଲରେ ମାଛ ଧରି ଆଣନ୍ତି। ସୋମବାର ମଧ୍ୟ ସେ ସେହି ସମୟରେ ଘରୁ ବାହାରିଥିଲେ। ପ୍ରତିଦିନ ସନ୍ଧ୍ୟା ୭ଟା ସୁଦ୍ଧା ସେ ଘରକୁ ଫେରନ୍ତି, କିନ୍ତୁ ସୋମବାର ରାତି ୮ଟା ଯାଏଁ ନ ଫେରିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ସଙ୍ଗେ ସଙ୍ଗେ ସେମାନେ ଚାରିଆଡେ ଖୋଜାଖୋଜି କରିଥିଲେ। ଶେଷରେ ସେ ଭଉଁରିଆ ନଦୀ ସଂଲଗ୍ନ ପ୍ରଖର ସ୍ରୋତ ଥିବା ପୋତା ନଈକୁ ମାଛ ଧରିବାକୁ ଯାଇ ନିଖୋଜ ହୋଇଯାଇଥିବା ସନ୍ଦେହ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇବା ମାତ୍ରେ ଅଷ୍ଟରଙ୍ଗ ଅଗ୍ନିଶମ ବାହିନୀର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସୋମବାର ରାତି ୮ଟାରୁ ୧୦ଟା ଯାଏଁ ସର୍ଚ୍ଚ କରିଥିଲେ। ଅନ୍ଧାର ଅଧିକ ହେବାରୁ ରାତି ପାଇଁ ଅପରେସନ ବନ୍ଦ କରାଯାଇଥିଲା। ପୁନର୍ବାର ମଙ୍ଗଳବାର ସକାଳ ୮ଟାରୁ ଅପରାହ୍ନ ୨ଟା ଯାଏଁ ଜାଲ, ପାୱାର ବୋଟ ଏବଂ ବୁଡି ପକାଇ ପ୍ରାୟ ୬ ଘଣ୍ଟା ରୁ ଊର୍ଦ୍ଧ୍ୱ ଧରି ଅପରେସନ ଜାରି ରହିଥିଲା। ଏହିପରି ମୋଟ ୧୧ ଘଣ୍ଟା ଧରି ଚାଲିଥିବା ସର୍ଚ୍ଚ ଅପରେସନ ପରେ ବି ବିପିନଙ୍କୁ ଉଦ୍ଧାର କରାଯାଇପାରିନାହିଁ। ଏହି ଅପରେସନରେ ଷ୍ଟେସନ ଅଧିକାରୀ ଗଗନ ମହାନ୍ତିଙ୍କ ନେତୃତ୍ୱରେ ଡ୍ରାଇଭର ଦୀପକ ବେହେରା, ଆଗ୍ନୀକ ରାକେଶ ବାରିକ, ପ୍ରଦୀପ୍ତ ଦାଶ, ଇନ୍ଦ୍ରଜିତ ସାହୁ, ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ନିଜ ଜୀବନକୁ ବାଜି ଲଗାଇ ଖୋଜାଖୋଜି କରିଥିଲେ। ସ୍ଥାନୀୟ ଲୋକେ ମଧ୍ୟ ସେମାନଙ୍କୁ ସହଯୋଗ କରିଥିଲେ। ପୋତା ନଈରେ ଘାସ ଶହ ପଙ୍କ ରହିଥିବା ବେଳେ ଓ ପାଣି ଘୋଳା ଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ

- କଣ୍ଠଶିଳ୍ପୀ ସନ୍ତୋଷ କର, ନିର୍ଦ୍ଦେଶକ ଭଗବାନ ଗୁରୁ ସମ୍ମାନିତ
- ନାଟକ 'କୃଷ୍ଣଦାସ' ପରିବେଷଣ

ପୁରୀ (ବ୍ୟୁରୋ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ଆଧାର କରି ପ୍ରତି ମାସର ପ୍ରଥମ ଦିନ ଅର୍ଥାତ୍ ୧ ତାରିଖ ଦିନ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ପରିବେଷଣ ହୋଇଛି କାର୍ଯ୍ୟକ୍ରମ 'ଶ୍ରୀ ଜଗନ୍ନାଥାୟନ' । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ମିଶ୍ର,ପ୍ରୟାସ ଟିଭିର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଚକ୍ରଧର ମହାପାତ୍ର, ସମୀର ଶତପଥୀ, ବିଜୟ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିକ୍ରମ ସାହୁ ଯୋଗଦାନ କରି ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ । ଏହାପରେ କଣ୍ଠଶିଳ୍ପୀ ସନ୍ତୋଷ କୁମାର କର ,ନିର୍ଦ୍ଦେଶକ ଭଗବାନ ଗୁରୁଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପରେ ପରେ ଢେଙ୍କାନାଳ ଭୁବନ ସ୍ଥିତ ମୀରାବାଇ କଳା ବିକାଶ କେନ୍ଦ୍ର ପକ୍ଷରୁ ନାଟକ 'କୃଷ୍ଣଦାସ ' ପରିବେଷଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ।

ମାଆକୁ ହତ୍ୟାକରି ରୋଷେଇ ଘରେ ପ୍ଲାଷ୍ଟର କରିବା ଘଟଣା

ମିଳିଲା ମୃତ ମହିଳାଙ୍କ ପରିଚୟ, ଅଭିଯୁକ୍ତପୁଅ ଫେରାର

ପୁରୀ (ବ୍ୟୁରୋ): ପୁରୀ କୁୟାରପଡ଼ାରେ ମାଆକୁ ହତ୍ୟା କରି ରୋଷେଇ ଘରେ ପୋତି ଦେବା ଘଟଣାରେ ମୃତ ମହିଳାଙ୍କ ପରିଚୟ ମିଳିଛି । ମୃତକ ଜଣକ ଗଜପତି ଜିଲ୍ଲା କାଶୀନଗର ଥାନା ଖାରଡ଼ା ଗ୍ରାମର ଅନ୍ନପୂର୍ଣ୍ଣା ଦଳାଇ । ଏହି ହତ୍ୟାକାଣ୍

ଦେଢ଼ମାସ ହେବ ବୁଡିରହିଛି ଚାଷଜମି

କ୍ଷୟକ୍ଷତି ଆକଳନ କରୁନି ପ୍ରଶାସନ

ଆଳି (ଅମୃତ ମିଡିଆ): ଦେଢ଼ ମାସ ହେବ ଲଗାଣ ବର୍ଷା ଓ ବନ୍ୟାରେ ବୁଡି ରହିଛି ଆଳି ବ୍ଲକର ହଜାର ହଜାର ହେକ୍ଟର ଚାଷଜମି । ଚାଷଜମିରେ ଧାନ ଗଛ ଗୁଡିକ ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇ ଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଚାଷୀମାନଙ୍କ କ୍ଷୟକ୍ଷତି ଆକଳନ କରାଯାଉନି । ଚାଷ ଜମିର ସ୍ଥିତି ଓ ଚାଷୀଙ୍କ ଦୁଃଖ ଜଣାଇବା ନିମନ୍ତେ ଆଳି ବାଳକାଟି ଗ୍ରାମର ଶତାଧିକ ଚାଷୀ ପଚା ଧାନ ଗଛ ନେଇ ଆଳି ତହସିଲ ସମ୍ମୁଖରେ ସେମାନଙ୍କ ଦୁଃଖ ଶୁଣିବା ନିମନ୍ତେ ପ୍ରଶାସନ ନିକଟରେ ଗୁହାରି କରିଥିଲେ । ମଙ୍ଗଳବାର ଦିନ ଆଳି ବ୍ଲକ ବାଳକାଟି ପଞ୍ଚାୟତର ପାଞ୍ଚଶହରୁ ଊର୍ଦ୍ଧ୍ୱ ଚାଷୀମାନେ ନିଜ ଚାଷ ଜମିରୁ ପଚା ଧାନ ଗଛ ଧରି ଆଳି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଚାଷୀ ମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ଦାବି ଉଠାଇଛନ୍ତି । ଚାଷୀ ମାନଙ୍କ ଅଭିଯୋଗ ଅନୁଯାୟୀ ବାଳକାଟି ପଞ୍ଚାୟତର ପାଞ୍ଚଶହରୁ ଊର୍ଦ୍ଧ୍ୱ ଚାଷୀ ଦୁଇ ହଜାର ଏକରରୁ ଊର୍ଦ୍ଧ୍ୱ ଧାନ ଚାଷ କରିଥିଲେ । ଅଢେଇ ମାସ ହେବ ତଳି ରୁଆ ଓପଡା କରିଥିଲେ । ଧାନ ରୁଆ ହେବା ପରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଦେଢ଼ ମାସ ହେବ ଚାଷ ଜମିରେ ଛାତିଏ ଲେଖାଁ ପାଣି ଜମିରହିଛି । ପାଣି ଜମି ରହିଥିବାରୁ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ରୁଆ ହୋଇଥିବା ଧାନଗଛ ଗୁଡିକ ପାଣିରେ ବୁଡି ପଚିସଡ଼ି ଗଲାଣି । ଦୁଇ ମାସ ହେବ ଚାଷ ଜମି ଗୁଡିକ ପାଣିରେ ବୁଡି ରହିଥିବାବେଳେ ଆଜି ପର୍ଯ୍ୟନ୍ତ କୃଷିବିଭାଗ ଓ ରାଜସ୍ୱ ବିଭାଗ କେହି ବି ଚାଷୀଙ୍କ କ୍ଷୟକ୍ଷତିର ତଦନ୍ତ କରିନଥିବା ଅଭିଯୋଗ କରିଛନ୍ତି । ଚାଷୀମାନେ ବିଭିନ୍ନ ସ୍ଥାନରୁ ହଜାର ହଜାର ଟଙ୍କା ଋଣ କରି ଚାଷରେ ଖର୍ଚ୍ଚ କରିଦେବା ପରେ ଏବେ ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡିଯିବା ଦେଖି ଚାଷୀମାନେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି । ଚାଷୀ ମାନେ ଚାଷ କରି ପରିବାର ପ୍ରତିପୋଷଣ ହେଉଥିବା ବେଳେ ଧାନ ନଷ୍ଟ ହୋଇଯିବା ପରେ ସେମାନେ ଚିନ୍ତାରେ ପଡିଯାଇଛନ୍ତି । ପରିବାର ପ୍ରତିପୋଷଣ, କରଜ ଶୁଝିବା ଚିନ୍ତା ଚାଷୀଙ୍କୁ ଘାରିଛି । ପ୍ରଶାସନ ପକ୍ଷରୁ ସାତ ଦିନ ମଧ୍ୟରେ ଚାଷ କ୍ଷୟକ୍ଷତିର ସରଜମିନ ତଦନ୍ତ କରି ଚାଷୀ ମାନଙ୍କ ଋଣ ଛାଡ଼ ସହିତ ଚାଷୀ ମାନଙ୍କ ନିମନ୍ତେ ସହାୟତା ଯୋଗାଇ ଦେବାକୁ ଦାବି କରି ପଞ୍ଚାୟତର ହରିଶ୍ଚନ୍ଦ୍ର ସାହୁ, ହେମନ୍ତ ବେହେରା, ଅଚ୍ୟୁତାନନ୍ଦ କବି, ନବକିଶୋର ମଲ୍ଲିକ, ପିତାମ୍ବର ବେହେରା, ଅର୍ଜୁନ ବେହେରାଙ୍କ ସମେତ ଶତାଧିକ ଚାଷୀ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବି ଆଳି ତହସିଲର ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରଶାସନ ପକ୍ଷରୁ ଏଥିପ୍ରତି ଅବହେଳା କରାଗଲେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓଲ୍‌ହାଇବା ସହ ଆତ୍ମହତ୍ୟା କରିବା ନିମନ୍ତେ ଚେତାବନୀ ଦେଇଛନ୍ତି । ଏ ନେଇ ଆଳିର ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ କହିଛନ୍ତି ଯେ ଚାଷୀ ମାନଙ୍କ ପକ୍ଷରୁ ହୋଇଥିବା ଦାବିପତ୍ର ସେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ । ବିଭାଗ ପକ୍ଷରୁ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ।

ମହାମହିମ ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ୫ ପ୍ରମୁଖ ସାଂସ୍କୃତିକ ଦଳର ୯୦ରୁ ଊର୍ଦ୍ଧ୍ୱ ଲୋକକଳାକାର

ବ୍ରହ୍ମପୁର/ଛତ୍ରପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଜୀବନ୍ତ ପ୍ରତିନିଧି ୯୦ରୁ ଊର୍ଦ୍ଧ୍ୱ ଲୋକକଳାକାର ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସାକ୍ଷାତ କରି ଭାବ ବିନିମୟ କରିଛନ୍ତି । ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଭି. କାର୍ତ୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ପାଞ୍ଚଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ । ରାଷ୍ଟ୍ରପତି ଭବନରେ ପହଞ୍ଚିବା ପରେ କଳାକାରମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ନିକଟରେ ମହାମହିମ ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମର ଆଦିବାସୀ ଓ ଲୋକନୃତ୍ୟ ଦଳଗୁଡ଼ିକ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ଏହି ପାରମ୍ପରିକ କଳା ପ୍ରଦର୍ଶନରେ ମହାମହିମ ରାଷ୍ଟ୍ରପତି ଅଭିଭୂତ ହୋଇ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନ ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ । ମହାମହିମ ରାଷ୍ଟ୍ରପତିଙ୍କ ଆମନ୍ତ୍ରଣକ୍ରମେ ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା' ଦଣ୍ଡକାଳୀ ଗ୍ରୁପ୍, ବ୍ରହ୍ମପୁରର ସଂଚୟନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ୯ ଜଣ ଊର୍ଦ୍ଧ୍ୱ କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ । କଳାକାରମାନଙ୍କ ସହ ଭାବ ବିନିମୟ ସମୟରେ ମହାମହିମ ରାଷ୍ଟ୍ରପତି ସେମାନଙ୍କ ସୁଖଦୁଃଖ ପଚାରି ବୁଝିବା ସହ କହିଥିଲେ ଯେ, ପୂର୍ବପୁରୁଷମାନଙ୍କଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାକୁ ନିରନ୍ତର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ । ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ । ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ବାପା-ମାଆ ଓ ଆତ୍ମୀୟ ସ୍ୱଜନଙ୍କର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ଗଞ୍ଜାମର ସୌରା ଜନଜାତିର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ମଧ୍ୟ ମହାମହିମ ରାଷ୍ଟ୍ରପତି ପ୍ରଶଂସା କରିଥିଲେ । କଳାକାରମାନଙ୍କ ପାଇଁ ଏହି ଦିନଟି ଏକ ଅବିସ୍ମରଣୀୟ ଅନୁଭୂତି ଦେଇଛି । ରାଷ୍ଟ୍ରପତି ଭବନ ପରିଦର୍ଶନ, ମହାମହିମ ରାଷ୍ଟ୍ରପତିଙ୍କ ସହ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ ଏବଂ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଶ୍ରୀ ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଛନ୍ତି । ଏହି ପ୍ରତିନିଧି ଦଳ ସହିତ ଛତ୍ରପୁର ର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅତିତି ଆଚାର୍ଯ୍ୟ, ଛତ୍ରପୁର ର ଅତିରିକ୍ତ ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ ।

ଜେଲରୁ ବାହାରିଲେ ବିକ୍ରମ, ସମର୍ଥକଙ୍କ ନାହିଁ ନଥିବା ଭିଡ଼

ବ୍ରହ୍ମପୁର (ଅମୃତ ମିଡିଆ): ଆଇନଜୀବୀ ତଥା ରାଜ୍ୟ ବାର କାଉନସିଲ ସଦସ୍ୟ ପାତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଶ୍ରୀ ବିକ୍ରମ କୁମାର ପଣ୍ଡାଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ । ପୂର୍ବରୁ ବ୍ରହ୍ମପୁର ତୃତୀୟ ଅଦାଲତ ଜିଲ୍ଲା ଓ ଦୌର ଜଜଙ୍କ ଅଦାଲତ ବିକ୍ରମଙ୍କ ଜାମିନକୁ ଖାରଜ କରିଥିବା ବେଳେ ଏହାକୁ ନେଇ ବିକ୍ରମ ପଣ୍ଡାଙ୍କ ଓକିଲ ହାଇକୋର୍ଟରେ ଅପିଲ କରିଥିଲେ । ଶ୍ରୀ ପଣ୍ଡାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପରିଜା ଓ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥ ସାରଥୀ ନାୟକ ଓ ଏତଲାକାରୀ ତରଫରୁ ଆଇନଜୀବୀ ବିଜୟ କୁମାର ରଗଡ ମାମଲା ପରିଚାଳନା କରୁଥିଲେ । ତେବେ ଗତକାଲି ହାଇକୋର୍ଟ ସର୍ତମୂଳକ ଜାମିନ ପ୍ରଦାନ କରିଥିବା ବେଳେ ଆଜି ବ୍ରହ୍ମପୁର ଜେଲରୁ ବାହାରିଛନ୍ତି ବିକ୍ରମ ପଣ୍ଡା । ଏହି ଅବସରରେ ବହୁ ସ୍ଥାନୀୟ ବିଜେଡି ନେତା, ଓକିଲଙ୍କ ସହ ହଜାର ହଜାର ସଂଖ୍ୟାରେ ସମର୍ଥକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

ଟାଙ୍ଗଣାପଲ୍ଲୀ ହାଇସ୍କୁଲରେ ସଂସ୍କୃତ ସପ୍ତାହ ପାଳିତ

ଛତ୍ରପୁର (ଅମୃତ ମିଡିଆ): ବିଶ୍ୱ ସଂସ୍କୃତ ସପ୍ତାହ ଅବସରରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଶ୍ରୀ ନୀଳକଣ୍ଠେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାପୀଠରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସଂସ୍କୃତବିତ୍ ତଥା ଛତ୍ରପୁର ଅନସ୍ପୋ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ସଂସ୍କୃତ ଭାଷାକୁ ସମସ୍ତ ଭାଷାର ଜନନୀ ଭାବେ ବର୍ଣ୍ଣନା କରିବା ସହ ଏହି ଭାଷା ସମାଜକୁ ସଠିକ୍ ମାର୍ଗଦର୍ଶନ କରିଥାଏ ବୋଲି କହିଥିଲେ । ଏଥିସହ ସେ ଯୁଗ ଯୁଗ ଧରି ସଂସ୍କୃତ ଭାଷାର ମହତ୍ୱ ଓ ଏହାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ତଥା ଏନ୍‌ସିସି ଫାଷ୍ଟ ଅଫିସର ସୁଧାକର ବଳୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଶୁଣାଣି

୧୭୨ ଅଭିଯୋଗ ଗ୍ରହଣ

ରାଜକନିକା (ଅମୃତ ମିଡିଆ): ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୭୨ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିରୁ ୧୪୨ ବ୍ୟକ୍ତିଗତ ଏବଂ ୩୦ ସାମୂହିକ ଅଭିଯୋଗ ଥିଲା । ପାନୀୟଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ୍‌ସେବା, ଜଳସେଚନ, ବ୍ୟାଙ୍କିଙ୍ଗ ସେବା, ରାସ୍ତାଘାଟ, ରାଜସ୍ୱ, ବନ୍ୟା ସମ୍ପର୍କିତ ଏବଂ ବିଭିନ୍ନ ସରକାରୀ ଜନକଲ୍ୟାଣମୂଳକ ଯୋଜନା ସମ୍ବନ୍ଧିତ ସମସ୍ୟା ଅଭିଯୋଗ ରହିଥିଲା । ଅଭିଯୋଗ ମଧ୍ୟରୁ ୧୩ ମାମଲାର ତ୍ୱରିତ୍ ସମାଧାନ କରାଯାଇଥିବା ବେଳେ, ୩ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଅବଶିଷ୍ଟ ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା । ଅଭିଯୋଗ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ହେଉ ବା ଜରୁରୀକାଳୀନ ପରିସ୍ଥିତିରେ ବ୍ଲକ ଓ ତହସିଲ କାର୍ଯ୍ୟାଳୟଠାରୁ ବ୍ଲକର ବିଭିନ୍ନ ପଂଚାୟତ ୧୦ରୁ ୨୫ କି.ମି. ଦୂରତାରୁ ଆସୁଥିବା ଲୋକମାନେ ଅଧିକାରୀମାନଙ୍କୁ ନ ପାଇ ଫେରୁଥିବା, ଲୋକଙ୍କ ଉଦ୍ଦେଶ୍ୟରେ ବ୍ଲକ କିମ୍ବା ତହସିଲରେ ଜରୁରୀକାଳୀନ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇ ତାୟିତ୍ୱରେ ଜଣେ କ୍ୟୁସ-୧ ଅଧିକାରୀ ଅଭିଯୋଗ ଶୁଣିବାକୁ ବରାଡିଆ ପଂଚାୟତ ପୂର୍ବତନ ସମିତିସଭ୍ୟ ମଙ୍ଗୁଳି ଚରଣ ବେହେରା ଅଭିଯୋଗ କରିଥିଲେ । ଟ୍ରେଲୋକ୍ୟପୁର ପଂଚାୟତ ଗଙ୍ଗାଧରପ୍ରସାଦ ତଥା ଗାଁର ନଦୀପାରି ସମୟରେ ଜଣଙ୍କୁ କୁମ୍ଭୀର ଝାମ୍ପିନେବା ପରେ ଲୋକମାନଙ୍କ ସୁବିଧା ପାଇଁ ଖରସ୍ରୋତା ନଦୀରେ ସେତୁ ନିର୍ମାଣ ନେଇ ସିକୋ ପଂଚାୟତରୁ ମହିଳାମାନେ ଗଗରା ମାଠିଆ ବାଲ୍ଟି ଧରି ଆସିଥିବାରେ ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବାକୁ ଆର୍‌ଡବଲ୍ୟୁଏସ୍‌ଏସ୍ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବାରମ୍ବାର ଜନଶୁଣାଣିରେ ଅଭିଯୋଗ କରିବା ପରେ ମଧ୍ୟ ନ୍ୟାୟ ନ ମିଳୁଥିବା ନେଇ ଅଭିଯୋଗ ଗୁଡିକର ତର୍ଜମା କରି ନିଷ୍କର୍ଷ ବାହାରିବାକୁ ସମୟ ଲାଗୁଛି ବୋଲି ଜିଲ୍ଲାପାଳ କହିଥିଲେ ।ବନ୍ୟାରେ ଚାଷୀକୁଳ ହତାଶ, କ୍ରପ୍ କଟିଂ ନେଇ ପ୍ରିଲିମିନାରୀ ରିପୋର୍ଟ ଆସିଛି । ସମ୍ପୂର୍ଣ୍ଣ ପାଣି ଛାଡିବାରେ ଫାଇନାଲ୍ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ଆଗାମୀ ଦିନରେ ଧାନ କିଣାବିକାକୁ ନେଇ ରାଜକନିକାରେ ଥିବା ସମସ୍ତ ସମବାୟ ସମିତିରେ ସ୍ୱଚ୍ଛତା ସହ ସମସ୍ତ ସମିତିରେ ସମ୍ପାଦକ ଓ ଆବଶ୍ୟକ ଅନୁଯାୟୀ କର୍ମଚାରୀ ଯୋଗାଇ ଦେବାକୁ କନିକା କୃଷକ କଲ୍ୟାଣ ମୋର୍ଚ୍ଚା ସଭାପତି କୈଳାସ ଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ଶୁଣାଣିରେ କେନ୍ଦ୍ରାପଡା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ବିଡିଓ କୈଳାସ ଚନ୍ଦ୍ର ମହାଳିକ, ତହସିଲଦାର ଭାନୁମତୀ ମାଝୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଏହି ଅବସରରେ ଜିଲ୍ଲାପାଳ ଆୟର ଅଭିଯୋଗଗୁଡିକୁ ଗୁରୁତ୍ୱ ଦେଇ ଅନୁଧ୍ୟାନ ପୂର୍ବକ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାବାଦ୍ ଟ୍ରେଲୋକ୍ୟପୁର ପଂଚାୟତ ଗୌରହରି ସେଠୀ ଓ କାଟଣା-ବଣିଆଁ ପଂଚାୟତର ଆଲେଖ ସ୍ୱାଇଁ ଏବଂ ନୂତନ ଭାବେ ବିଧବା ଭତା କଂଟପଡା ପଂଚାୟତର ମାଳତୀ ମଲ୍ଲିକଙ୍କୁ ଜିଲ୍ଲାପାଳଙ୍କ ସମେତ ଉପସ୍ଥିତ ଅଧିକାରୀମାନେ ବଂଟନ କରିଥିଲେ ।ଅ ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଦୀପ ବଳିୟାରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ତାଲୁକ ଆଇନ ସେବା କମିଟି ପକ୍ଷରୁ ସାମାଜିକ କଲ୍ୟାଣ ପାଇଁ ଆଇନ ସଚେତନତା

ପୋଲସରା (ଅମୃତ ମିଡିଆ): ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ସଭା ଗୃହ ଠାରେ ହୋଇଥିଲା । ତାଲୁକ ଆଇନ ସେବା କମିଟି, ପୋଲସରା ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ପୋଲସରା ତାଲୁକ ଆଇନ ସେବା କମିଟିର ଅଧକ୍ଷ ତଥା ପୋଲସରା ଜେଏମଏଫସି ଅଦାଲତର ବିଚାରପତି ଏ. ଅବିନାଶ ନାଇଡୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପ୍ରଦାନ, ଆଇନଗତ ଅଧିକାର, ମାଗଣା ଆଇନ ସେବା ଓ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ତାଲୁକ ଆଇନ ସେବା କମିଟିର ଭୂମିକା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୋଲସରା ବ୍ଲକର ବିଡିଓ ଶଶୀଭୂଷଣ ମହାପାତ୍ର ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସହିତ ଲୋକମାନେ ସରକାରୀ ଯୋଜନାର ସୁବିଧା ପାଇବାର ପ୍ରକ୍ରିୟା ଓ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ ।

ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନାରେ ଯୋଗ୍ୟତା ଏବଂ ଯୋଗ୍ୟ ହିତାଧିକାରୀମାନେ କିପରି ଏହାର ସୁଫଳ ପାଇପାରିବେ, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଆଇନଜୀବୀ ସୁଶାନ୍ତ କୁମାର ସାହୁ ସରକାରୀ ଯୋଜନାଗୁଡ଼ିକର ସୁବିଧା ସାଧାରଣ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇବା ଏବଂ ଏଥିପାଇଁ ଜନସଚେତନତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ ।ଅନ୍ୟତମ ଆଇନଜୀବୀ ପ୍ରହଲ୍ଲାଦ ବିଷୋୟୀ ସାମାଜିକ କଲ୍ୟାଣ ଯୋଜନାର ସୁଫଳ ପାଇବାରେ ସାଧାରଣ ଲୋକଙ୍କ ଅଧିକାର, ଆଇନଗତ ସୁରକ୍ଷା ଏବଂ ତାଲୁକ ଆଇନ ସେବା କମିଟି ମାଧ୍ୟମରେ ଉପଲବ୍ଧ ଆଇନଗତ ସହାୟତା ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିବାବେଳେ ପୋଲସରା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍

ଗ୍ରୀସ୍‌ରେ ପ୍ରଦର୍ଶନ ହେବ ଶୁଖୁଆପଡ଼ାର କାରିଗରୀ

ବାଲିଚନ୍ଦ୍ରପୁର(ଅମୃତ ମିଡିଆ): ଗ୍ରୀସ୍‌ର ଥେସାଲାନିକି ଇଣ୍ଟରନ୍ୟାସନାଲ ଏକ୍ସପୋଜିସନ ଆଣ୍ଡ କନଫରେନ୍ସ ସେଣ୍ଟର' ଠାରେ ଆୟୋଜିତ ହେବାକୁ ଥିବା ୯୦ତମ ଥେସାଲାନିକି ଆନ୍ତର୍ଜାତୀୟ ମେଳା ୨୦୨୬(ଟିଆଇଏଫ)ରେ ଭାରତୀୟ ପାରମ୍ପରିକ ହସ୍ତଶିଳ୍ପର ପ୍ରଦର୍ଶନୀ ପାଇଁ ୧୦ଜଣ କାରିଗରଙ୍କୁ ମନୋନୀତ କରାଯାଇଛି । ଏଥିରେ ଓଡ଼ିଶାର ବିଭିନ୍ନ ହସ୍ତଶିଳ୍ପରୁ ୨ଜଣ କାରିଗରଙ୍କୁ ଏଠାରେ ନିଜର କଳା ପ୍ରଦର୍ଶନ ପାଇଁ ନିମନ୍ତ୍ରଣ କରାଯାଇଛି । ପଥର ଖୋଦେଇରେ ନିଜର କଳା ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଥିବା ପ୍ରସିଦ୍ଧ ପଥର ଖୋଦେଇ ଶିଳ୍ପୀ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ସୁଶାନ୍ତ କୁମାର ଦାସଙ୍କୁ ମନୋନୀତ କରାଯାଇଛି, ତାଙ୍କ ଘର ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ପଲେଇ ପଞ୍ଚାୟତରେ, ଏଥିସହ ପୁରୀ ଜିଲ୍ଲାରୁ ତାଳପତ୍ର ଖେଦେଇରେ ପ୍ରସିଦ୍ଧ କାରିଗର ସ୍ୱପ୍ନା ମଞ୍ଜରୀ ନାୟକଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିବା ସୂଚନା ମିଳିଛି । ହସ୍ତଶିଳ୍ প বିକାଶ ଆୟୁକ୍ତଙ୍କ ସୁପାରିଶ କ୍ରମେ ଏକ୍ସପୋର୍ଟ ପ୍ରମୋସନ କାଉନସିଲ ଫର ହାଣ୍ଡିକ୍ରା ହାଣ୍ଡିକ୍ରାଫ୍ଟସ ମାଧ୍ୟମରେ ତାଙ୍କୁ ଏହି ସୁଯୋଗ ମିଳିଛି, ଏହି ଆନ୍ତର୍ଜାତୀୟ ମଞ୍ଚରେ ଶ୍ରୀ ଦାସ ଭାରତୀୟ ତଥା ଓଡ଼ିଶାର ସମୃଦ୍ଧ ପଥର ଖୋଦେଇ କଳାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବେ, ପ୍ରଦର୍ଶନୀ ପାଇଁ ଶିଳ୍ପୀଙ୍କୁ ସର୍ବାଧିକ ୨୫କେଜି ଓଜନର ଉପକରଣ ଓ ପ୍ରଦର୍ଶନୀ ସାମଗ୍ରୀ ନେବାକୁ କୁହାଯାଇଛି,ଏହି ପ୍ରଦର୍ଶନୀ ସେପ୍ଟେମ୍ବର ୫ ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ, ଆସନ୍ତା ୩ ତାରିଖରେ ସେ ଦିଲ୍ଲୀରୁ ଗ୍ରୀସ୍ ଅଭିମୁଖେ ଯାତ୍ରା କରିବେ, ଓଡ଼ିଶାର ଏହି ଗୌରବ ଓ ସଫଳତା ପାଇଁ ସ୍ଥାନୀୟ କଳାପ୍ରେମୀ ଓ ଶିଳ୍ପୀ ମହଲରେ ଆନନ୍ଦ ଲହରୀ ଖେଳିଯାଇଛି । ଶ୍ରୀ ଦାସ ଯାତ୍ରା ସମୟରେ ତାଙ୍କ ସାଥୀରେ କିଛି ଆକର୍ଷଣୀୟ ପଥର ଖୋଦେଇ ସାମଗ୍ରୀ ଓ ସେଠାରେ ଦର୍ଶକଙ୍କ ସମ୍ମୁଖରେ ପଥର ଖୋଦେଇ କରି ପ୍ରଦର୍ଶିତ କରିବା ପାଇଁ କିଛି ପଥର ନେଇଛନ୍ତି । ଗ୍ରୀସ୍‌ରେ ବଡ଼ଚଣାର କାରଗର ନିଜର କଳା ପ୍ରଦର୍ଶନ କରିବାର ସୁଯୋଗ ପାଇବା ମୋ ପାଇଁ ସୌଭାଗ୍ୟର କଥା। ମୁଁ ଆମ ଶୁଖୁଆପଡ଼ାରୁ ଶିଖିଥିବା ପଥର ଖୋଦେଇର କଳାକୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରିବା ପାଇଁ ସବୁବେଳେ ଉଦ୍ୟମ ଜାରି ରଖିଛି ବୋଲି ପଥର ଶିଳ୍ପୀ ଶ୍ରୀ ଦାସ କହିଛନ୍ତି।

ଡକାୟତି ଉଦ୍ୟମ ପଣ୍ଡ

ମାରଣାସ୍ତ୍ର ସହ ବୈରୀ ପୋଲିସ ହାତରେ ଧରାପଡିଲେ ୬ ଯୁବକ

ଚଣ୍ଡିଖୋଲ(ଅମୃତ ମିଡିଆ): ବୈରୀ ପୋଲିସକୁ ମିଳିଛି ବଡ ସଫଳତା, ସୋମବାର ବିଳାମିତ ରାତିରେ ଅମରା ବତୀ ପଡିଆରେ ଏକ ବଡ଼ ବ୍ୟାଙ୍କ ଡକାୟତି ଯୋଜନା କରୁଥିବା ୬ଜଣ ଯୁବକଙ୍କୁ କାବୁ କରିବା ସହ ବହୁ ମଷ୍ଟରନାସ୍ତ୍ର ଜବତ କଲା ବୈରୀ ପୋଲିସ। ସୋମବାର ରାତିରେ ବୈରୀ ପୋଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଅମରାବତୀ ପଡିଆରେ କେତେକ ଯୁବକବଡ ଧରଣର ଡକାୟତି କରିବାକୁ ଯୋଜନା କରୁଥିବା ଖବର ପୋଲିସ ନିକଟରେ ପହଂଚି ଥିଲା। ସଙ୍ଗେ ସଙ୍ଗେ ଥାନା ଅଧିକାରୀ ରଂଜିତ ମହାନ୍ତିଙ୍କ ସହ ବୈରୀ ଓ ଛତିଆ ବିଟ ହାଉସ ପୋଲିସ ସତର୍କତା ସହ ପଡିଆ ଚାରିପଟ କୁ ଘେରାଉ କରି ୫ଜଣକୁ କାବୁ କରିବା ସହ ଜଣେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ସମୟରେ ପୋଲିସ କିଛି

ଦୂରରୁ ତାକୁ ଧରିବା ସହ ୬ଜଣଙ୍କୁ ଗିରଫ କରି ବୈରୀ ଥାନାକୁ ନେଇଥିଲେ। ସେମାନଙ୍କ ନିକଟରୁ ୨ଟି ମଟରସାଇକେଲ, ଖଣ୍ଡା, ଭୁଜାଲି, ଲୁହାରଡ଼, ଲଙ୍କା ଗୁଣ୍ଡ, ମଦ ବୋତଲ, ଓ ୩ଟା ମୋବାଇଲ ଜବତ କରିଥିଲେ। ପୋଲିସ ତଦନ୍ତ ପରେ ସେମାନଙ୍କ ଠାରୁ ଜାଣିଲେ ଯେ ଏକ ବଡ ଧରଣର ବ୍ୟାଙ୍କ ଲୁଟ ପାଇଁ ଯୋଜନା କରୁଥିଲେ। ବୈରୀ ଥାନା କେସ ନ-୨୧୫/୨୬ରେ ୟୁ ଏସ ୩୧୦(୫)ବି ଏନ ଏସରେ ଗିରଫ ଯୁବକ ମାନେ ହେଲେ ମାହାଙ୍ଗା ଥାନା କଇଥା ଗୋଠମୁଂହ ପାଟଣା ଗ୍ରାମର ଗୋବିନ୍ଦ ନାୟକ (୨୬, ବୈରୀ ଥାନା ବିଦ୍ୟାଧର ପୁର ଗ୍ରାମର ସୋନୁ ନାୟକ (୨୪), ମଣ୍ଟୁ ବେହେରା (୨୬), ନୟାପଟଣା ଗ୍ରାମର ସୁଦାମ ସାହୁ (୨୭), ବିଦ୍ୟାଧର ପୁର ଗ୍ରାମର ନିଗମ ବେହେରା (୧୯)ଓ ସୋଳର ଗ୍ରାମର କେଶବ ବେହେରା (୩୪)ବୋଲି ପୋଲିସ ଠାରୁ ପ୍ରକାଶ। ଏମାନଙ୍କୁ ଚଣ୍ଡିଖୋଲ ଖୋଲ କୋର୍ଟ ରେ ହାଜର କରାଇ ବାପରେ ଜାମିନ ନା ମଞ୍ଜୁରୀ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି। ଏହି ପୋଲିସ ଚଢ଼ାଉରେ ଥାନା ଅଧିକାରୀ ଙ୍କ ସହ ଏସ ଆଇ ସଂଗ୍ରାମ କେଶରୀ ରାଉତ, ସରୋଜ କୁମାର ବେହେରା, ଏ ଏସ ଇ ଧୀରେନ୍ଦ୍ର ପଣ୍ଡା, ଓ ୬ଜଣ କନେଷ୍ଟ ବଳ ସାମିଲ ଥିଲେ। ଏକ ବଡ଼ ଡକାୟତି ଯୋଜନା କୁ ପୋଲିସ ପଣ୍ଡ କରିଥିବାରୁ ସାଧାରଣ ରେ ଜନସାଧାରଣ ପୋଲିସ କୁ ପ୍ରଶଂସା କରିଛନ୍ତି।

ମଣ୍ଡଳସ୍ତରୀୟ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା

ଜଟଣୀ(ଅମୃତ ମିଡିଆ): ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳମଣ୍ଡଳରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୧୬ ଜଣ କର୍ମଚାରୀଙ୍କ ଅଗଷ୍ଟ ଶେଷ ତାରିଖ ଥିଲା। ସେଥିପାଇଁ କାର୍ଯ୍ୟାଳୟ ଅଡିଟୋରିୟମ୍ ଠାରେ କଲ୍ୟାଣ ବିଭାଗର ଚିଫ ଓଏସ ସଂଜିତ କୁମାର ଓଝାଙ୍କ ପୌରାହିତ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ମଣ୍ଡଳ କାର୍ମିକ ଅଧିକାରୀ ଅମରେନ୍ଦ୍ର ନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ବିଦାୟୀ କର୍ମଚାରୀଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ । କର୍ମଚାରୀଙ୍କ ସମସ୍ତ ପ୍ରାପ୍ୟ ଶହ ପେନସନ

ବହି ପ୍ରଦାନ କରିଥିଲେ । ସେମାନଙ୍କ ନିରବୀଚ୍ଛର୍ଣ ସେବା ପାଇଁ କାର୍ମିକ ଅଧିକାରୀ ଶ୍ରୀ ମିଶ୍ର ଧନ୍ୟବାଦ ଦେବା ସହ ପରବର୍ତୀ ସମୟ ପରିବାର ସହିତ ନିରୋଗ ନିରାମୟ ଜୀବନ ଯାପନ ପାଇଁ ଭଗବାନଙ୍କ ନିକଟରେ ପ୍ରାଥନା କରିଥିଲେ। ଚଳିତ ମାସ ୧୩ ଜଣ ପୁରୁଣା ପେନସନଧାରୀ ଥିବା ବେଳେ ଦୁଇ ଜଣ ୟୁପିଏସ ଓ ଜଣେ ଏନପିଏସ ପେନସନଧାରୀ ଥିଲେ । ଏହି ସଭାକୁ କେଡ଼ିଆର ଆଚାର୍ଯ୍ୟ , ଅଞ୍ଜୁମ ଉପସାନା ଓ ସେଟେଲମେଣ୍ଟ ବିଭାଗର ଚିଫ ଓଏସ,, ଏ ଶ୍ରୀନିବାସ ପରିଚାଳନା କରିଥିଲେ । ପ୍ରଶାସନ ରେ ଏଭଳି ପଦକ୍ଷପ କୁ ଶ୍ରମିକ କଂଗ୍ରେସର ବରିଷ୍ଠ ନେତା ଶାଖା ସମ୍ପାଦକ ଏଲଡି ମହାନ୍ତି ଭୂରିୟସୀ ପ୍ରଶଂସା କରିଥିଲେ।

ବୈରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ବଡ଼ଚଣା (ଅମୃତ ମିଡିଆ): ୧୯୦୫ ମସିହାରେ ସ୍ଥାପିତ ବୈରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରକାଶିନୀ ଷଡଙ୍ଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ନସଭା ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉନ୍ମୋଚନ କରା ଯାଇଥିଲା।କୁନି କୁନି ଛାତ୍ରୀ ମାନେ ସ୍ୱାଗତ୍ ବନ୍ଦନା ଗାନ କରିଥିଲେ।ଏହି ବିଦ୍ୟାଳୟରେ ସେ ୧୬ ବର୍ଷ ଧରି ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଆଜି ଅବସରର ଗ୍ରହଣ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ଭୂଷଣ ପଣ୍ଡା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ମାନୀତ

ଅତିଥି ଭାବରେ ସୁକିନ୍ଦା ବ୍ଲକ ପୂର୍ବତନ ବ୍ଲକ ଶିକ୍ଷାଧିଶ ଶିବ ରାମ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅତିଥି ଙ୍କ ଅଭିଭାଷଣ ରେ ବିଦାୟୀ ଶିକ୍ଷୟତ୍ରୀ ପ୍ରକାଶିନୀ ଜଣେ ମିଷ୍ଟ ଭାଷୀ ଅମାୟିକ,ଶାନ୍ତ, ଛାତ୍ର ବତ୍ସଳା ଗୁରୁ ମା ବୋଲି ମତ ରଖିଥିଲେ। କୈଳାଶ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଦିପ୍ତି ରଞ୍ଜନ ନାୟକ, ସରପଞ୍ଚ ବିଷ୍ଣୁ ପ୍ରିୟା ଦାସ୍,ପୂର୍ବତନ ପରିଚାଳନା କମିଟି ସଭାପତି ଉମାଶଙ୍କର ଖୁଣ୍ଟିଆ ,ଅତିଥି, ଶିକ୍ଷକ ଜଗନ୍ନାଥ ମହାପାତ୍ର,ସହକାରୀ ଶିକ୍ଷକ କ୍ଷେତ୍ର ମୋହନ ଷଡଙ୍ଗି , ବରୁଣିଆ ପ୍ରଧାନ ଶିକ୍ଷକ ସଂଗ୍ରାମ ମହାନ୍ତି, ସିଆରସିସି ବିଜ୍ଞାନ ରଞ୍ଜନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷୟିତ୍ରୀ ମୋନାଲିସା ପଢିହାରୀ,ଧରିତ୍ରୀ ମହାନ୍ତି,ମଧୁସ୍ମିତା ନନ୍ଦ କାର୍ଯ୍ୟକ୍ରମ ଆୟୋଜନର ସମସ୍ତ ଦାୟିତ୍ୱ ବହନ କରିଥିଲେ। ଉକ୍ତ ଉତ୍ସବରେ ବହୁ ପୁରାତନ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ ଅମିୟ ଦାସ୍ ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ଦରର ଅତିରିକ୍ତ ଅଧକ୍ଷ ଭାବେ ଦାୟିତ୍ୱ ନେଲେ ସୁଶାନ୍ତ କୁମାର ପୁରୋହିତ

ପାରାଦୀପ(ଅମୃତ ମିଡିଆ): ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରାଳୟଙ୍କ ଆଦେଶକ୍ରମେ ଭି.ଓ. ଚିଦମ୍ବରନାର ବନ୍ଦର ପ୍ରାଧିକରଣର ଅଧକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ (ଆଇଆରଏସଇଇ, ୧୯୯୬ ବ୍ୟାଚ୍) ପାରାଦୀପ ବନ୍ଦର ପ୍ରାଧିକରଣ ର ଅତିରିକ୍ତ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସୁଶାନ୍ତ କୁମାର ପୁରୋହିତ ଭାରତୀୟ ରେଳବାଇ ବିଦ୍ୟୁତ ଇଞ୍ଜିନିୟର ସେବା (ଆଇଆରଏସଇଇ) ର ଜଣେ ବରିଷ୍ଠ ଅଧିକାରୀ । ପ୍ରଶାସନ, ଇଞ୍ଜିନିୟରିଂ, ଭିତ୍ତିଭୂମି ବିକାଶ, ନୀତି ପ୍ରଣୟନ ଏବଂ ସରକାରୀ କ୍ଷେତ୍ର ପରିଚାଳନାରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି । ପୂର୍ବରୁ ସେ ଭାରତ ସରକାରଙ୍କ ରସାୟନ ଓ ପେଟ୍ରୋକେମିକାଲ୍ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଥିଲେ, ଯେଉଁଠାରେ ସେ ନୀତି ପ୍ରଣୟନ ଓ କ୍ଷେତ୍ରଗତ ବିକାଶ ସହ ଜଡିତ ଥିଲେ । ନିଜ କାର୍ଯ୍ୟ କାଳ ରେ ସେ ଭାରତୀୟ ରେଳବାଇ, ଶକ୍ତି ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଭିତ୍ତିଭୂମି ବିକାଶ, ପ୍ରଯୁକ୍ତି ଭିତ୍ତିକ ପଦକ୍ଷେପ ଓ ଜନପ୍ରଶାସନ କ୍ଷେତ୍ରରେ ନେତୃତ୍ୱ ନେଇଛନ୍ତି । ବନ୍ଦର ପରିଚାଳନା, ଭିତ୍ତିଭୂମି ବିକାଶ, ସରକାରୀ ନୀତି ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ତାଙ୍କର ସମୃଦ୍ଧ ଅନୁଭବ ପାରାଦୀପ ବନ୍ଦର ପ୍ରାଧିକରଣକୁ ଦୃଢ଼ ରଣନୀତିକ ନେତୃତ୍ୱ ପ୍ରଦାନ କରିବ । ସେ ଭି.ଓ. ଚିଦମ୍ବରନାର ବନ୍ଦର ପ୍ରାଧିକରଣର ଅଧକ୍ଷ ଭାବେ ନିଜ ଦାୟିତ୍ୱ ପାଳନ କରିବା ସହିତ ପାରାଦୀପ ବନ୍ଦର ପ୍ରାଧିକରଣ ର ଅତିରିକ୍ତ ଦାୟିତ୍ୱ ମଧ୍ୟ ବହନ କରିବେ । ତାଙ୍କ ନେତୃତ୍ୱରେ ପାରାଦୀପ ବନ୍ଦରର ଭିତ୍ତିଭୂମି ଏବଂ ସଂଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, କାର୍ଯ୍ୟଦକ୍ଷତା ବୃଦ୍ଧି, କାର୍ଗୋ ପରିଚାଳନା ବ୍ୟବସ୍ଥା ର ଆଧୁନିକୀକରଣ ଏବଂ ସବୁଜ ଓ ସ୍ଥାୟୀ ବନ୍ଦର ପଦକ୍ଷେପକୁ ଆଗେଇ ନେବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଶ୍ରୀ ପୁରୋହିତ ଙ୍କ ଅଭିଜ୍ଞତା ଓ ନେତୃତ୍ୱ ପାରାଦୀପ ବନ୍ଦରର କ୍ଷମତାକୁ ଆହୁରି ସୁଦୃଢ଼ କରିବା ସହ ଭାରତର ସାମୁଦ୍ରିକ କ୍ଷେତ୍ରର ଅଭିବୃଦ୍ଧି ଏବଂ 'ବିକଶିତ ଭାରତ' ର ସ୍ୱପ୍ନ ସାକାର କରିବାରେ ମହତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ଆଶା କରାଯାଏ ।

ମହାସମାରୋହରେ ଅଖିଳ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ

ପାରାଦୀପ(ଅମୃତ ମିଡିଆ): ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅଗଷ୍ଟ ୩୧ ତାରିଖ ସୋମବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ନୂତନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ ରାଜ୍ୟ ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ବିଭିନ୍ନ ୱାର୍ଡରେ ନୂତନ ରାସ୍ତା, ଡ୍ରେନ, ଉଦ୍ୟାନ ଓ ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ, ମଠ,ମନ୍ଦିର ଓ ଆଶ୍ରମର ଉନ୍ନତିକରଣ,ଗୋଷ୍ଠିଗୃହ, ଶୌଚାଳୟ, ମାର୍କେଟ ଅଞ୍ଚଳର ଉନ୍ନତିକରଣ,ପରିବା ମାର୍କେଟର ନୂତନ ଗୃହ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ସମେତ ଗୁରୁତ୍ୱପୂର୍ଣ୍ଣ ଗୋଶାଳା ଇତ୍ୟାଦି ଉଦଘାଟିତ ହୋଇଥିଲା । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟ ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ସ୍ୱାୟତ୍ତ ଶାସନ ଦିବସ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

ଗୋଶାଳା ସମେତ ବହୁ ପ୍ରକଳ୍ପ ଉଦ୍‌ଘାଟିତ

ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା,ପୌର ଉପାଧକ୍ଷା ଛବିଲତା ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ପାରାଦୀପ ପୌରପାଳିକା ଦ୍ୱାରା ଜନସାଧାରଣଙ୍କୁ ମିଳୁଥିବା ମୌଳିକ ସୁବିଧା, ବସ୍ତି ବାସିନ୍ଦାଙ୍କ ବିକାଶ ତଥା ମହିଳା ସଶକ୍ତିକରଣ ଓ ସ୍ୱାୟତ୍ତ ଶାସନ ଦିବସର ମହତ୍ୱ ଓ ଅଭିମୁଖ୍ୟ ଉପରେ ଆଲୋକପାତ କରି ପୌରାଞ୍ଚଳର ବିକାଶ କ୍ଷେତ୍ରରେ ପରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ନିରବଚ୍ଛିନ୍ନ ପ୍ରାୟସ ଏବଂ ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡାଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ କ୍ଷ ତେବେ ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ବ୍ୟକ୍ତି ଓ ଅନୁଷ୍ଠାନ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ମୃତ୍ୟୁସଂଖ୍ୟା...

ହଠାତ୍ ହିମାଳୟରୁ ଖସିଥିଲା ବିରାଟକାୟ ବରଫ ଖଣ୍ଡ । ଆଉ ତା'ପରେ ପଥର ଖଣ୍ଡ, ବରଫ ଓ ମାଟି କାଦୁଅ ମିଶା ପାଣି ତଳିଆ ଅଞ୍ଚଳରେ ଆଣିଥିବା ମହାପ୍ରଳୟ । ତିବ୍ବତ ଓ ନେପାଳର ସୀମାନ୍ତ ଅଞ୍ଚଳ ଏହି ତାଣ୍ଡବରେ ପୂରା ଛିନଛତ୍ର ହୋଇଯାଇଛି । ସେବେଠାରୁ ଆରମ୍ଭ ହୋଇଥିବା ଉଦ୍ଧାର କାର୍ଯ୍ୟ ଆଗକୁ ବଢ଼ିବା ସହ ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ଏବେ ବି ମାଟି ତଳକୁ ଜୀବନ ଖୋଜା ଚାଲିଛି ।

ଚିକିତ୍ସା...

ହୋଇଛି । ଘଣ୍ଟା ଘଣ୍ଟା ଧରି ନବଜାତ ଶିଶୁକୁ କୋଳରେ ଧରି ପରିବାର ଲୋକେ ଡାକ୍ତରଙ୍କୁ ଅପେକ୍ଷା କରିଥିଲେ । ପରେ ଶିଶୁର ସ୍ଥିତି ଜଟିଳ ହେବାରୁ ତାକୁ ଝଟଘଟକୁ ନେବା ପାଇଁ ପରାମର୍ଶ ଦେଇଥିଲେ ଡାକ୍ତର । ତେବେ ଓଟି ରିପୋର୍ଟ ଦିଆଯାଇନଥିବାରୁ ଶିଶୁକୁ ଏସଏନସିୟୁ ରେ ଆଡମିଟ୍ କରାଯାଇନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

ଆତଙ୍କବାଦକୁ ...

ପିଏମ୍ ଶେହବ୍ବାଜ ସରିଫ୍ ଚାହିଁଥିଲେ ଆତଙ୍କବାଦକୁ ନେଇ କଡ଼ା ବାର୍ତ୍ତା ଶୁଣାଇଛନ୍ତି ମୋଦି । ଭାରତର ଆଞ୍ଚଳିକ ଏବଂ ରଣନୀତିକ ସ୍ୱାର୍ଥକୁ ଦୃଢ଼ ଭାବରେ ଉପସ୍ଥାପନ କରିଛନ୍ତି ପିଏମ୍ ମୋଦି । ଭାରତର ମୁଖ୍ୟ ଧ୍ୟାନ ଆତଙ୍କବାଦ ବିରୋଧରେ ଲଢ଼େଇ, ଆଞ୍ଚଳିକ ସଂଯୋଗ ଏବଂ ଶକ୍ତି ସୁରକ୍ଷା ଉପରେ ରହିଛି । ଆତଙ୍କବାଦ ଉପରେ ଡବଲ୍ ଷ୍ଟାଣ୍ଡାର୍ଡ ଚାଲିବ ନାହିଁ । ଆମକୁ ଆତଙ୍କବାଦକୁ ପାଣ୍ଠି ଯୋଗାଣ ବନ୍ଦ କରିବାକୁ ପଡିବ । ବାହ୍ୟ ଚାପରେ ଭାରତ ନିଜର ଜାତୀୟ ପ୍ରାଥମିକତା ଏବଂ ରଣନୈତିକ ସ୍ୱାୟତ୍ତତାକୁ ବଜାୟ ରଖି ୟୁରେସିଆର ପ୍ରମୁଖ ଶକ୍ତିମାନଙ୍କ ସହିତ ସହଯୋଗ ବୃଦ୍ଧି କରୁଛି ବୋ

ଓଡ଼ିଶା ଏଏମ୍ ଓ ଏନ୍ଏସ ଇଣ୍ଡିଆ ଖୋଖୋ ଚାମ୍ପିୟନସିପ୍ ଉଦ୍ଯାପିତ

ବାଳିକା ଦଳରେ ମହାରାଷ୍ଟ୍ର ଚାମ୍ପିୟନ ଓ ଓଡ଼ିଶା ରନର୍ସ ଅପ୍

ବାଳକ ଦଳରେ କର୍ଣ୍ଣାଟକ ଚାମ୍ପିୟନ ଓ ମହାରାଷ୍ଟ୍ର ରନର୍ସ ଅପ୍

ପୁରୀ(ବ୍ୟୁରୋ): ପୁରୀ ତାଳବଣିଆ ସ୍ଥିତ ଖୋ ଖୋ ଇଣ୍ଡୋର ଷ୍ଟାଡିୟମ ହଲ ପରିସରର ଓଡିଶା ଏଏମ ଓ ଏନଏସ ଇଣ୍ଡିଆ ଜୁନିୟର ଖୋ ଖୋ ଚମ୍ପିୟନସିପ - ୨୦୨୬ ସୋମବାର ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ପୂର୍ବକ ଶୁଭାରମ୍ଭ କରି କହିଲେ। ଜଗନ୍ନାଥ ଧାମରେ କ୍ରୀଡାବିତ ମାନେ ଯୋଗଦେବା ସହ ସେମାନଙ୍କ ଖେଳ ଆଗକୁ ନେଇଛି । ଖୋ ଖୋ ଖେଳାଳୀମାନଙ୍କୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭକାମନା ଜଣାଇବା ସହ ଖୋ ଖୋ ଖେଳକୁ ପ୍ରଶଂସା କରିବା ସହ କୋଚ ମ୍ୟାନେଜର ଓ ଅଫିସର ମାନଙ୍କୁ ଧନ୍ୟବାଦ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାରତ ଖୋ ଖୋ ଫେଡେରେସନର ଉପସଭାପତି ତଥା ଓଡିଶାର ଖୋ ଖୋ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ,ଏଏମ ଓ ଏନଏସ ଓଡିଶା ଶାଖା ମୁଖ୍ୟ ଅଧିକାରୀ ପ୍ରଦର୍ଶନ ବେଶ ରୋମାଞ୍ଚକର ହୋଇଛି । ଖୋ ଖୋ ଖେଳରେ ଏକ ନମ୍ବର ସ୍ଥାନ ଅଧିକାର କରି ଖୋ ଖୋ ପାଇଁ ଗୌରବ ଆଣିଦେଇଛି । ଖୋ ଖୋ କ୍ରୀଡାବିତ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ହେବା ସହ ସେମାନଙ୍କ ରୋଜଗାର ଆଜି ପରିବାରକୁ ଉନ୍ନତ ପଥରେ ବିକାଶ ଯାଦେବେନ୍ଦ୍ର, ଆନ୍ଧ୍ରପ୍ରଦେଶ ଖୋ ଖୋ ସଂଘର ସଭାପତି ଏମ.ଭି ଏସ ସାଇ ପ୍ରସାଦ, ଅଲମ୍ପିୟାନ ତଥା ଭାରତଗୋଳନ ଅର୍ଜୁନ ଆୱାର୍ଡ କେ ରବିକୁମାର, ଜିଲ୍ଲାକ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ ଆୱାର୍ଡ ଓ ପାରା ଆଥେଲିଟିକ ଓ ଜାଭାଲିନି ସୁଚିତ୍ରା ପରିଡା , ଖୋ ଖୋ ଏଚପିସି ସେଣ୍ଟରର ମୁଖ୍ୟ କୋଚ ସଞ୍ଜୀବ ଶର୍ମା ଓ ଏସଏଫର କମର୍ସିଆଲ ମୁଖ୍ୟ ସାଗର ସାମଲ ପ୍ରମୁଖ ଯୋଗଦେଇ କହିଲେ ଗ୍ରାମାଞ୍ଚଳରୁ ଖୋଖୋ କ୍ରୀଡାବିତ ବାଳକ ଓ ବାଳିକା ମାନେ ନିଜ ଖେଳ ପ୍ରଦର୍ଶନ କରି ଜିଲ୍ଲା,ରାଜ୍ୟ ଓ ଭାରତରେ ନାମ ରଖିବା ସହ ୱାର୍ଲ୍ଡ ଚମ୍ପିୟାନ ହୋଇପାରିଥିବାରୁ ଅତିଥିମାନେ ଖୁସିବ୍ୟକ୍ତ କରିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଗାଁର ମାଟି ଦାଣ୍ଡରେ ଖେଳୁ ଥିବା ଖୋ ଖୋ ଖେଳ ଏବେ ମ୍ୟାଟ ଉପରେ ଖେଳୁଛନ୍ତି ଖୋ ଖୋ ଖେଳାଳି ମାନେ । ଭାରତ ସରକାର ଓ ରାଜ୍ୟ ସରକାରଙ୍କ ପିଲାମାନଙ୍କ ପ୍ରତିଭା ସହ ଆଗକୁ ବଢ଼ିବା ପାଇଁ ସମସ୍ତ ସୁଯୋଗ କରିଛନ୍ତି ଓ ସମସ୍ତ ସାହାଯ୍ୟ ଯୋଗାଉଛନ୍ତି ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ବାଳିକା ଦଳରେ ଚମ୍ପିୟାନ ମହାରାଷ୍ଟ୍ର ହୋଇଥିବା ବେଳେ ଓଡ଼ିଶା ଦଳ ରନର୍ସ ଅପ୍ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପଞ୍ଜାବ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ବାଳକ ଦଳରେ ଚମ୍ପିୟାନ କର୍ଣ୍ଣାଟକ ହୋଇଥିବା ବେଳେ ମହାରାଷ୍ଟ୍ର ରନର୍ସ ଅପ୍ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା । ଚମ୍ପିୟାନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କାର ଚେକ, ରନର୍ସ ଅପ ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କାର ଚେକ ପ୍ରଦାନ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୩୦ ହଜାର ଟଙ୍କାର ଚେକ ପ୍ରଦାନ ପୁରସ୍କାର ଅତିଥିମାନଙ୍କ ଦ୍ୱାର ପ୍ରଦାନ କରାଯାଇଥିଲା। ପ୍ଲେୟାର ଅଫ ମ୍ୟାଚ କର୍ଣ୍ଣାଟକ ରୋଶନ କୁମାର, ମହାରାଷ୍ଟ୍ର ର ପାର୍ଥ ଦେଉକେତେ, ଓଡ଼ିଶାର ସୌରଭ ନାୟକ ଓ ପଞ୍ଜାବର ସ୍ନେ ପ୍ରିପର ହୋଇଥିବା ବେଳେ ବାଳକ ଦଳର ବେଷ୍ଟ ଆଟାକର କର୍ଣ୍ଣାଟକ, ବେଷ୍ଟ ଡିଫେଣ୍ଡର ମହାରାଷ୍ଟ୍ର, ବେଷ୍ଟ ଅଫ ଟୁର୍ଣ୍ଣାମେଣ୍ଟ କର୍ଣ୍ଣାଟକ ଦଳ ହୋଇଥିବା ବେଳେ ବାଳିକା ଦଳର ବେଷ୍ଟ ଆଟାକର ଓଡ଼ିଶା,ବେଷ୍ଟ ଡିଫେଣ୍ଡର ମହାରାଷ୍ଟ୍ର ଓ ବେଷ୍ଟ ଅଫ ଟୁର୍ଣ୍ଣାମେଣ୍ଟ ମହାରାଷ୍ଟ୍ର ହାସଲ କରି ମେଡାଲ ସହ ଚେକ ପ୍ରଦାନ କରାଯାଇଥିଲା। ଓଡ଼ିଶା ଖୋ ଖୋ ସଂଘର ମୁଖ୍ୟ କୋଚ ଅନିଲ ଲକ୍ଷ୍ମଣ ଗଞ୍ଜାବେ, ଓଡ଼ିଶା ଖୋ ଖୋ ସଂଘର କୋଷାଧକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ପ୍ରୋଗ୍ରାମ ମ୍ୟାନେଜର ବାପି ରାୟ , କ୍ରୀଡା ପ୍ରଶିକ୍ଷକ ସୂର୍ଯ୍ୟନାରାୟଣ ଜେନା,କ୍ରିଷ୍ଣା କୁମାରୀ ରାୟ,ଅନ୍ନପୂର୍ଣ୍ଣା ରାଉତ, କୃପାସିନ୍ଧୁ ପ୍ରଧାନ, ସରିତା ବିଶ୍ୱାଳ, ବିଭୂତି ଭୂଷଣ ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ଚିନ୍ତାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ । ବିଭିନ୍ନ ରାଜ୍ୟର କୋଚ ,ମ୍ୟାନେଜର ଓ,ଅଫିସର ଓ ପ୍ରତିଭାବାନ ଖେଳାଳି ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଓଡିଶା, ତାମିଲନାଡୁର,ମହାରାଷ୍ଟ୍ର, କର୍ଣ୍ଣାଟକ , କୋହ୍ଲାପୁର, ମଧ୍ୟ ଭାରତ ଆନ୍ଧ୍ରପ୍ରଦେଶ, ପଞ୍ଜାବ ରାଜ୍ୟର ପୁଅ ଓ ଝିଅ ଏଭଳି ଉଭୟଙ୍କ ୬ଟି ଲେଖାଏଁ ଗ୍ରୁପର କ୍ରୀଡାବିତ ମାନେ ଅଂଶଗ୍ରହଣ କରି ଖୋଖୋ ଖେଳ ଟକ୍କର ସହ ଖେଳିଥିଲେ। ପ୍ରଥମେ ଲିଗ ମ୍ୟାଚ, ସେମିଫାଇନାଲ ପରେ ଥାର୍ଡ ପ୍ଲେସ ମ୍ୟାଚ ଓ ଶେଷରେ ଫାଇନାଲ ମ୍ୟାଚ ଖେଳ ବେଶ ରୋମାଞ୍ଚକର ଓ ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ଖେଳାଳୀମାନେ ଖେଳ ଖେଳିଥିଲେ । ଏଥିରେ ୧୨ ଟିମ ୧୮୦ କ୍ରୀଡାବିତ ଯୋଗ ଦେଇଥିଲେ । ସମସ୍ତ ଗ୍ରୁପର ଦୁଇ ଜଣ ଲେଖାଏଁ କୋଚ ଓ ମ୍ୟାନେଜର ଉପସ୍ଥିତ ରହି ଖେଳାଳୀମାନଙ୍କୁ ସହଯୋଗ ଓ ଉତ୍ସାହିତ କରିଥିଲେ । ବାଳିକା ଦଳ ମଧ୍ୟରେ ମହାରାଷ୍ଟ୍ର ଓ ଓଡିଶା ଟକ୍କର ସହ ଭଲ ଖେଳ ପ୍ରଦର୍ଶନ ହୋଇଥିବା ବେଳେ ବାଳକ ଦଳର ମହାରାଷ୍ଟ୍ର ଓ କର୍ଣ୍ଣାଟକ ସହ ଖେଳ ମଧ୍ୟ ବେଶ ଉଚ୍ଚକୋଟୀର ଓ ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ଖେଳ ହୋଇଥିଲା। ଖୋ ଖୋ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ଇଣ୍ଡୋର ଷ୍ଟାଡିୟମ ଖୋ ଏକାଡେମୀ ପରିସର । ଖେଳାଳି ମାନଙ୍କ ପ୍ରବଳ ଇଚ୍ଛା ଶକ୍ତି ସହ ଫାଇନାଲ ମ୍ୟାଚ ଖେଳ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ହୋଇଥିଲା । ଖେଳାଳି ମାନଙ୍କ କରତାଳିରେ ଉତ୍ସାହିତ ହୋଇଥିଲେ ଖେଳାଳି । ଏଥିରେ ୧୨ ଟିମ ୧୮୦ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ଖୋ ଖୋ ହାଇ ପରଫରମାନ୍ସ ସେଣ୍ଟର ଆୟୋଜନ କରି ସମସ୍ତ ସୁବ୍ୟବସ୍ଥା ଓ ବନ୍ଦୋବସ୍ତ କରିଥିଲା । ଶ୍ରୀକ୍ଷେତ୍ର ମାଟିରେ ପାଦସ୍ପର୍ଶ କରି ଖୋଖୋ ଟେକ୍ନିକାଲ ଅଫିସର, କୋଚ,ମ୍ୟାନେଜର, ଭଲ୍ୟୁଣ୍ଟିୟର ଓ ଖେଳାଳୀମାନେ ନିଜକୁ ଧନ୍ୟ ମନ୍ୟ କରିଛନ୍ତି ।

ଆଫଗାନିସ୍ତାନ ଟି୨୦ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା ଫାଇନାଲରେ ପହଞ୍ଚିଲା ବୈଭବଙ୍କ ଦଳ

- ନେତୃତ୍ୱ ନେବେ ଶ୍ରେୟାସ ଆୟର
- ଫେରିଲେ ସଞ୍ଜୁ ସାମସନ ଓ ଯଶପ୍ରୀତ ବୁମ୍ରା, ସ୍କ୍ୱାଡରେ ନାହାନ୍ତି ହାର୍ଦ୍ଦିକ ପାଣ୍ଡ୍ୟା

ମୁମ୍ବାଇ : ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ୬୨୦ ସିରିଜ୍ ପାଇଁ ଟିମ୍ ଇଣ୍ଡିଆର ଘୋଷଣା ହୋଇଛି । ଶ୍ରେୟସ ଆୟରଙ୍କ ନେତୃତ୍ୱରେ ୧୫ ଜଣିଆ ସ୍କ୍ୱାଡ୍ ଚୟନ କରାଯାଇଛି। ଦଳକୁ ସଞ୍ଜୁ ସାମସନଙ୍କ ପ୍ରତ୍ୟାବର୍ତ୍ତନ ହୋଇଥିବା ବେଳେ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ସ୍ଥାନ ମିଳିଛି । ଏହି ସ୍କ୍ୱାଡରେ ୪ଜଣ ଖେଳାଳିଙ୍କ ସର୍ତ୍ତମୂଳକ ଭାବେ ଚୟନ କରାଯାଇଛି । ଯଶପ୍ରୀତ ବୁମରା, ହର୍ଷିତ ରାଣା, ୱାଶିଂଟନ ସୁନ୍ଦର ଏବଂ ନୀତୀଶ କୁମାର ରେଡ୍ଡୀଙ୍କ ନାମ ପାଖରେ ଷ୍ଟାର ଚିହ୍ନ ରହିଛି । ସେମାନେ ଫିଟନେସ୍ ଟେଷ୍ଟ ପାସ୍ କଲେ ଟିମରେ ସାମିଲ୍ ହେବେ । ସେପଟେ ସଞ୍ଜୁ ସାମସନଙ୍କୁ ପୁଣିଥରେ ଟି୨୦ ଦଳରେ ସ୍ଥାନ ମିଳିଛି। ସେ ଜିୟାଓ୍ୱେ ଗଣ୍ଡର ଦଳରେ ସାମିଲ ହୋଇନଥିଲେ। ଏବେ ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରେ ତାଙ୍କୁ ୱିକେଟ କିପର ବ୍ୟାଟର ଭାବେ ଚୟନ କରାଯାଇଛି। ତାଙ୍କ ସହ ଈଶାନ କିଶନ ମଧ୍ୟ ୱିକେଟ କିପର ବିକଳ୍ପ ରହିଛନ୍ତି। ତିଳକ ବର୍ମାଙ୍କୁ ଉପ-ଅଧିନାୟକ କରାଯାଇଥିବା ବେଳେ ଶ୍ରେୟସ ଆୟର ଦଳର ନେତୃତ୍ୱ ନେବେ । ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟର ଭରସା ଜାରି ରହିଛି। ତାଙ୍କୁ ପୁଣିଥରେ ଟି୨୦ ସ୍କ୍ୱାଡ୍‌ରେ ସାମିଲ କରାଯାଇଛି। ଅଭିଷେକ ଶର୍ମାଙ୍କ ସହ ବୈଭବ ଦଳର ପ୍ରମୁଖ ଯୁବ ବ୍ୟାଟିଂ ବିକଳ୍ପ ଭାବେ ରହିଛନ୍ତି ।

ରିଙ୍କୁଙ୍କ ସମେତ ୮ ଖେଳାଳି ବାଦ୍ : ଜିୟାଓ୍ୱେ ଗଣ୍ଡ ପାଇଁ ଚୟନ ହୋଇଥିବା ଦଳ ସହ ତୁଳନା କଲେ, ଏଥର ୮ଜଣ ଖେଳାଳିଙ୍କୁ ସ୍ଥାନ ମିଳିନାହିଁ। ରିଙ୍କୁ ସିଂହ, ସୂର୍ଯ୍ୟାଂଶ ଶେଡଗେ, ହର୍ଷ ଦୁବେ, ପ୍ରିନ୍ସ ଯାଦବ, ଯଶ ଠାକୁର, ଅଶୋକ ଶର୍ମା, ଏଥର ଦଳରୁ ବାଦ ପଡ଼ିଛନ୍ତି।

ଆଫଗାନିସ୍ତାନ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ସ୍କ୍ୱାଡ୍:

ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ (ୱିକେଟ କିପର), ଈଶାନ କିଶନ (ୱିକେଟ କିପର), ତିଳକ ବର୍ମା (ଉପ-ଅଧିନାୟକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମରାଞ୍ଚ, ଅର୍ଶଦୀପ ସିଂହ ଏବଂ ହର୍ଷିତ ରାଣା। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ୧୩ ସେପ୍ଟେମ୍ବର ୨୦୨୬ରୁ ଅରୁଣ ଜେଟଲୀ ଷ୍ଟାଡିୟମରେ ଆରମ୍ଭ ହେବ । ସିରିଜ୍‌ର ସମସ୍ତ ମ୍ୟାଚ୍ ଭାରତରେ ଖେଳାଯିବ।

ଭାରତ-ଆଫଗାନିସ୍ତାନ ଟି୨୦ ସିରିଜ୍ :

ପ୍ରଥମ ଟି୨୦: ୧୩ ସେପ୍ଟେମ୍ବର ୨୦୨୬ – ଅରୁଣ ଜେଟଲୀ ଷ୍ଟାଡିୟମ, ନୂଆଦିଲ୍ଲୀ।

ଦ୍ୱିତୀୟ ଟି୨୦: ୧୫ ସେପ୍ଟେମ୍ବର ୨୦୨୬ – ଅରୁଣ ଜେଟଲୀ ଷ୍ଟାଡିୟମ, ନୂଆଦିଲ୍ଲୀ।

ତୃତୀୟ ଟି୨୦: ୧୭ ସେପ୍ଟେମ୍ବର ୨୦୨୬ – ଅରୁଣ ଜେଟଲୀ ଷ୍ଟାଡିୟମ, ନୂଆଦିଲ୍ଲୀ।

ନୂଆଦିଲ୍ଲୀ । ଦୁଲୀପ ଟ୍ରଫିର ପ୍ରଥମ ସେମିଫାଇନାଲରେ ଇଷ୍ଟ ଜୋନ ଚମତ୍କାର ବିଜୟ ହାସଲ କରିଛି । ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ମଧ୍ୟରେ ବିସିସିଆଇ ସେଣ୍ଟର ଅଫ ଏକ୍ସିଲେନ୍ସରେ ଖେଳାଯାଇଥିବା ଏହି ମ୍ୟାଚରେ ଇଷ୍ଟ ଜୋନ ସେଣ୍ଟ୍ରାଲ ଜୋନକୁ ୪ ଉଇକେଟ୍‌ରେ ପରାସ୍ତ କରି ଫାଇନାଲରେ ସ୍ଥାନ ପକ୍କା କରିଛି। ଇଷ୍ଟ ଜୋନର ବିଜୟରେ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ଦମଦାର ବ୍ୟାଟିଂ ସହ ଦ୍ରୁତ ବୋଲର ମହମ୍ମଦ ଶାମି ଓ ମୁକେଶ କୁମାରଙ୍କ ଚମତ୍କାର ବୋଲିଂର ବଡ଼ ଭୂମିକା ରହିଥିଲା। ପ୍ରଥମେ ବ୍ୟାଟିଂ କରି ସେଣ୍ଟ୍ରାଲ ଜୋନ ୮୦.୧ ଓଭରରେ ୨୬୬ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ରିଙ୍କୁ ସିଂହ ସର୍ବାଧିକ ୬୬ ରନ କରିଥିଲେ। ସେ ୮୮ ବଲର ସମ୍ଭୁଖୀନ ହୋଇଥିଲେ। ଆର୍ୟନ ଜୁୟାଲ ୧୧୩ ବଲରେ ୪୬ ରନ କରିଥିଲେ। ୨୬୬ ରନର ଜବାବରେ ଇଷ୍ଟ ଜୋନ ୫୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୬୬ ରନ କରିଥିଲା। ଏହି ଇନିଂସରେ ବୈଭବ ସୂର୍ଯ୍ୟବଂଶୀ ଜବରଦସ୍ତ ବ୍ୟାଟିଂ କରି ୮୧ ବଲରେ ୯୨ ରନ କରିଥିଲେ। ଅଭିମନ୍ୟୁ ଈଶ୍ୱରନ ମଧ୍ୟ ୧୦୭ ବଲରେ ୬୯ ରନ କରିଥିଲେ। ସେଣ୍ଟ୍ରାଲ ଜୋନ ପାଇଁ ହର୍ଷ ଦୁବେ ୪ଟି ଉଇକେଟ୍ ନେଇଥିବା ବେଳେ ଆର୍ୟନ ପାଣ୍ଡେ ଓ ଯଶ ଠାକୁର ୩ଟି ଲେଖାଏ ଉଇକେଟ୍ ହାସଲ କରିଥିଲେ। ଦ୍ୱିତୀୟ ଇନିଂସରେ ସେଣ୍ଟ୍ରାଲ ଜୋନର ବ୍ୟାଟିଂ ବିଶେଷ ପ୍ରଭାବ ପକାଇପାରିନଥିଲା। ଦଳ ୫୦.୨ ଓଭରରେ ମାତ୍ର ୧୫୮ ରନରେ ଅଲଆଉଟ ହୋଇଥିଲା। ଅମନ ମଖୋଡ଼େ ୮୯ ବଲର ୪୧ ରନ କରି ଦଳ ପାଇଁ ସର୍ବାଧିକ ସ୍କୋର କରିଥିଲେ। ହର୍ଷ ଦୁବେ ୫୧ ବଲରେ ମାତ୍ର ୪ ରନ କରିଥିବା ବେଳେ ଅଧିନାୟକ ରଜତ ପାଟିଦାର ମଧ୍ୟ ନିରାଶ କରିଥିଲେ। ସେ ୧୯ ବଲରେ ମାତ୍ର ୫ ରନ କରି ଆଉଟ ହୋଇଥିଲେ।

ପାକିସ୍ତାନର ନୂଆ ଟିମ୍ ଘୋଷଣା

ନୂଆଦିଲ୍ଲୀ : ପାକିସ୍ତାନ କ୍ରିକେଟରେ ବଡ଼ ପରିବର୍ତ୍ତନ । ଅଧା ଡର୍ଜନରୁ ଅଧିକ ଖେଳାଳୀ ବାହାରିଲେ । ଯାହାପରେ ଏବେ ପାକସ୍ତାନ କ୍ରିକେଟ ଟିମ୍ ଏବେ ନୂଆ ଚେହେରାଙ୍କୁ ସାମିଲ କରାଯାଇଛି । ଇଂଲଣ୍ଡ ଗସ୍ତରେ ପାକିସ୍ତାନ ଟିମ୍ ପ୍ରଥମ ଦୁଇ ଟେଷ୍ଟ ମ୍ୟାଚରେ ବହୁତ ଖରାପ ଭାବେ ପରାଜୟ ହୋଇଛି । ଏହି ପରାଜୟରେ ପାକିସ୍ତାନ କ୍ରିକେଟରେ ବିବାଦ ଦେଖାଦେଇଛି । ଲର୍ଡ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନକୁ ୧୯୪ରନରେ ପରାଜୟର ସାମ୍ନା କରିବାକୁ ପଡ଼ିଛି । ସେହିଭଳି ପ୍ରଥମ ଟେଷ୍ଟରେ ପାକିସ୍ତାନର ଟିମ୍ ୧୦୩ରନରେ ପରାଜୟ ହୋଇଥିଲା । ଏହାପରେ ପିସିବି ଇଂଲଣ୍ଡ ଗସ୍ତର ମଝିରେ ବଡ଼ ପଦକ୍ଷେପ ଉଠାଇଛି । ୭ ଖେଳାଳୀଙ୍କୁ ଟିମରୁ ବାହାର କରି ଦେଇଛି । ଏହାସହ କୋଚିଂ ଷ୍ଟାଫର ସଦସ୍ୟଙ୍କୁ ବି ପରିବର୍ତ୍ତନ କରାଯାଇଛି । ଏବେ ମଙ୍ଗଳବାର ପିସିବି ପାକିସ୍ତାନ ନୂଆ ଟିମ୍ ଘୋଷଣା କରି ଦେଇଛି । ନୂଆ ଟିମରେ କେତେକ ନୂଆ ଚେହେରାଙ୍କୁ ସ୍ଥାନ ମିଳିଛି । ପିସିବି ଏକ ବୟାନ ଜାରି କରି କହିଛି କି, ପାକିସ୍ତାନ କ୍ରିକେଟ ବୋର୍ଡ଼ ଆଜି ଘୋଷଣା କରୁଛି କି ଲର୍ଡ୍ ଟେଷ୍ଟ ପରେ ଟେଷ୍ଟ ଟିମରୁ ୭ ଖେଳାଳୀଙ୍କୁ ହଟାଇ ଦିଆଯାଇଛି । ପ୍ରାୟ ୭ ନୂଆ ଖେଳାଳୀଙ୍କୁ ଟିମରେ ସାମିଲ କରାଯାଇଛି, ଯେଉଁଥିରେ ଟେଷ୍ଟ ସ୍ତରରେ ୫ ଅନକ୍ୟାପଟେନ ଏବଂ ୨ କ୍ୟାପଟେନ ଖେଳାଳୀ ସାମିଲ ଅଛନ୍ତି । ପାକିସ୍ତାନ ଟିମରେ କେତେକ ନୂଆ ଚେହେରାଙ୍କୁ ସୁଯୋଗ ମିଳିଛି । ଏଥିରେ ଅବୁଲ୍ଲା ଫଜଲ, ଅରାଫତ ମିହ୍ନାସ, ମୁହମ୍ମଦ ଇମରାନ, ମୋହମ୍ମଦ ଇମରାନ ଜୁନିୟର, ମୁହମ୍ମଦ ଗାଜୀ ଗୋରୀ, ଜାଉଲ୍ଲାହ, ସାଦ ବେଗ ଏବଂ ଉବେଦ ଶାହ ସାମିଲ ଅଛନ୍ତି । ସେହିଭଳି ଟି-୨୦ ସ୍ପେଶାଲିଷ୍ଟ ସ୍ପିନ ଅଲାରାଉଣ୍ଡର ସ୍ୟାମ ଆୟୁବଙ୍କୁ ବି ଟେଷ୍ଟରେ ସ୍ଥାନ ମିଳିଛି । ବୋର୍ଡ଼ କହିଛି କି, ନୂଆ ଖେଳାଳୀ ଭାବେ ଘୋଷଣା କରାଯାଇଥିବା ଖେଳାଳୀଙ୍କ ମଧ୍ୟରେ ବ୍ୟାଟର ସ୍ୟାମ ଆୟୁବ ୮ଟେଷ୍ଟ ଏବଂ ଅବୁଲ୍ଲା ଫଜଲ ଦୁଇ ଟେଷ୍ଟ ମ୍ୟାଚ୍ ଖେଳି ସାରିଛନ୍ତି । ସେହିଭଳି ବାମ ହାତୀ ସ୍ପିନ ବୋଲିଂ ଅଲରାଉଣ୍ଡର ଅରାଫତ ମିହ୍ନାସ ପାକିସ୍ତାନ ଲାଗି ୩ ଟି-୨୦ ମ୍ୟାଚ୍ ଖେଳିଛନ୍ତି । ବାକି ୪ ଖେଳାଳୀଙ୍କ ମଧ୍ୟରେ ବାମ ହାତୀ ଦ୍ରୁତ ବୋଲର ମହମ୍ମଦ ଜୁନିୟର, ୱିକେଟକିପର ବ୍ୟାଟର ଏବଂ କାୟଦ-ଏ- ଆଜମ ଟ୍ରଫି ୨୦୨୫-୨୬ର 'ପ୍ଲେୟର ଅଫ ଦ ଟୁର୍ଣ୍ଣାମେଣ୍ଟ' ସାଦ ବେଗ ଏବଂ ଡାହାଣ ହାତୀ ଦ୍ରୁତ ବୋଲର ଅଲରାଉଣ୍ଡର ମହମ୍ମଦ ଇମରାନ ଏବଂ ରଜାଉଲ୍ଲାହ ସାମିଲ ଅଛନ୍ତି । ତୃତୀୟ ଟେଷ୍ଟ ଲାଗି ପାକିସ୍ତାନର ଟିମ୍ – ବାବର ଆଜମ(ଅଧିନାୟକ), ଅବୁଲ୍ଲା ଫଜଲ, ଅରାଫତ ମିହ୍ନାସ, ଅଜାନ ଅବେସ, ମୋହମ୍ମଦ ଅବ୍ବାସ, ମୋହମ୍ମଦ ଅଲୀ, ମୁହମ୍ମଦ ଇମରାନ, ମୋହମ୍ମଦ ଇମରାନ ଜୁନିୟର, ମୁହମ୍ମଦ ଗାଜୀ ଗୋରୀ(ୱିକେଟକିପର), ରାଜଉଲ୍ଲାହ, ସାଦ ବେଗ(ୱିକେଟକିପର), ସ୍ୟାମ ଅୟୁବ, ସାଜିଦ ଖାନ, ସଉଦ ଶକୀଲ, ଶାନ ମସୁଦ ଏବଂ ଉବେଦ ଶାହ ।

ସାମୂହିକ ବହିଷ୍କାର ପରେ ମୁଖ୍ୟ ଚୟନକର୍ତ୍ତା

କେନ୍ଦ୍ରାପଡ଼ାରେ ଜାହାଜ ନିର୍ମାଣ କ୍ଲଷ୍ଟର ମଞ୍ଜୁର

କେନ୍ଦ୍ରର ଅନୁମୋଦନ, ୨୪,୭୦୦ କୋଟିର ନିବେଶ

ଜଗତସିଂହପୁର(ଅମୃତ ମିଡିଆ): କେନ୍ଦ୍ରାପଡ଼ାରେ ନିର୍ମାଣ ହେବାକୁ ଥିବା ଜାହାଜ ନିର୍ମାଣ କ୍ଲଷ୍ଟର ପ୍ରକଳ୍ପକୁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ମଞ୍ଜୁର କରିଛି । ଏହି ପ୍ରକଳ୍ପକୁ 'ଦି ନ୍ୟାସନାଲ୍ ସିପ୍‌ବିଲ୍‌ଡିଂ ଆଣ୍ଡ୍ ହେଭି ଇଣ୍ଡଷ୍ଟ୍ରିଜ୍ ପାର୍କ ଓଡ଼ିଶା ଲିମିଟେଡ୍' ନାମକ ସଂସ୍ଥା ବିକାଶ କରିବ । ଏଥିରେ ୨୪,୭୦୦ କୋଟି ଟଙ୍କା ନିବେଶ ହେବ । ଏଥିପାଇଁ ଗତ ଜୁଲାଇ ୩୦ରେ କମ୍ପାନି କେନ୍ଦ୍ରର ଅନୁମୋଦନ ପାଇଁ ଆବେଦନ କରିଥିଲା । ପାରାଦୀପରେ ଥିବା ଇଫ୍‌କୋ କାରଖାନାର ଅପର ପାର୍ଶ୍ୱରେ ମହାନଦୀ କୂଳରେ ଏହି ପ୍ରକଳ୍ପ ହେବାକୁ ଯାଉଛି । ସେହି ସ୍ଥାନରେ ଜାହାଜ ନିର୍ମାଣ, ମରାମତି ଓ ତତ୍ ସଂକ୍ରାନ୍ତୀୟ ଭାରି

ଶିଳ୍ପଗୁଡ଼ିକ ରହିବ । ଓଡ଼ିଶା ମାରିଟାଇମ୍ ବୋର୍ଡ ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ଗଠନ କରାଯାଇଥିବା ସ୍ପେସିଆଲ୍ ପରପସ୍ ଭେଇକିଲ୍ ଏହି ପ୍ରକଳ୍ପ ବିକାଶ କରିବ । ଜାତୀୟ ଜାହାଜ ନିର୍ମାଣ ମିସନର ଜାହାଜ ନିର୍ମାଣ ପାଇଁ ଗଠିତ ଆନ୍ତଃ-ମନ୍ତ୍ରୀ ଗୋଷ୍ଠୀର ଷଷ୍ଠ ବୈଠକର ସୁପାରିସ ଆଧାରରେ କେନ୍ଦ୍ରାପଡ଼ା ଜାହାଜ ନିର୍ମାଣ କ୍ଲଷ୍ଟରକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି । ପ୍ରାରମ୍ଭିକ ଯୋଜନା ଅନୁସାରେ ଏହି ପ୍ରକଳ୍ପରେ ବାର୍ଷିକ ୧.୨ ନିୟୁତ ଗ୍ରସ୍ ଟନ୍‌ର ଜାହାଜ ନିର୍ମାଣ କ୍ଷମତା ପାଇଁ ଏକ କିୟା ଏକାଧିକ ବୃହତ୍ ସିପ୍‌ୟାର୍ଡ ରହିବ । ୨୦୦୦-୨୫୦୦ ଏକରର ଜମି ଅଞ୍ଚଳ ଓ ଦୁଇରୁ ଅଢ଼େଇ କିମି ବିଶିଷ୍ଟ ଏକ ଉପର୍ଗାକୃତ ନଦୀସମ୍ମୁଖ ଅଞ୍ଚଳ ରହିବ । ପ୍ରସ୍ତାବିତ କ୍ଲଷ୍ଟରରେ ଇଞ୍ଜିନି ନିର୍ମାଣ, ଇସ୍ପାତ ଫେବ୍ରିକେସନ ଓ ମେରାଇନ ଉପକରଣ ଯୋଗାଣକାରୀ, ତାଲିମ କେନ୍ଦ୍ର ଏବଂ ଗବେଷଣା ଓ ବିକାଶ କେନ୍ଦ୍ର ଭଳି ସୁବିଧା ରହିବ । ଏ ସମ୍ପର୍କରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଅଧ୍ୟକ୍ଷ ପି. ଏଲ୍. ହରନାଧ କହିଛନ୍ତି, ଏହି ନୀତିଗତ ନିଷ୍ପତ୍ତି ଅନୁମୋଦନ ଓଡ଼ିଶାର ସାମୁଦ୍ରିକ ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ଜାହାଜ ନିର୍ମାଣ ଓ ଭାରୀ ଶିଳ୍ପ ପାର୍କ ଜାହାଜ ନିର୍ମାଣ କ୍ଷମତାକୁ ସୁଦୃଢ଼ କରିବା, ପୁଞ୍ଜିନିବେଶକୁ ଆକୃଷ୍ଟ କରିବା, ରୋଜଗାର ସୁଯୋଗ ସୃଷ୍ଟି କରିବା ଏବଂ ଆନୁସଙ্গିକ ଶିଳ୍ପର ବିକାଶକୁ ପ୍ରୋତ୍ସାହିତ କରିବାର ବ୍ୟାପକ ସମ୍ଭାବନା ରଖେ । ପରବର୍ତ୍ତୀ ପର୍ଯ୍ୟାୟରେ ଏନଏସଏଚଆଇପିଓଏଲ ପକ୍ଷରୁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯିବ । ଏଥିରେ ପ୍ରସ୍ତାବିତ ଜାହାଜ ନିର୍ମାଣ କେନ୍ଦ୍ରର ଭିତ୍ତିଭୂମି, ଜାହାଜର ବିବରଣୀ, ପୁଞ୍ଜି ବ୍ୟୟ, ଡ୍ରେଜିଂ ଓ ବ୍ରେକ୍‌ୱାଟର ଆବଶ୍ୟକତା ଓ ଆର୍ଥିକ ମଡେଲ୍ ଆଦି ସାମିଲ ହେବ ।

ଆରମ୍ଭ ହେଲା ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍

ଢେଙ୍କାନାଳ(ଅମୃତ ମିଡିଆ): ଖାଦ୍ୟଶସ୍ୟ ଆବଣ୍ଟନକୁ ସୁଲଭ ଓ ସହଜ କରିବା ନିମନ୍ତେ ଢେଙ୍କାନାଳରେ ଆଜି (ସୋମବାର) 'ଅନ୍ନପୂର୍ତ୍ତି ଖାଦ୍ୟଶସ୍ୟ (ଗ୍ରେନ୍) ଏଟିଏମ୍' ଉଦ୍‌ଘାଟିତ ହୋଇଛି । ଓଡ଼ିଶା ସରକାର ଓ ଜାତିସଂଘ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ମିଳିତ ଆନୁକୂଲ୍ୟରେ ଏହି ଶସ୍ୟ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ୟୁଏନ୍ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଭାରତର ଉପନିର୍ଦ୍ଦେଶିକା ନୋଜୋମି ହାଶିମୋଟୋ ଉପସ୍ଥିତ ଥିଲେ । ଏହି ଅବସରରେ ସୁଶ୍ରୀ ହାଶିମୋଟୋ କହିଥିଲେ ଯେ, ଏହି ପ୍ରକଳ୍ପ ପ୍ରଯୁକ୍ତି, ସ୍ୱଚ୍ଛତା ଓ ମାନବିକ ସେବାର ଏକ ସୁନ୍ଦର ସମନ୍ୱୟ । ଏହା ଭାରତର ଖାଦ୍ୟ ବଣ୍ଟନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବାରେ ସହାୟକ ହେବ । ଏହି ମେସିନ୍‌ର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଓଡ଼ିଶା ଫିଲ୍ଡ ଅଫିସ୍‌ର ମୁଖ୍ୟ ହିମାଂଶୁ ବଳ କହିଛନ୍ତି, ବର୍ତ୍ତମାନର ଲଜିଷ୍ଟିକ୍‌ସ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମେସିନ୍ ଏକ ସମୟରେ ୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ବଣ୍ଟନ କରିପାରିବ । ଏହାର ଆଉ ଏକ ବିଶେଷ ସୁବିଧା ହେଉଛି, ହିତାଧିକାରୀମାନେ ନିଜର ସମ୍ପୂର୍ଣ୍ଣ ମାସିକ ଖାଦ୍ୟଶସ୍ୟ ପ୍ରାପ୍ୟକୁ ଗୋଟିଏ ଥରରେ ନେବାକୁ ବାଧ୍ୟ ନୁହନ୍ତି । ଉଦାହରଣ ସ୍ୱରୂପ, କୌଣସି ପରିବାରକୁ ମାସକୁ ୫୦ କିଲୋଗ୍ରାମ ଚାଉଳ ମିଳିବାକୁ ଥିଲେ, ସେମାନେ ନିଜ ସୁବିଧା ଅନୁଯାୟୀ ଏକାଧିକ ଥରରେ ତାହା ଗ୍ରହଣ କରିପାରିବେ । ଅର୍ଥାତ୍, ଏକ ମାସ ମଧ୍ୟରେ ନିଜ ଆବଶ୍ୟକତା ଅନୁଯାୟୀ ପ୍ରାପ୍ୟ ରାସନ ନେବାର ସୁବିଧା ରହିବ । ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ସାଧାରଣ ଏଟିଏମ୍ ଭଳି ୨୪ ଘଣ୍ଟା, ସପ୍ତାହର ସାତ ଦିନ କାର୍ଯ୍ୟ କରିପାରିବ । ଏହା ଫଳରେ ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ଦୋକାନ ଖୋଲିବା ସମୟ ଉପରେ ନିର୍ଭରଶୀଳ ନହୋଇ ନିଜ ସୁବିଧା ଅନୁଯାୟୀ ରାସନ ଗ୍ରହଣ କରିପାରିବେ । ମେସିନ୍‌ଟି ସୌରଶକ୍ତି ମାଧ୍ୟମରେ ମଧ୍ୟ ପରିଚାଳିତ ହୋଇପାରିବ ।

ରାତି ଅଧରେ ଭାଲୁ ମନ୍ଦିରରେ ପଶି ନେଇଗଲା ଘିଅଡବା

ନବରଙ୍ଗପୁର(ଅମୃତ ମିଡିଆ): ଭାଲୁ ଖୋଜୁଛି ଖାଦ୍ୟ ଠିକଣା । ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ଛାଡି ଜନ ବସତି ମୁହାଁ ଭାଲୁ । ନବରଙ୍ଗପୁର ଜିଲା ତେନ୍ତୁଳାଖୁଣ୍ଟି ବ୍ଲକ୍ କୁକୁଡ଼ାବାଇ ଗାଁରୁ ସାମ୍ନାକୁ ଆସିଛି ଏଭଳି ଘଟଣା । ଖାଦ୍ୟ ଅନ୍ୱେଷଣରେ ଆସି ଏକ ଭାଲୁ ମନ୍ଦିର ଭିତରକୁ ପଶିଯାଇଥିଲା । ଗାଁର ବ୍ରାହ୍ମଣ ସାହିରେ ଥିବା ରାଧାକୃଷ୍ଣ ମନ୍ଦିର ଭିତରେ ଓ ପରିସରରେ ଏକ ଭାଲୁକୁ ଦେଖିଥିଲେ ସ୍ଥାନୀୟ ଲୋକେ । ଭିଡିଓ କରିଥିବା ବେଳେ ଏହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଭାଲୁଟି ମନ୍ଦିର ଭିତରକୁ ପଶିବା ପରେ ସେଠାରେ ରଖାଯାଇଥିବା ଘିଅ ଡବା ନେଇ ବାହାରକୁ ଚାଲିଯାଇଥିଲା । ଭାଲୁକୁ ଦେଖିବା ପରେ ମନ୍ଦିର ନିକଟରେ ଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ବିଶେଷକରି ରାତି ସମୟରେ ଭାଲୁ ଗାଁ ଭିତରକୁ ପଶିବା ନେଇ ଚିନ୍ତା ପ୍ରକାଶ କରିଛନ୍ତି ଗ୍ରାମବାସୀ । ଜଙ୍ଗଲ ଅଞ୍ଚଳରେ ଖାଦ୍ୟ ଉପଲବ୍ଧତା କମିବା, ଜଙ୍ଗଲ କ୍ଷୟ, ପୋଡୁ ଚାଷ ଏବଂ ଜଙ୍ଗଲରେ ନିଆଁ ଭଳି ବିଭିନ୍ନ କାରଣରୁ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଜନବସତି ନିକଟକୁ ଆସୁଥିବା ଜଣାପଡୁଛି । ଏଭଳି ପରିସ୍ଥିତିରେ ଭାଲୁ ଓ ମଣିଷ ମଧ୍ୟରେ ସଂଘର୍ଷର ଆଶଙ୍କା ରହିଥାଏ । ତେଣୁ ଭାଲୁ ଗାଁ ନିକଟରେ ଦେଖାଗଲେ ଲୋକେ ତା' ନିକଟକୁ ନଯାଇ ସୁରକ୍ଷିତ ଦୂରତାରେ ରହିବା ସହ ବନ ବିଭାଗକୁ ସୂଚନା ଦେବା ଆବଶ୍ୟକ ରହିଛି । ଅନ୍ୟପଟେ କୁକୁଡ଼ାବାଇ ଅଞ୍ଚଳରେ ଭାଲୁର ଚଳପ୍ରଚଳକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସତର୍କତା ବଢ଼ିଛି । ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସଂଘର୍ଷ ରୋକିବା ପାଇଁ ଜଙ୍ଗଲ ସୁରକ୍ଷା ସହ ବନ ବିଭାଗର ନିରୀକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି ।

ବିବାହିତା ମହିଳାଙ୍କୁ ପ୍ରେମ କରିବା ପଡ଼ିଲା ମହଙ୍ଗା

ଖାପ୍ ପଞ୍ଚାୟତରେ ମାଡ଼ ପରେ ଯୁବକଙ୍କ ଆତ୍ମହତ୍ୟା !

ମାଲକାନଗିରି(ଅମୃତ ମିଡିଆ): ମାଲକାନଗିରିରୁ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି । ଜିଲ୍ଲାର ଗଠ ୯୨ ଗ୍ରାମରେ ଏକ ଖାପ୍ ପଞ୍ଚାୟତର ବୈଠକରେ ଜଣେ ଯୁବକଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ମୋଟା ଅଙ୍କର ଜରିମାନା ଲଗାଯାଇଛି । ପରେ ଯୁବକ ଜଣକ ଆତ୍ମହତ୍ୟା କରିଥିବା ନେଇ ସାଂଘାତିକ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଗ୍ରାମର ସାଗର ସରକାର ନାମକ ଜଣେ ୨୨ ବର୍ଷୀୟ ଯୁବକ ଗତ କିଛି ଦିନ ପୂର୍ବେ ଆନ୍ଧ୍ର ପ୍ରଦେଶରେ କାମ କରିବା ସମୟରେ ଜଣେ ବିବାହିତ ମହିଳାଙ୍କୁ ପ୍ରେମ କରି ନିଜ ଗାଁକୁ ଆଣିଥିଲେ । ଏହି ଖବର ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଗାଁ କମିଟି ପକ୍ଷରୁ ଏକ ବୈଠକ ଡକାଯାଇଥିଲା । ଏହି ବୈଠକକୁ ଯୁବକ ସାଗର ସରକାର

ଏବଂ ତାଙ୍କ ବାପା ରବି ସରକାରଙ୍କୁ ଡକାଯାଇଥିଲା । ବୈଠକ ଚାଲିଥିବା ସମୟରେ ଜଣେ ବିବାହିତ ମହିଳାଙ୍କୁ ପ୍ରେମ କରି ଆଣିଥିବା ଅଭିଯୋଗରେ ଗାଁ କମିଟି ସଦସ୍ୟମାନେ ସାଗରଙ୍କୁ ନିର୍ଦ୍ଦୟ ମାଡ଼ ମାରିଥିଲେ । କେବଳ ସେତିକି ନୁହେଁ, ଦଣ୍ଡବିଧାନ ସ୍ୱରୂପ ତାଙ୍କୁ ୪୫ ହଜାର ଟଙ୍କା ଫାଇନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ସଂପୃକ୍ତ ବିବାହିତ ମହିଳାଜଣଙ୍କୁ ତାଙ୍କ ସ୍ୱାମୀଙ୍କ ସହ ପଠାଇ ଦିଆଯାଇଥିଲା । ଗାଁ କମିଟି ସମ୍ମୁଖରେ ହୋଇଥିବା ଏପରି ମାରପିଟ୍, ସର୍ବସାଧାରଣରେ ଅପମାନ ଏବଂ ଜରିମାନାର ଚାପକୁ ସହ୍ୟ କରିପାରିନଥିଲେ ସାଗର । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ମାନସିକ ଯନ୍ତ୍ରଣା କ୍ଷୋଭରେ ସେ ଶେଷରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଅନ୍ୟପକ୍ଷରେ, ଗାଁ କମିଟି ସଭାପତି ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି । ଘଟଣା ସମ୍ପର୍କରେ ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ତେବେ ଏହାକୁ ନେଇ ପୁଲିସ ପକ୍ଷରୁ ଏଯାବତ୍ କୌଣସି ବିଧିବଦ୍ଧ ପ୍ରତିକ୍ରିୟା ମିଳିପାରି ନାହିଁ ।

ବିପଦ ସଙ୍କେତ ଛୁଇଁଲା ବୈତରଣୀ ଓ ଜଳକା

ଭଦ୍ରକ(ଅମୃତ ମିଡିଆ): ପୁଣି ଫୁଲିଲା ବୈତରଣୀ ନଦୀ । ବିପଦ ସଂକେତ ମୁହାଁ ବୈତରଣୀ ନଦୀର ଜଳସ୍ତର । ଆଖୁଆପଦା ଠାରେ ବିପଦ ସଂକେତ ୧୮.୩୩ ମିଟର ଥିବା

ବେଳେ ୧୮.୨୮ ଉପରେ ଜଳ ପ୍ରବାହିତ ହେଉଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଗତ କାଲି ରାତିରୁ ବୈତରଣୀ ନଦୀର ଜଳ ସ୍ତର ବଢ଼ିବାରେ ଲାଗିଛି । ଫଳରେ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି । ସେହିପରି ବାଲେଶ୍ୱରରେ ବିପଦ ସଙ୍କେତ ଛୁଇଁଲା ଜଳକା ନଦୀ । ଆଜି ସକାଳ ୬ଟା ସୁଦ୍ଧା ନଦୀର ଜଳସ୍ତର ୬.୫୦ ମିଟର ରହିଛି । ସେହିଭଳି ବୁଢ଼ାବଳଙ୍ଗ ନଦୀ ସକାଳ ୬ଟା ସୁଦ୍ଧା ସତର୍କ ସଙ୍କେତ ଅତିକ୍ରମ କରିଥିବା ବେଳେ ଜଳସ୍ତର ୭.୨୮ ମିଟର ରହିଛି । ସୁବର୍ଣ୍ଣରେଖା ନଦୀ ରେ ମଧ୍ୟ ବଢୁଛି ଜଳସ୍ତର । ସକାଳ ୬ ଟା ସୁଦ୍ଧା ନଦୀର ଜଳସ୍ତର ୯.୩୨ ମିଟରରେ ପହଞ୍ଚିଛି । ସେପଟେ ରାଜ୍ୟରେ ଲଘୁଚାପ ପ୍ରଭାବରେ ଜାରି ରହିଛି ବର୍ଷା । ଆଜି ମଧ୍ୟ ଅଧା ରାଜ୍ୟରେ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ସେହିପରି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ କରାଇଛି । ୨ ଓ ୩ ତାରିଖରେ ମଧ୍ୟ ବିଚ୍ଛିନ୍ନ ଭାବେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହାରି ମଧ୍ୟରେ ଚଳିତ ବର୍ଷ ଓଡ଼ିଶା ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଚିତ୍ର ସାମ୍ନାକୁ ଆସିଛି ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପାଲଟିଛି ବସ୍‌ଷ୍ଟାଣ୍ଡ

ବାରିଙ୍ଗବାଡି(ଅମୃତ ମିଡିଆ): କନ୍ଧମାଳ ଜିଲାର ବୃହତ ବ୍ଲକ ଭାବେ ଜଣାଶୁଣା ବାରିଙ୍ଗବାଡିରେ ଏବେ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଯାତ୍ରାବାହୀ ବସର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ତେବେ ଏବେ ବଡ଼ ସମସ୍ୟା ମୁଣ୍ଡ ଟେକିଛି । ସମସ୍ତ ପ୍ରକାର ଯାତ୍ରାବାହୀ ବସଗୁଡିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ପାର୍କିଂ କରୁଥିବାବେଳେ ଯାତ୍ରୀଙ୍କୁ ଡାକିବା ପାଇଁ ପ୍ରଚଣ୍ଡ ଶବ୍ଦର ହର୍ନ ବଜାଉଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତଃବିଭାଗରେ ଶଯ୍ୟାରେ ଚିକିତ୍ସା ହେଉଥିବା ରୋଗୀମାନେ ଶବ୍ଦରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ

ନୀରବ ରହୁଛି। ବିଶେଷକରି ଚାରି ଛକରେ ଟ୍ରାଫିକ ପୋଷ୍ଟରେ ନିୟୋଜିତ ପୋଲିସ ମଧ୍ୟ ନୀରବ ରହୁଥିବା ନେଇ ଜନଅସନ୍ତୋଷ ବୃଦ୍ଧି ପାଉଛି। ଦାରିଙ୍ଗବାଡିକୁ ନିୟମିତ ପର୍ଯ୍ୟଟକ ଆସୁଥିବାବେଳେ ୨୫ ପଞ୍ଚାୟତରୁ ଦୈନିକ ଜନସାଧାରଣ ବଜାର ଓ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ ନେଇ ଆସୁଛନ୍ତି। ସେମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବସ୍ ଷ୍ଟପେଜ ରହିଥିବାରୁ ଯାତ୍ରୀମାନେ ମଧ୍ୟ ବସ ଷ୍ଟାଣ୍ଡ ନ ଯାଇ ଏଠାରେ ବସକୁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଗୋଟିଏ ବସ ଅଟକିଲେ ତାକୁ ଦେଖି ଅନ୍ୟ ବସ ଗୁଡିକ ଓ ପର୍ଯ୍ୟଟକଙ୍କ ଟ୍ୟାକ୍ସି, ଟ୍ରଭେଲର ଆଦି ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅଟକି ରହୁଥିବା ଦେଖିବାକୁ ମିଳୁଛି। ଶୀଘ୍ର ଏହାର ସମାଧାନ କରି ବସଗୁଡିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପାର୍କିଂ ପାଇଁ ବନ୍ଦ କରାଯିବାକୁ ସାଧାରଣରେ ଦାବି ହେଉଛି।

ଡାକ୍ତରଖାନାରେ ଆଉଟସୋର୍ସିଂ ଚାକିରି ଦେବା ନାଁରେ ଠକେଇ

ଜୟପୁର(ଅମୃତ ମିଡିଆ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉଟସୋର୍ସିଂ ମାଧ୍ୟମରେ ଆଟେଣ୍ଡାଣ୍ଟ ଓ ଅନ୍ୟାନ୍ୟ ପଦବୀରେ ଚାକିରି ଯୋଗାଇ ଦେବା ନାଁରେ ଲକ୍ଷାଧିକ ଟଙ୍କାର ଠକେଇ ହୋଇଥିବା ନେଇ ରବିବାର ସଦର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ତିନି ଅଭିଯୋଗକାରୀ। ପ୍ରତିଶ୍ରୁତି ଦେଇ ଟଙ୍କା ନେବା ପରେ ନିଯୁକ୍ତି ନଦେଇ ଏକ ନକଲି ନିଯୁକ୍ତି ପତ୍ର ଧରାଇ ଦେଇଥିବା ନେଇ ପାଡ଼ିତମାନେ କହିଛନ୍ତି। ସୂଚନା ଅନୁସାରେ, ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ହଲବା ନିଜକୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି କରୁଥିବା କହି ବିଶ୍ୱାସ ଜନ୍ମାଇଥିଲେ। କେଆରପିସି ଆଉଟ୍ ସୋର୍ସ କୋରାପୁଟ (ଡ୍ରେଲଫେୟାର ଅଫ୍ ଓଡ଼ିଶା) ନାମକ ଏଜେନ୍ସି ମାଧ୍ୟମରେ ଡାକ୍ତରଖାନାରେ ଆଉଟସୋର୍ସିଂ ଚାକିରି କରାଇଦେବାକୁ କହି ପ୍ରଥମେ ଇନସୁରାନ୍ସ ଓ ଆଇ-କାର୍ଡ ବାବଦକୁ ଆବେଦନକାରୀଙ୍କଠାରୁ କିସ୍ତି ଆକାରରେ ୫୦୦୦ ଟଙ୍କା ଲେଖାଏଁ ନେଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ସମ୍ପର୍କୀୟ ଓ ସାଙ୍ଗସାଥୀଙ୍କୁ ଚାକିରି ଦେବା ନାଁରେ ପାଖାପାଖି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନଲାଇନ୍ ମାଧ୍ୟମରେ ହଡ଼ପ କରିଥିଲେ। ମାସ ମାସ ବିତିଯିବା ପରେ ବି ଚାକିରି ନମିଳିବାରୁ ଏବଂ ନକଲି ନିଯୁକ୍ତି ପତ୍ର ଧରାପଡ଼ିବାରୁ ପାଡ଼ିତମାନେ ଟଙ୍କା ଫେରସ୍ତ ମାଗିଥିଲେ। ଟଙ୍କା ଫେରାଇବାରେ ବିଳମ୍ବ ହେବାରୁ ଓକିଲଙ୍କ ଉପସ୍ଥିତିରେ ଏକ ଲିଖିତ ଆପୋସ ଚୁକ୍ତି କରାଯାଇଥିଲା। ଏହି ଚୁକ୍ତି ମୁତାବକ, ଟଙ୍କା ପରିଶୋଧ ନହେବା ପର୍ଯ୍ୟନ୍ତ ଅଭିଯୁକ୍ତ ନିଜ ସ୍ତ୍ରୀଙ୍କ ନାମରେ ଥିବା ସ୍କୁଟିକୁ ବନ୍ଧକ ସ୍ୱରୂପ ପାଡ଼ିତଙ୍କ ଜିମାରେ ରଖିଥିଲେ। ମାତ୍ର ଚାଲାଖି କରି ଅଭିଯୁକ୍ତ ଓ ତାଙ୍କ ସ୍ତ୍ରୀ, ପାଡ଼ିତମାନଙ୍କ ନାମରେ ଓଲଟି ଗାଡ଼ି ଛଡ଼ାଇ ନେଇଥିବା ନେଇ ମିଥ୍ୟା ଏଫ୍‌ଆଇଆର୍ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ଦୀପକ ମହାନ୍ତି ପ୍ରତିକ୍ରିୟା ଦେଇ କହିଛନ୍ତି, ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଯେ ଉକ୍ତ ଅଭିଯୁକ୍ତ ୨୦୨୪ ମସିହାରେ ବିସିଂପୁର ଅଞ୍ଚଳର ୭ରୁ ୮ ଜଣ ଲୋକଙ୍କୁ ଚାକିରି ଦେବା ନାଁରେ ପାଖାପାଖି ୧ ଲକ୍ଷ ୩୫ ହଜାର ଟଙ୍କା ଠକି ଜେଲ ଯାଇଥିଲେ। ସ୍ୱାମୀ-ସ୍ତ୍ରୀ ଉଭୟ ମିଶି ଏହିପରି ଭାବେ ବେକାରୀ ଯୁବକଯୁବତୀଙ୍କୁ ଠକୁଥିବା ସନ୍ଦେହ କରାଯାଉଛି।

ପାଗଳ କୁକୁର ଆତଙ୍କରେ ଥରହର ଚନ୍ଦାହାଣ୍ଡି

୨ ଗୁରୁତର, ୧୦ଜଣ ଆହତ; ଗାଈବଳଦ କ୍ଷତାକ୍ତ

ଚନ୍ଦାହାଣ୍ଡି(ଅମୃତ ମିଡିଆ): ନବରଙ୍ଗପୁରଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ପାଗଳ କୁକୁର ଆକ୍ରମଣରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିଶୁ ସମେତ ୨ଜଣଙ୍କ ଅବସ୍ଥା ଗୁରୁତର

ଫୋନପେ ପକ୍ଷରୁ ଫିଚର ଫୋନରେ ଏବେ ୟୁପିଆଇ ପେମେଣ୍ଟ ସୁବିଧା

ଭୁବନେଶ୍ୱର(ବ୍ୟୁରୋ) ଫୋନ୍‌ପେ ପକ୍ଷରୁ ଆଜି ଫୋନପେ ୟୁପିଆଇ ୧୨୩ପେର ଲଂଚ୍ ଘୋଷଣା କରାଯାଇଛି ଯାହା ଭାରତର ଫିଚର ଫୋନ ବ୍ୟବହାରକାରୀଙ୍କ ପାଇଁ ଏକ ଇଂଟରନେଟ୍ କନେକ୍ଟନ ବିନା ୟୁପିଆଇ ପେମେଂଟ କ୍ଷମତା ଆଣିଛି। ଏହାସହିତ ଫୋନ୍‌ପେ ଭାରତର ୨୦୦ ମିଲିୟନରୁ ଅଧିକ ଫିଚର ଫୋନ ବ୍ୟବହାରକାରୀଙ୍କ ପାଇଁ ୟୁପିଆଇ ପେମେଂଟର ବିସ୍ତାର କରିଥିବା ପ୍ରଥମ ପ୍ରମୁଖ ଥାର୍ଡ-ପାର୍ଟି ଆପ୍ଲିକେଶନ ପ୍ରୋଭାଇଡର (ଟିପିଏପି)ରେ ପରିଣତ ହୋଇଛି। ଏହା ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଅଗ୍ରଗତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ସେବା ନୋକିଆ, ଏଚଏମଡି, ଲାଭା ଇଂଟରନ୍ୟାଶନାଲ ଓ ଆଇଟେଲ ମୋବାଇଲ-ଟ୍ରାନ୍‌ସନ ହୋଲ୍ଡିଙ୍ଗସ୍ ଡିଭାଇସଗୁଡିକରେ ପ୍ରି-ବଣ୍ଡଲ୍‌ଡ ହୋଇ ଆସିବ ଏବଂ ଏନେଇ ଅନ୍ୟ ହ୍ୟାଣ୍ଡସେଟ୍ କମ୍ପାନୀଙ୍କ ସହ ଆଗାମୀ ମାସଗୁଡିକରେ ସହଭାଗିତା କରାଯିବ ଏହି ଲଂଚ୍ ଆମର ନିଜସ୍ୱ ଟେକ୍ନୋଲୋଜି ଷ୍ଟାକ୍ ଉପରେ ଆଧାରିତ ଯାହାକୁ ସ୍ୱତନ୍ତ୍ର ରୂପେ ଫିଚର ଫୋନଗୁଡିକରେ ୟୁପିଆଇ ପେମେଂଟ ପାଇଁ ନିର୍ମାଣ କରାଯାଇଛି। ଏହି ଲଂଚ ଅବସରରେ ଫୋନ୍‌ପେର ପ୍ରତିଷ୍ଠାତା ଓ ସିଇଓ ସମୀର ନିଗମ କହିଛନ୍ତି, "ଫୋନପେ ୟୁପିଆଇ ୧୨୩ପେ ମାଧ୍ୟମରେ ଫିଚରଫୋନଗୁଡିକୁ ୟୁପିଆଇ ସୁବିଧା ଆଣିବା ଦ୍ୱାରା ତାହା ଦେଶର କୋଣ ଅନୁକୋଣରେ ଡିଜିଟାଲ ପେମେଂଟର ଲାଭ ପହଂଚାଇଛି। ଆମ ପାଇଁ ଭାରତ ପାଇଁ ନିର୍ମାଣ କରିବାର ପ୍ରକୃତ ଅର୍ଥ ହେଉଛି- ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଏକ ସାର୍ବଜନିନ ତରଙ୍ଗକୁ ବାସ୍ତବରେ ପରିଚାଳନା କରିବା ପାଇଁ ଲୋକଙ୍କୁ ସେମାନେ ରହୁଥିବା ସ୍ଥାନରେ ଭେଟିବା ଉଚିତ ଯାହା ପରବର୍ତୀ ୩୦୦ ମିଲିୟନ ଉପଭୋକ୍ତାଙ୍କୁ ଡିଜିଟାଲ ଆର୍ଥିକ କ୍ଷେତ୍ରରେ ସାମିଲ କରିବ।" ଫୋନପେ ୟୁପିଆଇ ୧୨୩ପେ ଏକ ମଜବୁତ ଏସଏମଏସ-ଆଧାରିତ ଆର୍କିଟେକ୍‌ଚରର ବ୍ୟବହାର କରୁଛି ଯାହା ସୀମିତ ୨ଜି କନେକ୍ଟିଭିଟି ଥିବା ଅଂଚଳରେ ମଧ୍ୟ ଟ୍ରାଞ୍ଜାକ୍ସନ ହୋଇପାରିବ ତାହା ନିଶ୍ଚିତ କରିଥାଏ। ଏହି ପ୍ଲାଟଫର୍ମ ମୋବାଇଲ ଫୋନ କିମ୍ବା ୟୁପିଆଇ ଆଇଡି ମାଧ୍ୟମରେ ସହଜ ପିୟର-ଟୁ-ପିୟର (ପି୨ପି) ଟ୍ରାନ୍ସଫର ସମେତ ୟୁପିଆଇ ଆଇଡି ଓ କ୍ୟୁଆର କୋଡ୍ ସ୍କାନିଂ ମାଧ୍ୟମରେ ପିୟର-ଟୁ-ମର୍ଚାଂଟ (ପି୨ଏମ) ପେମେଂଟ୍‌କୁ ସକ୍ଷମ କରିଥାଏ। ପେମେଂଟ ବ୍ୟତୀତ ଫିଚର ଫୋନ ବ୍ୟବହାରକାରୀମାନେ ନିଜର ଆକାଉଂଟ ପରିଚାଳନା କରିପାରିବେ, ଆକାଉଂଟ ବାଲାନ୍ସ ଯାଂଚ କରିପାରିବେ ଓ ଟ୍ରାଞ୍ଜାକ୍ସନ ଇତିହାସ ଦେଖିପାରିବେ। ଆଗାମୀ ଅପ୍‌ଡେଟଗୁଡିକ, ଫିଚର ଫୋନରେ ପୂର୍ବରୁ ଉପଲବ୍ଧ ନଥିବା ଅତ୍ୟାଧୁନିକ କ୍ଷମତା ଯେପରିକି ବିଲ୍ ପେମେଂଟ, ରିଚାର୍ଜ ଓ ୟୁପିଆଇରେ ଆଧାର-ଭିତିକ ଅନ୍‌ବୋର୍ଡିଙ୍ଗର ଶୁଭାରମ୍ଭ କରିବ। ଏହାଛଡା ଫିଚର ଫୋନ ଉପଭୋକ୍ତାଙ୍କୁ ସେଟ୍‌ଅପ ଓଆକ୍ୱିଭେଶନ ମାଧ୍ୟମରେ ମାର୍ଗଦର୍ଶନ ଦେବା ପାଇଁ ଫୋନ୍‌ପେ ପକ୍ଷରୁ ଏକ ଭଏସ-ପ୍ରଥମ,ଏଆଇ ପରିଚାଳିତ ହେଲ୍ପଲାଇନର ଆରମ୍ଭ କରାଯାଇଛି। ଏହିକନ୍‌ଭର୍ସେଶନାଲ ଭଏସ ଆସିଷ୍ଟାଂଟ ଇଂରାଜୀ ଓ ୧୨ଟି ଭାରତୀୟ ଭାଷାରେ ସହାୟତା ପ୍ରଦାନକରିଥାଏ। ଆଡ୍‌ଭାନ୍ସଡ ଷ୍ଟିଚ ପ୍ରୋସେସିଂ ଓ ଏଆଇ ରିଜନିଂ ଦ୍ୱାରା ପରିଚାଳିତଏହି ଆସିଷ୍ଟାଂଟ୍ ଷ୍ଟେପ୍-ବାଏ-ଷ୍ଟେପ୍ ଆକ୍ଟିଭେଶନ ମାର୍ଗଦର୍ଶନ ଦେଇଥାଏ ଏବଂ ଏକ ସୁରକ୍ଷିତ, ବାଧାମୁକ୍ତ ଅନୁଭୂତି ପାଇଁ ସାଧାରଣ ।

ବିଶ୍ୱ ପାକଶାଳା ଉଦ୍ୟାନ ଦିବସ ପାଳିତ

ରାସାୟନିକମୁକ୍ତ ଖାଦ୍ୟ ଓ ସ୍ଥାୟୀ ସହରୀ କୃଷି ପାଇଁ ଆହ୍ୱାନ

ଭୁବନେଶ୍ୱର(ବ୍ୟୁରୋ) କିଚେନ୍ ଗାର୍ଡେନର୍ସ ଆସୋସିଏସନ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜ୍ୟ ମାନ ନିୟନ୍ତ୍ରଣ ପରୀକ୍ଷାଗାରଠାରେ ବିଶ୍ୱ ପାକଶାଳା ଉଦ୍ୟାନ ଦିବସ ପାଳିତ ହୋଇଯାଇଛି। ରାସାୟନିକମୁକ୍ତ ଖାଦ୍ୟ, କିଚେନ୍ ଗାର୍ଡେନିଂ ଓ ସ୍ଥାୟୀ ସହରୀ କୃଷିକୁ ପ୍ରୋତ୍ସାହନ ଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଇ.ବି.ସି ଜେନାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଅଧିବେସନରେ ସିଙ୍ଗାଇଏସ୍‌ଡି ମେଣ୍ଟର ତଥା ପୂର୍ବତନ ରାଜ୍ୟ ସୂଚନା କମିଶନର ଡଃ. ଜଗଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡିଶାର ପୂର୍ବତନ ଅର୍ଥ ମନ୍ତ୍ରୀ ତଥା ଆସୋସିଏସନ୍‌ର ଉପ-ସଭାପତି ପଞ୍ଚାନନ କାନୁନ୍‌ଗୋ ଓ ପଦ୍ମଶ୍ରୀ ସାବରମତି ସଂମ୍ମାନିତ ଅତିଥି ଭାବେ ଏଥିରେ ଯୋଗଦେଇଥିଲେ। କିଚେନ୍ ଗାର୍ଡେନର୍ସ ଆସୋସିଏସନ୍‌ର ଅଧକ୍ଷ ପ୍ରଶାନ୍ତ ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏନ୍.ସି.ଏନ୍.ଏଫ୍ ଓଡିଶା ରାଜ୍ୟ ଆବାହକ ତଥା ଆସୋସିଏସନ୍‌ର ଟ୍ରଷ୍ଟି ଏକାଦଶୀ ନନ୍ଦୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। କିଚେନ୍ ଗାର୍ଡେନର୍ସ ଆସୋସିଏସନ୍‌ର ମ୍ୟାନେଜିଂ ଟ୍ରଷ୍ଟି ମହେଶ୍ୱର ଖୁଣ୍ଟିଆ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ।

ଅତିଥିମାନେ ନିଜ ଖାଦ୍ୟ ନିଜେ ଉତ୍ପାଦନ କରିବା, ରସାୟନିକମୁକ୍ତ ଖାଦ୍ୟ ପଦ୍ଧତି ଅବଲମ୍ବନ କରିବା ଏବଂ ଖାଦ୍ୟ ପାଇଁ ବଜାର ଉପରେ ଅଧିକ ନିର୍ଭରଶୀଳ ନରହିବା ଉପରେ ଗୁରୁତ୍ୱାରୋପ କରିଥିବା ସହ ପ୍ରାକୃତିକ ଓ ଜୈବିକ ଖାଦ୍ୟର ଆବଶ୍ୟକତା ଉପରେ ଆହ୍ୱାନ ଦେଇଥିଲେ।

ଛୋଟ ଛୋଟ ପ୍ରୟାସ ପରିବେଶ ସୁରକ୍ଷା ଓ ଅଙ୍ଗାରକାମ୍ଳ ହ୍ରାସ ଦିଗରେ ମୂଲ୍ୟବାନ ଅବଦାନ ରଖିପାରିବବୋଲି ସେମାନେ କହିଥିଲେ।

ଛାତ, ଉଦ୍ୟାନ ଓ କିଚେନ୍ ଗାର୍ଡେନିଂ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଓ ଉଦ୍ୟାନ ପ୍ରେମୀମାନଙ୍କୁ ଡଃ. ପର୍ଶୁରାମ ଧଳ ଜନ୍ମ ଶତ ବାର୍ଷିକୀ ସ୍ମାରକୀ ପୁରସ୍କାରରେ ସଂମ୍ମାନିତ କରାଯାଇଥିଲା।

ଏହି ଅବସରରେ ପ୍ରାକୃତିକ କୃଷି, କିଚେନ୍ ଗାର୍ଡେନିଂ, ଦେଶୀ ବିହନ ଓ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ସମ୍ପର୍କୀତ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ୍ ମଧ୍ୟ ଖୋଲାଯାଇଥିଲା।ଭୁବନେଶ୍ୱରରେ ସହରୀ କୃଷକ, କିଚେନ୍ ଗାର୍ଡେନର, ବିଶେଷଜ୍ଞ ଓ ପରିବେଶ ପ୍ରେମୀ ମାନଙ୍କର ଏହି ସମାଗମ ସୁସ୍ଥ ଖାଦ୍ୟ, ପୁଷ୍ଟି ସୁରକ୍ଷା, ପରିବେଶ ସୁରକ୍ଷା ଓ ସ୍ଥାୟୀ ଭବିଷ୍ୟତ ଗଠନରେ କିଚେନ୍ ଗାର୍ଡେନିଂର ଗୁରୁତ୍ୱକୁ ପୁନର୍ବାର ପ୍ରତିପାଦିତ କରିଛି।

ଜାନୁଆରୀ ୧୪ ରୁ ଜୟପୁର ସାହିତ୍ୟ ମହୋତ୍ସବ

ଭୁବନେଶ୍ୱର(ବ୍ୟୁରୋ) ଜୟପୁର ସାହିତ୍ୟ ମହୋତ୍ସବ ଆସନ୍ତା ଜାନୁଆରୀ ୨୦୨୭ରେ ଏହାର ଐତିହାସିକ ୨୦ତମ ସଂସ୍କରଣ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଛି। ବିଗତ ଦୁଇ ଦଶନ୍ଧି ହେବ ଜୟପୁର ସାହିତ୍ୟ ମହୋତ୍ସବ ଜୟପୁରରେ ଲେଖକ ଏବଂ ପାଠକଙ୍କର ଏକ ସମାବେଶରୁ ବିଶ୍ୱର ସବୁଠାରୁ ସ୍ୱୀକୃତିପ୍ରାପ୍ତ ସାହିତ୍ୟିକ ମଂଚ ମଧ୍ୟରୁ ଗୋଟିଏରେ ବିକଶିତ ହୋଇଛି। ୨୦୦୮ରେ ଆରମ୍ଭ ହେବା ପରଠାରୁ, ଏହି ମହୋତ୍ସବ ୮୦୦୦ ରୁ ଅଧିକ ଲେଖକ, ବକ୍ତା ଓ କଳାକାରଙ୍କୁ ଆତିଥ୍ୟ ପ୍ରଦାନ କରିଛି, ୫୦ ଲକ୍ଷରୁ ଅଧିକ ଦର୍ଶକଙ୍କୁ ସ୍ୱାଗତ କରିଛି ଏବଂ ଡିଜିଟାଲ୍ ପ୍ଲାଟଫର୍ମ, ବ୍ରଡକାଷ୍ଟ ପାର୍ଟନରସିପ ଓ ମିଡିଆ ନେଟୱାର୍କ ମାଧ୍ୟମରେ ପ୍ରାୟ ୧ ବିଲିୟନରୁ ଅଧିକ ଦର୍ଶକଙ୍କ ନିକଟରେ ପହଂଚିଛି। ଏହି ମହୋତ୍ସବର ସ୍ଥାୟୀ ପ୍ରଭାବ ସାହିତ୍ୟ ଓ ବିଚାରଧାରାକୁ ସାର୍ବଜନୀନ ଆଲୋଚନାରେ ସାମିଲ କରିବାର ଏହାର କ୍ଷମତାରେ ଅନ୍ତର୍ନିହିତ ରହିଛି। ବିବିଧ ସ୍ୱର ପାଇଁ ଏକ ଖୋଲା ଓ ସୁଗମ ମଂଚ ସୃଷ୍ଟି କରି, ଜୟପୁର ସାହିତ୍ୟ ମହୋତ୍ସବ ପାରମ୍ପରିକ ପ୍ରକାଶନ ଏବଂ ଶିକ୍ଷାଗତ କ୍ଷେତ୍ର ବାହାରେ ସାହିତ୍ୟିକ ଯୋଗଦାନକୁ ବିସ୍ତାର କରିବାରେ ସାହାଯ୍ୟ କରିଛି। ରାଜସ୍ଥାନ ସରକାରଙ୍କ ସହଯୋଗରେ, ଜୟପୁର ସାହିତ୍ୟ ମହୋତ୍ସବର ୨୦ତମ ସଂସ୍କରଣ ଆସନ୍ତା ଜାନୁଆରୀ ୧୪ ରୁ ୧୮ ତାରିଖ ୨୦୨୭ ପର୍ଯ୍ୟନ୍ତ ଜୟପୁରରେ ଅନୁଷ୍ଠିତ ହେବ, ଯାହା ସାହିତ୍ୟ, ସଂସ୍କୃତି, ଶିକ୍ଷା ଏବଂ କଳାର ପ୍ରମୁଖ ସ୍ୱରଗୁଡିକୁ ଏକତ୍ରିତ କରିବ। ଏସମ୍ପର୍କରେ ଜୟପୁର ସାହିତ୍ୟ ମହୋତ୍ସବର ଟିମ୍‌ୱାର୍କ ଆର୍ଟସ୍ ବିଭାଗର ପରିଚାଳନା ନିର୍ଦ୍ଦେଶକ ଏବଂ ପ୍ରଯୋଜକ ସଞ୍ଜୟ କେ. ରୟ କହିଛନ୍ତି, "୨୦ ବର୍ଷ ହେବ, ଜୟପୁର ସାହିତ୍ୟ ମହୋତ୍ସବ ଏକ ସରଳ ବିଶ୍ୱାସ ଉପରେ ନିର୍ମିତ ହୋଇଆସୁଛି ଯେ ପୁସ୍ତକ ଏବଂ ବିଚାରଧାରା ଲୋକଙ୍କୁ ଏକତ୍ରିତ କରିବାର ଶକ୍ତି ରଖେ। ଯାହା ଏହି ମହୋତ୍ସବକୁ ସ୍ଥାୟୀ କରିଛି ତାହା ହେଉଛି ଆମ ଲେଖକମାନଙ୍କର ଉଦାରତା, ଆମର ଦର୍ଶକଙ୍କ ଆଗ୍ରହ ଏବଂ ଭାଷା, ସଂସ୍କୃତି ଓ ଦୃଷ୍ଟିକୋଣ କ୍ଷେତ୍ରରେ ଆଲୋଚନା ପାଇଁ ଏକ ମିଳିତ ପ୍ରତିବଦ୍ଧତା। ଆମେ ଆମର ୨୦ତମ ସଂସ୍କରଣରେ ପ୍ରବେଶ କରିଥିବାରୁ, ଭବିଷ୍ୟତର ଅନେକ ଆଲୋଚନାକୁ ଅପେକ୍ଷା କରିବା ସହ ସେହି ଯାତ୍ରାକୁ ପାଳନ କରୁଛୁ।" ଜୟପୁର ସାହିତ୍ୟ ମହୋତ୍ସବର ଫେଷ୍ଟିଭାଲ କୋ- ଡାଇରେକ୍ଟର ନମିତା ଗୋଖଲେ କହିଛନ୍ତି, "ଭାରତର ଆତ୍ମା ଏହାର ସାହିତ୍ୟକ ଐତିହ୍ୟ ଓ ଭାଷାଗତ ବିବିଧତାରେ ଅନ୍ତର୍ନିହିତ ରହିଛି। ଏହା ନିଶ୍ଚିତ ଭାବେ ଉପଯୁକ୍ତ ଯେ ଆମେ ଆମର ଭାଷା ସ୍ୱରମାଳା ସିରିଜ୍ ମାଧ୍ୟମରେ ଭାରତର ଅନେକ ଭାଷାକୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଆମର ୨୦ତମ ବର୍ଷ ପାଳନ କରୁଛୁ।" ଟିମ୍ ୱର୍କ ଆର୍ଟସର ଅଧକ୍ଷା ପ୍ରୀତା ସିଂହ କହିଛନ୍ତି, "ଏହି ଐତିହାସିକ ୨୦ତମ ସଂସ୍କରଣ ପାଳନ କରିବା ସହିତ, ଆମେ ମହୋତ୍ସବରପରବର୍ତୀ ଅଧ୍ୟାୟକୁ ମଧ୍ୟ ଅପେକ୍ଷା କରୁଛୁ, ଗଭୀର ସହଯୋଗ ନିର୍ମାଣ କରିବା, ନୂଆ ଦର୍ଶକଙ୍କ ପାଖରେ ପହଂଚିବା ଏବଂ ଭାରତ ଓ ବିଶ୍ୱବ୍ୟାପୀ ଅଧିକ ସାଂସ୍କୃତିକ ପ୍ରଭାବ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛୁ। ଆମର ଲକ୍ଷ୍ୟ ହେଉଛି ସାହିତ୍ୟ, ବିଚାରଧାରା ଓ ସାର୍ବଜନୀନ ଆଲୋଚନାକୁ ସମର୍ଥନ କରୁଥିବା ସହଭାଗିତାକୁ ପ୍ରୋତ୍ସାହିତ କରିବା, ଯାହା ନିଶ୍ଚିତ କରିବ ଯେ, ଏହି ମହୋତ୍ସବ ଆଗାମୀ ପିଢି ପାଇଁ ଏକ ଖୋଲା, ସମାବେଶୀ ଓ ବିଶ୍ୱବ୍ୟାପୀ ପ୍ରାସଙ୍ଗିକ ମଂଚ ହୋଇ ରହିବ।"

ଏଥର ଏନର୍ଜି ପକ୍ଷରୁ ଏହାର ନୂଆ ଇଲେକ୍ଟ୍ରିକ୍ ସ୍କୁଟର 'କୋନାର୍କ'ର ବଜାର ପ୍ରବେଶ

ଭୁବନେଶ୍ୱର(ବ୍ୟୁରୋ) ଭାରତର ଅଗ୍ରଣୀ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ନିର୍ମାତା ଏଥର ଏନର୍ଜି, ଆଜି ବେଙ୍ଗାଲୁରୁରେ ଏହାର ଚତୁର୍ଥ 'ଏଥର କମ୍ୟୁନିଟି ଡେ' ୨୦୨୬ ଅବସରରେ ନୂଆ ଇଲେକ୍ଟ୍ରିକ୍ ସ୍କୁଟର କୋନାର୍କ ଉନ୍ମୋଚନ କରିଛି । କୋନାର୍କ ମୋଟ ୬ଟି ଭାରିଆଂଟ ସହ ଏସ୍ ଏବଂ ଜେଡ୍ ପ୍ରଡକ୍ଟ ଲାଇନ୍‌ରେ ଉପଲବ୍ଧ ହେବ । ଏସ୍ ଲାଇନ୍‌ରେ ୧୦୦ କିମି, ୧୨୫ କିମି, ୧୬୧ କିମି ଏବଂ ୨୦୦ କିମିର ଆଇଡିସି ରେ ଥିବା ଚାରୋଟି ଭାରିଆଣ୍ଟ ରହିଛି, ଯେତେବେଳେ କି ଜେଡ୍ ଲାଇନ୍‌ରେ ୧୨୫ କିମି ଏବଂ ୧୬୧ କିମିର ଆଇଡିସି ରେ ଥିବା ଦୁଇଟି ଭାରିଆଣ୍ଟ ରହିଛି । ଚଳିତ ବର୍ଷ ଏଥର କମ୍ୟୁନିଟୀ ଡେ ଅବସରରେ ୪ଟି ମୁଖ୍ୟ ଘୋଷଣା କରାଯାଇଛି, ଯେଉଁଥିରେ ରହିଛି, କୋନାର୍କ, ଏଥର ଟୁ ହେଲ୍ପ, ଏଥର ବେଡ ରକ ଏବଂ ଏଥର ନୋଡ । କୋନାର୍କରେ ଅନେକ ନୂଆ ଫିଚର୍ କମ୍ପାନୀ ପକ୍ଷରୁ ଉପଲବ୍ଧ ହୋଇଛି, ଯେପରିକି ମ୍ୟାଜିକ୍ କି, ଅଟୋପପ୍, ଏୟାରୱାକ ଏବଂ ଏଥରର ଆଡଭାନ୍ସଡ୍ ଇଲେକ୍ଟ୍ରୋନିକ୍ ବ୍ରେକିଂ ସିଷ୍ଟମ । ଏହା ବାଦ ଏଥର୍ ଟୁ ହେଲ୍ପ - ଗାଡ଼ିର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଯେପରି କମ୍ପୋନେଂଟର ସ୍ଥିତି, ବ୍ୟାଟେରୀ ସ୍ଥିତି ଏବଂ ସେବା ଇତିହାସ, ବ୍ୟାଟେରୀ, ମୋଟର, ଡ୍ୟାଶବୋର୍ଡ, ଚାର୍ଜିଙ୍ଗ ସିଷ୍ଟମ, ବେଲ୍ଟ ଓ ବ୍ରେକ ଆଦିର ସ୍ୱାସ୍ଥ୍ୟର ତଥ୍ୟ ଭଳି ସୂଚିତ କରିଥାଏ । ଏହାକୁ ଭିତିକରି ଗାଡିର ରିସେଲ ମୂଲ୍ୟ ଆକଳନ ପ୍ରଦାନ କରିଥାଏ । ଏଥର ଏନର୍ଜିର ସହ-ପ୍ରତିଷ୍ଠାତା ତଥା ସିଇଓ ତରୁଣ ମେହତା କହିଛନ୍ତି, 'ଭାରତରେ ଇଭିକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ କୋନାର୍କର ଡିଜାଇନ୍ କରାଯାଇଛି । ଆମେ ଇଲେକ୍ଟ୍ରିକ୍ ଗାଡ଼ି କିଣିବାକୁ ଆଶାୟୀ ମାନଙ୍କ ଆବଶ୍ୟକତାକୁ ବୁଝି କୋନାର୍କ ତିଆରି କରିଛୁ ।ଏଥର ଏନର୍ଜିର ସହ-ପ୍ରତିଷ୍ଠାତା ତଥା ସିଟିଓ ସ୍ପିଲ୍ ଜୈନ୍ କହିଛନ୍ତି, 'ଆମେ ଚାଳକଙ୍କ ସୁବିଧା ଅନୁଯାୟୀ ପ୍ରଯୁକ୍ତିର ବିକାଶ କରୁଛୁ । ଏଇବିଏସ, ମ୍ୟାଜିକ୍ କି, ଅଟୋପପ ଏବଂ ଏୟାରୱାକ, ସେହି ପ୍ରୟାସ ଯୋଗୁଁ ସମ୍ଭବ ।' କୋନାର୍କର ସମସ୍ତ ଭାରିଆଂଟ ଏଥରର ପଞ୍ଚମ ପିଢ଼ିର ବେଡରକ୍ ବ୍ୟାଟେରୀ ସହିତ ଆସୁଛି, ଯାହା ଏକ ନୂଆ ୱାରେଂଟି ଦ୍ୱାରା ସୁରକ୍ଷିତ ଏବଂ ଏଥିରେ ବ୍ୟାଟେରୀ ଉପରେ ୧୦ ବର୍ଷ କିମ୍ବା ୧,୦୦,୦୦୦ କିଲୋମିଟର (ଯାହା ଆଗ ପୂରିବ) ପର୍ଯ୍ୟନ୍ତକଭରେଜ୍ ମିଳିଥାଏ । ପ୍ରଥମେ କୋନାର୍କ ଏସ୍ ୧୨୫ କିମି ଏବଂ କୋନାର୍କ ଏସ୍ ୧୬୧ କିମି ଭାରିଆଣ୍ଟ ଉପଲବ୍ଧ ହେବ, ଯାହାର ବୁକିଂ ଏବଂ ଡେଲିଭରି ସେପ୍ଟେମ୍ବର ମଧ୍ୟଭାଗରୁ ପର୍ଯ୍ୟାୟକ୍ରମେ ଆରମ୍ଭ ହେବ । କୋନାର୍କ ଏସ୍ ୧୦୦ କିମିର ମୂଲ୍ୟ ୯୯,୯୯୯, କୋନାର୍କ ଏସ୍ ୧୨୫ କିମିର ମୂଲ୍ୟ ୧,୨୧,୯୯୯

ଯୁବପିଢ଼ିଙ୍କ ଚିନ୍ତାଧାରାର ପରିବର୍ତ୍ତନ ହିଁ ଓଡ଼ିଶା ବିକାଶର ଚାବିକାଠି

ଭୁବନେଶ୍ୱର(ବ୍ୟୁରୋ) ଓଡ଼ିଶାରେ କୃଷିକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା ସହ କୃଷିଭିତ୍ତିକ ଶିଳ୍ପର ବିକାଶ, ସୁଦୀର୍ଘ ଉପକୂଳବର୍ତୀ ଅଞ୍ଚଳ ଓ ପ୍ରାକୃତିକ ସମ୍ପଦର ସଦୁପଯୋଗ ଓଡ଼ିଶାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ିଙ୍କୁ କେବଳ ଚାକିରି ପ୍ରାର୍ଥୀ ନୁହେଁ, ବରଂ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ ବୋଲି ନଚିକେତା ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ 'ଓଡ଼ିଶାର ବିକାଶ ପାଇଁ ୧୦ସୂତ୍ରୀ ପ୍ରସ୍ତାବ' ଶୀର୍ଷକ କାର୍ଯ୍ୟକ୍ରମରେ, ସୁପରିଚିତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ତଥା ସ୍ତମ୍ଭକାର ପୂର୍ଣ୍ଣେନ୍ଦୁ କର ମନ୍ତବ୍ୟ ରଖିଛନ୍ତି। ଶ୍ରୀ କର କହିଥିଲେ ଯେ, ଓଡ଼ିଶା ପାଖରେ ପ୍ରଚୁର ପ୍ରାକୃତିକ ସମ୍ପଦ ଓ ମୌଳିକ ଭିତ୍ତିଭୂମି ରହିଛି। ତେବେ ଏହି ସମ୍ଭାବନାକୁ ଆର୍ଥିକ ସମୃଦ୍ଧିରେ ପରିଣତ କରିବା ପାଇଁ ଦୃଢ଼ ସଂକଳ୍ପ ଏବଂ ସୁସ୍ପଷ୍ଟ ଓ କେନ୍ଦ୍ରୀଭୂତ ଯୋଜନାର ଆବଶ୍ୟକତା ରହିଛି। ତାଙ୍କର ସର୍ବ ପ୍ରଥମ ତଥା ମୁଖ୍ୟ ପ୍ରସ୍ତାବ ଥିଲା, କୃଷିକୁ କେବଳ ଏକ ବୃତ୍ତି ଭାବେ ନଦେଖି ଏହାକୁ ଏକ ଉପଯୁକ୍ତ ବ୍ୟବସାୟର ମାଧ୍ୟମରେ ପରିଣତ କରିବା। ନିବେଶ, ମୂଲ୍ୟ ସଂଯୋଗ, ଆଧୁନିକ କୃଷି ପଦ୍ଧତି ଏବଂ ଉନ୍ନତ ବଜାର ସୁଯୋଗ ମାଧ୍ୟମରେ କୃଷିକୁ ଆର୍ଥିକ ଭାବେ ସୁଦୃଢ଼ କରାଯିବା ଉଚିତ। ଏହାଦ୍ୱାରା ଚାଷୀମାନେ ଉତ୍ତମ ଓ ସ୍ଥାୟୀ ରୋଜଗାର କରିପାରିବେ ବୋଲି ସେ କହିଥିଲେ। ରାଜ୍ୟରେ କୃଷିଭିତ୍ତିକ ଶିଳ୍ପର ଦ୍ରୁତ ବିକାଶ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ମଧ୍ୟରେ କୃଷିଜାତ ଉତ୍ପାଦର ଉଚିତ ପ୍ରକ୍ରିୟାକରଣ ଓ ମୂଲ୍ୟ ସଂଯୋଗୀକରଣ ହେଲେ ଏହା ଉଭୟ ଚାଷୀ ଏବଂ ରାଜ୍ୟର ବ୍ୟାପକ ଅର୍ଥନୀତିକୁ ଲାଭାନ୍ୱିତ କରିବ ବୋଲି ସେ ମତ ଦେଇଥିଲେ। ସ୍ଥାନୀୟ ଭାବେ ଉପଲବ୍ଧ କଞ୍ଚାମାଲ ଏବଂ ବର୍ତ୍ତମାନର ଭିତ୍ତିଭୂମିକୁ ଆଧାର କରି ଆବଶ୍ୟକତାଭିତ୍ତିକ ଶିଳ୍ପ ସ୍ଥାପନ କରାଯିବା ଉଚିତ। ଓଡ଼ିଶା ପାଖରେ ବିପୁଳ ସମ୍ପଦ ରହିଥିଲେ ମଧ୍ୟ ତାହାର ପୂର୍ଣ୍ଣ ସଦୁପଯୋଗ ପାଇଁ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି ଏବଂ ସମନ୍ୱିତ ପ୍ରୟାସର ଅଭାବ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଓଡ଼ିଶାର ଦୀର୍ଘ ସମୁଦ୍ର ଉପକୂଳକୁ ଅଧିକ ଉପଯୁକ୍ତ ଓ ଆର୍ଥିକ ବ୍ୟବହାର ଉପଯୋଗୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୃଷି ଓ ବନ୍ଦରଭିତ୍ତିକ ଶିଳ୍ପ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନି ସହିତ ଅନ୍ୟାନ୍ୟ ରପ୍ତାନିମୁଖୀ ଶିଳ୍ପର ବିକାଶ ମାଧ୍

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.134, Wednesday, 2 September 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୪, ବୁଧବାର, ୨ ସେପ୍ଟେମ୍ବର ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା